ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୫/୨୦୨୨ (୧୬ ପୃଷ୍ଠା) | Bhubaneswar, Thursday, December 15/2022 | Page 16 | ₹ 7.00 | ★★★★
୪୯ଶ ଭାଗ ୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 22 | ମୂଲ୍ୟ ₹୭/-

# ହାଇକୋର୍ଟ ବେଞ୍ଚ ହେବ ନାହିଁ



- ଟେକ୍ନୋଲୋଜିର ବ୍ୟବହାର ବେଞ୍ଚ ଦାବିକୁ ପୁରୁଣା କରିଦେଇଛି: ସୁପ୍ରିମକୋର୍ଟ
- ଏଭଳି ଘଟଣାର ପୁନରାବୃତ୍ତି ହେବନି: ଡିଜିପି

**ନୂଆଦିଲ୍ଲୀ,୧୪।୧୨**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଚାଲିଥିବା ଆନ୍ଦୋଳନ ଏବଂ ବିକ୍ଷୋଭରେ ଯବନିକା ପଡ଼ିଛି। ଆଇନଜୀବୀଙ୍କ ଏହି ଦାବି ପ୍ରତି ସର୍ବୋଚ୍ଚ ଅଦାଲତ ବୁଧବାର କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। ଟେକ୍ନୋଲୋଜିର ବହୁଳ ବ୍ୟବହାର ଆଇନଜୀବୀଙ୍କ ବେଞ୍ଚ ପ୍ରତିଷ୍ଠା ଦାବିକୁ ପୁରୁଣାକାଳିଆ କରିପକାଇଛି। ଟେକ୍ନୋଲୋଜିର ବ୍ୟବହାର ଦିନକୁ ଦିନ ବିସ୍ତାର ହେବାରେ ଲାଗିଛି। ଏହାକୁ ହାଇକୋର୍ଟ ମଧ୍ୟ ଠିକ୍ ଭାବେ ନିରୀକ୍ଷଣ କରୁଛନ୍ତି। ଓଡ଼ିଶାର ପ୍ରତି ଜିଲାରେ ଇ-କୋର୍ଟ ବ୍ୟବସ୍ଥା ଉପଲବ୍ଧ ରହିଛି। ଆବେଦନକାରୀମାନେ ନିଜ ଅଞ୍ଚଳରେ ଥାଇ ମଧ୍ୟ ହାଇକୋର୍ଟରେ ଆବେଦନ କରିପାରିବେ। ଆସନ୍ତା ୩ମାସ ମଧ୍ୟରେ ହାଇକୋର୍ଟ ଶୁଣାଣି ଭର୍ଚୁଆଲ୍‌ରେ ଉପଲବ୍ଧ ହୋଇପାରିବ, ଫଳରେ ମାମଲାରେ ସମ୍ପୃକ୍ତ ବ୍ୟକ୍ତି ଏବଂ ଆଇନଜୀବୀ ଭର୍ଚୁଆଲ୍‌ରେ ଶୁଣାଣିରେ ଭାଗ ନେଇପାରିବେ। ତେଣୁ ପଶ୍ଚିମ ଓଡ଼ିଶାରେ କୌଣସି ପ୍ରକାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯାଇପାରିବ ନାହିଁ ବୋଲି ବିଚାରପତି ଏସ୍.କେ. କଲ୍ ଏବଂ ବିଚାରପତି ଅଭୟ ଏସ୍. ଓକାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ବଲାଙ୍ଗୀର, କୋରାପୁଟ, ବ୍ରହ୍ମପୁର, ବାଲେଶ୍ୱର, ସୁବର୍ଣ୍ଣପୁର, ରାଉରକେଲା ଏବଂ ସମ୍ବଲପୁରଠାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଦାବି ହୋଇଆସୁଛି। ହେଲେ ୧୯୮୫ ଯଶୱନ୍ତ ସିଂ କମିଟି ରିପୋର୍ଟ ଅନୁସାରେ ଉକ୍ତ ସ୍ଥାନଗୁଡ଼ିକ ମଧ୍ୟରୁ ମାତ୍ର ୨ଟି ଜିଲା ଅତିରିକ୍ତ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବିଦାର ହୋଇପାରୁଛନ୍ତି। କାରଣ କମିଟିର ସୁପାରିସ ଅନୁସାରେ ☞ପୃଷ୍ଠା-୪

# ହାତୀ ପରେ ମହାବଳ ଶିକାର



- ଚମଡ଼ା ବିକ୍ରି ବେଳେ ମାଡ଼ି ବସିଲା ଏସଟିଏଫ
- ୫ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା

**ବାରିପଦା ଅଫିସ/ଉଦଳା/ଖୁଣ୍ଟା, ୧୪।୧୨(ଡି.ଏନ୍.ଏ.)**

ଶିକାରୀଙ୍କ ସହ ବନ ଅଧିକାରୀଙ୍କ ଲୋଲୁପଦୃଷ୍ଟି ଯୋଗୁ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ନିରୀହ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଏକ ଦନ୍ତାହାତୀ ଶିକାର ପରେ ପ୍ରମାଣ ନଷ୍ଟ ପାଇଁ ମୃତଦେହ ପୋଡ଼ି ଦିଆଯିବା ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ପୁଣି ଏକ ମହାବଳ ବାଘ ଶିକାର ହେବା ନଜରକୁ ଆସିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏକ ମହାବଳ ବାଘର ଚମଡ଼ା ବିକ୍ରି ସମୟରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଟିମ୍ ଚଢ଼ାଉ କରି ଜଣେ ଶିକାରୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଉଦଳା ଥାନା ଅଧୀନ ମୂଷାଖାଇ ଗ୍ରାମର ଦେବାଶିଷ ପାତ୍ର(୨୧)।

ସୂଚନାଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଞ୍ଚଳରୁ ଏକ ମହାବଳ ବାଘ ଚମଡ଼ା ବିକ୍ରି କରିବାକୁ ଯୋଜନା ହେଉଥିବା ଭିଡିଓ ପଦାକୁ ଆସିଥିଲା। ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ଏହି ଭିଡିଓ ପାଇବା ପରେ ବାଘ ଚମଡ଼ା ରଖିଥିବା ଶିକାରୀଙ୍କୁ ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

**ଏକ ଅବାସ୍ତବ ପ୍ରୟାସ**



ରାଜସ୍ଥାନର ସୱାଇ ମାଧୋପୁରରେ 'ଭାରତ ଯୋଡ଼ୋ ଯାତ୍ରା' ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଆର୍‌ବିଆଇର ପୂର୍ବତନ ଗଭର୍ନର ରଘୁରାମ ରାଜନ। **(ରିପୋର୍ଟ: ପୃଷ୍ଠା-୫)**

## ପାଇଖାନା ଟାଙ୍କିରେ ପଡ଼ି ଦୁଇ ଶିଶୁକନ୍ୟାଙ୍କ ମୃତ୍ୟୁ

**ସୋରଡ଼ା, ୧୪।୧୨ (ଡି.ଏନ୍.ଏ.)**

ଅଜା ଘରକୁ ବୁଲିବାକୁ ଆସି ଖେଳୁଥିବା ବେଳେ ପାଇଖାନା ଟାଙ୍କିରେ ପଡ଼ି ଦୁଇ ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଛି। ଏଭଳି ଦୁଃଖଦ ଘଟଣା ଘଟିଛି ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ହିଞ୍ଜୋଳକୁଦା ପଞ୍ଚାୟତ ତାକରଡ଼ା ଗ୍ରାମରେ। ସୂଚନା ମୁତାବକ, ସିଦ୍ଧପୁର ଗ୍ରାମର କୁନା ସେଠୀଙ୍କ ୬ବର୍ଷର ଝିଅ ଦିବ୍ୟା ଓ କାଳିଆଘୋଡ଼ ଗ୍ରାମର ମନ୍ଟୁ ସେଠୀଙ୍କ ୫ବର୍ଷର ଝିଅ ଯଶମତି ତାକରଡ଼ା ଗ୍ରାମର ଅଜାଘରକୁ ଉଭୟ ବୁଲିବାକୁ ଆସିଥିଲେ। ଦିବ୍ୟାଙ୍କ ଅଜା ମାଟଳା ସେଠୀ ହୋଇଥିଲା ବେଳେ ଯଶମତିଙ୍କ ଅଜା ତାଙ୍କ ପଡ଼ୋଶୀ ପ୍ରଫୁଲ୍ଲ ସେଠୀ। ଉଭୟ ଶିଶୁ କନ୍ୟା ବୁଧବାର ସକାଳେ ଏକାଠି ଖେଳୁଥିଲା ବେଳେ ଏକ ପାଇଖାନା ଟାଙ୍କି ଉପରେ ଚଢ଼ି ଯାଇଥିଲେ। ଏହି ସମୟରେ ଟାଙ୍କିର ଉପର ☞ପୃଷ୍ଠା-୪

# ନକଲି ଔଷଧ ଧରପଗଡ଼ ଜୋରଦାର

**ବାହାରୁ ଆସୁଥିବା ଔଷଧ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ**

**ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)**

ବାହାର ରାଜ୍ୟରୁ ଓଡ଼ିଶାକୁ ନକଲି ଔଷଧ ଆସୁଛି। ଏହି ଔଷଧ ଉପରେ କଡ଼ା ନଜର ରଖିବା ସହ ସମସ୍ତ ସମ୍ବେଦନଶୀଳ ଓ ସନ୍ଦେହାତ୍ମକ ଗୋଦାମ ଉପରେ ଘନଘନ ଚଢ଼ାଉ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶାଳିନୀ ପଣ୍ଡିତ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ନକଲି ଔଷଧ କାରବାର ରୋକିବା ଲାଗି ଚଢ଼ାଉକୁ ଜୋର୍‌ଦାର କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ସୂଚନାନୁସାରେ, ଔଷଧ ଗୋଦାମ ସହ ଖୁଚୁରା ବ୍ୟବସାୟ କେନ୍ଦ୍ର ତଥା ଦୋକାନଗୁଡ଼ିକ ଉପରେ ବାରମ୍ବାର ଚଢ଼ାଉ ସହ ଯାଞ୍ଚ ଜାରି ରହିଛି। ଇତିମଧ୍ୟରେ କଟକରେ ୬ଟି, ଝାରସୁଗୁଡାରେ ୨ ଏବଂ କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ବରଗଡ ଓ ସମ୍ବଲପୁରରେ ଗୋଟିଏ ଲେଖାଏ ସ୍ଥାନରୁ ନକଲି ଔଷଧ ଧରାଯାଇ ଆଇନଗତ ମାମଲା ☞ପୃଷ୍ଠା-୪

# ଭୂ-ପୃଷ୍ଠର ଜଳସ୍ତର ମାପିବ ସାଟେଲାଇଟ୍

**ଆଜି ନାସା ପ୍ରେରଣ କରିବ**



**ୱାଶିଂଟନ୍,୧୪।୧୨**

ବିଶ୍ୱର ଅନେକ ଦେଶରେ ଏବେ ଜଳକଷ୍ଟ ବଡ଼ ସମସ୍ୟା ପାଲଟିଛି। ଜଳର ଅପବ୍ୟବହାର ସାଙ୍ଗକୁ ଭୂ-ପୃଷ୍ଠରେ ଜଳସ୍ତର କମିବା ଯୋଗୁ ଅନେକ କୋଟି ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେବାରେ ଲାଗିଛନ୍ତି। ଏହି ସମସ୍ୟାର ପ୍ରମୁଖ କାରଣ କ'ଣ ହୋଇଥାଇପାରେ ? ପୃଥିବୀ ପୃଷ୍ଠରେ କେତେ ପରିମାଣର ଜଳ ଗଚ୍ଛିତ ହୋଇରହିଛି ? ସେ ସମ୍ବନ୍ଧରେ ଅଧିକ ତଥ୍ୟ ସଂଗ୍ରହ କରିବା ଲାଗି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା' ମହାକାଶକୁ ସାଟେଲାଇଟ୍ ପ୍ରେରଣ କରିବାକୁ ଯାଉଛି। ଏହି ଉପଗ୍ରହ ଭୂ-ପୃଷ୍ଠରେ ଥିବା ଜଳସ୍ତର ମାପ କରିବ।

ସଦର୍ନ କାଲିଫର୍ନିଆର ଭନ୍ଦେନବର୍ଗ ୟୁଏସ୍ ସ୍ପେସ୍ ଫୋର୍ସ ବେସ୍‌ରୁ ନାସା ଗୁରୁବାର ସର୍‌ଫେସ୍ ୱାଟର ଆଣ୍ଡ ଓସେନ୍ ଟୋପୋଗ୍ରାଫି (ଏସ୍‌ଡବ୍ଲୁଓଟି) ସାଟେଲାଇଟ୍ ଲଞ୍ଚ କରିବ। ସ୍ପେସ୍‌ଏକ୍ସର ଫାଲକନ୍ ୯ ରକେଟ୍ ଦ୍ୱାରା ଏହି ଉପଗ୍ରହକୁ ପଠାଯିବ। ☞ପୃଷ୍ଠା-୪



ଓଡ଼ିଶା ସରକାର

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା



DSPL - 371

ରାଜ୍ୟର ବରିଷ୍ଠ ନାଗରିକ ମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ ସୁବିଧା ଯୋଗାଇ ଦେବା ନିମନ୍ତେ ଓଡ଼ିଶା ସରକାର **"ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା"** କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନା ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ଇଣ୍ଡିଆନ ରେଲୱେ କ୍ୟାଟରିଙ୍ଗ ଏବଂ ଟୁରିଜିମ କର୍ପୋରେସନ (**IRCTC**)ଙ୍କ ସହଯୋଗରେ କାର୍ଯ୍ୟକାରୀ ହେଉଛି । ଯୋଜନାର ସମ୍ପୂର୍ଣ୍ଣ ବିବରଣୀ ପର୍ଯ୍ୟଟନ ବିଭାଗ ୱେବସାଇଟ **www.dot.odishatourism.gov.in** ରେ ଦେଖିପାରିବେ। ଏହି ଯୋଜନାରେ ସୁବିଧା ପାଇବା ପାଇଁ ନିମ୍ନଲିଖିତ ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି । ଯୋଗ୍ୟ ବରିଷ୍ଠ ନାଗରିକମାନେ ସମଗ୍ର ଜୀବନକାଳ ମଧ୍ୟରେ ଗୋଟିଏ ଥର ଯାତ୍ରା କରିବା ପାଇଁ ସୁଯୋଗ ପାଇପାରିବେ ।

### ୧. ଯୋଗ୍ୟତା:

(କ) ଆଗ୍ରହୀ ବରିଷ୍ଠ ନାଗରିକ ୬୦ବର୍ଷରୁ ଉର୍ଦ୍ଧ୍ୱ ଏବଂ ୭୫ବର୍ଷରୁ କମ୍ ତଥା ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

(ଖ) ଆର୍ଥିକ ଦୁର୍ବଳ ଶ୍ରେଣୀ / ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକ ମାନଙ୍କୁ ଗସ୍ତଖର୍ଚ୍ଚର ସମ୍ପୂର୍ଣ୍ଣ ରିହାତି ବ୍ୟବସ୍ଥା କରାଯାଇଛି ।

(ଗ) ୭୦ ରୁ ୭୫ ବୟସ ପର୍ଯ୍ୟନ୍ତ ବରିଷ୍ଠ ନାଗରିକ ଯାତ୍ରା ସମୟରେ ନିଜ ସାଙ୍ଗରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ସହାୟକ ଭାବରେ ନେଇପାରିବେ। ସହାୟକଙ୍କ ବାବଦରେ ସମ୍ପୃକ୍ତ ବରିଷ୍ଠ ନାଗରିକ ଗସ୍ତଖର୍ଚ୍ଚର ୫୦ ଭାଗ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପର୍ଯ୍ୟଟନ ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କ ନାମରେ ଦରଖାସ୍ତ ସହ ଦାଖଲ କରିବେ।

(ଘ) ଆୟକର ଦେଉଥିବା ବରିଷ୍ଠ ନାଗରିକ ମାନେ ଏହି ଯୋଜନାର ପରିସରଭୁକ୍ତ ହେବେ ନାହିଁ ।

(ଙ) ଆଗ୍ରହୀ ବରିଷ୍ଠ ନାଗରିକମାନେ ଏଥିସହ ସଂଲଗ୍ନ ନିର୍ଦ୍ଧାରିତ ଫର୍ମ ପୂରଣ କରି ତା ସହିତ ଫଟୋଗ୍ରାଫ୍, ସ୍ଥାୟୀ ଠିକଣାର ପ୍ରମାଣପତ୍ର, ଆଧାର କାର୍ଡ଼, ବୟସ ପ୍ରମାଣପତ୍ରର ନକଲ ତଥା ଆର୍ଥିକ ଦୁର୍ବଳ ଶ୍ରେଣୀ ସଂକ୍ରାନ୍ତୀୟ ପ୍ରମାଣପତ୍ର ସହିତ ପୁରଣ କରାଯାଇଥିବା ଫର୍ମ ନିଜ ଜିଲ୍ଲାର ପର୍ଯ୍ୟଟନ ଅଧିକାରୀ / ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ।

(ଚ) ଆଗ୍ରହୀ ତୀର୍ଥଯାତ୍ରୀ ଦୂରଯାତ୍ରା ପାଇଁ ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ହୋଇଥିବା ଆବଶ୍ୟକ। ସେ କୌଣସି ସଂକ୍ରାମକ ରୋଗ ଦ୍ୱାରା ଆକ୍ରାନ୍ତ ହୋଇନଥିବେ ।

### ୨. ଆବେଦନ ପ୍ରଣାଳୀ

(କ) ଆବେଦନ ଫର୍ମ ଜିଲ୍ଲାପାଳ / ଜିଲ୍ଲା ପର୍ଯ୍ୟଟନ ଅଧିକାରୀ / ବ୍ଲକ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ପର୍ଯ୍ୟଟନ ବିଭାଗର ୱେବସାଇଟ www.dot.odishatourism.gov.in ରେ ମିଳିପାରିବ।

(ଖ) ପୂରଣ କରାଯାଇଥିବା ଆବେଦନ ଫର୍ମ ସହିତ ଆବଶ୍ୟକ ପ୍ରମାଣପତ୍ର ସଂଲଗ୍ନ କରି ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ / ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୨୯ ଡିସେମ୍ବର, ୨୦୨୨ ସୁଦ୍ଧା ନିଜ ଦ୍ୱାରା କିମ୍ବା ଡ଼ାକଯୋଗେ ଦାଖଲ କରିବେ।

### ୩. ଚୟନ ପ୍ରଣାଳୀ

(କ) ଦରଖାସ୍ତକାରୀଙ୍କ ଠାରୁ ଦରଖାସ୍ତ ଗ୍ରହଣ କଲା ପରେ ସଂପୃକ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଦରଖାସ୍ତ ଗୁଡ଼ିକୁ ତନଖି କରି ଦରଖାସ୍ତରେ ଜିଲ୍ଲା କୋଡ୍ ଏବଂ କ୍ରମିକ ସଂଖ୍ୟା ପ୍ରଦାନ କରିବେ । ପ୍ରତ୍ୟେକ ଜିଲ୍ଲାପାଇଁ ଉଦ୍ଦିଷ୍ଟ ତୀର୍ଥଯାତ୍ରୀଙ୍କର ସଂଖ୍ୟା ଠାରୁ ଆବେଦନକାରୀଙ୍କ ସଂଖ୍ୟା ଅଧିକ ହେଲେ ସଂପୃକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଲଟେରୀ ମାଧ୍ୟମରେ ତୀର୍ଥଯାତ୍ରୀ ଚୟନ କରାଯିବ ଏବଂ ଯୋଗ୍ୟ ବିବେଚିତ ତୀର୍ଥଯାତ୍ରୀଙ୍କୁ ସେମାନଙ୍କ ଠିକଣାରେ ତାହା ଜଣାଇ ଦିଆଯିବ ।

(ଖ) ଏ ବର୍ଷ ନିମ୍ନଲିଖିତ ସ୍ଥାନମାନଙ୍କରୁ ୫ ଟି ଟ୍ରେନ ବିଭିନ୍ନ ତୀର୍ଥସ୍ଥାନକୁ ଯାତ୍ରା କରିବ ।

| କ୍ର.ସଂ | ପ୍ରାରମ୍ଭ ଷ୍ଟେସନ | ଜିଲ୍ଲା | ଯାତ୍ରା ବିବରଣୀ | ଯାତ୍ରା ଅବଧି | ଜଣପିଛା ଯାତ୍ରାଖର୍ଚ୍ଚ | ଯାତ୍ରାଆରମ୍ଭର ସମ୍ଭାବ୍ୟ ତାରିଖ / ମାସ |
|---|---|---|---|---|---|---|
| ୧. | ବ୍ରହ୍ମପୁର | ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଓ ନୟାଗଡ଼ | ରାମେଶ୍ୱରମ୍-ମଦୁରାଇ | ୬ ଦିନ | ୧୬୮୦୦ | ଜାନୁଆରୀ ରୁ ମାର୍ଚ୍ଚ, ୨୦୨୩ |
| ୨. | ବାଲେଶ୍ୱର | ଯାଜପୁର, ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ ଓ କେନ୍ଦୁଝର | ହରିଦ୍ୱାର-ଋଷିକେଶ | ୬ ଦିନ | ୧୬୮୦୦ | ଜାନୁଆରୀ ରୁ ମାର୍ଚ୍ଚ, ୨୦୨୩ |
| ୩. | ଭୁବନେଶ୍ୱର | କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଢେଙ୍କାନାଳ | ଆଜମେର-ପୁଷ୍କର | ୬ ଦିନ | ୧୬୮୦୦ | ଜାନୁଆରୀ ରୁ ମାର୍ଚ୍ଚ, ୨୦୨୩ |
| ୪. | ରାୟଗଡା | କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନାଗିରି, କଳାହାଣ୍ଡି ଓ ନୂଆପଡା | ତିରୁପତି-ଭେଲ୍ଲୋର-ଶ୍ରୀକଳାହସ୍ତି | ୬ ଦିନ | ୧୬୮୦୦ | ଜାନୁଆରୀ ରୁ ମାର୍ଚ୍ଚ, ୨୦୨୩ |
| ୫. | ସମ୍ବଲପୁର | ସମ୍ବଲପୁର, ଅନୁଗୁଳ, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ଝାରସୁଗୁଡ଼ା ଓ ଦେବଗଡ଼ | ଶିରିଡି-ନାସିକ-ତ୍ରୟମ୍ବକେଶ୍ୱର | ୬ ଦିନ | ୧୬୮୦୦ | ଜାନୁଆରୀ ରୁ ମାର୍ଚ୍ଚ, ୨୦୨୩ |

ବିଦ୍ର:

୧ ଉପରୋକ୍ତ ଜିଲ୍ଲାର ଆବେଦନକାରୀମାନେ କେବଳ ସେହି ଜିଲ୍ଲା ପାଇଁ ଉଦ୍ଦିଷ୍ଟ ତୀର୍ଥସ୍ଥାନକୁ ଯାତ୍ରା କରିପାରିବେ।

୨ (କ) ପ୍ରତ୍ୟେକ ପ୍ରାରମ୍ଭ ଷ୍ଟେସନ ଠାରୁ ଯାତ୍ରା କରୁଥିବା ତୀର୍ଥଯାତ୍ରୀ ଟ୍ରେନ୍‌ର ସମ୍ଭାବ୍ୟ ତୀର୍ଥଯାତ୍ରା ତାରିଖ ପୂର୍ବରୁ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯିବ।

(ଖ) ଚୟନ କରାଯାଇଥିବା ତୀର୍ଥଯାତ୍ରୀ ନିଜ ବାସସ୍ଥାନରୁ ଟ୍ରେନର ଆରମ୍ଭ ଷ୍ଟେସନରେ ପହଞ୍ଚିବା ଏବଂ ତୀର୍ଥଯାତ୍ରା ପରେ ନିଜ ବାସସ୍ଥାନକୁ ଫେରିବା ବାବଦ ଗସ୍ତ ଖର୍ଚ୍ଚ ସରକାର ବହନ କରିବେ।

(ଗ) ଯାତ୍ରୀମାନେ କେବଳ ୨ୟ ଶୟନ ଶ୍ରେଣୀରେ (2nd Class Sleeper) ଯାତ୍ରା କରିପାରିବେ।

୩ ଯାତ୍ରୀମାନଙ୍କୁ ଯାତ୍ରାକାଳୀନ ସୁବିଧା:

(କ) ଯାତ୍ରୀମାନଙ୍କୁ ସରକାରଙ୍କ ତରଫରୁ ଏକ ସ୍ୱତନ୍ତ୍ର ଟ୍ରାଭେଲ କିଟ୍ (ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ) ଏବଂ ପରିଚୟ ପତ୍ର ଯୋଗାଇ ଦିଆଯିବ।

(ଖ) ଟ୍ରେନ ଯାତ୍ରା ସମୟରେ ତୀର୍ଥଯାତ୍ରୀମାନଙ୍କୁ ସକାଳ ଏବଂ ସନ୍ଧ୍ୟାରେ ଜଳଖିଆ, ନିରାମିଷ ମଧ୍ୟାହ୍ନ ଭୋଜନ ଏବଂ ରାତ୍ରି ଭୋଜନର ବ୍ୟବସ୍ଥା ସହିତ ରେଳ ଷ୍ଟେସନରୁ ତୀର୍ଥସ୍ଥାନକୁ ନେବା ଓ ଆଣିବା ପାଇଁ ପରିବହନ ବ୍ୟବସ୍ଥା ସରକାରଙ୍କ ଦ୍ୱାରା କରାଯିବ।

ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ,
ଓଡିଶା ସରକାର

ଓଡ଼ିଶା ସରକାର, ପର୍ଯ୍ୟଟନ ବିଭାଗ

**ବରିଷ୍ଠ ନାଗରିକ ତୀର୍ଥଯାତ୍ରା ପାଇଁ ଆବେଦନ ଫର୍ମ**

କ. ଏକକ ଆବେଦନକାରୀଙ୍କ ନିମନ୍ତେ :

| | | | | | | |
|---|---|---|---|---|---|---|
| ୧. | ନାମ* | | | | | ଆବେଦନକାରୀଙ୍କ ଫଟୋ |
| ୨. | ପିତା / ସ୍ୱାମୀଙ୍କ ନାମ | | | | | |
| ୩. | ଠିକଣା* | | | | | |
| ୪. | ଆଧାର ନମ୍ବର* | | | | | |
| ୫. | ଫୋନ, ମୋବାଇଲ ନଂ/ ଇ ମେଲ | | | | | |
| ୬. | ଜନ୍ମ ତାରିଖ * | ୭. | ଲିଙ୍ଗ | ପୁରୁଷ | ମହିଳା | ଅନ୍ୟାନ୍ୟ |
| ୮. | ପରିବାରର ଶ୍ରେଣୀ* | ଆର୍ଥିକ ଦୁର୍ବଳ ଶ୍ରେଣୀ | | ୯. | ବ୍ଲଡ଼ଗ୍ରୁପ୍ | |

ଖ. ସ୍ୱାମୀ ଓ ସ୍ତ୍ରୀ ଉଭୟ ଏକତ୍ର ଯାତ୍ରା ପାଇଁ ଇଚ୍ଛୁକ ଥିଲେ ନିମ୍ନଲିଖିତ ସୂଚନା ଆବଶ୍ୟକ (ଅନ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ):

| | | | | |
|---|---|---|---|---|
| ୧. | ସ୍ତ୍ରୀଙ୍କ ନାମ* | | | ସ୍ତ୍ରୀଙ୍କ ଫଟୋ |
| ୨. | ଜନ୍ମ ତାରିଖ * | | | |
| ୩. | ଆଧାର ନମ୍ବର * | ୪. ବ୍ଲଡ଼ଗ୍ରୁପ୍ | | |

ଗ. କେବଳ ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ସହ ଯାଉଥିବା ସହାୟକଙ୍କ ନିମନ୍ତେ ନିମ୍ନଲିଖିତ ସୂଚନା ଆବଶ୍ୟକ। (ଅନ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ)

| | | | | | | |
|---|---|---|---|---|---|---|
| ୧. | ନାମ* | | | | | ସହାୟକଙ୍କ ଫଟୋ |
| ୨. | ପିତା / ସ୍ୱାମୀଙ୍କ ନାମ | | | | | |
| ୩. | ଠିକଣା* | | | | | |
| ୪. | ଫୋନ, ମୋବାଇଲ ନଂ/ ଇ ମେଲ୍ | | | | | |
| ୫. | ଜନ୍ମ ତାରିଖ * | ୬ | ଲିଙ୍ଗ | ପୁରୁଷ | ମହିଳା | ଅନ୍ୟାନ୍ୟ |
| ୭. | ଆଧାର ନମ୍ବର | ୮ | ବ୍ଲଡ଼ଗ୍ରୁପ୍ | | | |

ଘ. ସହାୟକଙ୍କ ପାଇଁ ବ୍ୟାଙ୍କ ଡ୍ରାଫ୍ଟର ସମ୍ପୂର୍ଣ୍ଣ ବିବରଣୀ:

| ବ୍ୟାଙ୍କର ନାମ | ବ୍ୟାଙ୍କ ଡ୍ରାଫ୍ଟ ନମ୍ବର | ତାରିଖ | ପରିମାଣ |
|---|---|---|---|
| | | | |

ମୁଁ ଶ୍ରୀ/ଶ୍ରୀମତୀ .................................. ପିତା/ସ୍ୱାମୀ .................................. ଏତଦ୍ୱାରା ଘୋଷଣା କରୁଅଛି ଯେ ମୁଁ ଆୟକର ଦାତା ନୁହେଁ, ମୁଁ ଏହି ତୀର୍ଥଯାତ୍ରା କରିବା ପାଇଁ ଶାରିରୀକ ସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ଅଟେ ଓ ମୋ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବିବରଣୀ ମୋର ଜ୍ଞାତ ମତେ ସତ୍ୟ ଅଟେ । ଉପରୋକ୍ତ ଫର୍ମରେ ଦେଇଥିବା କୌଣସି ବିବରଣୀ ଅସତ୍ୟ ହୋଇଥିଲେ ଏଥିପାଇଁ ମୁଁ ଦାୟୀ ରହିବି ଏବଂ ଯାତ୍ରା ପାଇଁ ଅଯୋଗ୍ୟ ବିବେଚିତ ହେବି । ଯାତ୍ରା ସମୟରେ କୌଣସି ଦୂର୍ଘଟଣା କିମ୍ବା ଅଘଟଣ ନିମନ୍ତେ ସରକାର ଦାୟୀ ରହିବେ ନାହିଁ ।

ତାରିଖ:

ସ୍ଥାନ : ଆବେଦନକାରୀଙ୍କ ସ୍ୱାକ୍ଷର

ପ୍ରାପ୍ତି ସ୍ୱୀକାର ପତ୍ର

ଶ୍ରୀ/ଶ୍ରୀମତୀ .................................. ପିତା/ସ୍ୱାମୀ ..................................
ଠିକଣା .................................................................. ଙ୍କ ଠାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଯାତ୍ରା କରିବା ନିମନ୍ତେ ଆବେଦନ ପତ୍ର ତଥା ଏଥି ସହ ସଂଲଗ୍ନ ନିମ୍ନଲିଖିତ ପ୍ରମାଣପତ୍ର ଏବଂ ବ୍ୟାଙ୍କ ଡ୍ରାଫ୍ଟର ପ୍ରାପ୍ତି ସ୍ୱୀକାର କରାଗଲା।

ତାରିଖ: ଗ୍ରହଣକାରୀଙ୍କ ସ୍ୱାକ୍ଷର

ବି. ଦ୍ର.:

୧. ଆବେଦନକାରୀ ନିଜର ଦରଖାସ୍ତ ଫର୍ମକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରିବେ।

୨. ଆବେଦନକାରୀ ନିଜର ପରିଚୟ ପତ୍ର, ଆଧାର କାର୍ଡ଼, ବୟସ ଓ ଠିକଣା ସମ୍ବନ୍ଧୀୟ ପ୍ରମାଣପତ୍ର, ଆର୍ଥିକ ଦୁର୍ବଳ ଶ୍ରେଣୀ ସଂକ୍ରାନ୍ତୀୟ ପ୍ରମାଣ ପତ୍ର ଓ ଦୁଇଗୋଟି ପାସ୍‌ପୋର୍ଟ ଫଟୋ ଦରଖାସ୍ତ ସହ ସଂଲଗ୍ନ କରିବେ।

୩. ଆବେଦନକାରୀ ନିଜର ପରିଚୟ, ବୟସ, ଠିକଣା ଇତ୍ୟାଦିର ପ୍ରମାଣପତ୍ର ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ଦରଖାସ୍ତ ସହ ଦାଖଲ କରିବେ। ଏତଦ୍‌ବ୍ୟତୀତ ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍ କାର୍ଡ଼ / ଅନ୍ତୋଦୟ / ଅନ୍ନପୂର୍ଣ୍ଣା କାର୍ଡ଼ / ବାର୍ଦ୍ଧକ୍ୟ ଭତ୍ତା / ବିଧବା ଭତ୍ତା / ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଖାଉଟି କାର୍ଡ଼ ଇତ୍ୟାଦି ଯେଉଁଥିରେ କି ସେମାନଙ୍କର ନାମ ଓ ବୟସର ବିବରଣୀ ଥିବ ସେଥିରୁ ଯେକୌଣସି ଗୋଟିଏ ଆର୍ଥିକ ଦୁର୍ବଳ ଶ୍ରେଣୀ ଅନ୍ତର୍ଗତ ପ୍ରମାଣ ପତ୍ର ଭାବରେ ଦରଖାସ୍ତ ସହ ସଂଲଗ୍ନ କରିବେ।

୪. ସହାୟକଙ୍କ ବାବଦ ବ୍ୟାଙ୍କ ଡ୍ରାଫ୍ଟ ପର୍ଯ୍ୟଟନ ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କ ନାମରେ କରାଯାଇ ଦାଖଲ କରାଯିବ। (Bank Draft in the Name of Director, Tourism & Payable at Bhubaneswar)

୫. ଅଧିକ ବିବରଣୀ ପାଇଁ ଟେଲିଫୋନ୍ ନଂ: ୦୬୭୪ - ୨୪୩୨୧୭୭, ମୋ: ୯୪୩୮୩୮ ୨୭୫୩ ରେ ସମ୍ପର୍କ କରନ୍ତୁ।

OIPR-37001/13/0039/2223



ODISHA
INDIA'S BEST KEPT SECRET.
ପର୍ଯ୍ୟଟନ ବିଭାଗ
ଓଡ଼ିଶା ସରକାର, ପର୍ଯ୍ୟଟନ ଭବନ
ଲିୱିସ୍ ରୋଡ୍, ଭୁବନେଶ୍ୱର-୭୫୧୦୧୪

odishatourismofficial odishatourismoffical odisha_tourism

# ମୟୂରଭଞ୍ଜରୁ ଆଣି ଭୁବନେଶ୍ୱରରେ ଦେହ ବ୍ୟବସାୟ

- **ବାରିପଦାରୁ ଅପହୃତା ନାବାଳିକା ଉଦ୍ଧାର**
- **ଶିକ୍ଷୟିତ୍ରୀ ଗିରଫ, ହୋଟେଲ ମାଲିକ ଅଟକ**

ବାରିପଦା ଅଫିସ,୧୪।୧୨

ମୟୂରଭଞ୍ଜ ଜିଲା ବେତନଟୀ ଅଞ୍ଚଳରୁ ଅପହୃତ ଜଣେ ଆଦିବାସୀ ନାବାଳିକାଙ୍କୁ ବାରିପଦା ଟାଉନ ଥାନା ପୋଲିସ ଉଦ୍ଧାର କରିଛି। ତାଙ୍କୁ ନେଇ ଦେହ ବ୍ୟବସାୟରେ ଲଗାଇଥିବା ଶିକ୍ଷୟିତ୍ରୀଙ୍କୁ ପୋଲିସ ଗିରଫ କରିଥିବା ବେଳେ ଭୁବନେଶ୍ୱରର ଜଣେ ହୋଟେଲ ମାଲିକଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଶିକ୍ଷୟିତ୍ରୀ ଜଣକ ହେଲେ ଭୁବନେଶ୍ୱର ଖାରବେଳ ନଗର ଥାନା ଅଧୀନ ବାଣପୁର ମଧୁସୂଦନ ନଗରର ବିକ୍ରମ କେଶରୀ ବେହେରାଙ୍କ ସ୍ତ୍ରୀ ଟୁନା ଦାସ(୪୫) ।

ସୂଚନା ଅନୁଯାୟୀ, ଦେହ ବ୍ୟବସାୟ ର୍ୟାକେଟ ଚଳାଉଥିବା ଟୁନା ଦାସଙ୍କ ଜରିଆରେ କିଛି ଅସାମାଜିକ ବ୍ୟକ୍ତି ବିଭିନ୍ନ ଅଞ୍ଚଳରୁ ନୀରିହ ନାବାଳିକା ଓ ଅଳ୍ପ ବୟସର ଯୁବତୀଙ୍କୁ କୌଶଳକ୍ରମେ ନିଜ ଜାଲରେ ଫସାଇ ମୋଟା ଅଙ୍କର ଅର୍ଥ ରୋଜଗାର କରୁଥିଲେ। ସେମାନେ ଝିଅମାନଙ୍କୁ ଚାକିରି ଓ ପାଠ ପଢ଼ାଇବା ପ୍ରଲୋଭନ ଦେଖାଇ ଭୁବନେଶ୍ୱର ଓ ବାଣପୁରର ହୋଟେଲରେ ଛାଡ଼ିବା ପରେ ଶିକ୍ଷୟିତ୍ରୀଜଣକ ଦେହ ବ୍ୟବସାୟରେ ଲଗାଇଥାନ୍ତି। ଏହି କ୍ରମରେ ବାରିପଦା ଅଞ୍ଚଳର ଆଈ ଘରେ ରହୁଥିବା ଜଣେ ୧୪ବର୍ଷର ଆଦିବାସୀ ନାବାଳିକା ତାଙ୍କ ପ୍ରଲୋଭନର ଶିକାର ହୋଇଥିଲେ। ଉଦ୍ଧାର ନାବାଳିକାଙ୍କ ଅଭିଯୋଗ ଅନୁଯାୟୀ, ସେ ବାରିପଦାସ୍ଥିତ ଆଈ ଘରେ ରହୁଥିଲେ। ତେବେ ବାଲେଶ୍ୱର ଅଞ୍ଚଳର ଜଣେ ଆମ୍ବୁଲାନ୍ସ ଚାଳକ ତାଙ୍କ ସ୍କୁଲ ସହପାଠିନୀଙ୍କ ଜରିଆରେ ବାରିପଦା ରେଳଷ୍ଟେଶନକୁ ଡକାଇ ଅପହରଣ କରି ବାଲେଶ୍ୱର ନେଇଥିଲେ। ସେଠାରୁ ଟ୍ରେନରେ ନେଇ ଭୁବନେଶ୍ୱର ରେଳଷ୍ଟେଶନ ନିକଟରେ ଥିବା ଏକ ହୋଟେଲରେ ରଖିଥିଲେ। ଏହାସହିତ ବାଣପୁରରେ ଥିବା ଅନ୍ୟ ଏକ ହୋଟେଲକୁ ମଧ୍ୟ ନେଇ ପିଇବା ପାଣିରେ ନିଶା ଦେଇ ଦେହ ବ୍ୟବସାୟରେ ଲଗାଉଥିଲେ। ପ୍ରତିଦାନରେ ବନ୍ଦ କୋଠରୀରେ କଡ଼ା ସୁରକ୍ଷାରେ ରଖି ଗରାଖ ପିଛା ୨ହଜାର ଟଙ୍କା ଦେଉଥିଲେ। ଏହିପରି ୪ଟି କୋଠରୀରେ ଅଳ୍ପ ବୟସର ନାବଳିକାମାନଙ୍କୁ ରଖି ଜବରଦସ୍ତ ଦେହ ବ୍ୟବସାୟ ଚଳାଉଥିଲେ। ତେବେ ଶିକ୍ଷୟିତ୍ରୀଙ୍କ ଘରକୁ ଆସୁଥିବା ଜଣେ ଗୁରୁମା' ଓ ଖାଦ୍ୟ ଯୋଗାଉଥିବା ଯୁବକଙ୍କ ସହଯୋଗରେ ନାବାଳିକାଜଣକ କୌଶଳ କ୍ରମେ ଖସି ପଳାଇ ଆସି ଟ୍ରେନରେ ବାଲେଶ୍ୱରରେ ପହଞ୍ଚିଥିଲେ। ବାଲେଶ୍ୱର ପୋଲିସ ଉଦ୍ଧାର କରି ତାଙ୍କୁ ନାରୀ ସଂଘ ଜିମାରେ ଛାଡ଼ିଥିଲେ । ନାରୀ ସଂଘର ସଭାନେତ୍ରୀ ଲୋପାମୁଦ୍ରା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ନାବାଳିକା ଜଣକ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ନେଇ ଆଇଆଇସି ବୀରେନ୍ଦ୍ର ସେନାପତି ଏକ ମାମଲା ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି । ତେବେ ଘଟଣାରେ ଅନେକ ହାଇପ୍ରୋଫାଇଲ ବ୍ୟକ୍ତି ଜଡ଼ିତ ଥିବା ଜଣାପଡ଼ିଛି । ଅପହରଣକାରୀ ଆମ୍ବୁଲାନ୍ସ ଚାଳକ ଅନ୍ୟ ଏକ ଘଟଣାରେ ବାଲେଶ୍ୱର ଜେଲରେ ଥିବାରୁ ତଦନ୍ତ ପାଇଁ ତାଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଥାନା ଅଧିକାରୀ ସେନାପତି ପ୍ରକାଶ କରିଛନ୍ତି। ଉଦ୍ଧାର ନାବାଳିକାଙ୍କ ଜରିଆରେ ପୋଲିସ ଏକ ବଡ଼ଧରଣର ସେକ୍ସ ର୍ୟାକେଟର ସୁରାକ ପାଇଥିବା ସୂଚନା ମିଳିଛି।

# ଇଡିରେ ହାଜର ହେଲେ ଆକାଶ ପାଠକ

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)


ଆକାଶ ପାଠକ

ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଜେଲ ଯାଇ ଜାମିନରେ ଆସିଥିବା ଆଇଏଫ୍ଏସ୍ ଅଫିସର ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ପାଠକ ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ସେ ପୂର୍ବାହ୍ନରେ ପହଞ୍ଚିବା ପରେ ତାଙ୍କୁ ଇଡି ପକ୍ଷରୁ ବେଆଇନ ଅର୍ଥ କାରବାର ସଂକ୍ରାନ୍ତରେ ପଚରାଉଚରା କରାଯାଇଛି। ଏନେଇ ଆକାଶ ଗଣମାଧ୍ୟମକୁ କହିଛନ୍ତି, ଇଡି ମୋତେ ସମନ କରିନାହିଁ। ଯେତେବେଳେ ମୋ ପାଖକୁ ଦସ୍ତାବିଜ ଆସିଲା, ତାହାକୁ ଇଡିକୁ ଦେବାକୁ ଆସିଥିଲି ବୋଲି ସେ କହିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଏବଂ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ଘଟଣାରେ ହୋଇଥିବା କୋଟି କୋଟି ଟଙ୍କା ବେଆଇନ ଅର୍ଥ କାରବାର ସମ୍ବନ୍ଧରେ ଇଡି ତଦନ୍ତ କରୁଛି। ଏହାପୂର୍ବରୁ ଆକାଶଙ୍କ ବାପା ଅଭୟକାନ୍ତ, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ପ୍ରଦୀପଙ୍କ ଝିଅ ଶ୍ରୁତି ପାଣିଗ୍ରାହୀ, ସ୍ତ୍ରୀ ସୁଜାତାଙ୍କୁ ଇଡି ଜେରା କରି ବହୁ ତଥ୍ୟ ହାସଲ କରି ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଅଭୟକାନ୍ତ ପାଠକଙ୍କୁ ୨୦୨୦ ନଭେମ୍ବରରେ ଭିଜିଲାନ୍ସ ଗିରଫ କରିଥିଲା। ଏହାପରେ ବେଆଇନ ଅର୍ଥ କାରବାରର ଖିଅ ଖୋଜିବାକୁ ଇଡି ନିଜ ଆଡୁ ଏକ ମାମଲା ରୁଜୁ କରିଥିଲା। ସେହିପରି ଅଭୟକାନ୍ତଙ୍କ ପୁଅ ଆକାଶ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ କରିବା ମାମଲାରେ ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଏହି ମାମଲାରେ ତାଙ୍କ ଭାବୀ ଶ୍ୱଶୁର କୁହାଯାଉଥିବା ବିଧାୟକ ପ୍ରଦୀପ ପ୍ରାଣିଗ୍ରାହୀଙ୍କୁ ମଧ୍ୟ ଗିରଫ କରାଯାଇଥିଲା।

# 'ଛାତ୍ରୀଛାତ୍ରଙ୍କ ପାଇଁ ଆସିବ ଖେଳ ନୀତି'



ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ ହକି ଷ୍ଟିକ୍ ଧରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

## ଆନ୍ତଃମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ମହିଳା ହକି ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ଆସନ୍ତା ବର୍ଷ ଜାନୁୟାରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଭୁବନେଶ୍ୱର ସମେତ ରାଉରକେଲା ସହରରେ ଆୟୋଜିତ ହେବାକୁ ଥିବା ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରସ୍ତୁତି ଜାରି ରହିଛି। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ହକି ଖେଳର ପ୍ରସାର ପାଇଁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ମଧ୍ୟ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ବୁଧବାର ମହିଳା ହକି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏଥିସହିତ ଦସ୍ତଖତ ଅଭିଯାନ ଓ ଗଣପଦଯାତ୍ରାର ଆୟୋଜନ କରାଯାଇଥିଲା। ରମାଦେବୀ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ହକି ପ୍ରୋତ୍ସାହନର କେନ୍ଦ୍ର ହେବା ଉଚିତ ବୋଲି ମତପ୍ରକାଶ କରିଥିଲେ। ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଖେଳ ନୀତି ନିର୍ଦ୍ଧାରଣ କରିବାକୁ ଉଦ୍ୟମ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

ରାଜ୍ୟ ଗୃହ ତଥା କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା କ୍ରୀଡ଼ା ବିଭାଗ ତରଫରୁ ସୁନ୍ଦରଗଡ଼ର ୧୭ଟି ବ୍ଲକରେ ହକି ଷ୍ଟାଡିୟମ ନିର୍ମାଣ କରାଯାଇଛି ବୋଲି ସୂଚନା ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଓ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ବିଶ୍ୱକପ୍ ଓ ରାଜ୍ୟ ତଥା ଛାତ୍ରଛାତ୍ରଙ୍କ ଉପରେ ଏହାର ପ୍ରଭାବ ସମ୍ପର୍କରେ କହିଥିଲେ। କୁଳପତି ଅପରାଜିତା ଚୌଧୁରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଓ ଅନ୍ୟମାନେ ଦସ୍ତଖତ ଅଭିଯାନରେ ଭାଗନେଇଥିବାବେଳେ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ପ୍ରତିଯୋଗୀ ତଥା ଛାତ୍ରୀମାନେ ବିଶ୍ୱବିଦ୍ୟାଳୟରୁ ପଦଯାତ୍ରାରେ ବାହାରି ବାଣୀବିହାର ପର୍ଯ୍ୟନ୍ତ ଯାଇ ପ୍ରତ୍ୟାବର୍ତ୍ତନ କରିଥିଲେ। କୁଳ ସଚିବ ଶ୍ୟାମଳୀ ମହାପାତ୍ର, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଣ୍ଡିକେଟ ସଭ୍ୟ କଳ୍ପନା ଦାସ, ଶୈଳବାଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଗାୟତ୍ରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଚକ୍ ଦେ ଇଣ୍ଡିଆ ସିନେମା ପ୍ରଦର୍ଶିତ ହୋଇଥିଲା।

# ୧୯ରୁ ଏଲ୍ଆର୍ପି ଏଣ୍ଡ୍-ଟର୍ମ

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

କରୋନା ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା। ତେଣୁ ସ୍କୁଲ ଖୋଲିବା ପରେ ପିଲାଙ୍କ ଦକ୍ଷତା ମାପିବା ପାଇଁ ରାଜ୍ୟ ସରକାର ସ୍କୁଲ ପିଲାଙ୍କ ପାଇଁ ଲର୍ଣ୍ଣିଂ ରିକଭରି ପ୍ରୋଗ୍ରାମ(ଏଲ୍ଆର୍ପି) ଆରମ୍ଭ କରିଥିଲେ। ଏଥିପାଇଁ ତୃତୀୟ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବିଷୟରେ ପରୀକ୍ଷା ହୋଇଥିଲା। ଆସନ୍ତା ୧୯ରୁ ତୃତୀୟରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଏଲ୍ଆର୍ପି ଏଣ୍ଡ୍-ଟର୍ମ ଆସେସ୍‌ମେଣ୍ଟ ଆରମ୍ଭ ହୋଇ ୨୧ ତାରିଖରେ ସରିବ। ପ୍ରଥମ ଦିନ ତୃତୀୟ ଶ୍ରେଣୀ ପିଲାଙ୍କ ପାଇଁ ଓଡ଼ିଆ ଓ ଚତୁର୍ଥରୁ ନବମ ପର୍ଯ୍ୟନ୍ତ ଇଂଲିଶ ବିଷୟରେ ପରୀକ୍ଷା ହେବ। ସେହିଭଳି ୨୦ରେ ସବୁ ଶ୍ରେଣୀର ଗଣିତ ପରୀକ୍ଷା ଥିବାବେଳେ ୨୧ରେ ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଇଭିଏସ୍ ଏବଂ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ବିଜ୍ଞାନ ବିଷୟରେ ପରୀକ୍ଷା ହେବ। ଏ ନେଇ ବୁଧବାର ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ସମସ୍ତ ଜିଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଓ ସମଗ୍ର ଶିକ୍ଷା କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ସ୍କୁଲଗୁଡ଼ିକରେ ଠିକ୍ ସମୟରେ ପ୍ରଶ୍ନପତ୍ର ଏବଂ ଉତ୍ତର ବୁକ୍‌ଲେଟ୍ ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଉତ୍ତରଖାତା ସ୍କୁଲ ପ୍ରଧାନଶିକ୍ଷକଙ୍କ ନିରୀକ୍ଷଣରେ ନିରାପଦରେ ରଖିବା ପାଇଁ କୁହାଯାଇଛି।

# ମହୁମାଛି ଆକ୍ରମଣରେ ମହିଳା ମୃତ

ଟିକିରି, ୧୪।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ କମ୍ପର ଗ୍ରାମରେ ମହୁମାଛି ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉଜେରବତୀ ଭତ୍ରା। ଉଜେରମତୀ ମଙ୍ଗଳବାର ସକାଳୁ ନିକଟସ୍ଥ ଏକ କମ୍ପାନୀକୁ କାମ କରିବାକୁ ଯାଇଥିଲେ। ଡ୍ୟୁଟି ଶେଷକରି ୧୧ଟା ସମୟରେ ଘରକୁ ଫେରିବାବେଳେ ଗାଁ ମୁଣ୍ଡରେ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଲୋକେ ତାଙ୍କୁ ଉତ୍କଳ ହସ୍ପିଟାଲ ନେଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଉଜେରମତୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯିବାକୁ ଡାକ୍ତର କହିଥିଲେ। ସେଠାକୁ ନେବା ବାଟରେ ହିଁ ଉଜେରବତୀଙ୍କ ମୃତ୍ୟୁ ହୋଇଥିଲା। ପୂର୍ବରୁ ମହୁମାଛି ଆକ୍ରମଣରେ ୭/୮ ଜଣ ଆହତ ହୋଇଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗାଁରେ ଅସନ୍ତୋଷ ପ୍ରକାଶ ପାଇଛି। ମୃତ ମହିଳାଙ୍କ ପରିବାରକୁ କ୍ଷତିପୂରଣ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ୨୧ରୁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ

## ଯୁକ୍ତ୨ କଳା, ବାଣିଜ୍ୟ କରେସପଣ୍ଡେନ୍ସ କୋର୍ସ ନାମଲେଖା

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ଯୁକ୍ତ୨ ପ୍ରଥମ ବର୍ଷ କଳା ଓ ବାଣିଜ୍ୟ ଆନୁଷଙ୍ଗିକ ବିଷୟ(କରେସପଣ୍ଡେନ୍ସ କୋର୍ସ)ରେ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସାମ୍ସ ପୋର୍ଟାଲରେ ୨୧ ତାରିଖ ପୂର୍ବାହ୍ନ ୧୧ଟାରେ କମନ ଆପ୍ଲିକେଶନ ଫର୍ମ ଉପଲବ୍ଧ ହେବ। ଛାତ୍ରୀଛାତ୍ର ୩୧ତାରିଖ ରାତି ୧୧ଟା ୫୦ ମଧ୍ୟରେ ଆବେଦନ କରିପାରିବେ। ଜାନୁୟାରୀ ୫ ଅପରାହ୍ନ ୨ଟାରେ ମନୋନୀତ ଛାତ୍ରୀଛାତ୍ରଙ୍କ ତାଲିକା ପ୍ରକାଶ ପାଇବ। ତେବେ ଦ୍ୱିତୀୟ ପର୍ଯ୍ୟାୟରେ କେଉଁମାନେ ଆବେଦନ କରିପାରିବେ ସେ ନେଇ ମଧ୍ୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।




# ଆଧାର ସଂଯୋଗ ଲର୍ନର ଲାଇସେନ୍ସ ବ୍ୟବସ୍ଥା ଲାଗୁ ହେବ

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

ରାଜ୍ୟରେ ଆଧାର ସଂଯୋଗ ଲର୍ନର ଲାଇସେନ୍ସ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏ ନେଇ ବୁଧବାର ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ରାଜ୍ୟ ପରିବହନ କମିଶନରଙ୍କୁ ଚିଠି ଲେଖି ଅବଗତ କରାଯାଇଛି। କେନ୍ଦ୍ର ମୋଟର ଯାନ ରୁଲ୍‌ସର ରୁଲ୍-୧୧ ଅନୁଯାୟୀ ଏନ୍ଆଇସି ଜରିଆରେ ଜନସାଧାରଣଙ୍କୁ ସହାୟତା କରିବା ପାଇଁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଏହାଛଡ଼ା ସାରଥି ଓ ବାହାନ ପୋର୍ଟାଲ ଜରିଆରେ ଡ୍ରାଇଭିଂ ଲାଇସେନ୍ସ ସହିତ ୫୮ଟି ଯାନବାହନ ସମ୍ପର୍କିତ ସେବାକୁ ଆଧାର ଲିଙ୍କ୍ କରିବାକୁ କୁହାଯାଇଛି। ଏହାଦ୍ୱାରା ଲୋକମାନେ ଉକ୍ତ ସେବାଗୁଡ଼ିକ ଅନ୍‌ଲାଇନ ଜରିଆରେ ପାଇପାରିବେ। ଏଠାରେ ଉଲ୍ଲେଖଯୋଗ୍ୟ, ୨୦୨୨ ସେପ୍ଟେମ୍ବର ୧୬ ତାରିଖରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଉକ୍ତ ସେବାଗୁଡ଼ିକୁ ସ୍ୱେଚ୍ଛାକୃତ ଆଧାର ଲିଙ୍କ୍ କରିବାକୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା।

# ଜେଲ ଗଲେ ୩ ବନ କର୍ମଚାରୀ


ଗିରଫ ୩ ବନ କର୍ମଚାରୀ।

## ଶିମିଳିପାଳରେ ହାତୀ ଶିକାର ପରେ ପ୍ରମାଣ ନଷ୍ଟ ଘଟଣା

ବାରିପଦା ଅଫିସ/ ଉଦଳା,୧୪।୧୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଜେନାବିଲ ରେଞ୍ଜ ଗୁରୁଣ୍ଡିଆ ସେକ୍ସନ ଅଞ୍ଚଳରେ ଏକ ଦନ୍ତାହାତୀ ଶିକାର ପରେ ପ୍ରମାଣ ନଷ୍ଟ କରିବା ଘଟଣାରେ ନିଲମ୍ବିତ ୩ ବନ କର୍ମଚାରୀ ଗିରଫ ହୋଇଛନ୍ତି। ସେମାନେ ହେଲେ ଜେନାବିଲ ରେଞ୍ଜ ଦାୟିତ୍ୱରେ ଥିବା ଫରେଷ୍ଟର ଶିବ ଶଙ୍କର ସାମଲ, ଫରେଷ୍ଟର ଚନ୍ଦ୍ରଭାନୁ ବେହେରା ଓ ଫରେଷ୍ଟ ଗାର୍ଡ ବିନୋଦ କୁମାର ଦାସ। ବୁଧବାର ଏହି ୩ ବନ କର୍ମଚାରୀଙ୍କୁ ଉଦଳା କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗତ ୭ ତାରିଖରେ ବନବିଭାଗର କର୍ମଚାରୀମାନେ ଏକ ଦନ୍ତାହାତୀକୁ ମାରି ତା'ର ଦାନ୍ତ କାଟିବା ଏବଂ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ମୃତଦେହ ପୋଡ଼ି ଦେଇ ଦେହାବଶେଷକୁ ନଦୀରେ ଭସାଇ ଦେଇଥିବା ଅଭିଯୋଗ ହୋଇଥିଲା। ମିଳିତ ଟାସ୍କ ଫୋର୍ସ ଟିମ୍ ଘଟଣାର ତଦନ୍ତ କରିଥିଲା। ଏ ନେଇ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ପିସିସିଏଫ୍) ଏସ୍.କେ. ପୋପଲି ଉଚ୍ଚ ନ୍ୟାୟାଳୟରେ କର୍ମଚାରୀଙ୍କ ଦୋଷ ସ୍ୱୀକାର କରିଥିଲେ। ଘଟଣାରେ ସମ୍ପୃକ୍ତ ଥିବା ୩ ବନ କର୍ମଚାରୀଙ୍କୁ ନିଲମ୍ବିତ କରିବା ପରେ ସେମାନଙ୍କ ବିରୋଧରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ କାହିଁକି ବୋଲି ହାଇକୋର୍ଟ ଭର୍ତ୍ସନା କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବୁଧବାର ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ସଂକ୍ରାନ୍ତରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଟି.ଅଶୋକ କୁମାର କହନ୍ତି, ତଦନ୍ତ ଜାରି ରହିଛି। ଖୁବ୍ ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଚିଲେ ନ ରୁଚେ ମଣ୍ଡା, ଗଇଁଠା ;**
**ମାଗି ଖାଉଥାଏ ବାସି ଅଇଁଠା।**

ଆମ ସମାଜରେ ଏପରି କେତେଜଣ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନ ସମ୍ମାନକୁ ଖାତିର ନ କରି ପର ଆଗରେ ହାତ ପତେଇଥାନ୍ତି। ଅଥଚ ଆଉ କେହି ଭଲ ଭାବେ ଅଭ୍ୟର୍ଥନା କଲେ ମଧ୍ୟ ସେ ତାହାକୁ ଗ୍ରହଣ ନ କରି ନାନା ସମାଲୋଚନା କରିଥାନ୍ତି। ପ୍ରକୃତି ଛଡ଼ା ବ୍ୟକ୍ତିଙ୍କ ଏପରି ରଂଗଢଙ୍ଗ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହା ମନ ଯାହିଁକି ରସେ,**
**ତାକୁ କିଆ ଫୁଲ ପରି ବାସେ।**

ଯିଏ ଯାହାକୁ ଭଲ ପାଏ, ତାର ସବୁ ଗୁଣ ତା' ଆଖିକୁ ସୁନ୍ଦର ଲାଗିଥାଏ। ପ୍ରେମାସ୍ପଦର କୌଣସି ମନ୍ଦଗୁଣ ପ୍ରେମିକା ବା ପ୍ରେମିକ ଆଖିକୁ ଦେଖାଯାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବସ୍-ବାଇକ୍ ଧକ୍କା: ୩ ମୃତ

**ହେମଗିର,୧୪।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଡୁମୁଲିଆଠାରେ ବୁଧବାର ଅପରାହ୍ଣରେ ଦୁର୍ଘଟଣା ଘଟିଛି। ବସ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କାହେବା ଫଳରେ ତିନି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ହେମଗିର ଥାନା ଗୋପାଳପୁର ଗ୍ରାମର ରାହୁଲ ପାଣ୍ଡେ, ଶ୍ୟାମ ଗିଦିଲି ଏବଂ ଓମ୍ ଭୈଷାଲ। ମିଳିଥିବା ସୂଚନା ଅନୁସାରେ ରାହୁଲ, ଶ୍ୟାମ ଏବଂ ଓମ୍ ଏକ ବାଇକ୍ ନଂ. ଓଡି ୧୫ କେ ୧୩୭୩ ଯୋଗେ କନିକାକୁ ଫୁଟ୍‌ବଲ ମ୍ୟାଚ ଦେଖିବାକୁ ଯାଉଥିଲେ। ଡୁମୁଲିଆସ୍ଥିତ ବୁଲାଣି ରାସ୍ତାରେ ଡୁମୁଲିଆରୁ ବେଲପାହାଡ଼ ଅଭିମୁଖେ ଯାଉଥିବା ଓଡି ୧୬ଏ ୧୮୨୪ ନଂ. ଜେବି ନାମକ ଘରୋଇ ବସ୍ ସହିତ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ତିନି ଆରୋହୀ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ରାହୁଲ ଓ ଶ୍ୟାମଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଓମ୍‌ଙ୍କୁ ଅଧିକ ଚିକିତ୍ସା ପାଇଁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଓମ୍‌ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ହେମଗିର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ପୋଲିସ ଘଟଣାର ତଦନ୍ତ ଚଳାଇଛି।



ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ବସ୍।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପ୍ରତ୍ୟେକ କ୍ଷେତ୍ରରେ ଭୁଲ୍ ବୁଝାମଣା ସମସ୍ୟାର ମୁଖ୍ୟ କାରଣ ହେବ। ଉଦ୍ଦେଶ୍ୟମୂଳକ ଭାବେ ନିକଟ ସମ୍ପର୍କୀୟମାନେ ଭଲକୁ ଭେଲରେ ପରିବେଷଣ କରିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଲେଖାପଢ଼ାରୁ ଉଚ୍ଚ ପ୍ରଶଂସା ମିଳିବ।

**ବୃଷ**
ଚାହୁଁଥିବା ଜିନିଷ ପାଇବା ଓ ଆଶା କରୁଥିବା କାମରେ ସଫଳତା ହେତୁ ମାନସିକ ସ୍ଥିତି ଭଲ ରହିବ। ବିଭିନ୍ନ ଘରୋଇ ଝାମେଲା କାରଣରୁ ମନଟା ଭଲ ରହିବ ନାହିଁ। ପୁଣି କେତେକ କ୍ଷେତ୍ରରେ ମନ ବଳାଇପାରନ୍ତି, ଯାହାକି ଅନର୍ଥର କାରଣ ହୋଇପାରେ। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ।

**ମିଥୁନ**
ଆଜିର ଦିନଟିରେ ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ହୋଇଯିବ। କ୍ରନିକ୍ ରୋଗଜନିତ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ଲାଗି ମନ ବଳାଇ କର୍ମମୁଖର ହେବେ। ରାଜନୈତିକ ସ୍ତରରେ ଲକ୍ଷ୍ୟ ହାସଲରେ ସମର୍ଥ ହେବେ ଓ ସଫଳତା ମଧ୍ୟ ପାଇବେ।

**କର୍କଟ**
ଆଗାମୀ ସମୟର ପରିସ୍ଥିତି ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ଅର୍ଥସଙ୍କଟ ହେତୁ ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାରସ୍ପରିକ ଜିଦ୍‌ଖୋର ମନୋବୃତ୍ତି ହେତୁ ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ସୃଷ୍ଟି ହେବ।

**ସିଂହ**
ପ୍ରତ୍ୟୁଷରୁ ହଠାତ୍ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ ଓ ସ୍ଥଗିତ କାମ ଆରମ୍ଭ କରିବାକୁ ମନ ବଳାଇବେ। ବିଭିନ୍ନ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି।

**କନ୍ୟା**
ଜଣେ ବାଲ୍ୟବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବା ଲାଗି ପ୍ରସ୍ତୁତି କରିପାରନ୍ତି। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ମାଲିମକଦ୍ଦମା, ତର୍କ ବିତର୍କ, ସଭାସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ। ପରିସ୍ଥିତିରେ ପଡ଼ି ନିଜକୁ ସଂକୁଚିତ କରି ରଖିବାକୁ ବାଧହେବେ।

**ତୁଳା**
କୌଣସି ବନ୍ଧୁଙ୍କ ଉପରେ ସାଧାରଣ କଥାରେ ରାଗିବା କାରଣରୁ ବିବାଦ ବଢ଼ିପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ଆଶ୍ୱସ୍ତି ଲାଭ କରିବେ। ନିଜ ଦୋଷରୁ କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା**
ମାନସିକ ଅସୁସ୍ଥତା କାରଣରୁ ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିବ। ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗିପାରନ୍ତି। ଅଫିସ୍‌ରେ ଅସଂଯତ କାର୍ଯ୍ୟକଳାପ ପାଇଁ ସମାଲୋଚିତ ହେବେ। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ସଂଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ଉଚ୍ଚସ୍ତରରୁ କୌଣସି ଖବର ପାଇ ନିଜକୁ ପ୍ରସ୍ତୁତ ରଖିବାକୁ ଚେଷ୍ଟା କରିବେ। ଭୁଲ୍ ବୁଝାମଣା ହେତୁକ ସମସ୍ୟା ସୁଧାରିବା ଲାଗି ଆପ୍ରାଣ ଉଦ୍ୟମ ଚଳାଇପାରନ୍ତି। ପାଖପଡ଼ୋଶୀ କିମ୍ବା ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରଶଂସାକୁ ସହି ନ ପାରି ବାଧିଲା ଭଳି ଅପଶବ୍ଦ କହିପାରନ୍ତି। ଯାନବାହନରେ ସତର୍କତା ରକ୍ଷା କରନ୍ତୁ।

**ମକର**
ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ମାତ୍ର ତରବରିଆ ଭାବେ ଯାଆନ୍ତୁ ନାହିଁ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ ଲଘୁ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି, କାରବାର ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ସ୍ୱଜନ ଶତ୍ରୁତା କାରଣରୁ ସମ୍ପର୍କୀୟମାନେ ହତାଦର କରିପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରର ସମସ୍ୟା ସମାଧାନ ସକାଶେ ଚେଷ୍ଟାକରି ସଫଳତା ପାଇବେ। ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବାଣିଜ୍ୟ, ବ୍ୟବସାୟ, ପରିବହନରୁ ବହୁତ ଲାଭ ମିଳିବ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଲାଗି ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ।

**ମୀନ**
ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ଆତ୍ମୀୟଙ୍କ ସହଯୋଗରୁ ପ୍ରାପ୍ୟ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ସଭାସମିତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହୋଇପାରନ୍ତି। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିବ।

ଆଜି ଡିସେମ୍ବର ୧୫ ତାରିଖ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ତିରୋଧାନ ଦିବସ, ମାସାନ୍ତ, ପୌଷ କୃଷ୍ଣ ସପ୍ତମୀ ଗୁରୁବାର, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬/୧୭ ଗତେ ଘ.୦୭/୦୦ ମଧ୍ୟେ, ଘ.୦୬/୧୭. ଗତେ ଘ.୦୭/୦୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୧/୦୨ ଗତେ ଘ.୦୨/୨ ମଧ୍ୟେ ରାହୁକାଳ।

# ବିଜୁଳି ଜୀବନର ଚତୁର୍ଥ ଆବଶ୍ୟକତା ପାଲଟିଛି: ଶକ୍ତିମନ୍ତ୍ରୀ

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

ଯଦି ବର୍ତ୍ତମାନ ଭଳି ଉଚ୍ଚ ହାରରେ ବିଜୁଳି ଚାହିଦା ବୃଦ୍ଧି ପାଏ ତେବେ ଭବିଷ୍ୟତରେ ଏହାର ଅଭାବ ଦେଖାଦେବ । ଯେଉଁ ଜିନିଷ ଉପରେ ଆମେ ସମ୍ପୂର୍ଣ୍ଣ ନିର୍ଭରଶୀଳ, ସେହି ଜିନିଷର ସଂରକ୍ଷଣ କରିବା, ତାହାକୁ ସଂରକ୍ଷିତ କରିବା ଜଣେ ଦାୟିତ୍ୱବାନ ନାଗରିକ ହିସାବରେ ସମସ୍ତଙ୍କର କର୍ତ୍ତବ୍ୟ । ନିଆଁ, ପାଣି ଓ ପବନ ବ୍ୟତୀତ ବିଜୁଳି ଜୀବନର ଚତୁର୍ଥ ଆବଶ୍ୟକତା ପାଲଟିଛି । ତେଣୁ ଶକ୍ତି ସଂରକ୍ଷଣ ପାଇଁ ଆମେ ସବୁ ପ୍ରକାର ପଦକ୍ଷେପ ନେବା ନିହାତି ଆବଶ୍ୟକ ବୋଲି ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି । ସମଗ୍ର ଓଡ଼ିଶାରେ ଶକ୍ତି ସଞ୍ଚୟ ପାଇଁ ଏହି ଜନସଚେତନତା ଅଭିଯାନ ଜାରି ରହିବ । ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ବୁଧବାର ଭୁବନେଶ୍ୱରରେ ଆୟୋଜିତ ଏକ ରୋଡ୍‌ଶୋ ରାଲିକୁ ଉଦ୍‌ବୋଧନ ଦେଇ ଶକ୍ତି ମନ୍ତ୍ରୀ ଏହା କହିଛନ୍ତି। ମନ୍ତ୍ରୀ ପତାକା ଉତ୍ତୋଳନ କରି ରାଲିର ଶୁଭାରମ୍ଭ କରିଥିଲେ। ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଜନସଚେତନତା ସୃଷ୍ଟି ପାଇଁ ଶକ୍ତି ସଂରକ୍ଷଣ ରାଲିରେ ଅଂଶଗ୍ରହଣ କରିଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ ଯେ ସହର ଏବଂ ଗ୍ରାମ ପଞ୍ଚାୟତର ପ୍ରମୁଖ ସ୍ଥାନମାନଙ୍କରେ ଶକ୍ତି ସଂରକ୍ଷଣ ଉପରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପ୍ରଦାନ କରାଯାଇଛି। ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହରେ ଶକ୍ତି ଦକ୍ଷତା ଓ ଶକ୍ତି ସଂରକ୍ଷଣ ଦିଗରେ ଅବଦାନ ପାଇଁ ବିଭିନ୍ନ ବର୍ଗରେ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଛି । ସେଣ୍ଟର ଫର୍ ଏନ୍‌ଭାଇରନମେଣ୍ଟ ଷ୍ଟଡିଜ୍ ପକ୍ଷରୁ ଆୟୋଜିତ ଚିତ୍ରାଙ୍କନ, ପ୍ରବନ୍ଧ ଓ କବିତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ଏହି ଅବସରରେ ପୁରସ୍କୃତ କରାଯାଇଛି।




**ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ**

# ଶୀତ ଗାଏବ

## ଅଧିକାଂଶ ସ୍ଥାନରେ କୁହୁଡ଼ି ସମ୍ଭାବନା

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

ରାଜ୍ୟରେ ଶୀତ ଗାଏବ ହୋଇଯାଇଛି। ରାତ୍ରିର ସର୍ବୋଚ୍ଚ ତାପମାତ୍ରା ୨୦ରୁ ୨୨ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହୁଛି। ଗତ କିଛିଦିନ ହେବ ରାଜ୍ୟରେ ଶୀତର ପ୍ରକୋପ ହ୍ରାସପାଇଛି। ସର୍ବନିମ୍ନ ତାପମାତ୍ରା ୫ରୁ ୬ ଡିଗ୍ରୀ ବୃଦ୍ଧି ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୧୪.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼ ୧୫.୫, ବଲାଙ୍ଗୀର ୧୫.୫, ଝାରସୁଗୁଡ଼ା ୧୫.୬, ଦାରିଙ୍ଗବାଡ଼ି ୧୬.୫, ବାରିପଦା ୧୬.୫, ହୀରାକୁଦ ୧୬.୬, ବରଗଡ଼ ୧୬.୬, ଦେବଗଡ଼ ୧୬.୯ ଏବଂ ଯାଜପୁରରେ ସର୍ବନିମ୍ନ ତାପମାତ୍ରା ୧୬.୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଥିବା ବେଳେ ପୁରୀରେ ସର୍ବାଧିକ ୨୨.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ପୁରୀ, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ବୌଦ୍ଧ, ଅନୁଗୋଳ ଓ କଟକ ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ନକଲି ଔଷଧ ଧରପଗଡ଼ ...

ରୁଜୁ କରାଯାଇଛି। ଏଥିମଧ୍ୟରେ କଟକର ଭି.ଆର୍.ଏଜେନ୍ସି, ପୂଜା ଏଣ୍ଟରପ୍ରାଇଜେସ୍, କ୍ୟାଲ ଏଜେନ୍ସି, ମହାବୀର ପ୍ରସାଦ ରାଧେଶ୍ୟାମ, ଶ୍ରୀ ଡିଷ୍ଟ୍ରିବ୍ୟୁଟର୍ସ ଏବଂ ଶ୍ରୀ ଏମ୍.ଏଚ୍ ଆଦି ଗୋଦାମରୁ ନକଲି ଔଷଧ ମିଳିଛି। ସେହିପରି ଝାରସୁଗୁଡ଼ା ଜିଲାର ଶ୍ୟାମ ମେଡିକାଲ ଓ ଅମିତ୍ ଏଜେନ୍ସି, ସୁନ୍ଦରଗଡ଼ର ପ୍ରକାଶ ମେଡିକାଲ ପ୍ରା.ଲିଃ, ବରଗଡ଼ର ଅଶୋକ ମେଡିକାଲ ହଲ୍, ସମ୍ବଲପୁରର ଦୁର୍ଗା ଏଜେନ୍ସି ଏବଂ କେନ୍ଦ୍ରାପଡ଼ାର ସାଇ ଟ୍ରେଡର୍ସ ଆଦି ଗୋଦାମରୁ ଚଢ଼ାଉ କରାଯାଇ ନକଲି ଔଷଧ ଜବତ କରାଯାଇଛି। ଏସବୁ ଏଜେନ୍ସି, ଗୋଦାମ ଓ ଦୋକାନ ବିରୋଧରେ ଡ୍ରଗ୍ସ ନିୟନ୍ତ୍ରଣ ଆଇନ୍ ଅନୁସାରେ ମାମଲା ରୁଜୁ କରାଯାଇଛି। ଦୋକାନଗୁଡ଼ିକରେ ଥିବା ପ୍ରତି ଔଷଧ ଷ୍ଟ୍ରିପ୍‌କୁ ଯାଞ୍ଚ କରାଯାଉଛି। ଲଗାତର ଭାବେ ଚଢ଼ାଉ ଜାରି ରଖି ନକଲି କାରବାର କରୁଥିବା ଲୋକ ଓ ଦୋକାନୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ସ୍ୱାସ୍ଥ୍ୟ ବିଭାଗର ଏଭଳି ନକଲି ଔଷଧ କାରବାର ଉପରେ ଚଢ଼ାଉ ଘଟଣାକୁ ସବୁଠି ପ୍ରଶଂସା କରାଯାଇଥିଲେ ମଧ୍ୟ ଏହା ପ୍ରତିଦିନ କରାଯାଉ ବୋଲି ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ଗତ ଅଗଷ୍ଟ ମାସରେ କଟକରେ ନକଲି ଔଷଧ କାରବାର ଧରାପଡ଼ିଥିଲା। ତାହା ରାଜ୍ୟ ବାହାରୁ ଆସିଥିବା ତଦନ୍ତବେଳେ ଜଣାପଡ଼ିଥିଲା। ଏହାପରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଦୁଇଜଣ ବ୍ୟବସାୟୀଙ୍କୁ ଗିରଫ ମଧ୍ୟ କରାଯାଇଥିଲା। ଏହି ଘଟଣା ପରେ ସାରା ରାଜ୍ୟରେ ନକଲି ଔଷଧ କାରବାର ଉପରେ ରୋକ ଲଗାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ଭୁବନେଶ୍ୱର, ସମ୍ବଲପୁର, ସୁନ୍ଦରଗଡ଼ରେ ମଧ୍ୟ ନକଲି ଔଷଧ ଧରାପଡ଼ିଥିଲା।

## ପାଇଖାନା ଟାଙ୍କିରେ ...

ପ୍ଲେଟ୍ ଦୁର୍ବଳ ଥିବାରୁ ଭାଙ୍ଗି ଯାଇଥିଲା। ଫଳରେ ଉଭୟେ ପାଇଖାନା ଟାଙ୍କି ଭିତରକୁ ଖସି ପଡ଼ିଥିଲେ। ତାଙ୍କ ଉପରେ ପ୍ଲେଟ୍‌ଟି ଭାଙ୍ଗି ପଡ଼ିଥିଲା। ବହୁ ସମୟ ଖୋଜାଖୋଜି କରିବା ପରେ ଉକ୍ତ ଟାଙ୍କି ଭିତରେ ଦୁଇ ଶିଶୁକନ୍ୟା ପଡ଼ିଯାଇଥିବା ଅଜାଘର ଲୋକେ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ସେମାନଙ୍କୁ ଉଦ୍ଧାର କରି ସୋରଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ଗଡ଼ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ମେଡିକାଲକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଏପରି ଦୁଃଖଦ ଘଟଣା ଘଟିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ହାତୀ ପରେ ମହାବଳ ...

ଧରିବା ପାଇଁ ଏସ୍‌ଟିଏଫ୍ ସହ ଯୋଗାଯୋଗ କରିଥିଲେ। ଏହି ଚମଡ଼ା କିଣିବା ପାଇଁ ୫ଲକ୍ଷ ଟଙ୍କାରେ ଡିଲ୍ କରାଯାଇଥିଲା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ବାରିପଦା-ଉଦଳା ରାସ୍ତାର ବିସିପୁର ଛକ ନିକଟରେ ରାତି ୨ଟା ସମୟରେ ଶିକାରୀ ଜଣକ ବାଘ ଚମଡ଼ା ଧରି ପହଞ୍ଚିଥିଲେ। ସାଙ୍ଗରେ ଅନ୍ୟ ୨ଜଣ ରହିଥିବାବେଳେ ଏସ୍‌ଟିଏଫ୍‌ର ଅଧିକାରୀମାନେ ଅଭିଯୁକ୍ତ ଦେବାଶିଷଙ୍କୁ ମାଡ଼ି ବସିଥିଲେ। ତେବେ ଅନ୍ଧାରର ସୁଯୋଗ ନେଇ ୨ଜଣ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ମୃତ ମହାବଳ ବାଘଟିର ବୟସ ୫ବର୍ଷ ହେବ ବୋଲି ଅନୁମାନ କରାଯାଉଥିବାବେଳେ ଏହାକୁ ଗତ ଜୁନ୍‌ରେ ଶିକାର କରାଯାଇଥିବା ଭିଡିଓରୁ ଜଣାପଡ଼ିଛି। ଚମଡ଼ାର ଲମ୍ବ ୭ଫୁଟ ଏବଂ ଓସାର ୫ଫୁଟ ରହିଛି। ବାଘଟିକୁ ଗୁଳିବିଦ୍ଧ କରାଯାଇ ଶିକାର କରାଯାଇଛି। ତେବେ ମହାବଳ ବାଘ ଶିକାର ଓ ଏହାର ଚମଡ଼ା ବିକ୍ରିକୁ ନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅଧିକାରୀଙ୍କ ନିକଟରେ କୌଣସି ସୂଚନା ନାହିଁ। ଶିମିଳିପାଳ ପ୍ରବେଶ ଉପରେ କଡ଼ାକଡ଼ି କଟକଣା ଜାରି କରାଯାଇଥିବା ବେଳେ ଶିକାରୀମାନେ କିପରି ଶିକାର କରୁଛନ୍ତି ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଶିକାରୀଙ୍କ ସହ ମିଳିମିଶି ଶିକାର କରୁଥିବା ବନ କର୍ମଚାରୀ ଓ ଅଧିକାରୀମାନଙ୍କ ଏକ ବଡ଼ ର୍‍ୟାକେଟ ଚାଲିଥିବା ଅଭିଯୋଗ ହେଉଛି। ପ୍ରତିଦିନ ଜନ୍ତୁ ଶିକାର କରାଯାଇ ହାଟ ବଜାରରେ ମାଂସ ବିକ୍ରି ହେଉଥିବାବେଳେ ବନ କର୍ମଚାରୀଙ୍କ ପାଖରେ କୌଣସି ଖବର ପହଞ୍ଚି ପାରୁନାହିଁ। ଅନ୍ୟପକ୍ଷରେ ଗିରଫ ଶିକାରୀଙ୍କ ନିକଟରେ ଅନ୍ୟ ଏକ ମହାବଳ ଓ କଲରାପତରିଆ ବାଘ ଚମଡ଼ା ସମେତ ୮କେ.ଜି. ଓଜନର ହାତୀ ଦାନ୍ତ ରହିଥିବା ନେଇ ଡିଲ୍ ବେଳେ ସେ ଜଣାଇଥିବା ବନ୍ୟପ୍ରାଣୀ ସଂରକ୍ଷକ ଆଚାର୍ଯ୍ୟ କହିଛନ୍ତି । ଏସ୍‌ଟିଏଫ୍ ଖୁବ୍‌ଶୀଘ୍ର ଚଢ଼ାଉ କରି ବାଘ ଚମଡ଼ା ଓ ହାତୀ ଦାନ୍ତ ଜବତ କରିବ ବୋଲି ପ୍ରାଣୀପ୍ରେମୀମାନେ ଆଶା ପ୍ରକଟ କରିଛନ୍ତି। ମହାବଳ ବାଘ ଶିକାରରେ ଅନ୍ୟ କେଉଁମାନେ ଜଡିତ ରହିଛନ୍ତି ତାହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ସଂଯୁକ୍ତା ବସା ଦାବି କରିଛନ୍ତି।

## ଭୂ-ପୃଷ୍ଠର ଜଳସ୍ତର ...

ପୂର୍ବରୁ ଭୂ-ପୃଷ୍ଠ ଜଳରାଶିକୁ ନେଇ କରାଯାଇଥିବା ଅଧ୍ୟୟନ ତୁଳନାରେ ଏସ୍‌ଡବ୍ଲ୍ୟୁଓଟି ମିଶନ ସଫଳତାର ସହ ଅଧିକ ତଥ୍ୟ ଉପଲବ୍ଧ କରାଇବ ବୋଲି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ କୁହାଯାଇଛି। ଜଳଚକ୍ରକୁ ବୁଝିବା, ଜଳବାୟୁ ପରିବର୍ତ୍ତନ ଦ୍ୱାରା ମହାସାଗରରେ ଦେଖାଯାଉଥିବା ପରିବର୍ତ୍ତନ ସହିତ ମରୁଡ଼ି ଓ ବନ୍ୟା ସଂକ୍ରାନ୍ତରେ ଅଧିକ ତଥ୍ୟ ଏସ୍‌ଡବ୍ଲ୍ୟୁଓଟି ତଥ୍ୟ ଯୋଗାଇବ। ଅନ୍ୟପକ୍ଷେ ଭୂ-ପୃଷ୍ଠରେ କେତେ ପରିମାଣରେ ଶୁଦ୍ଧଜଳ ଗଚ୍ଛିତ ହୋଇରହିଛି। ଭୂ-ପୃଷ୍ଠ ଜଳ ସମ୍ପର୍କିତ ଅନେକ ତଥ୍ୟ ଏହି ଉପଗ୍ରହ ଦ୍ୱାରା ହସ୍ତଗତ ହୋଇପାରିବ।

ଲସ୍ ଏଞ୍ଜେଲସରେ ଥିବା ନାସାର ଜେଟ୍ ପ୍ରୋପଲସନ୍ ଲାବୋରେଟୋରି ଏହି ସାଟେଲାଇଟ୍‌କୁ ନିର୍ମାଣ କରିଛି। ଦୀର୍ଘ ୨୦ ବର୍ଷ ଧରି ନାସାର ବୈଜ୍ଞାନିକମାନେ ଏସ୍‌ଡବ୍ଲ୍ୟୁଓଟି ମିଶନ୍ ଉପରେ କାର୍ଯ୍ୟ କରିଆସୁଛନ୍ତି। କଟିଂଏଜ୍ ମାଇକ୍ରୋୱେଭ୍ ରାଡାର ଟେକ୍ନୋଲୋଜି ବ୍ୟବହାରରେ ଏହି ଉପଗ୍ରହ ତିଆରି କରାଯାଇଛି। ମହାସାଗର, ନଦୀ, ହ୍ରଦ ଏବଂ ବଡ଼ ଜଳାଶୟଗୁଡ଼ିକ କିପରି ଭାବେ ବାୟୁମଣ୍ଡଳୀୟ ତାପକୁ ଗ୍ରହଣ କରୁଛି ଏବଂ ତାହାର କାର୍ଯ୍ୟ ପ୍ରଣାଳୀ ଉପରେ ଏସ୍‌ଡବ୍ଲ୍ୟୁଓଟି ତଥ୍ୟ ଯୋଗାଇବ। ସାଟେଲାଇଟ୍ ଦ୍ୱାରା ପ୍ରଦତ୍ତ ତଥ୍ୟକୁ ଆଧାର କରି ଭୂ-ପୃଷ୍ଠ ଜଳକୁ କିପରି ସଂରକ୍ଷିତ ରଖାଯିବ ଓ ଜଳର ଅପଚୟମାତ୍ରାକୁ କମାଯାଇ ପାରିବ ସେ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହଜ ହେବ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି।

## ହାଇକୋର୍ଟ ବେଞ୍ଚ ...

ହାଇକୋର୍ଟଠାରୁ ୩୦୦କିମି. ଦୂରରେ ଥିବା ସ୍ଥାନରେ ଅତିରିକ୍ତ ବେଞ୍ଚ ପ୍ରତିଷ୍ଠା କରାଯାଇପାରିବ। କମିଟି ରିପୋର୍ଟକୁ ଗ୍ରହଣ କରାଯାଇ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ କିଛି ବିଚାର କରାଯାଇ ପାରିଥାନ୍ତା, ହେଲେ ଆଇନଜୀବୀମାନଙ୍କ ଏଭଳି ଅଶୋଭନୀୟ ଆଚରଣ ଏବଂ ବିକ୍ଷୋଭ ଅତିରିକ୍ତ ବେଞ୍ଚ ପ୍ରତିଷ୍ଠା ଦ୍ୱାରକୁ ବନ୍ଦ କରିଦେଇଛି ବୋଲି ଖଣ୍ଡପୀଠ କହିଛନ୍ତି। ଏଭଳି ଉପରଠାଉରିଆ ଦାବିକୁ ନେଇ ସ୍ଥାୟୀ ବେଞ୍ଚ ସ୍ଥାନାନ୍ତର କିମ୍ବା ପ୍ରତିଷ୍ଠା କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିବା ସହ ଏହି ପ୍ରସଙ୍ଗ ଉପରେ ଆଲୋଚନାକୁ ବନ୍ଦ କରିଛନ୍ତି।

ଆଇନଜୀବୀଙ୍କ ବିକ୍ଷୋଭ ଏବଂ ଆନ୍ଦୋଳନ ରୋକିବାରେ ରାଜ୍ୟ ପୋଲିସ ବିଫଳ ହୋଇଥିବାରୁ ଓଡ଼ିଶା ଡିଜିପି ଏବଂ ସମ୍ବଲପୁର ଆଇଜିଙ୍କୁ ଭିଡିଓ କନ୍‌ଫରେନ୍ସ ଜରିଆରେ ବୁଧବାର ଉପସ୍ଥିତ ରହି କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅବଗତ କରାଇବାକୁ ସୋମବାର ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବୁଧବାର ପୋଲିସ ଡିଜି ସୁନୀଲ ବଂଶଲ ଏବଂ ଉତ୍ତରାଞ୍ଚଳ ଆଇଜି ଦୀପକ କୁମାର ଶୁଣାଣିରେ ଉପସ୍ଥିତ ଥିଲେ। ଗତ ୧୨ ତାରିଖରେ ଜିଲା ପୋଲିସ ସମ୍ପୂର୍ଣ୍ଣ ସଜାଗ ରହିଥିଲା। ଏପରି କି ୧୫ପ୍ଲାଟୁନ୍ ପୋଲିସ ମୁତୟନ ସହ କୋର୍ଟ ବାହାରେ ୧୪୪ଧାରା ଜାରି କରାଯାଇଥିଲା। ହେଲେ ଆଇନଜୀବୀଙ୍କ ଆନ୍ଦୋଳନରେ ବିଭିନ୍ନ ସଂଗଠନ ସାମିଲ ହେବା ଏବଂ ସେମାନଙ୍କ ସଂଖ୍ୟା ଅଧିକ ଥିବାରୁ ସେମାନଙ୍କୁ ରୋକିବାରେ ପୋଲିସ ସଫଳ ହୋଇ ନ ଥିଲା। ତେବେ ଏଭଳି ଘଟଣାର ପୁନରାବୃତ୍ତି ହେବ ନାହିଁ ଏବଂ ଶାନ୍ତି ବଜାୟ ରଖିବା ସହ ଅଦାଲତର କାର୍ଯ୍ୟ କିପରି ସୁଚାରୁରୂପେ ଚାଲିବ, ତାକୁ ନିଶ୍ଚିତ କରିବାର ଦାୟିତ୍ୱ ନିଜେ ନେବେ ବୋଲି ଡିଜିପି ବଂଶଲ ଏବଂ ଆଇଜି ଦୀପକ କୁମାର ଖଣ୍ଡପୀଠଙ୍କ ନିକଟରେ କହିଥିଲେ। ଅପରପକ୍ଷରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ପୋଲିସର କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବେ ନଜରରେ ରଖାଯିବ ବୋଲି ଖଣ୍ଡପୀଠ କହିଥିଲେ। ଏଥିସହିତ ଡିସେମ୍ବର ୧୨ରେ ସତ୍ୟାଗ୍ରହରେ ସାମିଲ ହୋଇଥିବା ଆଇନଜୀବୀଙ୍କ ବିରୋଧରେ ଅବମାନନା(କଣ୍ଟେମ୍ପ୍ଟ) ନୋଟିସ୍ ସର୍ବୋଚ୍ଚ ଅଦାଲତ ଜାରି କରିଛନ୍ତି। ଡିସେମ୍ବର ୧୨ରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ସତ୍ୟାଗ୍ରହ ଆନ୍ଦୋଳନ ଡାକରା ଦିଆଯାଇଥିଲା, ଯେଉଁଥିରେ ୨୬ଟି ଜିଲାର ଓକିଲମାନେ ସାମିଲ ହୋଇଥିଲେ ବୋଲି ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ସୂଚନା ଦିଆଯାଇଥିଲା। ଏହା ପରେ ଖଣ୍ଡପୀଠ ଆଇନଜୀବୀ ଶିବ ଶଙ୍କର ମିଶ୍ରଙ୍କୁ ଡିସେମ୍ବର ୧୨ ସତ୍ୟାଗ୍ରହରେ ସାମିଲ ହୋଇଥିବା ସମସ୍ତ ଆଇନଜୀବୀଙ୍କ ବିସ୍ତୃତ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୬କୁ ଧାର୍ଯ୍ୟ କରିଛନ୍ତି। ଏଥିସହିତ ପଶ୍ଚିମ ଓଡ଼ିଶା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ପାରିତ ହୋଇଥିବା ରିଜୋଲ୍ୟୁଶନକୁ ଖଣ୍ଡପୀଠ ଖାରଜ କରିବା ସହିତ ସେମାନଙ୍କ ଆନ୍ଦୋଳନକୁ ନିଃସର୍ତ୍ତ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ବାର କାଉନ୍‌ସିଲ ଅଫ୍ ଇଣ୍ଡିଆ(ବିସିଆଇ) କୋର୍ଟ ରୁମ୍ ଭଙ୍ଗାରୁଜା, ବିଚାରପତିଙ୍କ କାର୍ଯ୍ୟରେ ବାଧା ଏବଂ ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ସମ୍ବଲପୁର ଜିଲା ବାର୍ ଆସୋସିଏଶନର ୪୩ଜଣ ଆଇନଜୀବୀଙ୍କ ଲାଇସେନ୍ସକୁ ୧୮ମାସ ପାଇଁ ରଦ୍ଦ କରିଛନ୍ତି।

# 'ଜନଆନ୍ଦୋଳନ ଜାରି ରହିବ'



ସମ୍ବଲପୁର କଚେରି ଛକରେ ପୋଲିସ ମୁତୟନ।

**୧୪୪ ଧାରା ବଳବତ୍ତର**

**ସମ୍ବଲପୁର,୧୪।୧୨(ବ୍ୟୁରୋ)**

୫୦ବର୍ଷରୁ ଉର୍ଦ୍ଧ୍ୱ ହେବ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନ ସଫଳ ହେବା ଆଶାରେ ସୁପ୍ରିମକୋର୍ଟ ଅଙ୍କୁଶ ଲଗାଇଛନ୍ତି। ବୁଧବାର ସରକାର ଓ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷ ଶୁଣିବା ପରେ ସୁପ୍ରିମକୋର୍ଟ ରାଜ୍ୟରେ ହାଇକୋର୍ଟ ବେଞ୍ଚର କୌଣସି ଆବଶ୍ୟକତା ନାହିଁ। ଆଗକୁ ଆଶା ମଧ୍ୟ ନାହିଁ, ତେଣୁ ଆନ୍ଦୋଳନର ଯଥାର୍ଥତା ନାହିଁ ବୋଲି ରାୟ ଶୁଣାଇଛନ୍ତି। ଏହାସହ ସମ୍ବଲପୁର କୋର୍ଟ ପରିସରରେ ଭଙ୍ଗାରୁଜା, ବିଚାରପତିଙ୍କୁ କୋର୍ଟରୁ ବାହାର କରିବା ଘଟଣାରେ ପୋଲିସର ଅବହେଳାକୁ ଦାୟୀ କରିଛନ୍ତି। ରାଜ୍ୟ ସରକାର ଓ ରାଜ୍ୟ ପୋଲିସକୁ କଡ଼ା ସମାଲୋଚନା କରି ୧୪୪ଧାରା ନିର୍ଦ୍ଦେଶକୁ ବଳବତ୍ତର ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି) ଆବାହକ ଅଶୋକ କୁମାର ଦାଶ କହିଛନ୍ତି, ଆନ୍ଦୋଳନ ଭଣ୍ଡୁର କରିବାକୁ ଆଇନକୁ ଢ଼ାଲ କରାଯାଇଛି। ହେଲେ କୌଣସି ମତେ ଆନ୍ଦୋଳନ ବନ୍ଦ ହେବ ନାହିଁ। ରୂପରେଖ ହୁଏତ ବଦଳାଯିବ, ହେଲେ ଏହି ଜନ ଆନ୍ଦୋଳନ ଜାରି ରହିବ। ଲୋକଙ୍କୁ ସୁବିଧାରେ ନ୍ୟାୟ ଦେବାକୁ ପ୍ରତି ଜିଲାରେ ତିନିମାସ ଭିତରେ ହାଇକୋର୍ଟ କାର୍ଯ୍ୟ କରିବାକୁ ଅତ୍ୟାଧୁନିକ ସୁବିଧା ଥିବା ଏକ ହଲ୍ ନିର୍ମାଣ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ନ୍ୟାୟପାଳିକାର ବିକେନ୍ଦ୍ରୀକରଣ କରାଯିବ। ଏହି ନିଷ୍ପତ୍ତିକୁ ଦେଖାଗଲେ ହାଇକୋର୍ଟ ବେଞ୍ଚର ମଧ୍ୟ ଆବଶ୍ୟକତା ରହିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ହସ୍ତଗତ ହେବାପରେ ବୈଠକ ଡକାଯାଇ ଆନ୍ଦୋଳନ ସମ୍ପର୍କରେ ସ୍ଥିର କରାଯିବ ବୋଲି ଆବାହକ ଦାଶ କହିଛନ୍ତି। ସେହିପରି ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ବୁଧବାର କୋର୍ଟ ପରିସରକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ରଖାଯାଇଥିଲା । ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ୧୧ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ୧୪୪ ଧାରା ବଳବତ୍ତର ରହିଥିଲା। ଗୁରୁବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହା ବୃଦ୍ଧି କରାଯାଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଏସ୍‌ପି ଗଙ୍ଗାଧର କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ ସମ୍ବଲପୁର ଜିଲାର ବିଭିନ୍ନ ସଂଗଠନ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ ପ୍ରତିକ୍ରିୟାଶୀଳ ହୋଇପଡିଛନ୍ତି।

# ଭାରତ ଯୋଡ଼ୋ ଯାତ୍ରାରେ ରଘୁରାମ ରାଜନ

**ନୂଆଦିଲ୍ଲୀ,୧୪।୧୨**

କଂଗ୍ରେସ ପକ୍ଷରୁ ଚାଲିଥିବା ଭାରତ ଯୋଡ଼ୋ ଯାତ୍ରାରେ ନେତା ରାହୁଲ ଗାନ୍ଧୀଙ୍କ ସହ ଜଣେ ପରେ ଜଣେ ସେଲିବ୍ରିଟି ଓ ବିଶିଷ୍ଟ ବ୍ୟକ୍ତି ସାମିଲ ହେବାରେ ଲାଗିଛନ୍ତି। ଏହି କ୍ରମରେ ବୁଧବାର ସକାଳେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ଡ. ରଘୁରାମ ରାଜନ 'ଭାରତ ଯୋଡ଼ୋ ଯାତ୍ରା'ରେ ମିଶି ରାହୁଲଙ୍କ ସହିତ ପଦଯାତ୍ରା କରିଛନ୍ତି। ରାଜସ୍ଥାନର ସୱାଇ ମାଧୋପୁରରେ ପଦଯାତ୍ରା ବେଳେ ରଘୁରାମ ଓ ରାହୁଲ ଆଲୋଚନା କରୁଥିବା ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ଏକ ଭିଡିଓରେ ଦେଖିବାକୁ ମିଳିଛି। ଦେଶକୁ ଘୃଣା ବିରୋଧରେ ଏକଜୁଟ୍ କରିବା ପାଇଁ ଉଦ୍ଦିଷ୍ଟ ଏହି ଅଭିଯାନରେ ବିଶିଷ୍ଟ ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆମେ ସଫଳ ହେବା ବୋଲି ଏହା ଜଣାଇଦେଉଛି ବୋଲି କଂଗ୍ରେସ ପକ୍ଷରୁ କରାଯାଇଥିବା ଟୁଇଟ୍‌ରେ ଉଲ୍ଲେଖ କରାଯାଇଛି। ଏହା ଉପରେ ଭାଜପା ନେତା ଅମିତ ମାଲବ୍ୟ ଟୁଇଟ୍ କରି ଲେଖିଛନ୍ତି, ଆର୍‌ବିଆଇର ପୂର୍ବତନ ଗଭର୍ନର ରଘୁରାମ ରାଜନ କଂଗ୍ରେସ ଦ୍ୱାରା ନିଯୁକ୍ତ ଜଣେ ବ୍ୟକ୍ତି। ସେ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାରେ ମିଶିବାକୁ ନେଇ ବିସ୍ମିତ ହେବାର ନାହିଁ। ରଘୁରାମ ନିଜକୁ ପରବର୍ତ୍ତୀ ମନମୋହନ ସିଂ ବୋଲି ମନେକରନ୍ତି। ଭାରତର ଅର୍ଥନୀତି ଉପରେ ତାଙ୍କ ସୁବିଧାବାଦୀ ଟିପ୍ପଣୀକୁ ତିରସ୍କାର କରାଯିବା ଉଚିତ।

ପ୍ରକାଶ ଯେ ଏହା ପୂର୍ବରୁ ଅମୋଲ ପାଲେକର, ସନ୍ଧ୍ୟା ଗୋଖଲେ, ପୂଜା ଭଟ୍ଟ, ରିୟା ସେନ, ସୁଶାନ୍ତ ସିଂ, ମୋନା ଅମ୍ବେଗାଓଁକର, ରଶ୍ମି ଦେଶାଇ ଓ ଆକାଂକ୍ଷା ପୁରୀଙ୍କ ଭଳି ସିନେ ବ୍ୟକ୍ତିତ୍ୱ ଏବଂ ମେଧା ପାଟ୍‌କର ଓ ବକ୍ସର ବିଜେନ୍ଦର ସିଂଙ୍କ ପରି ବିଶିଷ୍ଟ ବ୍ୟକ୍ତି ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇସାରିଛନ୍ତି। ଏପରି କି ହଲିଉଡ୍ ଷ୍ଟାର ଜନ୍ କୁସାକ୍ ମଧ୍ୟ ସେପ୍ଟେମ୍ବର ୭ରେ ଆରମ୍ଭ ହୋଇଥିବା କଂଗ୍ରେସର ଏହି ଅଭିଯାନ ସପକ୍ଷରେ ଟୁଇଟ୍ କରିଥିଲେ। ଭାରତ ଯୋଡ଼ୋ ଯାତ୍ରା ଆସନ୍ତା ବର୍ଷ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ କଶ୍ମୀରରେ ଶେଷ ହେବ।

# କ୍ୟାବିନେଟ୍ ମନ୍ତ୍ରୀ ହେଲେ ଷ୍ଟାଲିନ୍‌ଙ୍କ ପୁଅ



ତାମିଲନାଡୁ ରାଜ୍ୟପାଳ ଆର୍‌ଏନ୍ ରବିଙ୍କ ସହ ମୁଖ୍ୟମନ୍ତ୍ରୀ ଏମ୍.କେ ଷ୍ଟାଲିନ୍ ଏବଂ ଉଦୟନିଧି ଷ୍ଟାଲିନ୍।

**ଚେନ୍ନାଇ,୧୪।୧୨:** ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନଙ୍କ ପୁଅ ତଥା ଡିଏମକେ ବିଧାୟକ ଉଦୟନିଧି ଷ୍ଟାଲିନ୍ ବୁଧବାର ଚେନ୍ନାଇର ରାଜଭବନରେ ଯୁବ କଲ୍ୟାଣ ଏବଂ କ୍ରୀଡ଼ା ବିକାଶ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ଏହି ସମୟରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ଏବଂ ତାଙ୍କ କ୍ୟାବିନେଟ ସହଯୋଗୀମାନେ ଉପସ୍ଥିତ ଥିଲେ। ମନ୍ତ୍ରିମଣ୍ଡଳରେ ଉଦୟନିଧିଙ୍କୁ ସାମିଲ କରାଯିବା ନେଇ ରାଜନୈତିକ ବିତର୍କ ଆରମ୍ଭ ହୋଇଛି। ଉଦୟନିଧି କ୍ୟାବିନେଟରେ ସାମିଲ ହେବା ପରେ ଦଳର କର୍ମୀମାନେ ଉତ୍ସାହିତ ହେବା ସହ

### ନୂତନ ଯୁଗର ବଂଶବାଦ ରାଜନୀତି: ବିରୋଧୀ

ଏହାକୁ ସୂର୍ଯ୍ୟୋଦୟ ଭଳି ଦେଖୁଛନ୍ତି। ବିରୋଧୀ ଏହାକୁ ପୁତ୍ରୋଦୟ ବୋଲି କହୁଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ବଂଶବାଦ ରାଜନୀତି କରୁଥିବା ଅଭିଯୋଗ ହୋଇଛି। ଉଦୟନିଧିଙ୍କୁ କ୍ୟାବିନେଟରେ ସାମିଲ କରାଯିବା ପରଠାରୁ ବିରୋଧୀ ଶାସକ ଡିଏମ୍‌କେକୁ ଟାର୍ଗେଟ କରୁଛନ୍ତି। ବିରୋଧୀ ଦଳ ଏଆଇଏଡିଏମ୍‌କେ ଏବଂ ଭାଜପା ଏହାକୁ 'ନୂତନ ଯୁଗର ବଂଶବାଦ ରାଜନୀତି' ବୋଲି କହିଛନ୍ତି।

# ୨୦୨୪ ପାଇଁ ପ୍ରସ୍ତୁତ ହେଲେଣି ସବୁ ଦଳ

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

- ଆଜି ନବୀନ ନିବାସରେ ବସିପାରେ ଗୁରୁତ୍ୱପୂର୍ଣ୍ଣ ବୈଠକ
- ୧୭ରେ ରାଜ୍ୟ ଗସ୍ତରେ ଆସୁଛନ୍ତି ସୁନୀଲ ବଂଶଲ
- ୧୮ରେ କଂଗ୍ରେସର ଜିଲା ସଭାପତି, ବିଧାୟକ,ଏମ୍‌ପିଙ୍କୁ ନେଇ ବୈଠକ

୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚନ ସମୟ ପୂର୍ବରୁ ହୋଇପାରେ ବୋଲି ରାଜନୈତିକ ମହଲରେ ଏକ ପ୍ରକାର ଚର୍ଚ୍ଚା ଚାଲିଛି। ତେବେ ଏଭଳି ସ୍ଥିତିରେ ସବୁ ଦଳ ନିଜ ନିଜର ସଙ୍ଗଠନ ସଜାଡ଼ିବା ଲାଗି ଉଦ୍ୟମ ଆରମ୍ଭ କରିବାକୁ ଯାଉଥିବା ଜଣାପଡ଼ିଛି। ଗୋଟିଏ ପଟେ ଭାଜପା କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଆସନ୍ତା ୧୭ରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ସେ ୨୦୨୪ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବେ। ଏନେଇ ଦଳର କୋର୍ କମିଟି ସହିତ ଏକ ବୈଠକ କରିବେ। ଏଥିରେ ଜିଲା ପ୍ରଭାରୀ ବିଭିନ୍ନ ମୋର୍ଚ୍ଚା ସଭାପତିମାନେ ରହିବେ ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି। ସେହିପରି କଂଗ୍ରେସର ଆସନ୍ତା ୧୮ରେ ରାଜ୍ୟର ସବୁ ଜିଲା ସଭାପତି, ବିଧାୟକ, ଏମ୍‌ପି ଏବଂ ବରିଷ୍ଠ ନେତାମାନଙ୍କ ସହ ବୈଠକ ହେବ ବୋଲି ଜଣାପଡ଼ିଛି। ତେବେ ଶାସକ ଦଳ ମଧ୍ୟ ଏବେଠାରୁ ୨୦୨୪ ପାଇଁ ତା'ର ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିଦେଲାଣି। ଏହାକୁ ନଜରରେ ରଖି ବୋଧହୁଏ ଦଳର ବିଧାୟକ ସୁଶାନ୍ତ ସିଂ ଦଳ ଆସନ୍ତା ସାଧାରଣ ନିର୍ବାଚନରେ ୧୨୫ ଆସନ ଦଖଲ କରିବ ବୋଲି ଗଣମାଧ୍ୟମ ଆଗରେ ଦୃଢ଼ୋକ୍ତି ଦେଖାଉଛନ୍ତି। ତେବେ ପଦ୍ମପୁର ଉପନିର୍ବାଚନ ଫଳାଫଳକୁ ଦେଖି ହିଁ ସବୁ ଦଳ ନିଜର ସଙ୍ଗଠନ ସଜାଡ଼ିବାକୁ ଯୋଜନା କରିଛନ୍ତି। ଶାସକ ଦଳ ଲାଗି ଆସନ୍ତା ନିର୍ବାଚନରେ ଟିକେଟ ବଣ୍ଟନ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେବାକୁ ଯାଉଥିବା ବେଳେ ଦଳରେ ଏହା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି। ଗୁରୁବାର ନବୀନ ନିବାସରେ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ ବୋଲି ଜଣାପଡ଼ିଛି। ଅନ୍ୟପଟେ ଆସନ୍ତା ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ଯାଇ ଏହି ନିର୍ବାଚନମଣ୍ଡଳୀ ଭୋଟରଙ୍କୁ ଧନ୍ୟବାଦ ଦେବା ସହ ୨୦୨୪ ପୂର୍ବରୁ ଏହା ପ୍ରଚାର ଆରମ୍ଭ ବୋଲି ବିରୋଧୀଙ୍କୁ ବାର୍ତ୍ତା ହେବା ନେଇ ଚର୍ଚ୍ଚା ହେଉଛି।

ତେବେ ଆଗୁଆ ନିର୍ବାଚନ କଥାକୁ ନେଇ ବିଜେଡି ବିଧାୟକ ସୁଶାନ୍ତ ସିଂ କହିଛନ୍ତି, ଯାହାର ପ୍ରତି ନିର୍ବାଚନମଣ୍ଡଳୀରେ ଲୋକପ୍ରିୟତା ଥିବ, ଯିଏ ଭୋଟରଙ୍କ ସୁଖଦୁଃଖରେ ଠିଆ ହେଉଥିବ ଏବଂ ଜିତିବା ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ କୌଣସି ପ୍ରକାର ପ୍ରଭାବିତ ନ ହୋଇ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିକେଟ ଦେବେ। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ୧୪୭ ନିର୍ବାଚନମଣ୍ଡଳୀର ସ୍ଥିତି ସମ୍ପର୍କରେ ସମୀକ୍ଷା କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ସୁଶାନ୍ତ କହିଛନ୍ତି।

ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଆଗାମୀ ଦିନରେ ଦଳ କାହାକୁ ପ୍ରାର୍ଥୀ କରିବ ସେନେଇ ଚିନ୍ତା, ମାନସମନ୍ଥନ ଏବଂ ପ୍ରକ୍ରିୟା ଚାଲିଛି। ସଙ୍ଗଠନ ଉପରେ ଏବଂ ଅପରାଗ ସରକାର ବିରୋଧରେ ଆନ୍ଦୋଳନ ଦିଗରେ ମଧ୍ୟ ଫୋକସ୍ ରହିଛି। ୨୦୨୪ ପରିବର୍ତ୍ତନର ବର୍ଷ ହେବ ବୋଲି ହରିଚନ୍ଦନ କହିଛନ୍ତି।

କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରା କହିଛନ୍ତି, ଏଆଇସିସି( ଅଖିଳ ଭାରତ କଂଗ୍ରେସ କମିଟି) ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁମାନେ ରାଜ୍ୟଗୁଡ଼ିକର ପ୍ରଭାରୀ ଭାବେ ନିଯୁକ୍ତ ହୋଇଛନ୍ତି ସେମାନେ ମାସକୁ ଅନ୍ୟୂନ ୧୦ ଦିନ ସେଠାରେ ରହି ସଙ୍ଗଠନ କଥା ବୁଝିବେ। ୧୮ରେ ଦଳର ବରିଷ୍ଠ ନେତା, ଜିଲା ସଭାପତିମାନଙ୍କୁ ଡାକି ସଙ୍ଗଠନ କଥା ବୁଝିବେ ବୋଲି ବେହେରା କହିଛନ୍ତି।

# ନିର୍ବାଚନ କରାଇବାକୁ ଭୟ କରୁଛି ଭାଜପା: ଓମାର



ଓମାର ଅବଦୁଲ୍ଲା

**ଶ୍ରୀନଗର,୧୪।୧୨:** ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ ତଥା ଜମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କେନ୍ଦ୍ର ଭାଜପା ସରକାର ଉପରେ ବର୍ଷିଛନ୍ତି। ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲା ଅନ୍ତର୍ଗତ ପହଲଗ୍ରାମରେ ବୁଧବାର ଏକ ଦଳୀୟ କାର୍ଯ୍ୟକ୍ରମରେ ଭାଗ ନେବାକୁ ଆସିଥିବା ଓମାର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, ଜମ୍ମୁ କଶ୍ମୀରରେ ନିର୍ବାଚନ କରାଇବାକୁ ଭାଜପା ଭୟ କରୁଛି। ସେମାନଙ୍କ ପାଖରେ ସାହସ ନାହିଁ। ଆମେ ଅପେକ୍ଷା କରିଛୁ ସେମାନେ ସାହସ ଜୁଟାଇ କେବେ ନିର୍ବାଚନ କରିବେ। ଆମେ ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ, କିନ୍ତୁ ଏଥିଲାଗି ଭିକ୍ଷା ମାଗିବା ପାଇଁ ସେମାନଙ୍କ ପାଖକୁ ଯିବୁ ନାହିଁ। ଓମାର ଆହୁରି ମଧ୍ୟ କହିଛନ୍ତି ଯେ, ଜମ୍ମୁ କଶ୍ମୀରରେ ସରକାର ଗଠନ କରିବା ପରେ ଆମେ ଜନ ସୁରକ୍ଷା ଆଇନ (ପିଏସଏ)କୁ ରଦ୍ଦ କରିବୁ।


ଇଂଜୀନିୟର୍ସ ଇଂଡିୟା ଲିମିଟେଡ (ଭାରତ ସରକାର କା ଉପକ୍ରମ) ENGINEERS INDIA LIMITED (A Govt. of India Undertaking)

**ଭୁବନେଶ୍ୱର (ଓଡ଼ିଶା) ରେ ଗ୍ରୀନଫିଲ୍ଡ ଆଇଟି ଭିତ୍ତିଭୂମି ପ୍ରକଳ୍ପ ସ୍ଥାପନ ପାଇଁ ସିଭିଲ୍, ଷ୍ଟ୍ରକଚରାଲ୍, ଫେସେଡ୍ ଏବଂ ଆନୁସଙ୍ଗିକ ବାହ୍ୟ ବିକାଶ କାର୍ଯ୍ୟ ଟେଣ୍ଡର ପାଇଁ ଘରୋଇ ବିଡରମାନଙ୍କୁ ପ୍ରି-ନୋଟିସ୍ ଏବଂ ପ୍ରି-ଟେଣ୍ଡର ମିଟ୍ ପାଇଁ ନିମନ୍ତ୍ରଣ**

ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍ (ଇ.ଆଇ.ଏଲ.), ଏକ ପ୍ରମୁଖ ଆର୍ଥିକ ନିୟାମକ ସଂସ୍ଥା ତରଫରୁ, ଘରୋଇ ବିଡରମାନଙ୍କୁ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ପ୍ରିଟେଣ୍ଡର ମିଟ୍ ରେ ଯୋଗଦେବାକୁ ଆମନ୍ତ୍ରଣ କରୁଅଛି:

| ବିବରଣୀ | ପ୍ରି-ଟେଣ୍ଡର ମିଟ୍ ତାରିଖ ଏବଂ ସମୟ | ଭିଡ଼ିଓ କନଫରେନସିଂ ସିଷ୍ଟମ ମାଧ୍ୟମରେ |
|---|---|---|
| ସିଭିଲ୍, ଷ୍ଟ୍ରକଚରାଲ୍, ଫେସେଡ୍ ଏବଂ ଆନୁସଙ୍ଗିକ ବାହ୍ୟ ବିକାଶ କାର୍ଯ୍ୟ (ପ୍ରି-ଟେଣ୍ଡର ମିଟ୍ ପାଇଁ ଟେଣ୍ଡର ଆଇଡି: 2022_EIL_728501) | ଡିସେମ୍ବର 16, 2022 ଦିବା 11:00 ଘଣ୍ଟା (IST) | ୱେବେକ୍ସ ବିବରଣୀ ଇ-ଟେଣ୍ଡର ୱେବସାଇଟରେ ଉପଲବ୍ଧ ହେବ : https://eprocure.gov.in/eprocure/app |

ବିଡ୍ ପାଇଁ ବିସ୍ତୃତ ଆମନ୍ତ୍ରଣ (IFB) ଏବଂ ଅଣ-ପ୍ରକାଶ ଚୁକ୍ତିନାମା (NDA) ସହିତ ବିଡିଂ ଡକ୍ୟୁମେଣ୍ଟ ଯଥାଶୀଘ୍ର ଇ-ଟେଣ୍ଡର ୱେବସାଇଟ୍: http://eprocure.gov.in/eprocure/app ରେ ପ୍ରକାଶ ପାଇବ । ଅଣ ପ୍ରକାଶ ଚୁକ୍ତିନାମା କାର୍ଯ୍ୟକାରୀ କରିବା ପରେ IFB ଏବଂ ବିଡିଂ ଡକ୍ୟୁମେଣ୍ଟ ଡାଉନଲୋଡ୍ କରିବା ପାଇଁ ବିଡରମାନଙ୍କୁ ନିୟମିତ ଉପରୋକ୍ତ ୱେବସାଇଟ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଅଛି ଲିଙ୍କ୍ EIL ଟେଣ୍ଡର ୱେବସାଇଟ୍ http://tenders.eil.co.in ରେ ମଧ୍ୟ ଉପଲବ୍ଧ ହେବ । ନିଜକୁ ଅପଡେଟ୍ ରଖିବା ପାଇଁ ବିଡରମାନେ ନିୟମିତ ଭାବରେ ଉପରୋକ୍ତ ୱେବସାଇଟ୍ ଗୁଡିକୁ ପରିଦର୍ଶନ କରିବା ଉଚିତ୍ ହେବ ।

ଏସଜିଏମ (ଏସସିଏମ-ସି ଆଣ୍ଡ ପି), ଇଆଇଏଲ







# ଏସ୍‌ପି ଅଫିସ ଘେରିଲା ଭାଜପା



ବଲାଙ୍ଗୀର ଏସ୍‌ପି ଅଫିସ ଘେରାଉ କରିବାକୁ ଯାଉଥିବା ଜିଲା ଭାଜପାର ନେତା ଓ କର୍ମୀ।

ନୀତିନ କୁଶଲକରଙ୍କୁ ସାକ୍ଷାତ୍ କରି ଭାଜପା ଟିମ୍ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ପଚାରିଥିଲେ। ଏହି ଘଟଣାରେ ସୁରେଶ ନାଏକ ଏବଂ ବିଷ୍ଣୁ ପଟେଲଙ୍କୁ ଗିରଫ କରାଯାଇଛି ଓ ଫେରାର ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି ବୋଲି ଏସ୍‌ପି କୁଶଲକର କହିଥିଲେ। ଏ ଦିଗରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଭାଜପା ଟିମ୍‌କୁ କହିଥିଲେ। ପରେ ଭାଜପା ପକ୍ଷରୁ ଏସ୍‌ପିଙ୍କୁ ଏକ ଦାବିପତ୍ର ଦିଆଯାଇ ବିଧାୟକଙ୍କ ସୁରକ୍ଷା ଲୋଡାଯାଇଥିଲା।






### ବିଧାୟକଙ୍କ ଗାଡ଼ିକୁ ଅଣ୍ଡାମାଡ଼ ଘଟଣାର ପ୍ରତିବାଦ

**ବଲାଙ୍ଗୀର ଅଫିସ, ୧୪।୧୨**

- ଅଣ୍ଡାମାଡ଼ କରିଥିବା ଅଭିଯୁକ୍ତଙ୍କୁ ୩୦୭ ଦଫା ଲଗାଅ
- ୨ ବିଜେଡି କର୍ମୀଙ୍କୁ କୋର୍ଟଚାଲାଣ କଲା ପୋଲିସ

ପୁଇଁତଲା ମଣ୍ଡି ପରିଦର୍ଶନରେ ଯାଇଥିବା ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ ଘଟଣାର ପ୍ରତିବାଦ କରିଛି ଭାଜପା। ଅଣ୍ଡାମାଡ଼ କରିଥିବା ବିଜେଡି କର୍ମୀଙ୍କ ବିରୋଧରେ ୩୦୭ ଦଫାରେ କାର୍ଯ୍ୟାନୁଷ୍ଠାନ ଦାବି କରି ବୁଧବାର ଦଳ ପକ୍ଷରୁ ବଲାଙ୍ଗୀର ଏସ୍‌ପି ଅଫିସ ଘେରାଉ କରାଯାଇଥିଲା। ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତିଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ଶତାଧିକ ଦଳୀୟ କର୍ମୀ ଓ ନେତା ଏସ୍‌ପି ଅଫିସ ସମ୍ମୁଖକୁ ଆସି ନାରାବାଜି କରିଥିଲେ। ବିଜେଡିର ଗୁଣ୍ଡାଗର୍ଦ୍ଦି, ଜିଲାରେ ଚାଷୀଙ୍କ ଧାନ କଟ୍‌ନି ଛଟ୍‌ନି, ଲୁଟ୍ ପ୍ରକ୍ରିୟାରେ ସେମାନେ ଶାସକ ଦଳର ସମ୍ପୃକ୍ତି ଅଭିଯୋଗ କରିଥିଲେ। ଏହି ଶୋଭାଯାତ୍ରାରେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ଭାଜପା ନେତା ଅନନ୍ତ ଦାଶ, ମହେନ୍ଦ୍ର ଠାକୁର, ମୁକେଶ ଜୈନ, ପଙ୍କଜିନୀ ପଣ୍ଡା, ପ୍ରଭାସ ପାଣିଗ୍ରାହୀ, ମାଧବ ଚନ୍ଦ୍ର ସାଏ, ଅନିଲ ପାଣିଗ୍ରାହୀ, ପୀତାମ୍ବର ଖମାରୀଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ଜିଲା ଭାଜପା ସଭାପତି ମହାନ୍ତି କହିଥିଲେ ଯେ, ଲୋଇସିଂହା ବିଧାୟକ ମହାଲିଙ୍ଗ ଚାଷୀଙ୍କ ସ୍ୱାର୍ଥରକ୍ଷା ଦୃଷ୍ଟିରୁ ମଣ୍ଡି ପରିଦର୍ଶନ କଲାବେଳେ ଧାନ କଟ୍‌ନି କରି ଅର୍ଥ ଆତ୍ମସାତ୍ କରୁଥିବା ବିଜେଡି ଗୁଣ୍ଡାମାନେ ତାଙ୍କ ଗାଡିକୁ ଅଣ୍ଡାମାଡ଼ କରିଛନ୍ତି। ଏହା ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ। ଏହା ସହିତ ପୋଲିସ ଓ ବିଧାୟକଙ୍କ ସମ୍ମୁଖରେ ଭାଜପା କର୍ମୀଙ୍କୁ ମାଡ଼ ମାରିବାକୁ ସେ ଦୃଢ଼ ନିନ୍ଦା କରିଥିଲେ। ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଙ୍କୁ ଅଣ୍ଡାମାଡ଼ ଘଟଣାରେ ଭାଜପା କର୍ମୀଙ୍କ ବିରୋଧରେ ୩୦୭ ଦଫାରେ ମାମଲା ରୁଜୁ କରାଯାଇଥିଲା। ଏବେ ବିଧାୟକଙ୍କୁ ଅଣ୍ଡାମାଡ଼ରେ ମଧ୍ୟ ୩୦୭ ଦଫାରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ସେ ଦାବି କରିଥିଲେ। ବିଧାୟକ ମହାଲିଙ୍ଗ କହିଥିଲେ ଯେ, ଚାଷୀଙ୍କ ଧାନ କୁଇଣ୍ଟାଲ ପିଛା ୪ରୁ ୧୦ କେଜି ପର୍ଯ୍ୟନ୍ତ କଟ୍‌ନି କରାଯାଉଛି। ଏଭଳି ଅଭିଯୋଗ ପାଇବା ପରେ ସେ ମଣ୍ଡି ପରିଦର୍ଶନ ନିଷ୍ପତ୍ତି ନେଇଥିଲେ। ପୁଇଁତଲା ମଣ୍ଡିରେ ବିଜେଡି ଜିଲା ଉପସଭାପତି ସୁରେଶ ନାଏକ ମଣ୍ଡି ସଭାପତି ଅଛନ୍ତି। ସେଠାରେ ଚାଲିଥିବା ଧାନ କଟ୍‌ନି ଛଟ୍‌ନିକୁ ଲୁଚାଇବା ପାଇଁ ବିଜେଡି ବ୍ଲକ୍ ସଭାପତି ବିଷ୍ଣୁ ପଟେଲ ଓ ସମର୍ଥକଙ୍କ ସହ ତାଙ୍କ ଗାଡିକୁ ଅଣ୍ଡାମାଡ ଓ ଭାଜପା କର୍ମୀଙ୍କୁ ଆକ୍ରମଣ କରିଥିଲେ ବୋଲି କହିଥିଲେ। ଏସପି




ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହିଁ– ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ପାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। –ଶ୍ରୀଅରବିନ୍ଦ

# ଏକ ଅବାସ୍ତବ ପ୍ରୟାସ



ଲିଲି ଫୁହର୍

ଜଳବାୟୁ ପରିବର୍ତ୍ତନର ଅନିଶ୍ଚିତ ସ୍ଥିତି ପାଶ୍ଚାତ୍ୟ ଦେଶ ଓ ବିଶ୍ୱର ଅତି ଧନୀମାନଙ୍କ ଜୀବନଶୈଳୀ ପ୍ରତି ବିପଦ ସୃଷ୍ଟି କରିଛି। ଏହି ସ୍ଥିତିରେ ଜୀବାଶ୍ମ ଇନ୍ଧନ ନିର୍ଭରଶୀଳତାକୁ ତୁରନ୍ତ ପରିହାର କରିବା ପାଇଁ ସାମାଜିକ ଓ ଆର୍ଥିକ ଦୃଷ୍ଟିକୋଣରୁ ପ୍ରତିଷ୍ଠିତ ବୁଦ୍ଧିଜୀବୀମାନଙ୍କ ଦାବି ଶୁଣିବାକୁ ଆମେ ଆଶା କରୁ। କିନ୍ତୁ ଏହା ବଦଳରେ 'ସୂର୍ଯ୍ୟଙ୍କୁ କ୍ଷୀଣ କରିବା' ଅର୍ଥାତ୍ ସୌରରଶ୍ମି ଉତ୍ତାପ ହ୍ରାସ କରିବା ଭଳି ଏକ ବିବାଦୀୟ ସିଦ୍ଧାନ୍ତ ସାମ୍ନାକୁ ଆସୁଛି। ବିଜ୍ଞାନର ଉକ୍ତ କଳ୍ପିତ ବା ଅବାସ୍ତବ ପଦ୍ଧତି ହେଉଛି ସୋଲାର ଜିଓଇଞ୍ଜିନିୟରିଂ (ଏକ ପ୍ରକାର କ୍ଲାଇମେଟ୍ ଇଞ୍ଜିନିୟରିଂ ଯେଉଁଥିରେ ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବା ପାଇଁ ସୂର୍ଯ୍ୟାଲୋକ ବା ସୌର ବିକିରଣକୁ ମହାକାଶକୁ ଫେରାଇ ଦେବାର ପ୍ରକ୍ରିୟା)। ଏହା ମାଧ୍ୟମରେ ସୂର୍ଯ୍ୟରୁ ବାୟୁମଣ୍ଡଳରେ ପ୍ରବେଶ କରୁଥିବା ଶକ୍ତି ମାତ୍ରା ହ୍ରାସ କରି ପୃଥିବୀର ତାପମାତ୍ରାକୁ କମ୍ କରାଯାଇପାରିବ ବୋଲି ଦାବି କରାଯାଉଛି। ହ୍ୱାଇଟ ହାଉସ୍ ବି ଏ ସମ୍ପର୍କରେ ଗବେଷଣା ଲାଗି ପାଣ୍ଠି ଯୋଗାଇ ଦେଉଛି। କିନ୍ତୁ ମନେ ରଖିବାକୁ ହେବ ଯେ, ଏହା ବିପର୍ଯ୍ୟୟ ପାଇଁ ଏକ ପ୍ରସ୍ତୁତି।

ଏବେ ଷ୍ଟ୍ରାଟୋସ୍ଫିୟରିକ ଏରୋସୋଲ ଇଞ୍ଜେକସନ (ଏସ୍ଏଆଇ) ଭଳି ଜ୍ଞାନକୌଶଳଭିତ୍ତିକ ପଦ୍ଧତିରେ ବାୟୁମଣ୍ଡଳର ଉପର ସ୍ତରରେ କ୍ଷୁଦ୍ର କଣିକାସବୁ ସ୍ପ୍ରେ କରାଯାଇ ସୌର ବିକିରଣକୁ ମହାକାଶକୁ ଫେରାଇଦେବା ଦ୍ୱାରା ଭୂପୃଷ୍ଠର ତାପମାତ୍ରା କମ୍ କରାଯାଇପାରିବ କୁହାଯାଉଛି। କେତେ ଜଣଙ୍କ ଦ୍ୱାରା ଏହି ସିଦ୍ଧାନ୍ତ ଗ୍ରହଣୀୟ ହେଉଥିବାବେଳେ କିଛି ବିବାଦ ବି ଉଠୁଛି। କୁହାଯାଉଛି, ୨୦୧୫ ପ୍ୟାରିସ ଜଳବାୟୁ ବୁଝାମଣା ଅନୁଯାୟୀ ପୃଥିବୀର ହାରାହାରି ତାପମାତ୍ରା ୧.୫ ଡିଗ୍ରୀ ସେଲ୍ସିୟସରେ ସୀମିତ ରଖିବାରେ ବିଳମ୍ବ ଘଟିବାରୁ ଆମେ ଏକ ବିକଳ୍ପ ରଣନୀତି ଉପରେ କାମ କରିବାକୁ ଯାଉଛୁ। ପ୍ୟାରିସ ବୁଝାମଣା ଲକ୍ଷ୍ୟରୁ ଓହରିଯିବା ମାନେ ଏହା କାର୍ବନ ନିର୍ଗମନକାରୀମାନଙ୍କ ପାଇଁ ଏକ ବରଦାନ ହେବ ବୋଲି ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା(ଆଇଇଏ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଫାତି ବିରୋଲ କହିଛନ୍ତି। ଧାରଣା ରହିଛି ଯେ, ସୋଲାର ଜିଓଇଞ୍ଜିନିୟରିଂ ସବୁବେଳେ ଏକ ବିକଳ୍ପ ରଣନୀତି ହୋଇ ରହିବ, କିନ୍ତୁ ଏହା ଭାବିବା ଭୁଲ ଏବଂ ବିପଜ୍ଜନକ।

ଏହି ପଦ୍ଧତିରେ ପୃଥିବୀର ତାପମାତ୍ରାକୁ ଆମେ ନିୟନ୍ତ୍ରଣ କରିବାପାରିବା ବୋଲି ଯାହା କୁହାଯାଉଛି ତାହାକୁ ବିଶେଷଜ୍ଞମାନେ ଗ୍ରହଣ କରୁନାହାନ୍ତି। ଇଣ୍ଟରଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ ଚେଞ୍ଜ ସତର୍କ କରିଦେଇଛି ଯେ, ସୋଲାର ଜିଓଇଞ୍ଜିନିୟରିଂ ଏକ ବିଶ୍ୱସନୀୟ ସମାଧାନ ପନ୍ଥା ନୁହେଁ। କ୍ଲାଇମେଟ ମଡେଲଗୁଡ଼ିକ ଦର୍ଶାଇଛି ଯେ,ସୌରରଶ୍ମି ହ୍ରାସ କରି ବୈଶ୍ୱିକ ତାପମାତ୍ରା କମାଇଲେ ବାୟୁମଣ୍ଡଳରେ ବିରାଟ ପରିବର୍ତ୍ତନ ହେବା ସହ ମୌସୁମୀ ବଦଳିଯିବ ; ଯାହାର ପ୍ରଭାବ ଦେଶଗୁଡ଼ିକରେ ସ୍ପଷ୍ଟ ହୋଇଛି। ଏସ୍ଏଆଇ ଭଳି ସୋଲାର ଜିଓଇଞ୍ଜିନିୟରିଂ ଟେକ୍ନୋଲୋଜି କାର୍ଯ୍ୟକାରୀ କରିବା ଲାଗି ଅନ୍ତର୍ଜାତୀୟ ସହଯୋଗ ଆବଶ୍ୟକ ହେବ। ଭୂପୃଷ୍ଠର ଊର୍ଦ୍ଧ୍ୱରେ ରସାୟନଯୁକ୍ତ କ୍ଷୁଦ୍ରକଣିକା ସ୍ପ୍ରେ କରିବା ଭଳି ଏରୋପ୍ଲେନଗୁଡ଼ିକର ଉପଲବ୍ଧତାକୁ ନେଇ ସରକାରଗୁଡ଼ିକ ଏକ ହୋଇ କାମ କରିବାକୁ ହେବ। ଏଥିପାଇଁ କେବଳ ଶକ୍ତିଶାଳୀ ଦେଶଗୁଡ଼ିକ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ପାରିବେ। ରାସାୟନିକ କଣିକା ସୃଷ୍ଟି କରିବା ସହ ତାହାର ଉତ୍ପାଦନ ପାଇଁ ମଧ୍ୟ ପର୍ଯ୍ୟାପ୍ତ ଭାବେ ଅତିରିକ୍ତ ଭିତ୍ତିଭୂମି ଆବଶ୍ୟକ ହେବ ଏବଂ ଏସବୁ ବହୁ ଦଶନ୍ଧି କିମ୍ବା ଦୀର୍ଘଦିନ ଧରି ରହିବା ଦରକାର। ଦେଶରେ ଯେଉଁ ସରକାର ଏହା ଆରମ୍ଭ କରିବେ ଓ ତାହା ପରିବର୍ତ୍ତନ ହେବା ପରେ ଯଦି ନୂଆ ସରକାର କ୍ଷୁଦ୍ର ରାସାୟନିକ କଣିକା ସ୍ପ୍ରେ କରିବା ବନ୍ଦ କରିଦିଅନ୍ତି , ତେବେ ସୌର ତାପମାତ୍ରା କମ୍ କରିବା ପ୍ରକ୍ରିୟା ଠପ୍ ହୋଇଯିବ ଓ ଏବେ ବୈଶ୍ୱିକ ତାପମାତ୍ରା ଯେଉଁଭଳି ବୃଦ୍ଧି ପାଉଛି ସେହିଭଳି ସ୍ଥିତି ଉପୁଜିବ।



ଏଭଳି ସତର୍କତା ପରେ ହାଭାର୍ଡ ବିଶ୍ୱବିଦ୍ୟାଳୟ ଏସ୍ଏଆଇ ସହ ଜଡ଼ିତ ଉପକରଣଗୁଡ଼ିକର ପରୀକ୍ଷା କରିବାକୁ ସ୍ଥିର କରିଛି, ଯାହା କି ଏକ ବିବାଦୀୟ ଗବେଷଣାଭିତ୍ତିକ କାର୍ଯ୍ୟକ୍ରମ। ଏହି ପଦ୍ଧତିକୁ ନିୟନ୍ତ୍ରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ସେଥିପାଇଁ ଶହ ଶହ ଗବେଷକ ଓ ବୁଦ୍ଧିଜୀବୀ ଟେକ୍ନୋଲୋଜି ପାଇଁ ସରକାରୀ ପାଣ୍ଠି ଯୋଗାଣ ଓ ବାହାରେ ପରୀକ୍ଷା କରିବା, ପାଣ୍ଟେଟ ଏବଂ ତାହାର କାର୍ଯ୍ୟକାରିତା ଉପରେ ପ୍ରତିବନ୍ଧକ ଲଗାଇବା ସହ ଅନ୍ତର୍ଜାତୀୟ ମଞ୍ଚରେ ଏହାର ସମର୍ଥନ ଓ ନୀତି ଉପରେ ଆଲୋଚନାକୁ ପ୍ରତିରୋଧ କରିବା ସକାଶେ ଏକ ସୋଲାର ଇଞ୍ଜିନିୟରିଂ ନନ୍-ୟୁଜ୍ ଏଗ୍ରିମେଣ୍ଟ କରିବାକୁ ଦାବି କରୁଛନ୍ତି। ପ୍ରତିଷ୍ଠିତ ଆଇନଜୀବୀମାନେ କହନ୍ତି ଯେ, ସୋଲାର ଜିଓଇଞ୍ଜିନିୟରିଂକୁ ନେଇ ଅନ୍ତର୍ଜାତୀୟ ମାନବ ଅଧିକାର ଓ ପରିବେଶ ଆଇନ କ୍ଷେତ୍ରରେ ବିବାଦ ରହିଛି। ଜିଓଇଞ୍ଜିନିୟରିଂ ଯଦି ପାଗରେ ପରିବର୍ତ୍ତନ କରେ ତେବେ ଏହା ଲୋକଙ୍କ ଜୀବନ, ଜୀବିକା ଓ ସ୍ୱାସ୍ଥ୍ୟ ଅଧିକାରକୁ ଉଲ୍ଲଂଘନ କରିପାରେ। ଏପରି କି ଏସ୍ଏଆଇ ଯୋଗୁ ହେବାକୁ ଥିବା ପରିବେଶଗତ କ୍ଷତିକୁ ଅଣଦେଖା କରିବା ବି ବୈଧ କର୍ତ୍ତବ୍ୟର ଉଲ୍ଲଂଘନ ହୋଇପାରେ। କୁହାଯାଇପାରେ, ବିଶ୍ୱସ୍ତରରେ ସ୍ଥିର କରାଯାଇଥିବା ଏଭଳି ଏକ ଟେକ୍ନୋଲୋଜିର ଅବାସ୍ତବ ପ୍ରୟାସ ସଭିଙ୍କୁ ଅତ୍ୟଧିକ ପ୍ରଭାବିତ କରିବ । ଯଦି ଆମେ ଜାଣିଛେ ଏହା କାମ କରିବ ନାହିଁ ଓ ସମ୍ପୂର୍ଣ୍ଣ ବିପଜ୍ଜନକ, ଏହାର ପରୀକ୍ଷା ହୋଇପାରିବ ନାହିଁ କିମ୍ବା ସଞ୍ଚାଳନ କରାଯାଇପାରିବ ନାହିଁ ଏବଂ ଏହା ଏବକାର ଜଳବାୟୁ ପଦକ୍ଷେପରେ ବିଳମ୍ବ ଘଟାଇବ, ତେବେ କାହିଁକି ଆମେ ସେଗୁଡ଼ିକ ପାଇଁ ଅଧିକ ସକ୍ରିୟ ହେଉଛେ ଓ ସମର୍ଥନ କରୁଛେ ? ମୂଳ କଥା ହେଉଛି, ସେଗୁଡ଼ିକ ବୃହତ୍ ପ୍ରଦୂଷଣକାରୀଙ୍କୁ ସେମାନଙ୍କ କାର୍ଯ୍ୟ ଲାଗି ନିର୍ଦ୍ଧାରିତ ଦଣ୍ଡରୁ ମୁକ୍ତ କରିବା ସହ ଉପଯୋଗୀ ଟେକନୋଲାଜି ଏବଂ ତତ୍‌ସହ ଜଡ଼ିତ ଭିତ୍ତିଭୂମିଗୁଡ଼ିକୁ ପାଣ୍ଟେଟ କରି ଲାଭ ଉଠାଇବାକୁ ଅନୁମତି ଦେବ।

ତୈଳ ଓ ପ୍ରାକୃତିକ ଗ୍ୟାସ୍ କମ୍ପାନୀଗୁଡ଼ିକ ଅନେକ ଦଶନ୍ଧି ହେଲା ଜିଓଇଞ୍ଜିନିୟରିଂ ଟେକନୋଲୋଜି ଉପରେ ଗବେଷଣା ଓ ପେଟେଣ୍ଟ କରିଆସୁଛନ୍ତି। କାର୍ବନ ଡାଇଅକ୍ସାଇଡ ରିମୋଭାଲ (ସିଡିଆର୍) ଯୋଜନାକୁ ସମର୍ଥନ କରିବା ଅର୍ଥ ପ୍ରଦୂଷଣକାରୀମାନଙ୍କୁ ଦୀର୍ଘମିଆଦୀ ସମାଧାନକୁ ଅଣଦେଖା କରିବା ଲାଗି ସୁଯୋଗ ଦେବ। ଚିନ୍ତାଜନକ ଯେ, ଚଳିତ ବର୍ଷ କପ୍୨୭ରେ ସିଡିଆର୍ ଦାବି ଜୋର ଧରିଛି, ଯାହା ପ୍ୟାରିସ ବୁଝାମଣା ସିଦ୍ଧାନ୍ତ ପ୍ରତି ବିପଦ। ଅନେକ ସମୟରେ ନିମ୍ନ ଆୟକାରୀ ଦେଶଗୁଡ଼ିକର ସ୍ୱାର୍ଥରେ ଏହି ଟେକ୍ନୋଲୋଜି କରାଯାଇଛି ବୋଲି ଜିଓଇଞ୍ଜିନିୟରିଂ ସମର୍ଥକମାନେ କହୁଥିଲେ ମଧ୍ୟ ଏହାକୁ ସେମାନେ କିଣୁନାହାନ୍ତି। ବିଶ୍ୱସ୍ତରରେ ଜଳବାୟୁ ଅଭିଯାନରେ ସାମିଲ ଅଧିକାଂଶ ଗୋଷ୍ଠୀ ସୋଲାର ଜିଓଇଞ୍ଜିନିୟରିଂକୁ ରଦ୍ଦ କରିଛନ୍ତି। ଆଲାସ୍କା ଏବଂ ସୁଇଡେନରେ ସୋଲାର ଜିଓଇଞ୍ଜିନିୟରିଂ ପରୀକ୍ଷଣ ବିରୋଧରେ ସେଠାକାର ଲୋକେ ସମାବେଶ କରିଛନ୍ତି। ବାସ୍ତବରେ ଧନୀ ଏବଂ ସବୁଠୁ ଅଧିକ ପ୍ରଦୂଷଣକାରୀ ଦେଶ ଆମେରିକା ଏହି ଟେକ୍ନୋଲୋଜି ଉପରେ ଗବେଷଣା କରୁଛି ଓ ଏହାକୁ ପାଣ୍ଠି ଯୋଗାଉଛି।

ବାୟୁମଣ୍ଡଳରୁ କାର୍ବନ ଦୂର କରିବା ଲାଗି କୌଣସି ନିଶ୍ଚିତ ପଦ୍ଧତି ନାହିଁ ଏବଂ ଜୀବାଶ୍ମ ଇନ୍ଧନକୁ ତ୍ୱରିତ ହଟାଇଦେବାର କୌଣସି ବିକଳ୍ପ ନାହିଁ ବୋଲି ଯଦି ବିଶ୍ୱ ଉପଲବ୍ଧିକରେ ତେବେ ଶେଷ ବିକଳ୍ପ ଭାବେ ସୋଲାର ଜିଓଇଞ୍ଜିନିୟରିଂ ଆଶାତୀତ ବିଶ୍ୱସନୀୟତା ପାଇବାର ସମ୍ଭାବନା ରହିଛି। କିନ୍ତୁ ବାସ୍ତବରେ ସେଭଳି ସ୍ଥିତି ଉପୁଜିବାକୁ ଆମେ ଅନୁମତି ଦେବା ଉଚିତ ନହେଁ। ଅର୍ଥାତ ନୀତିଗତ ବିତର୍କ, ଘରୋଇ ଯୋଜନା, ସରକାରୀ ପ୍ରସ୍ତାବ ଏବଂ ଗବେଷଣା ମାଧ୍ୟମରେ ଏହାକୁ ନିଶ୍ଚିତ କରିବା ଉଚିତ ନୁହେଁ। ବିଜ୍ଞାନ ଉପଯୋଗ କରି ଆମେ ପରିସଂସ୍ଥା ଏବଂ ମାନବ ଅଧିକାରରେ ଘଟୁଥିବା ଅପରିବର୍ତ୍ତନୀୟ କ୍ଷତିକୁ ରୋକିପାରିବା। କିନ୍ତୁ ଏବକାର ଜଳବାୟୁ ପଦକ୍ଷେପ ହେଉଛି ଏକ ମାତ୍ର ବାଟ ଯେଉଁଥିରେ ଆଗକୁ ଜଳବାୟୁଜନିତ ବିପର୍ଯ୍ୟୟଗୁଡ଼ିକୁ ଟାଳିହେବ। ଜୀବାଶ୍ମ ଇନ୍ଧନରୁ ଦୂରେଇ ଯିବା ଲାଗି ଅନୁସୃତ ପଦକ୍ଷେପଗୁଡ଼ିକୁ ଗତିଶୀଳ କରିବାକୁ ପଡ଼ିବ ଏବଂ କଳ୍ପିତ ବିଜ୍ଞାନର ଅବାସ୍ତବ ପ୍ରୟାସକୁ ଉପେକ୍ଷା କରିବାକୁ ହେବ।

**ଡେପୁଟି ଡାଇରେକ୍ଟର, କ୍ଲାଇମେଟ୍ ଆଣ୍ଡ ଏନର୍ଜି ପ୍ରୋଗ୍ରାମ, ସେଣ୍ଟର୍ ଫର୍ ଇଣ୍ଟରନ୍ୟାଶନାଲ ଏନଭାଇରନ୍‌ମେଣ୍ଟାଲ ଲ'**

## ଏଇ ଭାରତରେ

ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଓ ତାଙ୍କ ସାଥୀଙ୍କୁ ତିନିବର୍ଷ ଜେଲ୍‌ଦଣ୍ଡ ପରେ ସ୍ତ୍ରୀ ଫେରିବା ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶରେ। ଉତ୍ତରପ୍ରଦେଶର କୌଶୀର ବାସିନ୍ଦା ଆରତୀ ଦୌସର ମେହନ୍ଦୀପୁର ବାଲାଜୀରେ ରହୁଥିଲେ। ସେ ଛୋଟମୋଟ କାମ କରୁଥିଲେ। ସେଠାରେ ସେ ସୋନୁ ସାଇନିଙ୍କୁ କୋର୍ଟରେ ବିବାହ କରିଥିଲେ। ବିବାହର କିଛିଦିନ ପରେ ଆରତୀ ନିଖୋଜ ହୋଇଯାଇଥିଲେ। ଆରତୀ ନିଖୋଜ ହେବାର କିଛିଦିନ ପରେ ବୃନ୍ଦାବନର ଏକ କେନାଲରେ ଜଣେ ଅଜ୍ଞାତ ମହିଳାଙ୍କ ମୃତଦେହ ମିଳିଥିଲା। ପରିଚୟ ଅଭାବରୁ ପୋଲିସ ମୃତଦେହକୁ ସଂସ୍କାର କରିଥିଲା। କିନ୍ତୁ ଆରତୀଙ୍କ ପିତା ପୋଲିସ ଷ୍ଟେଶନକୁ ଯାଇ ଫଟୋଗ୍ରାଫ ଏବଂ ପୋଷାକ ଆଧାରରେ ଦାବି କରିଥିଲେ ଯେ ମୃତ ମହିଳା ତାଙ୍କ ଝିଅ ଆରତୀ। ପରେ ଆରତୀଙ୍କ ପିତା ୨୦୧୫ରେ ସୋନୁ ଏବଂ ତାଙ୍କ ସାଥୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ଜେଲକୁ ପଠାଇଥିଲା। ସେମାନେ ପ୍ରାୟ ତିନି ବର୍ଷ ପର୍ଯ୍ୟନ୍ତ ଜେଲରେ ରହି ଜାମିନରେ ଆସିଥିଲେ। ଜାମିନରେ ଆସିବା ପରେ ସେମାନେ ଆରତୀଙ୍କୁ ଦୌସାରର ବିଶାଳା ଗ୍ରାମରେ ଜୀବନ୍ତ ଦେଖିବାକୁ ପାଇଥିଲେ। ପରେ ପୋଲିସକୁ ଖବର ପାଇ ଆରତୀକୁ ଉଦ୍ଧାର କରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଡିସେମ୍ବର ୧୯୯୭

- ଶିବସେନାର ସାଙ୍ଗଠନିକ ନିର୍ବାଚନ ପ୍ରସଙ୍ଗକୁ ନେଇ ମୁଖ୍ୟ ନିର୍ବାଚନ କମିଶନର ଡଃ ଏମ୍.ଏସ୍. ଗିଲ୍ ଏବଂ ନିର୍ବାଚନ କମିଶନର ଜିଭିଜି କ୍ରିଷ୍ଣାମୂର୍ତ୍ତିଙ୍କ ମଧ୍ୟରେ ତୀବ୍ର ବିବାଦ।
- ମଧ୍ୟପ୍ରଦେଶର ଉପମୁଖ୍ୟମନ୍ତ୍ରୀ ପ୍ୟାରେଲାଲ କନଓ୍ୱାର ଏବଂ ସମବାୟ ଓ କୃଷି ମନ୍ତ୍ରୀ ଡି.ଆର୍. ଯାଦବ ଏକାଧିକ କୋଟି ଟଙ୍କାର ଜମି ଦୁର୍ନୀତିରେ ସମ୍ପୃକ୍ତ।
- ୫ଟି ଅତିରିକ୍ତ ଜିଲାଜଜ୍ କୋର୍ଟ ଏବଂ ଗୋଟିଏ ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) କୋର୍ଟ ପ୍ରତିଷ୍ଠା ଲାଗି ରାଜ୍ୟ ସରକାରଙ୍କ ମଞ୍ଜୁରୀ ପ୍ରଦାନ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | | 6 | | |
| | | | | | 2 | | | 9 |
| | 4 | | | | | | 2 | |
| | | | | | 6 | | | 3 |
| 8 | 9 | 6 | | | | | | 5 |
| 7 | | | 5 | 1 | | | | |
| | 2 | 4 | 9 | | | | | 1 |
| | 8 | | 1 | 3 | | | 4 | |
| 5 | | | | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଉରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 8 | 3 | 9 | 6 | 1 | 4 | 2 |
| 2 | 3 | 6 | 4 | 8 | 1 | 9 | 5 | 7 |
| 9 | 1 | 4 | 2 | 7 | 5 | 3 | 8 | 6 |
| 3 | 4 | 2 | 5 | 1 | 7 | 6 | 9 | 8 |
| 1 | 8 | 9 | 6 | 4 | 2 | 7 | 3 | 5 |
| 5 | 6 | 7 | 8 | 3 | 9 | 2 | 1 | 4 |
| 8 | 9 | 5 | 7 | 2 | 3 | 4 | 6 | 1 |
| 4 | 2 | 1 | 9 | 6 | 8 | 5 | 7 | 3 |
| 6 | 7 | 3 | 1 | 5 | 4 | 8 | 2 | 9 |

ଗତକାଲିର ଉତ୍ତର

# ସାଗର ମିତ୍ର ପ୍ରବାଳ



ପ୍ରଫେସର ସିତାଂଶୁ କୁମାର ସାମଲ

ସମଗ୍ର ପୃଥିବୀର ହାରାହାରି ତିନି ଚତୁର୍ଥାଂଶ ଜଳଭାଗ ଏବଂ ଏକ ଚତୁର୍ଥାଂଶ ସ୍ଥଳଭାଗ। ଉକ୍ତ ଜଳଭାଗର ପ୍ରାୟ ୯୭ ପ୍ରତିଶତ ସାଗର ଏବଂ ମହାସାଗର ଦ୍ୱାରା ଆବୃତ୍ତ। ବାୟୁମଣ୍ଡଳରେ ସବୁଜଗୃହ ବାଷ୍ପର ପରିମାଣ ବୃଦ୍ଧି ହେତୁ ଜାଗତିକ ତାପମାତ୍ରାର ବୃଦ୍ଧି, ମେରୁ ଅଞ୍ଚଳରେ ବରଫାବୃତ୍ତ ଅଞ୍ଚଳର ଆୟତନ ହ୍ରାସ, ସମୁଦ୍ର ପତନରେ ବୃଦ୍ଧି ଆଦି ଘଟଣା ଘଟିଚାଲିଛି। ଏ ସମସ୍ତ ବିପର୍ଯ୍ୟୟ ପାଇଁ ମାନବ ଦାୟୀ। ସୂଚନା ଥାଉକି, ପ୍ରାକୃତି ବିପର୍ଯ୍ୟୟର ପ୍ରାକ୍ ସୂଚନା ବିଭିନ୍ନ ଜୀବଙ୍କ ମାଧ୍ୟମରେ ମିଳୁଥିବାର ଖବର ଊଣା ଅଧିକେ ସମସ୍ତେ ଜାଣନ୍ତି। ଏ ନେଇ ଜଣାଥିବା କିଛି ଉଦାହରଣ ମଧ୍ୟରେ ଆଗ୍ନେୟଗିରିରୁ ଅଗ୍ନି ଉଦ୍‌ଗିରଣ ପୂର୍ବରୁ ପକ୍ଷୀମାନଙ୍କର ଚଳଚଞ୍ଚଳତାରେ ବୃଦ୍ଧିପାଇବା, ଭୂମିକମ୍ପ ପୂର୍ବରୁ ସର୍ପମାନେ ମାଟିତଳୁ ବାହାରି ଇତସ୍ତତଃ ବୁଲିବା, ସୁନାମି ପୂର୍ବରୁ ମାଛ ସମୁଦ୍ରତଟର ନିକଟବର୍ତ୍ତୀ ହେବା ଅନ୍ୟତମ। ଏହି ଦିଗରେ ସୃଷ୍ଟିର ପ୍ରବାଳ(କୋରାଲ୍) ପରି ଏକ ଅତି କ୍ଷୁଦ୍ର ଜୀବର ସାମୁଦ୍ରିକ ପରିବେଶ ପ୍ରଦୂଷଣ ସମ୍ବନ୍ଧୀୟ ପ୍ରାକ୍ ସୂଚନା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ।

ପ୍ରବାଳ ଏକ ଅମେରୁଦଣ୍ଡୀ ପ୍ରାଣୀ ଯାହା ସମୁଦ୍ରରେ ବାସ କରେ। ଏମାନେ ବହୁ ସଂଖ୍ୟାରେ ଏକତ୍ର ବାସ କରି କଲୋନି ସୃଷ୍ଟି କରିଥା'ନ୍ତି। ପ୍ରତ୍ୟେକ କ୍ଷୁଦ୍ର ପ୍ରବାଳ ପଲିପ୍ ଭାବେ ଜଣା। କଲୋନିର ବୃଦ୍ଧି ପଲିପ୍‌ମାନଙ୍କର ବଂଶ ବୃଦ୍ଧି ସହ ହୋଇଥାଏ। କଠିନ ଏବଂ ନରମ ଭାବେ ଦୁଇ ପ୍ରକାରର ପ୍ରବାଳ ଦେଖାଯାଆନ୍ତି। କଠିନ ପ୍ରଜାତିର ପ୍ରବାଳ ସମୁଦ୍ରଜଳରୁ କ୍ୟାଲସିୟମ କାର୍ବୋନେଟ୍ ନାମକ ଧଳା ରାସାୟନିକ ପଦାର୍ଥ ଦ୍ୱାରା ଏକ ବାହ୍ୟ କଠିନ ଛାଞ୍ଚ ବା ସ୍କେଲିଟନ୍ ତିଆରି କରନ୍ତି ଯାହାକୁ କୋରାଲ୍ ରିଫ୍ (ପ୍ରବାଳ ଶୈଳମାଳା) କୁହାଯାଏ। ନରମ ପ୍ରବାଳ ପଲିପ୍‌ଗୁଡ଼ିକ ଉକ୍ତ କଠିନ ସ୍କେଲିଟନ୍‌ରେ ଲାଗି ରହିବା ସହିତ ବିଭିନ୍ନ ରଙ୍ଗର ଉଦ୍ଭିଦମାନଙ୍କର ଭ୍ରମ ସୃଷ୍ଟି କରାଇବା ସହିତ କୋରାଲ୍ ରିଫ୍‌କୁ ଲାଲ, ଓଲିଭ୍, ନୀଳ, ବାଇଗଣୀ ଇତ୍ୟାଦି ରଙ୍ଗ ପ୍ରଦାନ କରିଥାଆନ୍ତି। ଫଳତଃ ପ୍ରବାଳ ରିଫ୍ ଥିବା ଅଞ୍ଚଳ ମନୋମୁଗ୍ଧକର ହୋଇଥାଏ। ପୁନଶ୍ଚ ନରମ ପ୍ରବାଳଗୁଡ଼ିକ କିଛି ବର୍ଷପରେ କଠିନ କୋରାଲ ରିଫ୍‌କୁ ରୂପାନ୍ତରିତ ହୋଇ ପ୍ରବାଳ ରିଫ୍‌ର ବୃଦ୍ଧିରେ ସହାୟକ ହୋଇଥାଆନ୍ତି। କ୍ୟାଲସିୟମ୍ କାର୍ବୋନେଟ୍ ଚୂନପଥର ଭାବେ ଜଣା। ଏହା ଗେଣ୍ଡା, ଶାମୁକା, ଶଙ୍ଖ ପରି ବହୁ ସାମୁଦ୍ରିକ ଜୀବଙ୍କ ଖୋଳପାରେ ଭରିରହିଥାଏ। ଆଗକାଳରେ ଯେବେ ସିମେଣ୍ଟର ବ୍ୟବହାର ପ୍ରଚଳିତ ନ ଥିଲା, ସେତେବେଳେ ଘରର ଛାତ ପାଇଁ ବ୍ୟବହୃତ ଚୂନ ଉପରେ ଦର୍ଶାଯାଇଥିବା ଜୀବମାନଙ୍କର ଖୋଳପାକୁ ପୋଡି ସଂଗ୍ରହ କରାଯାଉଥିଲା।

କୋରାଲ୍ ରିଫ୍ ବହୁ ଦୂର ଏବଂ ବ୍ୟାପକ ଅଞ୍ଚଳ ପର୍ଯ୍ୟନ୍ତ ବ୍ୟାପିଥାଏ। ଅଷ୍ଟ୍ରେଲିଆରେ ଅବସ୍ଥିତ ଗ୍ରେଟ୍ ବାରିୟର୍ କୋରାଲ୍ ରିଫ୍ ପୃଥିବୀର ସର୍ବ ବୃହତ୍। ଏହା ୨୩୦୦ କିଲୋମିଟର ପର୍ଯ୍ୟନ୍ତ ପ୍ରସାରିତ ଅଛି। ଆମ ଦେଶରେ ମାନାର୍ ଗଲ୍ଫ, ଆଣ୍ଡାମାନ ନିକୋବର ତଥା ଲାକ୍ଷାଦ୍ୱୀପ ପୁଞ୍ଜଗୁଡ଼ିକର ତଟବର୍ତ୍ତୀ ଅଞ୍ଚଳରେ କୋରାଲ୍ ରିଫ୍ ଦେଖିବାକୁ ମିଳେ। କୋରାଲ୍ ରିଫ୍‌ଗୁଡ଼ିକ ସାମୁଦ୍ରିକ ଜୈବ ବିବିଧତାର ପ୍ରାୟ ଏକ ଚତୁର୍ଥାଂଶ ଧାରଣ କରିଛି ଯଦିଓ ଏହା ସମୁଦ୍ର ଚଟାଣର ମାତ୍ର ଏକ ପ୍ରତିଶତ ସ୍ଥାନ ଅଧିକାର କରିଥାଏ। ଏହା ଅସଂଖ୍ୟ ପ୍ରଜାତିର ମାଛ, କଙ୍କଡ଼ା, ଗେଣ୍ଡା, କଇଁଛ, ତିମି , ଜେଲି ମାଛ, ଶୁଆ ଥଣ୍ଟିଆ ମାଛ ଇତ୍ୟାଦିର ବାସସ୍ଥଳ। ଏହା ସାମୁଦ୍ରିକ ମତ୍ସ୍ୟଜୀବୀ ତଥା ସେମାନଙ୍କର ପରିବାର ଏବଂ ସାମୁଦ୍ରିକ ମାଛମାନଙ୍କୁ ନେଇ ଚାଲୁଥିବା ଶିଳ୍ପଗୁଡ଼ିକ ମାଧ୍ୟମରେ କର୍ମନିଯୁକ୍ତି ପ୍ରଦାନ ସହିତ ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେଉଅଛି।



କୋରାଲ ରିଫ୍‌ର ଆକର୍ଷଣୀୟ ରଙ୍ଗ ଓ ଆକାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ଏହାଦ୍ୱାରା ବହୁତ ଲୋକ ଜୀବିକା ନିର୍ବାହ କରିଥାଆନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ହାଓ୍ୱାଇ ପ୍ରଦେଶର ଶୁଭ୍ର ବାଲୁକା ବେଳାଭୂମି ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳ। ଏଠାରେ ଥିବା ପ୍ୟାରୋଟ୍ ଫିଶ୍ ବା ଶୁଆଥଣ୍ଟିଆ ମାଛ ପଥର ସଦୃଶ କଠିନ କୋରାଲ୍ ରିଫ୍‌କୁ ଥଣ୍ଟରେ ଚୂନା କରି ତହିଁରେ ଥିବା ଆଲଜିକୁ ଖାଇବା ସମୟରେ କିଛିମାତ୍ରାରେ ଧଳା କ୍ୟାଲସିୟମ କାର୍ବୋନେଟ୍ ସେମାନଙ୍କ ପାକସ୍ଥଳୀକୁ ଯାଇଥାଏ ଏବଂ ହଜମ ନ ହୋଇ ମଳରୂପେ ବାହାରିଆସେ ଯାହା ଶୁଭ୍ର ବାଲୁକାରାଶି ଭାବରେ ଜଣାଯାଏ। ପ୍ରବାଳ ରିଫ୍ ଅନେକ ନୂତନ ଔଷଧର ଉତ୍ସଭାବେ ଜଣା। ଏହା ହେନ୍ତାଳ ବଣପରି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ମୃତ୍ତିକା କ୍ଷୟ ରୋକିବା ସହ ବାତ୍ୟାର ପ୍ରକୋପ ହ୍ରାସ କରାଇଥାଏ।

ପ୍ରବାଳ ଏବଂ ଜୁଜାନଥେଲା ଆଲଜି ପରସ୍ପର ଉପରେ ନିର୍ଭରଶୀଳ। ଉକ୍ତ ଆଲଜି ପ୍ରବାଳ ପାଇଁ ସୂର୍ଯ୍ୟକିରଣ ଦ୍ୱାରା ଆଲୋକଶ୍ଲେଷଣ ପଦ୍ଧତିରେ ଖାଦ୍ୟ ପ୍ରସ୍ତୁତ କରେ ଏବଂ ପ୍ରବାଳକୁ ଉଜ୍ଜ୍ୱଳ ରଙ୍ଗ ପ୍ରଦାନ କରେ। ସେହିପରି ପ୍ରବାଳ ଜୁଜାନଥେଲା ଆଲଜିକୁ ବାସସ୍ଥଳ ଏବଂ ପୋଷକ ଯୋଗାଇଥାଏ। ଏହି ଦୁଇ କ୍ଷୁଦ୍ରଜୀବଙ୍କର ସହାବସ୍ଥାନ ଓ ସହଭାଗିତା ଆଜିର ସ୍ୱାର୍ଥପର ମଣିଷପାଇଁ ବେଶ୍ ଶିକ୍ଷଣୀୟ। ପ୍ରବାଳ ସାମୁଦ୍ରିକ ପରିବେଶ ସୁରକ୍ଷାର ଜାଗ୍ରତ ପ୍ରହରୀ। ସାମୁଦ୍ରିକ ପରିବେଶର ପ୍ରଦୂଷଣ ଘଟିବା ମାତ୍ରେ ପ୍ରବାଳ ପଲିପ୍ ମଧ୍ୟରେ ଥିବା ଜୁଜାନଥେଲା ଆଲଜି କ୍ରିୟାଶୀଳ ଅମ୍ଳଜାନ ନିର୍ଗତ କରିଥାଏ ଯାହା ପଲିପ୍ ପାଇଁ ହାନିକାରକ। ତେଣୁ ପ୍ରବାଳ ଜୁଜାନଥେଲା ଆଲଜିକୁ ପଲିପ୍ ମଧ୍ୟରୁ ବାହାର କରିବା ସହିତ ସେମାନଙ୍କର ସହାବସ୍ଥାନର ଅନ୍ତ ଘଟିଥାଏ। ଫଳରେ ପ୍ରବାଳ ରଙ୍ଗହୀନ ବା ମଳିନ ଧଳା ରଙ୍ଗ ଧାରଣ କରେ। ଏହି ପ୍ରକ୍ରିୟାକୁ ପ୍ରବାଳ ବ୍ଲିଚିଂ କୁହାଯାଏ। ଏହା ସାମୁଦ୍ରିକ ପରିବେଶରେ ଷ୍ଟ୍ରେସ୍ ଯଥା ସମୁଦ୍ର ଜଳର ପ୍ରଦୂଷଣ, ଅମ୍ଳତା ବା ତାପମାତ୍ରାରେ ବୃଦ୍ଧି ଘଟିଲେ ଦେଖାଯାଏ। ଏହା ସେଠାକାର ସରକାର, ଜନସାଧାରଣ ଏବଂ ତହିଁରେ ଜଡ଼ିତ ଥିବା ସଂସ୍ଥାଗୁଡ଼ିକ ପାଇଁ ଏକ ସତର୍କ ଘଣ୍ଟିର କାମ କରେ। ପ୍ରବାଳ ରିଫ୍ ପରି ଇକୋବ୍ୟବସ୍ଥା ତଥା ସାମୁଦ୍ରିକ ପରିବେଶର ସୁରକ୍ଷାପାଇଁ ସମସ୍ତେ ସଜାଗ ହୋଇ ଆବଶ୍ୟକ ପଦକ୍ଷେପ ନେଇଥାଆନ୍ତି, ଯେପର୍ଯ୍ୟନ୍ତ ପ୍ରବାଳ ବ୍ଲିଚିଂରେ ହ୍ରାସ, ଜୁଜାନଥେଲା ଆଲଜି ପଲିପ୍ ସହ ସହାବସ୍ଥାନ ଏବଂ ପ୍ରବାଳ ରିଫ୍ ଉଜ୍ଜ୍ୱଳ ରଙ୍ଗବେରଙ୍ଗୀ ଉଦ୍ଭିଦରୂପରେ ଆକର୍ଷଣୀୟ ଘଟିନାହିଁ। ପ୍ରଥମ ପ୍ରବାଳ ବ୍ଲିଚିଂ ୧୯୯୮ରେ ଘଟିଥିଲା ଯହିଁରେ ପୃଥିବୀର ୮ ପ୍ରତିଶତ ପ୍ରବାଳ ମରିଥିଲେ। ତା'ପରଠାରୁ ଜାଗତିକ ଉଷ୍ଣତା ଓ ତାପମାତ୍ରାରେ ବୃଦ୍ଧି ହେତୁ ନିୟମିତ କିଛିବର୍ଷ ବ୍ୟବଧାନରେ ପ୍ରବାଳ ବ୍ଲିଚିଂ ଘଟୁଅଛି। ତଥ୍ୟାନୁସାରେ ୨୦୦୯ରୁ ୨୦୧୮ ମଧ୍ୟରେ ପ୍ରାୟ ୧୪ ପ୍ରତିଶତ ପ୍ରବାଳ ବ୍ଲିଚିଂ ଘଟଣା ଯୋଗୁ ଲୋପ ପାଇଛି। ପ୍ରବାଳଗୁଡ଼ିକ ସାମୁଦ୍ରିକ ପରିବେଶ ନିରାପତ୍ତା, କର୍ମ ନିଯୁକ୍ତି ସୃଷ୍ଟି, ଆର୍ଥିକ ଅଭିବୃଦ୍ଧିରେ ସହାୟତା, ସାମୁଦ୍ରିକ ଇକୋବ୍ୟବସ୍ଥା ପରି ବହୁବିଧ କାର୍ଯ୍ୟରେ ଜଡ଼ିତ ଥିବାରୁ ଏମାନଙ୍କର ସୁରକ୍ଷା ଏବଂ ବୃଦ୍ଧି ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଆବଶ୍ୟକ।

**ମୋ: ୯୪୩୭୨୯୫୭୭୫**

# ଯାହା ଅଛି ତା'ରି ଭିତରେ ରହ



ଆରତି ମହାନ୍ତି

ସଂଘର୍ଷ କହିଲେ କାହାକୁ ବୁଝାଏ ତାହା ଆମେ ଜାଣିଛୁ। ପ୍ରତିଦିନର ଘଟଣା ପ୍ରବାହ ଭିତରେ ସଂଘର୍ଷକୁ ଯେତେ ବୁଝି ନ ହୁଏ ତା'ଠୁ ବେଶି ବୁଝିହୁଏ ମନ ଭିତରେ ଅର୍ଥାତ୍ ଆମର ମାନସ ସ୍ତରରେ। ଆଉ ଏତକ ବି ଜାଣୁ ଯେ ସଂଘର୍ଷରତ ମନ ଶାନ୍ତି କ'ଣ କେବେ ଜାଣେ ନାହିଁ। ତମେ ଜୀବନକୁ ଲକ୍ଷ୍ୟ କଲେ ତାହା ବୁଝିପାରିବ। ଆଉ ଗୋଟିଏ ପ୍ରକାରର ସଂଘର୍ଷ ହେଉଛି ଯେଉଁଟା ଆମକୁ ଏକାଗ୍ରତା ଅଭ୍ୟାସ କରାଇଥାଏ – କହିବାକୁ ଗଲେ ତା' ତଳେ ପ୍ରଚ୍ଛନ୍ନ ଭାବରେ ରହିଥାଏ ଆକାଂକ୍ଷା ବା କାମନାକୁ ପୂର୍ଣ୍ଣ କରିବାର ଗଭୀର ଅଭୀପ୍ସା। ସେଇଟା ହିଁ ହେଉଛି ଟଣା ଓଟରା ଚାଲିଥିବା ଅଥବା ସଂଘର୍ଷରତ ମନ। ସେଇ ମନକୁ ଲକ୍ଷ୍ୟ କଲେ ଦେଖିବ ସକାଳର ପ୍ରାର୍ଥନା ବା ପୂଜା କଲେ ମନ କେମିତି କାମକରେ। କିଛି ଗୋଟାଏ ଶ୍ଳୋକ କି ସ୍ତବ କି ଗୁରୁଙ୍କ ଦ୍ୱାରା ଦିଆଯାଇଥିବା ମନ୍ତ୍ର ଉପରେ ତମେ ଯେତେବେଳେ ମନ ନିବେଶ କରିବାକୁ ବସ ସେତେବେଳେ ଟିକେ ସଚେତନ ରହି ଖାଲି ନିରୀକ୍ଷଣ କର ତେବେ ବୁଝିପାରିବ କେମିତି ମନ ତମର ନିର୍ଦ୍ଦିଷ୍ଟ ଜିନିଷଟିକୁ ଛାଡ଼ି ପଳାଉଛି। ତା' ଦ୍ୱାରା ଖାଲି ମନକୁ ସିନା ତମେ ବୁଝେଇ ଦିଅ ଯେ ତମେ ପୂଜା କଲ କି ଧ୍ୟାନ କଲ ହେଲେ ସେଇଟା କ'ଣ ସତ ? ତା' ପରକୁ ଦେଖ ଦିନସାରା ତମେ କ'ଣ କରୁଛ – ହାତରେ କରୁଛ କିନ୍ତୁ ମନରେ ଅନ୍ୟ ଭାବନାର ଅବାଧ ପ୍ରବେଶ। ସେଇଟା ଜଣକର ଅଫିସ ବା ବ୍ୟବସାୟରେ ହେଉ କି ଗୃହିଣୀର ନିଜ କାମଧନ୍ଦା ଭିତରେ ହେଉ କେମିତି ଏକ ବିଶୃଙ୍ଖଳିତ ନିରାନନ୍ଦ ଭାବରେ ତମର ସମୟ କଟୁଛି। ତେବେ ପ୍ରଶ୍ନ ହେଉଛି ଜଣେ କ'ଣ କରିବ ? କେମିତି ଜୀବନ କଟାଇଲେ ବଞ୍ଚିଥିବା ସମୟ ତକ ସେ ଖୁସି ଆନନ୍ଦରେ କଟାଇ ଦେଇପାରିବ।

ଏଠି ଆମେ ବୁଝିବାକୁ ଯାଉଛୁ କୌଣସି ରକମର ସଂଘର୍ଷ ନ ଥାଇ କ'ଣ ଜୀବନ କଟାଇ ପାରିବା ନାହିଁ? ଦେଖିବ ଗୋଟିଏ ଛୋଟ ପିଲାକୁ ତମେ ଯଦି କିଛି ଗୋଟାଏ ନ କରିବାକୁ କହିବ ସେ ତାକୁ ଇ କରିବାକୁ ଚାହିଁବ। ଏହା ଏକ ଆଦିମ ପ୍ରକୃତି କହିଲେ ଚଳିବ, ସେଇ ଅଭ୍ୟାସରେ ଆମେ ବଡ଼ମାନେ ବି ଚଳୁ। ଯେଉଁଟା ଆମକୁ ବେଶି ଦୁଃଖ ଲାଗେ କି ବିବ୍ରତ ହେଉ ସେଇ ଭାବନା ଆମ ମନକୁ ବାରମ୍ବାର ଆସୁଥାଏ। ଆଉ ଆମେ ତାକୁ ସେତିକି ଜୋର୍ ଲଗେଇ ମନରୁ କାଢ଼ିଦେବାରେ ଲାଗିଥାଉ। ଏବେ ଯଦି ଅନ୍ୟ ଏକ ପ୍ରକାର ଅବସ୍ଥାକୁ କୁହାଯାଏ ଯେ ତମେ ତାକୁ ଖାଲି ଦେଖ ଓ ବୁଝ। ସେଥୁ ପଳେଇବାକୁ ଶକ୍ତି ଖଟାଅ ନାହିଁ। ତେବେ ତମେ ଦେଖିବ ପୁରୁଣା ଅଭ୍ୟାସରେ ପରିବର୍ତ୍ତନ ଘଟିବ। ମନରେ ଖୁସି ଆନନ୍ଦ ଦେଖାଦେବ ଆଉ ତମେ ବିମର୍ଷ ରହିବ ନାହିଁ। ଆମ ଭାବନା ଗୁଣକୁ ଦେଖିଲେ ସେଥିରେ ରାଗ, ଈର୍ଷା, ଅନ୍ୟ ପ୍ରତି ବିରୋଧତା ଆଦି ଥିବାର ବୁଝିପାରୁ। ଦେଖ କାହିଁକି ଏସବୁ ମନରେ ଦେଖାଦେଉଛି ତାକୁ ଯେ ମନରେ ଧରି ନ ରଖି ଯଦି ସେସବୁ ଅଶାନ୍ତି ଆଣୁଛି ବୋଲି ଜାଣିଯାଅ ତେବେ ତମେ ନିଶ୍ଚେ ସେଥିରୁ ବାହାରି ଆସିବ। ତେବେ ସେଇଟା ସେତେ ସହଜ ନୁହେଁ। କିନ୍ତୁ ହୋଇପାରିବ ନାହିଁ ବୋଲି ଯଦି ପ୍ରଥମରୁ ଧରିନିଅ ତେବେ ତମର ସବୁ ଶକ୍ତି ସରିଯିବ ବୋଲି ଜାଣିବ। ଆମ ଭିତରେ ଅଫୁରନ୍ତ ଶକ୍ତି ରହିଛି – ଆମେ ଯାହା କରିବାକୁ ପ୍ରକୃତରେ ଚାହୁଁ, ତାକୁ ନିଶ୍ଚୟ କରିଦେଉ। ସେଥିପାଇଁ ମନର ସବୁଶକ୍ତି ଏକତ୍ରିତ ହୋଇଯାଆନ୍ତି। ଯଦି ଜଣେ ବିରାଟ ଶୃଙ୍ଗ ଉପରକୁ ଚଢ଼ିବାକୁ ଚାହେଁ ସେ ଚଢ଼ିପାରେ, ଯଦି ଜୀବନରେ କିଛି ଗୋଟାଏ କରି ଦୃଢ଼ ସଂକଳ୍ପ ନିଏ ସେ ତାହା କରିପାରେ, ତେବେ ଜଣେ କାହିଁକି ଏପରି କରିପାରିବ ନାହିଁ? ଯଦି ଜଣେ ପ୍ରକୃତରେ ଜୀବନରେ ଶାନ୍ତି ରଖି ଶେଷଯାକେ ଚଳିବାକୁ ଚେଷ୍ଟା କରେ ସେ ନିଶ୍ଚୟ ସେତକ କରିପାରିବ। ସେଥିପାଇଁ ସଚେତନତା ରହିବା ଦରକାର । ଏହି ସଚେତନତା ତମ ମନରୁ ସବୁ ଅଳିଆ ସଫା କରିନେଇପାରେ। ସେଥିରେ କୌଣସି ରକମର ଟଣାଓଟରା ନାହିଁ। କାରଣ ତମେ ତମ ଭିତରେ ପ୍ରକୃତ କଥାଟିକୁ ବୁଝିପାରୁଛ – ତମ ଆଗରେ ଦୁଇଟି ରାସ୍ତା ରହିଛି – ଗୋଟିଏରେ ତମେ ସୁଖଆନନ୍ଦ ରଖି ଚଳିବ ଆଉ ଅନ୍ୟଟିରେ ଦୁଃଖ ଯନ୍ତ୍ରଣାରେ ଓ ଘୋଷାରି ହେବ। ଏଥିରେ ଅଭ୍ୟାସର କଥା ନାହିଁ କୌଣସି ଗୁରୁଙ୍କର ଦୀକ୍ଷା ନବାର ଦରକାର ନାହିଁ। କେବଳ ନିଜକୁ ଦେଖ ଆଉ ଯାହା ଅଦରକାରୀ ସେଥୁ ବାହାରି ଆସ। ତମେ କ'ଣ ନିଜକୁ ନିଜେ ସ୍ୱଚ୍ଛ ନିର୍ମଳ ଓ ସଦ୍‌ଭାବରେ ଜୀବନ କଟାଇ ପାରିବ ନାହିଁ? ନିଜକୁ ପ୍ରଶ୍ନକର – ଥରେ ନୁହେଁ କି ଦୁଇଥର ନୁହେଁ ଯେତେବେଳେ ବି ତମେ ଜୀବନ କଟାଉଛ ମନ ଭିତରେ ସେଇତକ ଖାଲି ଭାବନାରେ ରଖ ଦେଖିବ ଜୀବନ ବଦଳି ଯାଇଛି।

**ମୋ –୯୬୯୨୦୯୮୦୫୪**

## ପାଠକ ଶ୍ରେଷ୍ଠ ବିଚାରକ

### ଗରୁଡ଼ ସ୍ତମ୍ଭକୁ ରୁପା ଛାଉଣିର ପୁନର୍ବିଚାର ହେଉ

ମହାଶୟ,

ଶ୍ରୀମନ୍ଦିର ଗରୁଡ଼ ସ୍ତମ୍ଭକୁ ରୁପା ଛାଉଣି କରି ଗଢ଼ି ତୋଳିବା ପାଇଁ ସରକାର ନେଇଥିବା ନିଷ୍ପତ୍ତି ଶାସ୍ତ୍ରବିରୋଧୀ । ଏହା ମଧ୍ୟ ଭକ୍ତର ଭାବାବେଗକୁ କୁଠାରାଘାତ କରିଛି। ଏଏସ୍ଆଇ ତରଫରୁ ଗରୁଡ଼ସ୍ତମ୍ଭ ପ୍ରତି ବିପଦକୁ ନେଇ ମଧ୍ୟ କୌଣସି ସୂଚନା ମିଳିନାହିଁ। ତେଣୁ ସର୍ବପ୍ରଥମେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ସରକାର ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କର ମତାମତ ଲୋଡ଼ିବା ନିହାତି ଆବଶ୍ୟକ । କାରଣ ପୌରାଣିକ ଦୃଷ୍ଟିକୋଣରୁ ଦେଖାଗଲେ ଏହି ସ୍ତମ୍ଭଟିକୁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଦୈବୀ ସ୍ୱପ୍ନାଦେଶ ଅନୁଯାୟୀ ନିର୍ମାଣ କରିବା ପାଇଁ ଆଦେଶ ହୋଇଥିଲା। ତେଣୁ ନିଷ୍ପତ୍ତିର ପୁନର୍ବିଚାର କରିବା ଦରକାର। ଗରୁଡ଼ସ୍ତମ୍ଭଟିକୁ ରୁପା ଆଚ୍ଛାଦିତ ନ କରି ଭକ୍ତମାନେ କିପରି ଏହାର ଦର୍ଶନ ଲଭିପାରିବେ ଏବଂ ଦୂରରେ ରହି ପ୍ରତ୍ୟକ୍ଷ ସ୍ପର୍ଶ ନ କରି କେବଳ ପ୍ରଣିପାତ କରି ସମ୍ମାନ ଜଣାଇବା ପାଇଁ ସୁବ୍ୟବସ୍ଥା କରିବା ନିହାତି ଆବଶ୍ୟକ। କାରଣ ଏହି ମତେ ଅଗଣିତ ଭକ୍ତ ଗରୁଡ଼ସ୍ତମ୍ଭର ପ୍ରକୃତ ରୂପକୁ ସୂର୍ଯ୍ୟମନ୍ଦିର କୋଣାର୍କ ପରି ଦୂରରେ ରହି ଦର୍ଶନ କରିପାରିବେ।

**–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ରଙ୍ଗର ଢେଉ ନାଚେ ବିଲେ ବାଡ଼େ ବିଚରି
ଗନ୍ଧର ଧୂପ ତହିଁ ଉଠାଇ
ମଳୟର ନିର୍ଝର ଫେରିଆସେ ମରତେ
ସ୍ୱର୍ଗର ପାରିଜାତ ଫୁଟାଇ
ଫେରିଆସେ ଯଉବନ ଉଦାମ ଗତିରେ
ବନ୍ଧନରାଶି ଶତ ତୁଟାଇ।
–(ଜୀବନ–ଦୋଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ନତାଶା


@ କୌଶିକ୍


@ ଦେବସ୍ମିତା


@ ସୁନନ୍ଦା


@ ଉଦିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସେବା ଦେବାକୁ ଅନିଚ୍ଛୁକ ନର୍ସିଂ ଅଫିସର

- ଅଭିଯୋଗ କଲେ ବଦଳିଯାଉଛି ଆଚରଣ, ଉଚ୍ଚାରଣ
- ଦେଖାଉଛନ୍ତି ଖରାପ ବ୍ୟବହାର
- ହାତଗୁଞ୍ଜା ନେଲେ ନରମିଯାଉଛି ସ୍ୱର

**ନୟାଗଡ଼ ଅଫିସ,୧୪।୧୨**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶିଶୁ, ଶଲ୍ୟ ଓ ମେଡିସିନ ୱାର୍ଡଗୁଡିକରେ ନର୍ସିଂ ଅଫିସରଙ୍କ ଉତ୍ପାତ ବଢ଼ିବାରେ ଲାଗିଥିବା ଅଭିଯୋଗ ହୋଇଆସୁଛି। କେତେଜଣ ନର୍ସିଂ ଅଫିସର ମାଗଣା ସେବା ଯୋଗାଇବାକୁ ଅନିଚ୍ଛୁକ ହେଉଛନ୍ତି। ସ୍ୱାସ୍ଥ୍ୟସେବା ମିଳୁନି ବୋଲି ପ୍ରତିବାଦ ଅଥବା ଅଭିଯୋଗ କଲେ ଅନେକ ନର୍ସିଂ ଅଫିସର ଆଚରଣ ଓ ଉଚ୍ଚାରଣରେ ଖରାପ ବ୍ୟବହାର ଦେଖାଉଛନ୍ତି। ତେବେ ହାତଗୁଞ୍ଜା ପାଇଗଲେ ସ୍ୱର ନରମି ଯାଇ ଭଦ୍ର ବ୍ୟବହାର ଦେଖିବାକୁ ମିଳୁଛି। ପ୍ରଶ୍ନ ଉଠୁଛି ହାତଗୁଞ୍ଜା ପାଉଥିବା ନର୍ସିଂ ଅଫିସରଙ୍କୁ ଚିହ୍ନଟ କରାଯାଇ କାହିଁକି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉନି। କେତେଜଣ ନର୍ସିଂ ଅଫିସରଙ୍କ ଯୋଗୁ ସବୁ ନର୍ସିଂ ଅଫିସର କାହିଁକି ସମାଲୋଚନା ହେଉଛନ୍ତି।

ଏ ନେଇ ନୟାଗଡ଼ର ପ୍ରମୋଦ ନାୟକ କହିଛନ୍ତି, ମୋର ଜଣେ ସମ୍ପର୍କୀୟ ମେଡିସିନ ୱାର୍ଡରେ ଗତ ସୋମବାର ଭର୍ତ୍ତି ହୋଇଥିଲେ। ଆମ ରୋଗୀଙ୍କୁ ରକ୍ତ ଦିଆଯାଇଥିଲା। ହେଲେ ତାହା ଠିକ୍‌ରେ ପାସ କରୁ ନ ଥିଲା। ମଧ୍ୟାହ୍ନରେ କେବଳ ମେଡିସିନ ୱାର୍ଡରେ ଜଣେ ନର୍ସିଂ ଅଫିସର ଉପସ୍ଥିତ ଥିଲେ। ଘଟଣା ସମ୍ପର୍କରେ କହିବାରୁ ସେବା ତ ଦେଲେ ନାହିଁ ଓଲଟି ବିରକ୍ତ ହୋଇଥିଲେ। ଘଟଣା ସମ୍ପର୍କରେ ସିଡିଏମ୍‌ଓଙ୍କୁ ଅଭିଯୋଗ କରିବାକୁ କହିବାରୁ କିଛି ଫଳ ମିଳିଲା ନାହିଁ। ତେବେ ମୋର ଜଣେ ବନ୍ଧୁ ଫଟୋ ଉଠାଇଥିଲେ। ପରେ ସିଡିଏମ୍‌ଓଙ୍କୁ ଅଭିଯୋଗ କରିବାକୁ ଯାଇଥିଲୁ। ହେଲେ ସାର୍ ନ ଥିଲେ। ଏଭଳିସ୍ଥଳେ କିଛି ସିକ୍ୟୁରିଟି ଗାର୍ଡ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ନିକଟରେ ଥିବା ରୋଗୀ ଭୟଭୀତ ହୋଇ ପଡିଥିଲେ। ସେବା ନ ମିଳିବାରୁ ରୋଗୀଙ୍କୁ ଅଟୋ ଯୋଗେ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲୁ। ସରକାରୀ ଡାକ୍ତରଖାନାରେ ଏଭଳି ସେବା ମିଳିଲେ ଲୋକେ ଆଉ ଆସିବେ ନାହିଁ। କରଡାର ରୁଷିଆ ପ୍ରଧାନ କୁହନ୍ତି, ମେଡିସିନ୍ ୱାର୍ଡ ହେଉ କି ଶିଶୁ ୱାର୍ଡ। କେତେଜଣ ନର୍ସିଂ ଅଫିସର ଖରାପ ବ୍ୟବହାର ଦେଖାଉଛନ୍ତି। ହାତଗୁଞ୍ଜା ପାଇଗଲେ ସେବା ଠିକ୍ ଦେଉଛନ୍ତି। ହାତଗୁଞ୍ଜା ନ ଥିଲେ ଚିଡଚିଡ ହେଉଛନ୍ତି। କେତେଜଣ ସମ୍ପର୍କୀୟଙ୍କ ସାଙ୍ଗରେ ଆସି ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟସେବା ପରଖିଛି। ନିଜେ ବି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇ ନର୍ସିଂ ଅଫିସରଙ୍କ ବ୍ୟବହାର ଦେଖିଛି। ପ୍ରତିବାଦ କରିଛି। ବୋଲଗଡ ଅଞ୍ଚଳର ପପୁନା ମହାପାତ୍ର କୁହନ୍ତି, ସ୍ତ୍ରୀଙ୍କ ପିଲା ଜନ୍ମ ଅପରେଶନ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲି। ପେନ୍ ବଢ଼ି ଚାଲିଥିବାବେଳେ ଠିକ୍ ସେବା ମିଳିଲାନି। ଜଣେ ଗଣମାଧ୍ୟମର ପ୍ରତିନିଧିଙ୍କ ସହଯୋଗରେ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଭଲ ସେବା ପାଇବା ପାଇଁ ଅବଗତ କରାଇଲି। ନିକଟରେ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। କାହିଁକି ସୁପରିଣ୍ଟେଣ୍ଡେଣ୍ଟଙ୍କୁ କହିଲ ବୋଲି କହି ଖରାପ ବ୍ୟବହାର ଦେଖାଇଲେ ନର୍ସିଂ ଅଫିସର। ନିକଟରେ ଅନ୍ୟ କେତେଜଣ ଗର୍ଭବତୀ ମହିଳାଙ୍କୁ ଖରାପ ବ୍ୟବହାର ଦେଖାଇଥିଲେ। ନର୍ସିଂ ଅଫିସର ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ କିପରି ବ୍ୟବହାର ଦେଖାଉଛନ୍ତି ଚିକିତ୍ସାଳୟରେ ଲାଗିଥିବା ସିସିଟିଭି ଫୁଟେଜକୁ ଦେଖିଲେ ପ୍ରମାଣ ଦେବାକୁ ପଡିବ ନାହିଁ। ତେବେ ଅଭିଯୋଗ ନାହିଁ କହି ଚିକିତ୍ସାଳୟ କର୍ତ୍ତୃପକ୍ଷ ଚୁପ ରହୁଛନ୍ତି। ଗଣିଆର ମମତା ପ୍ରଧାନ କୁହନ୍ତି, ଶିଶୁମାନେ ଦେଶର ଭବିଷ୍ୟତ। ହେଲେ ସେମାନଙ୍କୁ ମଧ୍ୟ ଠିକ୍ ସେବା ମିଳୁନି। ହାତଗୁଞ୍ଜା ନ ଦେଲେ ନର୍ସିଂ ଅଫିସର ସେବା ଦେବାକୁ ପ୍ରସ୍ତୁତ ହେଉନାହାନ୍ତି। ସେ ସମୟରେ ଅଭିଯୋଗ କଲେ ପୁଣି ହଇରାଣ ହରକତ କରୁଛନ୍ତି। ନର୍ସିଂ ଅଫିସରମାନେ ମାନସିକତାରେ ପରିବର୍ତ୍ତନ ଆଣି କାମ କରିବା ଦରକାର। ଏ ସମ୍ପର୍କରେ ସିଡିଏମ୍‌ଓ ମକରନ୍ଦ ବେଉରାଙ୍କୁ ପଚାରିବାରେ ଭଲ ସେବା ଦେବାକୁ ଓ ଖରାପ ବ୍ୟବହାର କାହାକୁ ନ କରିବାକୁ ମିଟିଂରେ ବାରମ୍ବାର ନର୍ସିଂ ଅଫିସରମାନଙ୍କୁ ତାଗିଦ୍ କରାଯାଉଛି। ଏହା ପରେ ଯଦି କିଛି ଅବ୍ୟବସ୍ଥା ହେଉଛି ତେବେ ଘଟଣା କେଉଁ ସମୟରେ ଘଟୁଛି ଓ କେଉଁମାନେ ଖରାପ ବ୍ୟବହାର ଦେଖାଉଛନ୍ତି ସେନେଇ ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ କଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସୁବିଧା ହେବ ବୋଲି ସେ କହିଛନ୍ତି।

## ହଟିଲା ଶ୍ରମିକ ଆନ୍ଦୋଳନ

**ନୟାଗଡ଼ ଅଫିସ, ୧୪।୧୨:** ନୟାଗଡ଼ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଶ୍ରମିକ ମାରଣ ନୀତିର ବିରୋଧ, ଶ୍ରମିକଙ୍କୁ ସରକାରୀ ସହାୟତା ଯୋଗାଇବା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଆମରଣ ଅନଶନ ହୋଇଥିଲା। ଶ୍ରମିକ ନେତା ବସୁଦେବ ମହାନ୍ତି ଓ ଶ୍ରୀକାନ୍ତ ପଟ୍ଟନାୟକ ଅନଶନରେ ବସିଥିଲେ। ଘଟଣାସ୍ଥଳକୁ ମଙ୍ଗଳବାର ରାତିରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଶ୍ରମିକମାନଙ୍କ ଅସୁବିଧାର ତୁରନ୍ତ ସମାଧାନ କରାଯିବାକୁ ପ୍ରତିଶ୍ରୁତି ମିଳିବା ପରେ ଅନଶନ ପ୍ରତ୍ୟାହୃତ ହୋଇଛି।

PARADIP PORT AUTHORITY
MARINE DEPARTMENT
No.MD/ACCTS/WK-R-12/2022/1337
Dated, the 09th December 2022
e-Tender Call Notice
Name of the Work : "Supply of One Modern Survey Launch and Manning Crew on Hire for Hydrographic Survey of Paradip Port Waters for a period of seven years.". Estimated Cost put to tender : Rs.24,70,34,847/- excluding GST. Last date & time of submission of bids through on-line bidding is 1600 hours on Dt.06.02.2023. Technical Bids shall be opened at 1630 hours on Dt.07.02.2023. For details, please log on to the Website : https://eprocure.gov.in/eprocure/app .
Dy. Conservator
Paradip Port Authority
PPA/PR/213/22-23, Dt.12.12.2022

ଦ.ପୂ. ରେଳପଥ - ଟେଣ୍ଡର
ଟେଣ୍ଡର ବିଜ୍ଞପ୍ତି ନଂ. ଏମ୍‌ଇସିଏସ୍‌ସିକେପି-୨୨-୨୩-୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ଡିଭିଜନାଲ ରେଲୱେ ମ୍ୟାନେଜର (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କାର୍ଯ୍ୟର ନାମ: ଦୁଇ ବର୍ଷ ଅବଧି ପାଇଁ ସିଆଣ୍ଡଡବ୍ଲ୍ୟୁ/ବିଏନ୍‌ଡିଏମ୍ ଏବଂ ଏଡିଟିପିଠାରେ ୪୦୦ଟି କାର୍ଯ୍ୟ ପାଇଁ ଡ୍ରାଫ୍ଟ ଗିୟର୍ ସହିତ ଷ୍ଟ୍ରାଇକର କାଷ୍ଟିଂର ଯୋଗାଣ ଏବଂ ପ୍ରତିବଦଳ । ଟେଣ୍ଡର ମୂଲ୍ୟ: ₹୩,୩୫,୮୭,୧୮୪ । ବିଡ୍ ଅମାନତ: ₹୩,୧୭,୯୦୦ । ଟେଣ୍ଡର ଫର୍ମ ମୂଲ୍ୟ: ₹ ଶୂନ । ଟେଣ୍ଡର ଖୋଲାଯିବା ସ୍ଥାନ: ସିନିୟର ଡିଏମ୍‌ଇ/ସିକେପି, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୦୪।୦୧।୨୦୨୩ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍: http://www.ireps.gov.in ରେ ଦେଖାଯାଇ-ପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । (PR-902)

OFFICE OF THE
MUNICIPAL COUNCIL, BALANGIR
No. 5914 Dated: 09.12.2022
QUOTATION CALL NOTICE
No. C-1897: Sealed quotation are invited from intending Suppliers/Dealers dealing with Branded Bicycle for supply of 119 Nos. of Lady Bicycles to Balangir Municipality as per the following specification and company make. The intending Suppliers/Dealers can have the quotation paper on payment of Rs.1000/- (Rupees one thousand) only from this office from 12.12.2022 to 20.12.2022 during office hour and submit the same in Balangir Municipaity office on or before Dt.21.12.2022 within 04.00 P.M. by Speed Post/Regd. Post/Courier. The quotation must be accompanied with GSTIN, PAN Card, Company Authorization Certificate & EMD of Rs.5000/- (Rupees five thousand) only in shape of DD drawn in favour of Executive Officer, Balangir Municipality. The quotation shall be opened on Dt.22.12.2022 at 11.00 A.M. in presence of the bidders or their authorized persons. The quotation reached after the stipulated period shall not be entertained. The authority shall not held responsible for any Postal/Courier delay. The authority reserves the right to reject/cancel any or all the quotation without assigning any reason thereof. Any Conditional Tender shall not be accepted by the Authority. The detailed terms and conditions of the expression of interest is available in website.
http://www.balangir.nic.in.

| Sl. No. | Particulars | Unit | Rate to be Quoted |
|---|---|---|---|
| 1 | • Supply of Branded Lady Bicycles with Carrier, Chain Cover and Basket of HERO/AVON/ATLAS/BSA/HERCULAS make. • The high quality stickers meant for vehicles of size 8 × 8 inches made of water proof durable materials shall be placed in the middle of the Basket for distinct visibility. • In case of covered Basket, the stickers shall be pasted in the middle outer front of the basket. • In case of wired basket, the stickers shall be pasted in fiber frame shall be fixed in the middler outer front of the wired basket. | Per 01 Unit | |

Sd./- Executive Officer
Balangir Municipality
OIPR-13169/11/0027/2223

ODISHA PUBLIC SERVICE COMMISSION
ADVERTISEMENT NO. 11 OF 2022-23
Recruitment to the posts of Medical Officer in Group-A (Junior Branch) of Odisha Medical & Health Services Cadre under Health & Family Welfare Department.
WEBSITE - www.opsc.gov.in
No.D-247:Online applications are invited from the prospective candidates through the Proforma application form to be made available on the website (https://www.opsc.gov.in) for recruitment to 3481 (Three Thousand Four Hundred Eighty-one) posts of Medical Officer in Group-A (Junior Branch) of Odisha Medical & Health Services Cadre under Health & Family Welfare Department in the Scale of Pay of Rupees 56100/- in Level -12, Cell- 1 of the pay matrix as per ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time.
2. VACANCY POSITION:
As per requisition filed by the Health & Family Welfare Department, out of a total number of 3481 (1160-w) vacancies, 1000 (333-w) vacancies are reserved for UR category, 225 (75-w) vacancies are reserved for SEBC category, 852 (284-w) vacancies are reserved for SC category and 1404 (468-w) vacancies are reserved for ST category. Also, 35 vacancy is reserved for Sports Persons and 139 vacancies are reserved for Persons with Disabilities.
3. AGE:
A candidate must have attained the age of 21 (twenty-one) years and must not be above the age of 38 (thirty-eight) years as on the 1st day of January, 2022 i.e. he/she must have been born not earlier than 2nd January 1984 and not later than 1st January 2001.
4. EDUCATIONAL QUALIFICATION:
A candidate must have possessed M.B.B.S. or equivalent Degree from a Medical College or Medical Institution recognised by the Medical Council of India.
5. EXAMINATION FEE:
The examination fee for all categories of candidates has been exempted as per GA&PG Department Notification No. 9897/Gen, dt. 11.04.2022.
6.METHOD OF SELECTION:
The selection of candidates for recruitment to the posts of Medical Officer will be made on the basis of Written Test.
The link for registration shall be available from 27.12.2022 to 27.01.2023 (Note: 27.01.2023 is the last date for submission of Registered Online Application.
The candidates are advised to visit the Website of the Commission at http://opsc.gov.in for detail information for applying to the above post.
Sd./- SECRETARY
ODISHA PUBLIC SERVICE COMMISSION, CUTTACK
CUTTACK
DATE-14.12.2022
OIPR-12002/11/0220/2223

# ୨୯ରୁ ଆଶାକର୍ମୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ନୟାଗଡ଼ ଅଫିସ,୧୪।୧୨:** ଆଶା କର୍ମୀମାନଙ୍କର ଦୀର୍ଘଦିନର ନ୍ୟାଯ୍ୟ ଦାବି ପୂରଣ ହୋଇ ନ ଥିବାରୁ ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ୨୯ ତାରିଖରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆଶା କର୍ମୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ବୁଧବାର ଜିଲାପାଳ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରାଯାଇ ଆଶା କର୍ମୀମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯାଉ। ସରକାରୀ ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ମାସିକ ବେତନ ୧୮ ହଜାର ଟଙ୍କା ପ୍ରଦାନ, ଅନ୍ୟପକ୍ଷେ ଇପିଏଫ୍ ଓ ଇଏସ୍‌ଆଇରେ ସାମିଲ ଏବଂ ଗ୍ରାଚୁଇଟି ପ୍ରଦାନ, ସେହିଭଳି ଆଶା କର୍ମୀଙ୍କୁ ସରକାରୀ ମାନ୍ୟତା ନ ଦେବା ପର୍ଯ୍ୟନ୍ତ ଅବସର ନେଉଥିବା କର୍ମୀମାନଙ୍କୁ ଏକକାଳୀନ ୫ ଲକ୍ଷ ଟଙ୍କା ପ୍ରଦାନ, ମାସିକ ୫ ହଜାର ଟଙ୍କା ଭତ୍ତା ପ୍ରଦାନ, କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ କଲେ ଆଶା କର୍ମୀଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ଦେବା ସହ ପରିବାରର ଜଣଙ୍କୁ ନିଯୁକ୍ତି, ଯୋଗ୍ୟତା ଭିତ୍ତିରେ ଆଶା କର୍ମୀମାନଙ୍କୁ ଏଏନ୍‌ଏମ୍ ଭାବେ ନିଯୁକ୍ତି, ସମସ୍ତ ଜିଲାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶା ଗୃହ ଯୋଗାଇଦେବା, କୋଭିଡ୍-୧୯ରେ ମୃତ୍ୟୁବରଣ କରିଥିବା ଆଶା କର୍ମୀଙ୍କୁ ସରକାର ଘୋଷଣା କରିଥିବା ରାଶି ତୁରନ୍ତ ପ୍ରଦାନ କରାଯାଉ ଦାବି ରହିଛି ବୋଲି ସଭାନେତ୍ରୀ ସବିତା ସାହୁ ଓ ସମ୍ପାଦିକା ସୁଷମା ଘଡେଇ କହିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଶାକର୍ମୀଙ୍କ ବିକ୍ଷୋଭ।

PANCHAYAT SAMITI, GUDVELLA
Dist.- Balangir
INVITATIONS FOR BIDS
Detailed Tender Call Notice No.PS GUDVELLA/HST/2022-23/04
The Block Development Officer on behalf of Governor of Odisha invites sealed tender in two bid system (Technical & Financial bid in two separate envelopes) from eligible and qualified Original Equipment Manufacturers / Authorized Distributors of OEM/Authorized Dealers for the Supply & Installation at site for the All-in-One Desk Top Computer of DELL / HP brand through only Registered Post / Speed Post.
The sale of the bid documents shall start from 15.12.2022 to 21.12.2022 upto 15.45 hours at Panchayat Samiti, Gudvella.
E-mail-ori-gudvlla@nic.in
For further more detail, please visit the website of Govt. of Odisha (http://www.balangir.nic.in).
Sd./- Block Development Officer
Gudvella

ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ, ରାଉରକେଲା
OFFICE OF THE ROURKELA MUNICIPAL CORPORATION
At/P.O./P.S.: Uditnagar, Dist.: Sundargarh, PIN - 769012, Odisha
e-mail id: rourkelamunicipality@gmail.com, Ph.: 0661-2500388
RFP No. 16293 Date: 10.12.2022
Notice Inviting Request for Proposal (RFP) for selection of agency or Providing Catering Service at Special Guest House for Period of 30 days for upcoming Hockey World Cup, 2023.
No. C-1890: Rourkela Municipal Corporation (RMC) invites Request for Proposal (RFP) from reputed intending Bidders for Selection of agency or providing catering service at Special Guest house for period of 30 days for upcoming Hockey World Cup, 2023.
The RFP is to be submitted in closed covers addressed to the Commissioner, Rourkela Municipal Corporation, Udit Nagar, Rourkela, Dist.: Sundargarh (Odisha), PIN - 769012 on or before 21.12.2022 by 05.00 P.M. through Speed Post/ Registered Post/Courier/or By Hand.
The complete RFP document can be downloaded from the RMC website (www.rmc.nic.in) from 12.12.2022 onwards.
Sd./- Commissioner
Rourkela Municipal Corporation
OIPR-13131/11/0151/2223

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in
ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ
ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି'' ଏବଂ ''ସେଠାରେ ଯାହା ଅଛି'' ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।
ସମ୍ପତ୍ତିଗୁଡିକର ତନଖି କରିବାର ତାରିଖ ଓ ସମୟ: ୨୯.୧୨.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
ଇ-ନିଲାମ ତାରିଖ ଏବଂ ସମୟ: ତା ୩୦.୧୨.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଦୁର୍ଗା କୋଲ୍ଡ ଷ୍ଟୋରେଜ୍, ପ୍ରଶାସନିକ କାର୍ଯ୍ୟାଳୟ: ସା: ହେମସୁରପଡ଼ା, ପୋ.: ଅନୁଗୁଳ, ଜିଲ୍ଲା: ଅନୁଗୁଳ - ୭୫୯୧୨୩/ ପରିଚାଳନା ଅଂଶୀଦାର: ଶ୍ରୀ ଅନିଲ କୁମାର ଦଳବେହେରା, ପିତା: ଶ୍ରୀ ସତ୍ୟାନନ୍ଦ ଦଳବେହେରା, ସା: ତଳତଳିଆ, ପୋ.: କୁଇଓ, ଜିଲ୍ଲା: ଅନୁଗୁଳ - ୭୫୯୧୨୩/ ଅଂଶୀଦାର: ଶ୍ରୀ ସତ୍ୟାନନ୍ଦ ଦଳବେହେରା, ପିତା: ଧନେଶ୍ୱର ଦଳବେହେରା ଏବଂ ଶ୍ରୀମତୀ ବିଦ୍ୟୁତ୍‌ଲତା ଦଳବେହେରା, ସ୍ୱାମୀ: ଶ୍ରୀ ସତ୍ୟାନନ୍ଦ ଦଳବେହେରା, ସମସ୍ତଙ୍କ ଠିକଣା - ସା: ତଳତଳିଆ, ପୋ.: କୁଇଓ, ଜିଲ୍ଲା: ଅନୁଗୁଳ - ୭୫୯୧୨୩/ ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଅନିଲ କୁମାର ଦଳବେହେରା (ପରିଚାଳନା ଅଂଶୀଦାର), ପିତା: ଶ୍ରୀ ସତ୍ୟାନନ୍ଦ ଦଳବେହେରା, ୨) ଶ୍ରୀ ସତ୍ୟାନନ୍ଦ ଦଳବେହେରା (ଅଂଶୀଦାର), ପିତା: ଧନେଶ୍ୱର ଦଳବେହେରା, ୩) ଶ୍ରୀମତୀ ବିଦ୍ୟୁତ୍‌ଲତା ଦଳବେହେରା (ଅଂଶୀଦାର), ସ୍ୱାମୀ: ଶ୍ରୀ ସତ୍ୟାନନ୍ଦ ଦଳବେହେରା, ସମସ୍ତଙ୍କ ଠିକଣା - ସା: ତଳତଳିଆ, ପୋ.: କୁଇଓ, ଜିଲ୍ଲା: ଅନୁଗୁଳ - ୭୫୯୧୨୩ / ଆକାଉଣ୍ଟ ନଂ.: ସିସି: ୩୫୬୨୨୯୨୯୨୮୩୧, ଟିଏଲ୍: ୩୫୧୬୧୨୮୮୫୭ | ଶ୍ରୀମତୀ ବିଦ୍ୟୁତ୍‌ଲତା ଦଳବେହେରା, ସ୍ୱାମୀ: ଶ୍ରୀ ସତ୍ୟାନନ୍ଦ ଦଳବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ହୁଲୁରିସିଂହା, ତହସିଲ: ଅନୁଗୁଳ, ଥାନା: ଅନୁଗୁଳ, ଥାନା ନଂ.: ୬୩, ଜିଲ୍ଲା: ଅନୁଗୁଳ, ଖାତା ନଂ.: ୩୦୨/୬୩୪, ପ୍ଲଟ୍ ନଂ.: ୩, କ୍ଷେତ୍ର: ଏକର୦.୩୬୦ ଡିସିମିଲି, କିସମ: ଘରବାରି | ଟ.୨,୨୦,୩୨,୦୦୦/- / ଟ.୨୨,୦୩,୨୦୦/- / ଟ.୫୦,୦୦୦/- | ୦୨.୦୯.୨୦୨୧ ସୁଦ୍ଧା ଟ.୩,୬୭,୬୯,୨୧୩/- + ସେବାବଦ ପରବର୍ତ୍ତୀ ସୁଧ, ଆଇନ୍‌ଗତ ଖର୍ଚ୍ଚ / ୦୩.୧୨.୨୦୨୧ |
| ୨. | ଋଣଗ୍ରହୀତା: ମେସର୍ସ ବାବୁ କନ୍‌ଷ୍ଟ୍ରକ୍‌ସନ୍, ସ୍ୱତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ସାହୁ, ସା: ଫ୍ଲାଟ୍ ନଂ.: ୩୦୪, ବସେରା ହାର୍ମୋନୀ, ଡମଣା ସ୍କୋୟାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୧୬/ ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନୁରାଧା ସାହୁ, ସା: ଫ୍ଲାଟ୍ ନଂ.: ୩୦୪, ବସେରା ହାର୍ମୋନୀ, ଡମଣା ସ୍କୋୟାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୧୬/ ଆକାଉଣ୍ଟ ନଂ: ୧୦୬୫୭୯୯୨୮୧୧ | ଅନୁରାଧା ସାହୁଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଶନ ବଣି, ତହସିଲ: ଓଡ଼ାପଡ଼ା, ପୋ./ଥାନା: ମୋଟଙ୍ଗା, ଜିଲ୍ଲା: ଢେଙ୍କାନାଳ, ଖାତା ନଂ.: ୬୫/୨୪, ପ୍ଲଟ୍ ନଂ.: ୧/୩୧୩, ୨/୩୧୪, ୩/୩୧୫, କ୍ଷେତ୍ର: ଏକର୦.୯୪୦ ଡିସିମିଲି, କିସମ: ଘରବାରୀ | ଟ.୫୨,୭୦,୦୦୦/- / ଟ.୫,୨୭,୦୦୦/- / ଟ.୫୦,୦୦୦/- | ୧୦.୦୬.୨୦୨୧ ସୁଦ୍ଧା ଟ.୯୫,୦୯,୨୭୬/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି / ୧୧.୦୬.୨୦୨୧ |

ଇଚ୍ଛୁକ ବିଡରମାନେ ଇ-ନିଲାମ ଶେଷ ହେବା ପୂର୍ବରୁ MSTC ରେ ପ୍ରାକ୍ ବିଡ୍ ଅମାନତ ରାଶି ଜମା କରିପାରିବେ । ପ୍ରାକ୍ ବିଡ୍ ଅମାନତ ରାଶିର କ୍ରେଡିଟ୍ ବିଡ୍‌ରଙ୍କୁ କେବଳ MSTC ର ବ୍ୟାଙ୍କ ଆକାଉଣ୍ଟରେ ଦେୟ ରସିଦ୍ ଏବଂ ଇ-ନିଲାମ ୱେବସାଇଟ୍‌ରେ ସୂଚନା ଅପଡେଟ୍ କରିବା ପରେ ପ୍ରଦାନ କରାଯିବ । ବ୍ୟାଙ୍କିଙ୍ଗ୍ ପ୍ରକିୟା ଅନୁଯାୟୀ ଏହା କିଛି ସମୟ ନେଇପାରେ, ତେଣୁ ବିଡ୍‌ରମାନେ ଶେଷ ମୁହୂର୍ତ୍ତରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ପାଇଁ ନିଜ ଇଚ୍ଛା ଅନୁସାରେ ପ୍ରାକ ବିଡ୍ ଅମାନତ ରାଶି ଯଥେଷ୍ଟ ପୂର୍ବରୁ ଦାଖଲ କରିବାକୁ ଅନୁରୋଧ କରାଯାଉଛି ।
ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଅନୁସାରେ ରୁଲ ୮(୬) ଏବଂ ୯(୧)ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।
ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in
ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: କ୍ର. ନଂ. ୧ ଏବଂ ୨ ନିମନ୍ତେ ଶ୍ରୀ ପ୍ରଦୀପ ରଞ୍ଜନ ମହାପାତ୍ର (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୯୨୦୩୫୭୧, ଶେଖ୍ ମାସିଉଲ୍ଲା (ସିଟି କେସ୍ ଅଫିସର), ମୋ.: ୯୯୩୮୭୭୮୯୪୯
ସମସ୍ତ ସମ୍ପତ୍ତି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି ।
ତାରିଖ : ୧୪.୧୨.୨୦୨୨, ସ୍ଥାନ : କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ମାଙ୍କଡ଼ ଆକ୍ରମଣରେ ମହିଳା ମୃତ

ଧର୍ମଶାଳା,(ଡି.ଏନ.ଏ.): ଧର୍ମଶାଳା ଥାନା ଉତ୍ତରପ୍ରତାପ ଗ୍ରାମରେ ବୁଧବାର ମାଙ୍କଡ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଅରକ୍ଷିତ ପ୍ରଧାନଙ୍କ ସ୍ତ୍ରୀ ଶାନ୍ତିଲତା (୫୨) । ବୁଧବାର ମଧ୍ୟାହ୍ନରେ ସେ ରୋଷେଇ ପାଇଁ ପରିବା କାଟୁଥିଲେ । ଏହି ସମୟରେ ଏକାଧିକ ମାଙ୍କଡ ତାଙ୍କ ଘର ଭିତରକୁ ପଶି ଆସିଥିଲେ । ଶାନ୍ତିଲତା ମାଙ୍କଡମାନଙ୍କୁ ଘରୁ ଘଉଡାଇବା ବେଳେ ଏକ ଦନ୍ତା ମାଙ୍କଡ ତାଙ୍କୁ ଚାପୁଡା ମାରିବା ସହ ଠେଲିଦେଇଥିଲା । ଶାନ୍ତିଲତା ତଳେ ପଡି ଗୁରୁତର ହୋଇପଡିଥିଲେ । ପରିବାର ଲୋକେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ କଟକ ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା ।

**ସଂକ୍ଷେପରେ**

## ଦାନଗଡି ସିଏଚ୍‌ସିରେ ଅଲଟ୍ରା ସାଉଣ୍ଡ ମେଶିନ ଉଦ୍‌ଘାଟିତ

କଳିଙ୍ଗନଗର,୧୪।୧୨(ଡି.ଏନ୍.ଏ.): ଗର୍ଭବତୀଙ୍କ ଚିକିତ୍ସା ପାଇଁ ଆଉ ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ଏକ ଅଲଟ୍ରା ସାଉଣ୍ଡ ମେଶିନକୁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଇ.ପ୍ରୀତିରଞ୍ଜନ ଘଡ଼ାଇ ଉଦ୍‌ଘାଟନ କରିଛନ୍ତି। ପ୍ରଶିକ୍ଷଣ ନେଇଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ ଡ଼ାକ୍ତରଙ୍କ ଦ୍ୱାରା ଗର୍ଭବତୀମାନେ ସପ୍ତାହରେ ଥରେ ଏହି ସୁବିଧା ପାଇ ପାରିବେ ବୋଲି ବିଧାୟକ ଘଡ଼ାଇ କହିଛନ୍ତି । ବ୍ଲକ ଅଧକ୍ଷା ଅର୍ଚ୍ଚନା ଦାସ, ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ, ଜିଲା ପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ଟିନା ହାଇବ୍ରୁ, ସ୍ମୃତିରେଖା ରାଉତ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି ଓ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ସଡ଼କ ଦୁର୍ଘଟଣା,୨ ଗୁରୁତର

ପାଣିକୋଇଲି,୧୪।୧୨(ଡି.ଏନ.ଏ.): ପାଣିକୋଇଲି ଥାନା ଅନ୍ତର୍ଗତ ଆଙ୍ଗୁଲାରୋଡର ନମଟିକିରି ଗ୍ରାମ ନିକଟରେ ବାଲି ବୋଝେଇ ହାଇୱା ଏକ ସ୍କୁଟିକୁ ସାଇଡ୍ ମାରିବାରୁ ଆରୋହୀ ଓ ସହଯାତ୍ରୀ ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ, ଗୋଲେଇପୁର ପଞ୍ଚାୟତ ସାହାପୁର ଗ୍ରାମର ପ୍ରଦୀପ ସେଠୀ ନିଜ ସ୍କୁଟିରେ ସ୍ତ୍ରୀ ଓ ଝିଅକୁ ବସାଇ ସାହାପୁର ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା । ଏହି ଦୁର୍ଘଟଣାପରେ ଚାଳକ ହାଇୱାକୁ ନେଇ ଫେରାର ହୋଇଯାଇଥିଲେ । ଆହତମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରଯାଇଛି ।

## ହୋଟେଲ ବ୍ୟବସାୟୀଙ୍କ ପରଲୋକ

ପାଣିକୋଇଲି,୧୪।୧୨(ଡି.ଏନ.ଏ.): ପାଣିକୋଇଲିର ପ୍ରତିଷ୍ଠିତ ହୋଟେଲ ବ୍ୟବସାୟୀ କାଜଲ ଚନ୍ଦ୍ର ଚନ୍ଦ(୬୪)ଙ୍କ ବୁଧବାର ସକାଳେ ମଣିପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସେ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱ ମଣିପୁରଠାରେ ଆଜିକୁ ୪୫ ବର୍ଷ ହେବ ବିଶ୍ୱକର୍ମା ନାମରେ ଏକ ହୋଟେଲ ଚଳାଇ ଆସୁଥିଲେ । କିଛିଦିନ ହେବ ସେ ଅସୁସ୍ଥ ଥିଲେ । ବୁଧବାର ସକାଳ ୭.୧୫ରେ ତାଙ୍କର ପରଲୋକ ଘଟିଛି । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ବୁଦ୍ଧିଜିବୀ, ରାଜନେତା, ଗ୍ରାମବାସୀ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ଶେଷରେ ତାଙ୍କ ମରଶରୀରକୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ଶେଷକୃତ ସମ୍ପନ୍ନ କରାଯାଇଥିଲା । ତାଙ୍କର ଏକ ମାତ୍ର ପୁଅ ନନ୍ଦୁ ଚନ୍ଦ ମୁଖାଗ୍ନୀ ଦେଇଥିଲେ ।

# ନିଶାମୁକ୍ତିରେ ବିନିଯୋଗ ହେବ ଡିଏମ୍‌ଏଫ୍




- ୮ ଜିଲାପାଳଙ୍କୁ ପତ୍ର ଲେଖିଲେ ଡିଏସ୍‌ଏସ୍‌ଇପିଡି ସଚିବ
- ନିଶା ନିବାରଣ କେନ୍ଦ୍ରରେ ଅନିୟମିତତା ଅଭିଯୋଗର ତଦନ୍ତ ହେଲାନି
- ଡିଏମ୍‌ଏଫ୍ ପାଣ୍ଠି ସୁବିନିଯୋଗ ନେଇ ଆଶଙ୍କା

ଯାଜପୁର ଅଫିସ,୧୪।୧୨

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ(ଏନ୍‌ଏମ୍‌ବିଏ) କାର୍ଯ୍ୟକାରୀ ହେଉଛି। ଯୁବା ଓ ଶୈଶବ, ମହିଳା ଶିକ୍ଷାନୁଷ୍ଠାନ ଆଦି ସ୍ଥାନରେ ନିଶା ଚାହିଦା ହ୍ରାସ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି। ଏହାସହ ନିଶାସକ୍ତ ବ୍ୟକ୍ତିଙ୍କୁ ନିଶା ନିବାରଣ କେନ୍ଦ୍ରରେ ଚିକିତ୍ସା ପାଇଁ ସଂପୃକ୍ତ ଜିଲାଗୁଡିକୁ ବାର୍ଷିକ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ପ୍ରଦାନ କରାଯାଉଛି। ବର୍ତ୍ତମାନ ଏହି ଅଭିଯାନକୁ ଆହୁରି ବ୍ୟାପକ କରିବା ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍)ରୁ ଅତିରିକ୍ତ ପାଣ୍ଠି ବିନିଯୋଗ କରିବାକୁ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ମର୍ମରେ ମନ୍ତ୍ରଣାଳୟର ଅଧନସ୍ଥ ସଚିବ ରାଜୀବ କୁମାର ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ୨।୧୨।୨୦୨୨ରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଥିଲେ। ଉକ୍ତ ପତ୍ର ଆଧାରରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ(ଡିଏସ୍‌ଏସ୍‌ଇପିଡି)ର ସଚିବ ଭାସ୍କର ଶର୍ମା ଅନୁଗୋଳ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ରାୟଗଡ଼ା ଏବଂ ସୁନ୍ଦରଗଡ଼ ଜିଲାର ଜିଲାପାଳମାନଙ୍କୁ ନିଶାମୁକ୍ତ ଅଭିଯାନରେ ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ପୂର୍ବରୁ କେତେକ ବେସରକାରୀ ସଂସ୍ଥା ଜରିଆରେ ନିଶା ନିବାରଣ କେନ୍ଦ୍ର ନାମରେ ବ୍ୟାପକ ସରକାରୀ ଅର୍ଥ ହେରଫେର ଅଭିଯୋଗ ହୋଇଥିବାରୁ ପ୍ରସ୍ତାବିତ ଡିଏମ୍‌ଏଫ୍ ପାଣ୍ଠିର ସଦୁପଯୋଗ ହେବା ନେଇ ସଂଶୟ ସୃଷ୍ଟି ହୋଇଛି।

ବିଭିନ୍ନ ରାଜ୍ୟରେ ସର୍ବାଧିକ ନିଶା କାରବାର ହେଉଥିବା ୩୭୨ ଜିଲାରେ ନିଶାମୁକ୍ତ ଅଭିଯାନ କାର୍ଯ୍ୟକାରୀ ହେଉଛି। ସେଥିମଧ୍ୟରୁ ଓଡିଶାରେ ୧୫।୮।୨୦୨୦ରେ ଏହି ଅଭିଯାନକୁ ଶୁଭାରମ୍ଭ କରାଯାଇ ସେଥିରେ ୧୪ଟି ଜିଲାକୁ ସାମିଲ କରାଯାଇଛି। ଉଚ୍ଚଶିକ୍ଷା ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟ ଏବଂ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ନିଶାସକ୍ତ ହେବା ଉପରେ ଧ୍ୟାନ ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବା, ଡାକ୍ତରଖାନା ଏବଂ ନିଶା ନିବାରଣ କେନ୍ଦ୍ରରେ ପରାମର୍ଶ ଏବଂ ଚିକିତ୍ସା ସୁବିଧା ପ୍ରଦାନ କରିବା ଏହି ଯୋଜନାର ମୂଳଲକ୍ଷ୍ୟ ରହିଛି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ଏହି ଅଭିଯାନ ବହୁ ଦୂରରେ ରହିଛି। କୌଣସି ଶିକ୍ଷାନୁଷ୍ଠାନରେ ଏହି ଅଭିଯାନ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏପରି କି କେତେକ ନିଶା ନିବାରଣ କେନ୍ଦ୍ର କେବଳ କାଗଜ କଲମରେ ଚାଲି ଆବଣ୍ଟିତ ଅନୁଦାନର ସିଂହଭାଗ ବାଟମାରଣ ହୋଇଥିବା ଅଭିଯୋଗ ହୋଇଛି। ଏଠାରେ ଯାଜପୁର ଜିଲାର ଏକ ନିଶା ନିବାରଣ କେନ୍ଦ୍ରକୁ ଉଦାହରଣ ଭାବେ ନିଆଯାଇପାରେ। ୨୦୧୬-୧୭ ବର୍ଷରୁ ଯାଜପୁର ସଦର ମହକୁମାର ମାନସାପୋଲଠାରେ ଏକ ନିଶା ନିବାରଣ କେନ୍ଦ୍ର ଅଛି ବୋଲି ସରକାରୀ ଭାବେ ଦର୍ଶାଯାଉଛି । ରିପୋର୍ଟରେ ଏହି କେନ୍ଦ୍ରରେ ମୋଟ ୧୫ଟି ଶଯ୍ୟା ରହିଛି । ଡାକ୍ତର ଓ ନର୍ସ ଏହି କେନ୍ଦ୍ରରେ ଥିବା ଅନ୍ତେବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି ବୋଲି ରିପୋର୍ଟ କହୁଛି। ଏହି ସଂସ୍ଥାର ପରିଚାଳନା ଦାୟିତ୍ୱ ଏକ ସେବା ପ୍ରତିଷ୍ଠାନକୁ ଦିଆଯାଇଛି। ପ୍ରତିବର୍ଷ ଏହି ନିଶା ନିବାରଣ କେନ୍ଦ୍ର ପାଇଁ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ୨୨ଲକ୍ଷ ୨୬ ହଜାର ୪୨୦ ଟଙ୍କା ଅନୁଦାନ ମିଳୁଛି। କିନ୍ତୁ ଉକ୍ତ ଅନୁଦାନରେ ମାନସାପୋଲଠାରେ ସେଭଳି କୌଣସି କେନ୍ଦ୍ର ନାହିଁ ବୋଲି ତଦନ୍ତରୁ ଜଣାପଡ଼ିଛି। ଅନ୍ୟପକ୍ଷେ ୨ ବର୍ଷ ତଳେ ଏହି କେନ୍ଦ୍ରକୁ ମଙ୍ଗଳପୁରକୁ ସ୍ଥାନାନ୍ତର ହୋଇଥିବା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ତେବେ ମଙ୍ଗଳପୁରଠାରେ ଥିବା ଏହି କେନ୍ଦ୍ରରେ ନିଶାସକ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ଭାବେ ଚିକିତ୍ସା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହି ମର୍ମରେ ଅଞ୍ଚଳବାସୀ ଜିଲାପାଳ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କୁ ଡାକଯୋଗେ ଅଭିଯୋଗ କରିଥିବା ସୂଚନା ମିଳିଛି। ତେବେ ଏଯାଏ କୌଣସି ତଦନ୍ତ ହୋଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି।

ଅନ୍ୟପକ୍ଷେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଡିଏମ୍‌ଏଫ୍ ପାଣ୍ଠି ଏବେ ଏହି ଅଭିଯାନରେ ବିନିଯୋଗ କରାଯିବ। ଖଣି ଓ ଖଣିଜ ପଦାର୍ଥ ପ୍ରଶାସନିକ ପରିଚାଳନା ପାଇଁ ମାଇନ୍ସ ଓ ମିନେରାଲ ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ ଆକ୍ଟ ୧୯୫୭କୁ ୨୦୧୫ରେ ସଂଶୋଧନ କରାଯାଇଛି। ଏହି ଆଇନର ସବ୍‌ସେକ୍ସନ ୧ ଧାରା ୯(ବି)ରେ ଜିଲାସ୍ତରରେ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ଗଠିତ ହୋଇଛି । ଖଣି ପ୍ରଭାବିତ ଅଞ୍ଚଳର ସର୍ବାଙ୍ଗୀନ ବିକାଶରେ ଏହି ପାଣ୍ଠି ବିନିଯୋଗ କରାଯିବ ବୋଲି ପ୍ରଥମେ ନିଷ୍ପତ୍ତି ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ଜିଲାସ୍ତରରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଏହି ପାଣ୍ଠି ବିନିଯୋଗ ହେଉଛି। ପୂର୍ବରୁ ନିଶା ନିବାରଣ କେନ୍ଦ୍ର ନାମରେ ଅନିୟମିତତା ଅଭିଯୋଗ ହୋଇଛି । ଏବେ ଏହି ଅନୁଦାନ ବିନିଯୋଗ ପ୍ରସ୍ତାବ ରହିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆର.ଏନ. ବେହେରା କୁହନ୍ତି, ପ୍ରଶାସନିକ ନିଷ୍ପତ୍ତି ଅନୁସାରେ ନିଶା ନିବାରଣ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ତେବେ ଉକ୍ତ କେନ୍ଦ୍ରରେ ଅନିୟମିତତା ଅଭିଯୋଗ ସଂକ୍ରାନ୍ତରେ ଏଯାଏ କୌଣସି ତଦନ୍ତ ନିର୍ଦ୍ଦେଶ ହୋଇନାହିଁ। ଉକ୍ତ କେନ୍ଦ୍ରଟିରେ କୌଣସି ଅନିୟମିତତା ନାହିଁ ବୋଲି ସେ ସୂଚନା ଦେଇଛନ୍ତି ।

## ବିଞ୍ଝାରପୁରରେ ବ୍ଲକସ୍ତରୀୟ ଶିଶୁମେଳା


ବ୍ଲକସ୍ତରୀୟ ଶିଶୁ ମେଳାରେ ମଞ୍ଚାସୀନ ଅତିଥି ।

ସିଂହପୁର,୧୪।୧୨(ଡି.ଏନ.ଏ.)

ବିଂଝାରପୁର ବ୍ଲକ କରପଦା ବାସନ୍ତୀ ଦୁର୍ଗା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମେଳା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ସାମଲଙ୍କ ସଭାପତିତ୍ୱ କରିଥିଲେ। ବିଂଝାରପୁର ବ୍ଲକ ଓଷ୍ଟାର ସମ୍ପାଦକ ଭରତ ଚନ୍ଦ୍ର ନାୟକ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ଦାସ, ମୁଖ୍ୟବକ୍ତା ଜିଲା ଓଷ୍ଟାର ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ସମ୍ମାନୀତ ଅତିଥି ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଜିଲା ଓଷ୍ଟାର ସଭାପତି ସୁନନ୍ଦ କୁମାର ରାଉତ, ଜିଲା ପରିଷଦ ସଭ୍ୟ ଖଗେଶ୍ୱର ମହାନ୍ତି, ନିଖିଳ ଉତ୍କଳ ଗ୍ରନ୍ଥାଗାରିକ ସଂଘର ସଭାପତି ସୁଶାନ୍ତ କୁମାର ନାୟକ, ଆଉଁରୀ ସରପଞ୍ଚ ଅନ୍ନପୂର୍ଣ୍ଣା ଜେନା, ସମିତି ସଭ୍ୟା ସଂଯୁକ୍ତା ବେହେରା, ଓଷ୍ଟା କାର୍ଯ୍ୟକାରୀ ସଦସ୍ୟ ସୁବାସ ଚନ୍ଦ୍ର ପ୍ରଧାନ, ପ୍ରାକ୍ତନ କାର୍ଯ୍ୟକାରୀ ସଦସ୍ୟ ପିତାମ୍ବର ସ୍ୱାଇଁ, ଉପସଭାପତି ପ୍ରଦୀପ୍ତ କୁମାର ମିଶ୍ର, ପ୍ରାକ୍ତନ ସମ୍ପାଦକ ପ୍ରଦୀପ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରାଉତଙ୍କ ସଭାପତିତ୍ୱରେ ମୁଖ ଅତିଥି ଭାବେ ବିଂଝାରପୁର ବିଇଓ ସୁବାସ ଚନ୍ଦ୍ର ବିଶ୍ୱାଳ, ମୁଖ୍ୟବକ୍ତା ସୁବାସ ଚନ୍ଦ୍ର ପ୍ରଧାନ, ସମ୍ମାନୀତ ଅତିଥି ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବିନାରାୟଣ ମହାନ୍ତି, ପ୍ରାକ୍ତନ ଉପସଭାପତି ଧନଞ୍ଜୟ ରାଉତରାୟ, ପୁଷ୍ପକାନ୍ତ ମଲ୍ଲିକ, ଦିଗମ୍ବର ସାହୁ, ସନ୍ତୋଷ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିଶୁ ମେଳାରେ ୩୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୪୫ଜଣ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷଖ ଓ ଶିକ୍ଷାକର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମୀନକେତନ ପୁହାଣ, ସରୋଜ ଜେନା, ଶଶଧର ବେହେରା, ରଶ୍ମିରଞ୍ଜନ ବେହେରା, ଶରତ ଚନ୍ଦ୍ର ପରିଡା, ସୁବାସ ଚନ୍ଦ୍ର ପଣ୍ଡା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିଯୁକ୍ତି ପାଇଲେ ସହକାରୀ ରାଜସ୍ୱ ନିରୀକ୍ଷକ,ଅମିନ

ଯାଜପୁର ଟାଉନ,୧୪।୧୨(ଡି.ଏନ.ଏ.)

ଓଡିଶା ରାଜ୍ୟ ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ଦ୍ୱାରା ମିଳିତ ନିଯୁକ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୬୮ ଜଣ ସହକାରୀ ରାଜସ୍ୱ ନିରୀକ୍ଷକ ଓ ଅମିନଙ୍କୁ ଯାଜପୁର ଜିଲାରେ ନିଯୁକ୍ତି ମିଳିଛି । ବୁଧବାର ପୂର୍ବାହ୍ନରେ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ୩୫ ଜଣ ସହକାରୀ ରାଜସ୍ୱ ନିରୀକ୍ଷକ ଓ ୩୩ ଜଣ ଅମିନଙ୍କୁ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ଜିଲାରେ ଗତ ଜାନୁୟାରୀ ୩୦ରେ ଆୟୋଗ ତରଫରୁ ଲିଖିତ ପରୀକ୍ଷା ଆୟୋଜନ କରାଯାଇଥିଲା । ସେମାନଙ୍କ ମଧ୍ୟରୁ କୃତିତ୍ୱର ସହ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାର୍ଥୀ ମାନଙ୍କର ୩।୬।୨୦୨୨ରେ ପ୍ରମାଣ ପତ୍ର ଯାଞ୍ଚ କରାଯାଇ ଚୁଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯାଇ ଥିଲା । ବୁଧବାର ୬୮ ଜଣଙ୍କୁ ନିଯୁକ୍ତି ମିଳିଛି ।

## ଟଙ୍କା ଭର୍ତ୍ତି ପର୍ସ ଫେରାଇଲେ ବ୍ୟବସାୟୀ

ଛତିଆ,୧୪।୧୨(ଡି.ଏନ.ଏ.)

ଆଜି ବି ମଣିଷ ପଣିଆ ବଞ୍ଚିଛି ବୋଲି ପ୍ରମାଣିତ କରିଛନ୍ତି ଯାଜପୁର ଜିଲା ଛତିଆ ଅଞ୍ଚଳର ଜଣେ ଯୁବ ବ୍ୟବସାୟୀ । ସେ ପାଇଥିବା ଟଙ୍କା ଭର୍ତ୍ତି ପର୍ସକୁ ଖୋର୍ଦ୍ଧା ଜିଲା ସୁନାଖଳା ବେଲପଦର ଅଞ୍ଚଳର ଗାଡ଼ି ଚାଳକ ଦୈତାରୀ ସ୍ୱାଇଁଙ୍କୁ ଫେରାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

ସମ୍ପୂର୍ଣ୍ଣ ଘଟଣାଟି ଏମିତି.. । ସେଦିନ ଥିଲା ରବିବାର । ଭୁବନେଶ୍ୱରରୁ ଯାତ୍ରୀ ନେଇ ଦୈତାରୀ ଯାଜପୁର ଆସିଥିଲେ । ଛତିଆ ବଟ ମନ୍ଦିର ପାଖରେ ଗାଡ଼ି ରଖି ମନ୍ଦିର ବୁଲିବା ପାଇଁ ଯାଇଥିଲେ। କୌଣସି କାରଣରୁ ତାଙ୍କ ପର୍ସଟି ପକେଟରୁ ଖସି ପଡ଼ିଥିଲା । ହେଲେ ଏ ସଂକ୍ରାନ୍ତରେ ସେ ଜାଣି ପାରି ନ ଥିଲେ । ମନ୍ଦିର ପାଖରେ ଦୋକାନ କରିଥିବା ସ୍ଥାନୀୟ ଅଞ୍ଚଳର ଯୁବ ବ୍ୟବସାୟୀ ମନୋଜ ଷେଣ୍ଢ ରାତିରେ ସେହି ପର୍ସ ପାଇଥିଲେ । ପର୍ସରେ ୯ ହଜାର ଟଙ୍କା, ଏଟିଏମ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଓ ଅନ୍ୟାନ୍ୟ କାଗଜପତ୍ର ଥିଲା। ପର୍ସରେ ଲେଖାଥିବା ଫୋନ୍ ନମ୍ବର ପାଇବା ପରେ ମନୋଜ ତୁରନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ହେଲେ ଫୋନ୍ ଲାଗି ନ ଥିଲା । ସୋମବାର ସେ ଚଣ୍ଡିଖୋଲ ଆରଟିଓଙ୍କ ଅଫିସକୁ ଯାଇ ଡ୍ରାଇଭିଂ ଲାଇସେନ୍ସ ସାହଯ୍ୟରେ ଫୋନ୍ ନମ୍ବର ସଂଗ୍ରହ କରି ପର୍ସ ହଜାଇ ଥିବା ବ୍ୟକ୍ତିଙ୍କ ସହିତ ଯୋଗାଯୋଗ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ବୁଧବାର ଛତିଆରେ ପହଞ୍ଚିବା ପରେ ମନୋଜ ତାଙ୍କ ପର୍ସ ସହିତ ଟଙ୍କା ଓ ଅନ୍ୟାନ୍ୟ କାଗଜପତ୍ର ତାଙ୍କୁ ଫେରାଇ ଥିଲେ । ମନୋଜଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।


ମନୋଜ ପାଇଥିବା ପର୍ସ ଗାଡ଼ି ଚାଳକଙ୍କୁ ଫେରାଉଛନ୍ତି।

## ବୈଦ୍ୟୁତିକ ଯାନ ଚଳାଚଳ ଆରମ୍ଭ



**ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ୍**

କଳିଙ୍ଗନଗର,୧୪।୧୨(ଡି.ଏନ.ଏ.)

ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ ଅବସରରେ ଅଗ୍ରଣୀ ଷ୍ଟେନଲେସ ଷ୍ଟିଲ ନିର୍ମାତା ଜିନ୍ଦଲ ଷ୍ଟେନଲେସ ପକ୍ଷରୁ ବୁଧବାର କଳିଙ୍ଗନଗରସ୍ଥିତ କାରଖାନାର କର୍ମଚାରୀଙ୍କ ଯାତାୟତ ପାଇଁ ବୈଦ୍ୟୁତିକ ଯାନ ଚଳାଚଳ ଆରମ୍ଭ ହୋଇଛି। ଯାଜପୁରର ୟୁନିଟ ପ୍ରମୁଖ ଦୀପକ ଅଗ୍ରୱାଲ, ଶକ୍ତି ବିଭାଗ ମୁଖ୍ୟ କଲ୍ୟାଣ ଭଟ୍ଟାଚାର୍ଯ୍ୟ ପ୍ରମୁଖଙ୍କ ଉପସ୍ଥିତିରେ ୪ଟି ଟାଟା ନେକ୍ସନ ଇଭି ମ୍ୟାକ୍ସ ଉଦ୍‌ଘାଟନ ହୋଇଥିଲା। ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ସ୍ଥିର ମୂଳଦୂଆ ଉପରେ ଏକ ଉଲ୍ଲେଖନୀୟ ବ୍ୟବସାୟ ଗଠନ ଲକ୍ଷ୍ୟ ରହିଛି। ଗତ ଆର୍ଥିକ ବର୍ଷରେ ୧.୪ ଲକ୍ଷ ଟନ କାର୍ବନଡାଇ ଅକ୍ସାଇଡ(ସିଓ୨) ହ୍ରାସ ହୋଇଛି। ୨୦୫୦ ସୁଦ୍ଧା ନେଟ ଜିରୋ ନିର୍ଗମନ ହାସଲ କରିବାକୁ ସ୍ଥିର ହୋଇଛି। ଏଥିପାଇଁ ଏକ ରୋଡମ୍ୟାପ ପ୍ରସ୍ତୁତ କରାଯାଉଛି। କାରଖାନାରେ ବୈଦ୍ୟୁତିକ ଯାନଗୁଡିକ ଚଳାଚଳ ଡିକାର୍ବୋନାଇଜେଶନ ପଦକ୍ଷେପର ଏକ ଅଂଶ। ଏହି କାରଖାନା ସ୍ଥାୟୀ ଷ୍ଟେନଲେସ ଷ୍ଟିଲ ଉତ୍ପାଦନରେ ସର୍ବୋତ୍ତମ ହେବାକୁ ପଣ ନେଇଛି। ଏହି ଯାନଗୁଡିକର ବ୍ୟବହାର ସହିତ ବାର୍ଷିକ କାର୍ବନ ନିର୍ଗମନ ପ୍ରାୟ ୫୪ ସିଓ୨ ହ୍ରାସ ହେବ। ନିକଟ ଭବିଷ୍ୟତରେ ଏହାର ପ୍ଲାଣ୍ଟରେ ୩୦ଟି ବୈଦ୍ୟୁତିକ କାର ଏବଂ ବସ ଚଳାଇବାକୁ ଯୋଜନା କରିଛି। କମ୍ପାନୀ ଏହାର ପରିବେଶ, ସାମାଜିକ ଏବଂ ଶାସନ ଲକ୍ଷ୍ୟ ହାସଲ କରିବା ଏବଂ ସ୍ଥାୟୀ ଉତ୍ପାଦନକୁ ସ୍ଥାନାନ୍ତର ଦିଗରେ ନିରନ୍ତର କାମ କରୁଛି। ଏଥିପାଇଁ ଜିନ୍ଦଲ ଷ୍ଟେନଲେସ ମେଗା ଡିକାରବୋନାଇଜେଶନ ପ୍ରକଳ୍ପ ଗ୍ରହଣ କରିଛି। ୩୦୦ ମେଗାୱାଟ ହାଇବ୍ରିଡ ନବୀକରଣ ଯୋଗ୍ୟ ଶକ୍ତି ପ୍ରକଳ୍ପ ସ୍ଥାପନ, ଭାସମାନ ସୌର କାରଖାନା ସ୍ଥାପନ, ବର୍ଜ୍ୟ ଉତ୍ତାପ ପୁରୁଦ୍ଧାର ବଏଲର ମାଧ୍ୟମରେ ଶକ୍ତି ପୁନରୁଦ୍ଧାର ଏବଂ ଲଜିଷ୍ଟିକ ପାଇଁ ରାସ୍ତାରୁ ରେଳ ବଦଳାଇବା ଭଳି ଅଂଶୀଦାର ରହିଛି।

## ଜୁଆ ଆଡ୍ଡା ଉପରେ ଚଢ଼ାଉ, ୯ ଗିରଫ

କଳିଙ୍ଗନଗର,୧୪।୧୨(ଡି.ଏନ୍.ଏ.)

ମଙ୍ଗଳବାର ରାତିରେ ଟମକା ଥାନା ପୋଲିସ ଚିତ୍ରୀ ଛକ ନିକଟରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୯ଜଣଙ୍କୁ ଗିରଫ କରିଛି । ଘଟଣାସ୍ଥଳରୁ ନଗଦ ୧୩୩୭ ଟଙ୍କା , ତାସ, ୨ ମୋବାଇଲ୍ ଫୋନ୍ ଓ ଗୋଟିଏ ବାଇକ୍ ଜବତ କରିଛି । ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୫୬ /୨୦୨୨) ରୁଜୁ ହୋଇଛି । ବୁଧବାରା ଗିରଫ ବ୍ୟକ୍ତିମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦିଆଯାଇଛି ।

## ବୁଦ୍ଧଙ୍କ ବାଣୀ ଯୁଗ ଯୁଗ ପାଇଁ ପ୍ରେରଣା ଯୋଗାଇବ

**ଉଦୟଗିରି ବୁଦ୍ଧ ମହୋତ୍ସବ**

ଚଣ୍ଡିଖୋଲ,୧୪।୧୨(ଡି.ଏନ.ଏ.)

ତଥାଗତ ବୁଦ୍ଧ ତାଙ୍କର ସାଧନା ବଳରେ ଯେଉଁ ସିଦ୍ଧି ଲାଭ କରିଥିଲେ ତାର ବାର୍ତ୍ତା ସାରା ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି । ତାଙ୍କ ବାଣୀ ଆଗାମୀ ପିଢ଼ି ପାଇଁ ପ୍ରେରଣା ଯୋଗାଇବ ବୋଲି ଉଦୟ ଗିରି ବୁଦ୍ଧ ମହୋତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଡ. ବିଜୟ କିଶୋର ସାମଲ ମତବ୍ୟକ୍ତ କରିଛନ୍ତି । ଯାଜପୁର ଜିଲା ବଡଚଣା ବ୍ଲକ ଅନ୍ତର୍ଗତ ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟ ଗିରି ଠାରେ ୧୩ ତମ ଉଦୟ ଗିରି ବୁଦ୍ଧ ମହୋତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ବୁଧବାର ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ଆନୁକୂଲ୍ୟରେ ଆବାହକ ମହେଶ୍ୱର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଆନ୍ତର୍ଜାତିକ ଲେଖକ ଓ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ବିଶ୍ ରେ ଏବେ ହିଂସା ବ୍ୟାପିଛି । ଏହା ବନ୍ଦ ହେବା ଆବଶ୍ୟକ । ସେଥିପାଇଁ ବୁଦ୍ଧଙ୍କ ଅହିଂସା ବାଣୀର ଆବଶ୍ୟକତା ରହିଛି। ଏଠାରୁ ଏହି ଅହିଂସା ବାଣୀ ସାରା ବିଶ୍ୱକୁ ଯାଉ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବନପାଳ ଶଶିକାନ୍ତ ବେହେରା, କବି ପ୍ରଭାକର ଶତପଥୀ, ପ୍ରାକ୍ତନ ପଞ୍ଚାୟତ ସମିତି ଉପାଧକ୍ଷ ପଞ୍ଚାନନ ଧଳ ଓ କିଶୋର ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ ଡ. ଭଗ୍ୟଧର ସାହୁ,କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଶୁଭେନ୍ଦୁ କୁମାର ଭୂୟାଁ । ଏହି ଅବସରରେ ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି, ଡ ବିଜୟ କୁମାର ସାମଲ, କବି ପ୍ରଭାକର ଶତପଥୀ ଓ ଶଶିକାନ୍ତ ବେହେରା ପ୍ରମୁଖଙ୍କୁ ଉଦୟଗିରି ବୁଦ୍ଧ ମହୋତ୍ସବ ସମ୍ମାନ ରେ ସମ୍ମାନିତ କରାଯାଇଥିଲା ।

## ଜବରଦଖଲରେ ଥିବା ମାର୍କେଟ କମ୍ପ୍ଲେକ୍ସ ଉଚ୍ଛେଦ ହେଲା

କଳିଙ୍ଗନଗର,୧୪।୧୨(ଡି.ଏନ.ଏ.)

ଯାଜପୁର ଜିଲା କଳିଙ୍ଗନଗର ନିକଟସ୍ଥ ତ୍ରିଜଙ୍ଗା ମୌଜା ସିଙ୍ଗାଡ଼ିଆ ମାର୍କେଟ କମ୍ପ୍ଲେକ୍ସକୁ ପ୍ରଶାସନ ପକ୍ଷରୁ ବୁଧବାର ଉଚ୍ଛେଦ କରାଯାଇଛି । ଏହି ଜବରଦଖଲ ଉଚ୍ଛେଦ ସମୟରେ ଦାନଗଦୀ ଅତିରିକ୍ତ ତହସିଲଦାର ନାରାୟଣ ଚନ୍ଦ୍ର ଦୀକ୍ଷିତ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ । ଉଚ୍ଛେଦ ପ୍ରକ୍ରିୟା ସମୟରେ ଦାନଗଦୀ ତହସିଲଦାର ନମ୍ରତା ମୋଦି, ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ଏସ୍‌ଆଇ ଅଜୟ କୁମାର ସାହୁ, ଆରଆଇ ଶିବାନୀ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳାକୁ ଆଖି ଆଗରେ ରଖି ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ହେଲେ ଉଚ୍ଛେଦ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା । ପ୍ରଶାସନ ୨ଟି ଜେସିବି ମେଶିନ ସହାୟତାରେ ମାର୍କେଟ କମ୍ପ୍ଲେକ୍ସକୁ ଭାଙ୍ଗିଥିଲା ।


ମାର୍କେଟ କମ୍ପ୍ଲେକ୍ସକୁ ଭଙ୍ଗାଯାଉଛି ।

ଉଲ୍ଲେଖଯୋଗ୍ୟ, ଦାନଗଦୀ ତହସିଲ ଦାନଗଦୀ ରାଜସ୍ୱ ସର୍କଲ ତ୍ରିଜଙ୍ଗା ମୌଜା ଖାତା ନମ୍ବର ୪୯୯ ପ୍ଲଟ ନଂ. ୩୨୮ରେ ୫୦ ଡେସିମିଲ ଜମିକୁ ଜବରଦଖଲରେ ରଖି ଏସ. କେ.ସାଲିଉଦ୍ଦିନ ନାମକ ଜଣେ ବ୍ୟକ୍ତି ସିଙ୍ଗାଡ଼ିଆ ଛକରେ ପ୍ରଥମ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିଥିଲେ । କିଛିଦିନ ହେବ ସେହି ମାର୍କେଟ କମ୍ପ୍ଲେକ୍ସ ଉପରେ ପୁଣି ଦ୍ୱିତୀୟ ମହଲା ନିର୍ମାଣ ଚାଲିଥିଲା । ତାହା ଜଙ୍ଗଲ କିସମ ଜମି ହୋଇଥିବାରୁ ଜବରଦଖଲକାରୀ ଅବାଧରେ ନିର୍ମାଣ କାମ ଚାଲୁ ରଖିଥିଲେ। ହେଲେ ମାର୍କେଟ କମ୍ପ୍ଲେକ୍ସ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ସମ୍ପୃକ୍ତ ଜବରଦଖଲକାରୀଙ୍କୁ ଗତ ଅକ୍ଟୋବରରେ ନୋଟିସ ଜାରି କରିଥିଲେ। ହେଲେ ଜବରଦଖଲକାରୀ ପ୍ରଶାସନର ନୋଟିସକୁ ଖାତିର କରି ନ ଥିଲେ। ବାଧହୋଇ ପ୍ରଶାସନ ଜବରଦଖଲ ଉଚ୍ଛେଦ ପାଇଁ ପୁଣି ଥରେ ମାର୍କେଟ କମ୍ପ୍ଲେକ୍ସ କାନ୍ଥରେ ଗତକାଲି ନୋଟିସ ଲଗାଇଥିଲା । ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଦାର ଦୀକ୍ଷିତ ବୁଧବାର ନିର୍ଦ୍ଧାରିତ ସମୟରେ ପହଞ୍ଚି ଉଚ୍ଛେଦ କରିଥିଲେ। ଜବରଦଖଲକାରୀ ୧୨ ଗୁଣ୍ଠରୁ ଅଧିକ ଜମି ଜବରଦଖଲରେ ରଖି ପ୍ରାୟ ୫ ହଜାର ବର୍ଗ ଫୁଟର ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିଥିଲେ। ତହସିଲ ପକ୍ଷରୁ ଏହି ଜମିକୁ ଅବୈଧ ଘୋଷଣା କରାଯାଇ ଉଚ୍ଛେଦ କରିବାକୁ ନୋଟିସ କରାଯାଇଥିଲା । ଏ ସଂକ୍ରାନ୍ତରେ ତହସିଲଦାର ମୋଦି କହିଛନ୍ତି, ଜବରଦଖଲରେ ଥିବା ଜମିକୁ ଚିହ୍ନଟ କରାଯାଇଛି ଦ୍ୱିତୀୟ ଦଫାରେ ଉଚ୍ଛେଦ କରାଯିବ । ଏଥିପାଇଁ ଦଖଲକାରୀଙ୍କୁ ପୁଣିଥରେ ନୋଟିସ କରାଯିବ ।

## ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଗୁରୁତ୍ୱାରୋପ

**ଗୋଲେଇପୁର ପଞ୍ଚାୟତରେ ଗ୍ରାମସଭା**

ପାଣିକୋଇଲି,୧୪।୧୨(ଡି.ଏନ.ଏ.)

ଯାଜପୁର ଜିଲା କୋରାଇ ବ୍ଲକ ଗୋଲେଇପୁର ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସରପଞ୍ଚ ସସ୍ମିତା ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଜ୍ଜୁନ କୁମାର ବରାଳ, ସମିତିସଭ୍ୟା ପ୍ରତିନିଧି ଶଶିକାନ୍ତ ମାଝି, ନାଏବ ସରପଞ୍ଚ ଏସ୍.କେ. ହାସିମ, କୃଷି ଅଧିକାରୀ ସଞ୍ଜୟ ସାହୁଙ୍କ ସମେତ ସମସ୍ତ ୱାର୍ଡସଭ୍ୟା/ସଭ୍ୟଙ୍କ ସମେତ ଏସ୍‌ଏସ୍‌ଜି ଗ୍ରୁପର ସଦସ୍ୟା,ସଦସ୍ୟ ଉପସ୍ଥିତ ଥିଲେ । ଉକ୍ତ ଗ୍ରାମସଭାରେ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯିବା ସହ ଗ୍ରାମ୍ୟ ରାସ୍ତା, ପାନୀୟ ଜଳ ଯୋଗାଣ, ଆବାସ ଯୋଜନା ବିଷୟରେ ଗୁରୁତ୍ୱାରେପ କରାଯାଇଥିଲା। ଉକ୍ତ ପଞ୍ଚାୟତରେ ନିର୍ମାଣ ହୋଇଥିବା ମିଶନ ଶକ୍ତି ଗୃହକୁ ଦୀର୍ଘ ଦିନ ଧରି ଚାବି ପକାଇ ରଖାଯାଇଥିବା ଯୋଗୁ ମିଶନ ଶକ୍ତି ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହି ବିଷୟରେ ବିଡିଓ ଓ ଜିଲାପାଳଙ୍କୁ ଅବଗତ କରାଯିବାସହ ତୁରନ୍ତ ମିଶନ ଶକ୍ତି ଗୃହକୁ ଖୋଲିବା ପାଇଁ ସରପଞ୍ଚ ମାଝିଙ୍କୁ ଜଣାଇଥିଲେ । ପଞ୍ଚାୟତରେ ହୋଇଥିବା ଆବାସ ଦୁର୍ନୀତି ବିଷୟରେ ସରପଞ୍ଚ କୋରାଇ ବିଡିଓଙ୍କୁ ଅବଗତ କରାଇବା ସହ ଦୁର୍ନୀତିର ପ୍ରତିକାର କରାଯିବ ବୋଲି ମତ ପ୍ରକାଶ ପାଇଥିଲା । ଶେଷରେ ପଞ୍ଚାୟତର ସାନ ବିରୁହାଁ ଗ୍ରାମ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ ହୋଇଥିବାରୁ ପ୍ରଶାସନିକ ଅଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଯାଜପୁର ଜିଲାପାଳ ଓ କୋରାଇ ବିଡିଓଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ଲୋକସେବା ଭବନ ଆଗରେ ବୃଦ୍ଧଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ଥାନାରୁ ନ୍ୟାୟ ନ ପାଇ ଜଣେ ବୃଦ୍ଧ ବୁଧବାର ଲୋକସେବା ଭବନ ଆଗରେ ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଗ୍ରାମର ରବୀନ୍ଦ୍ର ମୋହନ ଦାସ (୭୫)। ଫିନାଇଲ ପିଇଦେବା ପରେ ପୋଲିସ ତାଙ୍କୁ ଉଦ୍ଧାର କରି ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଥାନାରେ ପୋଲିସ ଏତଲା ନ ରଖିବା ଓ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସେ ନିରାଶ ହୋଇ ଆତ୍ମହତ୍ୟା ଉଦ୍ୟମ କରିଥିବା ରବୀନ୍ଦ୍ର କହିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ୨୦୨୧ରେ କଳିଙ୍ଗ ବିହାରରେ ୫ ଲକ୍ଷ ୧୨ ହଜାର ୮୦୦ ଟଙ୍କା ଖର୍ଚ୍ଚକରି ଏକ ପାର୍ଲର କରିଥିଲେ। ଅଜୟ ବାରିକ ବାଳକଟା କାରିଗର ଥିଲେ। ଖୋଲିବାର ୧୦ଦିନ ପରେ ଅଜୟ ବାରିକ, ରଞ୍ଜନ ବାରିକ ଓ ଘରର ମାଲିକ ସତ୍ୟବ୍ରତ ବେହେରା ତାଙ୍କ ପାର୍ଲରକୁ ଜବରଦସ୍ତ ନେଇଯିବାକୁ ଯୋଜନା କରିଥିଲେ। ଗତବର୍ଷ ଅକ୍ଟୋବର ୫ରେ ମାରିଦେବାକୁ ଧମକ ଦେବା ସହ ଛୁରି ଦେଖାଇ ୫୦ ହଜାର ଟଙ୍କା ନେଇଯାଇଥିଲେ। ଏହାର ୨ଦିନ ପରେ ଏନେଇ ତମାଣ୍ଡୋ ଥାନାରେ ସଂପୃକ୍ତ ୩ ବ୍ୟକ୍ତିଙ୍କ ନାଁରେ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜୁ ନ କରିବାରୁ ନଭେମ୍ବର ୧୨ରେ ଆଇଆଇସି, ଡିସିପି ଓ କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ କୌଣସି ପଦକ୍ଷେପ ନିଆ ନ ଯିବାରୁ କଟକସ୍ଥିତ ପୋଲିସ ଡିଜି ଅଫିସ୍‌ରେ ଆତ୍ମାହୁତି ପାଇଁ ଯାଇଥିବାବେଳେ ତାଙ୍କୁ ବୁଝାଇଶୁଝାଇ ସେଠାରୁ ବିଦା କରିଦିଆଯାଇଥିଲା। ଏପରିକି ନ୍ୟାୟ ଦେବା ପରିବର୍ତ୍ତେ ପରବର୍ତ୍ତୀ ସମୟରେ ତମାଣ୍ଡୋ ଥାନାର ତତ୍କାଳୀନ ଆଇଆଇସି ଓ ସେକେଣ୍ଡ ଅଫିସର ତାଙ୍କୁ ନିର୍ଯାତନା ଦେଇଥିଲେ। ଏହା ବିରୋଧରେ ରବୀନ୍ଦ୍ର ରାଜ୍ୟ ମାନବିକ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ କମିଶନ ଏହାର ବିଚାର କରିବା ସହ ପୋଲିସ ଠିକ୍ ତଦନ୍ତ କରୁଥିବା ଜାଣିବା ପରେ ରବୀନ୍ଦ୍ରଙ୍କୁ ଉକ୍ତ ପାର୍ଲରରୁ ସମସ୍ତ ଜିନିଷପତ୍ର ନେଇଯିବାକୁ କହିଥିଲେ। ତେବେ ସବୁଠି ନିରାଶ ହେବା ପରେ ରବୀନ୍ଦ୍ର ଶେଷରେ ଏପରି ପଦକ୍ଷେପ ନେବାକୁ ଚରମ ନିଷ୍ପତ୍ତି ନେଇଥିବା କହିଛନ୍ତି।

ହେଲେ କମିଶନରେଟ ପୋଲିସ ପକ୍ଷରୁ ଉକ୍ତ ଅଭିଯୋଗକୁ ଖଣ୍ଡନ କରାଯାଇଛି। ରବୀନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତି କରି ତମାଣ୍ଡୋ ଥାନା ପୋଲିସ ଆଇପିସି ଦଫା ୪୧୭, ୪୨୦, ୩୪୧, ୪୫୪, ୩୮୦, ୫୦୬ ଓ ୩୪ରେ ମାମଲା (ନଂ.୧୦/୨୦୨୨) ରୁଜୁ କରି ତଦନ୍ତ କରିଥିଲା। ପରେ ଅଭିଯୁକ୍ତ ଅଜୟ ବାରିକ, ରାମରଞ୍ଜନ ବାରିକ ଓ ସତ୍ୟବ୍ରତ ବେହେରାଙ୍କ ବିରୋଧରେ ଗତ ମାର୍ଚ୍ଚ ୩୧ରେ ଚାର୍ଜଶିଟ୍ (ନଂ.୭୧) ଦାଖଲ କରାଯାଇଛି। ଏଥିସହ ସମ୍ପୃକ୍ତ ପାର୍ଲରକୁ ଜବତ କରାଯିବା ସହ ଅଭିଯୋଗକାରୀଙ୍କ ସମସ୍ତ ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀକୁ ପୋଲିସ ଗାଡି କରି ସେ ବର୍ତ୍ତମାନ ରହୁଥିବା ଘରେ ପହଞ୍ଚାଇ ତାଙ୍କ ଜିମା ଦେଇଥିଲା। ଏଥିସହ ଉକ୍ତ ପାର୍ଲରକୁ ନିଜ ଜିମାରେ ନେବାକୁ ରବୀନ୍ଦ୍ରଙ୍କୁ କୁହାଯାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇ ନ ଥିଲେ। ଏପରିକି ତାଙ୍କ ପରିବାରବର୍ଗ ମଧ୍ୟ ମନା କରିଥିଲେ। ତେବେ ଅଭିଯୋଗକାରୀ ଚାହିଁଲେ ପାର୍ଲର ହସ୍ତାନ୍ତର କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।


ଆତ୍ମହତ୍ୟା ଉଦ୍ୟମ କରିଥିବା ବୃଦ୍ଧଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନିଆଯାଉଛି।

**ପୋଲିସ ଅଭିଯୋଗ ଶୁଣୁ ନ ଥିବା ଅଭିଯୋଗ**

- ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି
- ଅଭିଯୋଗକୁ କମିଶନରେଟ ପୋଲିସର ଖଣ୍ଡନ

## ସଂକ୍ଷେପରେ

### ସିଙ୍ଗିରି ଶିକ୍ଷୟିତ୍ରୀ ଆତ୍ମହତ୍ୟା ଘଟଣାରେ ଜଣେ ଗିରଫ

ଆଳି,୧୪।୧୨(ଡି.ଏନ.ଏ. ): ପଡୋଶୀଙ୍କୁ ଦାୟୀ କରି ଜଣେ ଶିକ୍ଷୟିତ୍ରୀ ଆତ୍ମହତ୍ୟା କରିଥିବା ବେଳେ ଏହି ଘଟଣାରେ ଆଳି ଥାନା ପୋଲିସ ବୁଧବାର ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଥାନା ଅନ୍ତର୍ଗତ ସିଙ୍ଗିରି ଗ୍ରାମର ସୁକାନ୍ତ ବେହେରାଙ୍କ ଝିଅ ସ୍ନିଗ୍ଧା ସୁଚରିତା ରବିବାର ରାତିରେ ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ମୃତ୍ୟୁ ପୂର୍ବରୁ ୨ଟି ଚିଠି ଲେଖି ଥିଲେ। ଗୋଟିଏ ଚିଠିରେ ସେ ପଡୋଶୀ ଅକ୍ଷୟ ବେହେରା, ଅମର ବେହେରାଙ୍କ ସମେତ ତାଙ୍କ ପରିବାରକୁ ଦାୟୀ କରି ମୃତ୍ୟୁ ବରଣ କରିଥିବା ଗୋଟିଏ ଚିଠିରେ ଉଲ୍ଲେଖ କରିଛନ୍ତି। ଅନ୍ୟ ଚିଠିରେ ପରିବାର ଦାୟିତ୍ୱ ନେବାକୁ ତାଙ୍କ ଭାଇକୁ ଲେଖିଥିଲେ। ଏହି ଘଟଣା ପରେ ସ୍ନିଗ୍ଧା ସୁଚରିତାଙ୍କ ବାପା ସୁକାନ୍ତ ଆଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୯୬/୨୨ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ଅକ୍ଷୟ(୫୯)ଙ୍କୁ ଗିରଫ କରି ଦଫା ୩୦୬ ଲଗାଇ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ସୁକାନ୍ତ ଓ ଅକ୍ଷୟଙ୍କ ପରିବାର ମଧ୍ୟରେ ୨୦୨୦ରେ ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳରେ ମୃତ ସ୍ନିଗ୍ଧାଙ୍କ ସହିତ ପରିବାର ଲୋକ ଗୁରୁତର ଆହତ ହୋଇଥିଲେ। ସ୍ନିଗ୍ଧାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାରୁ ଏହା ଯନ୍ତ୍ରଣା ଦେଉଥିବା ବେଳେ ପରିବାରର ଆର୍ଥିକ ଅବସ୍ଥା ଠିକ ନଥିବାରୁ ସେ ଚିକିତ୍ସା ହୋଇ ପାରୁ ନ ଥିଲେ। ତେଣୁ ଗୋଟିଏ ପଟେ ମୁଣ୍ଡ ଯନ୍ତ୍ରଣା ଓ ଅନ୍ୟ ପଟେ କେସ ଯାହାକୁ ନେଇ ସେ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା ସେ ଲେଖିଥିବା ଚିଠିରେ ଉଲ୍ଲେଖ ରହିଛି।

### ସେମିରେ ଚେନ୍ନାଇ, କୋଚିନ, ପାରାଦୀପ, କୋଲକତା

**ବୃହତ୍ ବନ୍ଦର ଫୁଟ୍‌ବଲ ଟୁର୍ନାମେଣ୍ଟ**

ପାରାଦୀପ,୧୪। ୧୨(ସ୍ୱ.ପ୍ର.) ପାରାଦୀପ ନୂଆବଜାରସ୍ଥିତ ଗୋପବନ୍ଧୁ ଷ୍ଟାଡିୟମରେ ଚାଲିଥିବା ବୃହତ୍‌ବନ୍ଦର ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ୨ଟି ମ୍ୟାଚ ଖେଳାଯାଥିଲା। ଏଥିରେ ଗୋଟିଏ ଡ୍ର ଥିବା ବେଳେ ଅନଟିର ଫଳାଫଳ ହୋଇଛି। ପ୍ରଥମ ମ୍ୟାଚ କୋଚିନ ଓ ମୁମ୍ବାଇ ମଧରେ ହୋଇଥିଲା। ଏଥିରେ କଡା ମୁକାବିଲା ହୋଇଥିଲେ ମଧ ମ୍ୟାଚ ଡ୍ର ରହିଥିଲା। ଦ୍ୱିତୀୟ ମ୍ୟାଚ କୋଲକତା ଓ ବିଶାଖାପାଟଣା ମଧରେ ଖେଳାଯାଇଥିଲା।ଏଥିରେ କଲିକତା ୧-୦ ଗୋଲରେ ବିଜୟୀ ହୋଇଛି। ସନ୍ଦୀପ ଘୋଷ ଏହି ଗୋଲ କରିଥିଲେ। ବିଜୟ ମଙ୍ଗରାଜ, ଦୈତାରୀ କରୁଆ, ଏମ ସାକ୍ଲିନ ଓ ଆଲୋକ ଦେହୁରୀ ଖେଳ ପରିଚାଳନା କରିଥିଲେ। ଚତୁର୍ଥ ଦିନ ଖେଳ ସୁଦ୍ଧା ସେମି ଫାଇନାଲ ଖେଳିବାକୁ ୪ ଦଳ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେଗୁଡିକ ହେଲା ଚେନ୍ନାଇ ବନାମ କୋଚିନ ଓ ପାରାଦୀପ ବନାମ କୋଲକତା। ଗୁରୁବାର ସେମି ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

## ସଡ଼କ ଦୁର୍ଘଟଣାରେ ଅଗ୍ନିଶମ ହାବିଲଦାରଙ୍କ ମୃତ

ରାଜକନିକା, ୧୪।୧୨ (ଡି.ଏନ.ଏ.)

ରାଜକନିକା ଥାନା ଅନ୍ତର୍ଗତ ଆରସା ଛକଠାରେ ବୁଧବାର ପ୍ରାତଃ ୫ ଟାରେ ସଡ଼କ ଦୁର୍ଘଟଣାରେ କାର୍ଯ୍ୟରତ ଅଗ୍ନିଶମ ହାବିଲଦାରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚାନ୍ଦବାଲି ଅଗ୍ନିଶମ ବିଭାଗରେ ହାବିଲଦାର ଭାବେ କାର୍ଯ୍ୟ କରୁଥିବା ନିରଞ୍ଜନ ବେହେରା(୫୯)। ଭୋରୁ ବାଇକ୍ ଯୋଗେ ନିଜ ଘର ଭାରିଗଦା ଗ୍ରାମକୁ ଘର କାର୍ଯ୍ୟ ଦେଖିବାକୁ ଆସୁଥିବା ବେଳେ ଆରସା ଛକ ନିକଟରେ ଥିବା ପୋଲିସ୍ ବ୍ୟାରିକେଟରେ ମାଡ଼ ହେବା ଫଳରେ ଛିଟିକ୍ ପଡ଼ିଥିଲେ। ସ୍ଥାନୀୟ ଲୋକ ରାଜକନିକା ଅଗ୍ନିଶମ ବିଭାଗକୁ ଖବର ଦେବାରୁ କର୍ମଚାରୀ ପହଞ୍ଚି ନିରଞ୍ଜନଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ତେବେ ନିରଞ୍ଜନଙ୍କର ସ୍ତ୍ରୀ ସମେତ ଦୁଇପୁଅ ଓ ଜଣେ ଝିଅ ଥିବା ଜଣାପଡ଼ିଛି।

## ବ୍ରିଜ୍ ଆପ୍ରୋଚ୍ ରୋଡ୍ ପାଇଁ ଜବରଦଖଲ ଉଚ୍ଛେଦ

ରାଜନଗର, ୧୪।୧୨ (ଡି.ଏନ.ଏ.)

ରାଜନଗର-ତାଳଚୁଆ ମୁଖ୍ୟ ରାସ୍ତାର ଚାନ୍ଦିବାଉଁଶମୂଳ ବଜାର ନିକଟରେ ନୂତନ ବ୍ରିଜନିର୍ମାଣ କରାଯାଉଛି। ବ୍ରିଜନିର୍ମାଣ ଶେଷ ହେବା ପରେ ଏହାର ଆପ୍ରୋଚ ରୋଡ କାମ ଜାରି ରହିଛି। ଆପ୍ରୋଚରୋଡର ୨ ପାର୍ଶ୍ୱରେ ଜବରଦଖଲ ଯୋଗୁ କାମ ଶେଷ ହୋଇପାରୁନାହିଁ। ବୁଧବାର ରାଜନଗର ତହସିଲ ପକ୍ଷରୁ ଆପ୍ରୋଚରୋଡ ୨ ପାର୍ଶ୍ୱରେ ଥିବା ୬ଟି ଦୋକାନ ଘରକୁ ଉଚ୍ଛେଦ କରାଯାଇଛି। ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ମାଜିଷ୍ଟ୍ରେଟ ତଥା ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଡଲିମଣି ଟୁଡୁ, ରାଜସ୍ୱ ନିରୀକ୍ଷକ ନାଲୁ ବିକ୍ରମ ଚୌଧୁରୀ, ସୁପରଭାଇଜର ବୈଷ୍ଣବ ଚରଣ ଦ୍ୱିବେଦୀ, ଅମିନ ଦିଲୀପ ଦାସଙ୍କ ସମେତ ରାଜନଗର ଥାନାର ସବ୍‌ଇନିସପେକ୍ଟର ବିଭୂ ପ୍ରସାଦ ରାଉତଙ୍କ ନେତୃତ୍ୱରେ ପୁଲିସ ଟିମ ଆପ୍ରୋଚରୋଡ ଦୁଇ ପାର୍ଶ୍ୱରେ ଥିବା ୬ଟି ଦୋକାନ ଗୃହକୁ ଉଚ୍ଛେଦ କରିଛନ୍ତି।


ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

## ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ, ଜଣେ ଗୁରୁତର

ରାଜନଗର, ୧୪।୧୨(ଡି.ଏନ.ଏ.)

**ରାଜନଗର-ଗୁପ୍ତି ରାସ୍ତାରେ ଦୁର୍ଘଟଣା**

ଗୁପ୍ତି-ରାଜନଗର ରାସ୍ତାର ଚଣ୍ଡିଆପଲ୍ଲୀ ଛକ ନିକଟରେ ବୁଧବାର ସନ୍ଧ୍ୟା ୬ଟାରେ ବାଇକ୍ ଦୁର୍ଘଟଣାରେ ବିଲରୁ ଧାନକାଟି ଫେରୁଥିବା ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ବାଇକ ଚାଳକ ଜଣେ ଗୁରୁତର ହୋଇଥିବା ବେଳେ ଅନ୍ୟଜଣଙ୍କୁ ଘଟଣାସ୍ଥଳରେ ସ୍ଥାନୀୟ ଲୋକେ କାବୁ କରି ପୁଲିସ ଜିମା ଦେଇଛନ୍ତି। ଏହିଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି। ସୂଚନା ମୁତାବକ, ମହିଁଷାସୁର ଗ୍ରାମର ଶତ୍ରୁଘନ ବଳ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷ ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗାଁର ୪୫ ବର୍ଷିୟା ଗୋମା ମାରାଣ୍ଡୀ ଆଦିବାସୀ ମହିଳା ଶ୍ରମିକଙ୍କୁ ଧାନ କାଟିବାକୁ ଆଣିଥିଲେ। ବିଲରୁ ଧାନକାଟି ଶତ୍ରୁଘ୍ନଙ୍କ ଘରକୁ ଫେରିବା ବାଟରେ ଆଳି ଥାନା ଅନ୍ତର୍ଗତ ଚଣ୍ଡିଆଗଡି ଗ୍ରାମର ବାସୁଦେବ ସାହୁ, ଦୀପକ କୁମାର ଦାସ ୨ଜଣ ଯୁବକ ପେଣ୍ଠରୁ ନିଜ ଗାଁକୁ ଦ୍ରୁତଗତିରେ ଗାଡି ଚଳାଇ ଫେରୁଥିଲେ। ଏହି ସମୟରେ ଚଣ୍ଡିଆପଲ୍ଲୀ ଛକ ନିକଟରେ ବିଲରୁ ଧାନ କାଟି ସନ୍ଧ୍ୟାରେ ଘରକୁ ଫେରୁଥିବା ଗୋମାଙ୍କୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ଗୋମା ସଜ୍ଞାହୀନ ହୋଇପଡିଥିଲେ। ସ୍ଥାନୀୟ ଲୋକେ ଗୋମାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣାରେ ବାଇକ୍ ଚାଳକ ଦୀପକ ଗୁରୁତର ହୋଇଥିବା ବେଳେ ବାସୁଦେବ ସାହୁଙ୍କୁ ଲୋକେ କାବୁ କରି ପୋଲିସ ଲିସ ଜିମା ଦେଇଛନ୍ତି।

## ଚାନ୍ଦୋଳରେ ଲୁଟେରାଙ୍କ ଆତଙ୍କ: ଟାର୍ଗେଟ୍‌ରେ କଲେଜ ଛାତ୍ରୀ

ଡେରାବିଶ, ୧୪।୧୨(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚାନ୍ଦୋଳ ବଜାରରେ ଲୁଟେରାଙ୍କ ଆତଙ୍କ ଦେଖାଦେଇଛି। ବିଶେଷକରି ଲୁଟେରାଙ୍କ ଟାର୍ଗେଟ୍‌ରେ କଲେଜ ଛାତ୍ରୀ ରହିଛନ୍ତି। ବୁଧବାର ସ୍ଥାନୀୟ ଅଞ୍ଚଳର ଜଣେ ଛାତ୍ରୀ କଲେଜରୁ ନିଜ ଘରକୁ ଫେରୁଥିବା ବେଳେ ମୋବାଇଲ୍‌ରେ କଥା ହେଉଥିଲେ। ତେବେ ଏହି ସମୟରେ ୨ ଜଣ ବାଇକ୍ ଆରୋହୀ ଯୁବକ ହଠାତ୍ ଛାତ୍ରୀଙ୍କ ହାତରୁ ମୋବାଇଲ୍‌ଟିକୁ ଝାମ୍ପି ନେଇ ଦ୍ରୁତଗତିରେ ଚାନ୍ଦୋଳ ବଜାର ଆଡ଼କୁ ପଳାଇଥିଲେ।

ସେହିପରି ୨ ଦିନ ତଳେ ଚାନ୍ଦୋଳ କଲେଜ ଛକ ନିକଟରେ ଜଣେ ଛାତ୍ରୀ ମୋବାଇଲରେ କଥା ହୋଇ ଘରକୁ ଫେରୁଥିବା ବେଳେ ଲୁଟେରା ଦ୍ୱୟ ମୋବାଇଲ୍‌କୁ ଛଡ଼ାଇ ନେଇଥିଲେ। ତେବେ ଲୁଟେରା ଯୁବକ ଦ୍ୱୟଙ୍କ ମଧ୍ୟରୁ ଜଣେ ହେଲମେଟ୍ ପିନ୍ଧିଥିବା ବେଳେ ଅନ୍ୟଜଣେ ମୁହଁକୁ ଢାଙ୍କି ବାଇକ୍ ପଛରେ ବସିଥିବା ପ୍ରତ୍ୟକ୍ଷ ଦର୍ଶୀଙ୍କ ସୂତ୍ରରୁ ଜଣାପଡିଛି। ସେହିପରି ଅନ୍ୟଜଣେ ଛାତ୍ରୀ କଲେଜରୁ ଫେରୁଥିବା ବେଳେ ସାଇକେଲ୍ ଆଗରେ ରଖିଥିବା କଲେଜ ବ୍ୟାଗ୍‌ଟିକୁ ଲୁଟେରାମାନେ ଝାମ୍ପି ନେଇଥିବା ଜଣାଯାଇଛି। ଏହି ଲୁଟ୍ ଘଟଣା ଚାନ୍ଦୋଳ ଅଞ୍ଚଳରେ ସାଧାରଣରେ ଆତଙ୍କ ଦେଖାଦେଇଛି। ତୁରନ୍ତ ଲୁଟେରାଙ୍କୁ ଧରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

ମାର୍ଶାଘାଇ,୧୪।୧୨ (ଡି.ଏନ.ଏ.)

ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବୁଧବାର ମାର୍ଶାଘାଇ ବ୍ଲକର ଅନ୍ତେଇ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବହୁ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି। ମନ୍ତ୍ରୀ ନାୟକ ପ୍ରଥମେ ପାଇଲୋ ଗ୍ରାମର କାର୍ତ୍ତିକେଶ୍ୱର କମ୍ୟୁନିଟି ସେଣ୍ଟର, ପାଇଲୋଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହର ଶିଳାନ୍ୟାସ କରିଥିଲେ। ସେଠାରେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ପରେ ସେଠାରୁ ଆସି ଅନ୍ତେଇ ବିଜୁ ପଟ୍ଟନାୟକ କଲେଜର ନୂତନ ଗୃହର ଉଦ୍‌ଘାଟନ କରିବା ସହ ଉକ୍ତ ଗ୍ରାମରେ ଏକ ଫ୍ୟାସିଲିଟି ସେଣ୍ଟରର ଶିଳାନ୍ୟାସ କରିଥିଲେ। ମନ୍ତେଇ ଗ୍ରାମରେ ନୂତନ ଭାବେ ନିର୍ମିତ ହୋଇଥିବା ଆମ ଗାଁ ଆମ ବିକାଶ ଗୃହର ଉଦ୍‌ଘାଟନ ସହ ବହୁ ପ୍ରତୀକ୍ଷିତ ମନ୍ତେଇ ବିଜୁ ସେତୁର ଉଦ୍‌ଘାଟନ କରିଥିଲେ। ଆୟୋଜିତ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ।

## ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବିରିଡି,୧୪।୧୨(ଡି.ଏନ.ଏ)

ବିରିଡି ବ୍ଲକ ବାସନ୍ଦରା ବହୁମୁଖୀ ବନ୍ୟା ବାତ୍ୟା ଆଶ୍ରୟସ୍ଥଳୀଠାରେ ପରିଚାଳନା କମିଟି ପକ୍ଷରୁ ଚାଲିଥିବା ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ୭୫ ଜଣଙ୍କୁ ତାଲିମ ଦିଆଯାଇଥିଲା। ସେମାନଙ୍କ ମଧ୍ୟରେ ଯୁବତୀ, ଯୁବକ ଓ ସୁପରିଚାଳନା ନିମନ୍ତେ ବୟସ୍କ ବ୍ୟକ୍ତିମାନେ ସାମିଲ ହୋଇଥିଲେ । ଉଦ୍‌ଯାପନୀ ସଭାରେ ସରପଞ୍ଚ ତଥା ଆଶ୍ରୟ ସ୍ଥଳର ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଜେନା ସଭାପତିତ୍ୱ କରିଥିଲେ। ଏଥିରେ ଆଶ୍ରୟ ସ୍ଥଳର ସମ୍ପାଦକ ଅଞ୍ଜନ କୁମାର ଜେନା, ପ୍ରଫେସର ରମାକାନ୍ତ ଭୋଇ, ସୌଭାଗ୍ୟ ପଟ୍ଟନାୟକ, ସମିତି ସଭ୍ୟ ସ୍ନେହାଶିଷ ଜେନା, ପ୍ରଶାନ୍ତ ଜେନା, ଲକ୍ଷ୍ମଣ ଜେନା, ପୂର୍ବତନ ସରପଞ୍ଚ ସତ୍ୟଜିତ ରାୟ, ସମିର ଦଳାଇ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ନେଉଥିବା ଯୁବତୀ,ଯୁବକମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ।



ଶିବିରରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ତାଲିମ ଦିଆଯାଉଛି।

## ସମାଜକୁ ସୁଧାରୁଥିବା ସାମ୍ବାଦିକଙ୍କ ସୁରକ୍ଷା ନାହିଁ



ବୈଠକରେ ଉପସ୍ଥିତ ଅତିଥିମାନେ।

କେନ୍ଦ୍ରାପଡ଼ା ଅଫିସ, ୧୪।୧୨

**ରାଜ୍ୟ ସାମ୍ବାଦିକ ସଂଘର ବୈଠକ**

ରାଜ୍ୟ ସାମ୍ବାଦିକ ସଂଘ କେନ୍ଦ୍ରାପଡ଼ା ଜିଲା ଶାଖାର ବୈଠକ ସହରର ଶ୍ୟାମସୁନ୍ଦରପୁର ଗଡାସ୍ଥିତ ଚଣ୍ଡିଆ ପ୍ୟାଲେସରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଶିବାଶିଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା ସହ ସଙ୍ଗଠନ ସୁଦୃଢ଼ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଗଗନ ବିହାରୀ ସାହୁ ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ଭାବେ କୋଷାଧ୍ୟକ୍ଷ ଅଖିଳେଶ ମହାନ୍ତି, ଖବରଦାତା ଗଣେଶ ଚନ୍ଦ୍ର ସାମଲ ଯୋଗ ଦେଇଥିଲେ। ସେହିପରି ଆଲୋଚନାଚକ୍ରରେ ବରିଷ୍ଠ ଖବରଦାତା ପରୀକ୍ଷିତ ପାତ୍ର, ମାତୃଦତ୍ତ ମହାନ୍ତି, ପରେଶ ଦାସ ପ୍ରମୁଖ ଭାଗ ନେଇଥିଲେ। ଆଲୋଚକ ଓ ଅତିଥିମାନେ କହିଥିଲେ ଯେ, ସୁସ୍ଥ ସମାଜ ଗଠନରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦୁର୍ବଳ ବ୍ୟବସ୍ଥାକୁ ଠିକ୍ ସମୟରେ ଉପସ୍ଥାପନା କରିବା, ଏହାର ନିରାକରଣ ପାଇଁ ପରାମର୍ଶ ଦେବାଠାରୁ ଆରମ୍ଭ କରି ବିପର୍ଯ୍ୟୟ ସମୟରେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ସଚେତନ କରିବା ଦାୟିତ୍ୱ ଲିଭାଇଥାନ୍ତି। ତେବେ ଖବରଦାତାଙ୍କ ସୁରକ୍ଷା ଓ ଆର୍ଥିକ ସ୍ଥିତି ସମ୍ପର୍କରେ କୌଣସି ସମୟରେ ଆଲୋଚନା ହୁଏ ନାହିଁ। ଅପରପକ୍ଷରେ ଲୋକଙ୍କ ରାଜସ୍ୱରେ ବେତନ ପାଉଥିବା ରାଜନେତା, ପ୍ରଶାସକ ଓ ନ୍ୟାୟପାଳଙ୍କ ଆକ୍ରୋଶର ଶୀକାର ହେବାକୁ ପଡୁଛି। ମାସିକ ବେତନଠାରୁ ସ୍ୱାସ୍ଥ୍ୟ କାର୍ଡର ପରିଣାମ ବୃଦ୍ଧି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହେଉଛି। ମାତ୍ର ଏହାର ସୁଫଳ ମିଳିପାରୁନାହିଁ। ସଂଘବଦ୍ଧ ଭାବେ ନିଜର ସୁରକ୍ଷା ପାଇଁ ଲଢ଼େଇ କରିବାକୁ ଏଠାରେ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଭା ପାଇଁ ୫ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦମନ ମହାନ୍ତି, ସୂଚନା ଅଧିକାର କର୍ମୀ ପ୍ରତାପ ମହାନ୍ତି, ମାନବ ଅଧିକାର କର୍ମୀ ସାଗର ଜେନା, ତବଲା ବାଦକ ବାବାଜି ଚରଣ ସ୍ୱାଇଁ ଓ ସାମାଜିକ କର୍ମୀ ବାପି ଗୋଛାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବୈଠକ ଓ ଆଲୋଚନା ଚକ୍ରକୁ ଖବରଦାତା ଦୈତାରୀ ଜେନା, ମୁକ୍ତେଶ୍ୱର ସ୍ୱାଇଁ, ଆକାଶ ଦାସ, ମନୋଜ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ବ୍ଲକ ସମ୍ମୁଖରେ ପଞ୍ଚାୟତବାସୀଙ୍କ ଆମରଣ ଅନଶନ

ରାଜନଗର, ୧୪।୧୨(ଡି.ଏନ.ଏ.)

**କୁରୁଣ୍ଟି ପଞ୍ଚାୟତରେ ୬ଟି ପ୍ରକଳ୍ପ ଲୁଟ୍ ଘଟଣା**

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତରେ କୌଣସି କାମ ନ କରି ୬ଟି ପ୍ରକଳ୍ପର ଅର୍ଥ ଲୁଟ ଘଟଣା ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ପଞ୍ଚାୟତର ଉନ୍ନତି ପାଇଁ ଆସିଥିବା ସରକାରୀ ଅର୍ଥକୁ ମିଳିମିଶି ଚଳୁ କରିଥିବା ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ ଗିରଫ ଦାବିରେ ବୁଧବାର ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ପଞ୍ଚାୟତବାସୀ ଶୋଭାଯାତ୍ରାରେ ସରକାରୀ ଅଧିକାରୀଙ୍କ ବିରୋଧରେ ବିଭିନ୍ନ ନାରା ଦେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସି ରହିଛନ୍ତି। ପୂର୍ବତନ ସରପଞ୍ଚ ଜୁମର କୁମାର ସ୍ୱାଇଁ, ପ୍ରଭାତ କୁମାର ପ୍ରଧାନ, ହିମାଂଶୁ ଶେଖର ପାଣି, ଦାମୋଦର ରାଉତ, କିଶୋର ଚନ୍ଦ୍ର ବିଶ୍ୱାଳ, ପ୍ରଭାକର ବିଶ୍ୱାଳ, ସମୀର ସାହୁ, ନଟବର ପଲାଇ ଆମରଣ ଅନଶନରେ ବସି ରହିଛନ୍ତି। ଏହି ଅନଶନକୁ ସମର୍ଥନ କରି ଶତାଧିକ ପଞ୍ଚାୟତବାସୀ ଅନଶନ ସ୍ଥଳରେ ବସି ରହିଛନ୍ତି। ବ୍ଲକ ସମ୍ମୁଖରେ ଆମରଣ ଅନଶନ ପରେ ଏହି ଦୁର୍ନୀତି ଅଭିଯୋଗର ତଦନ୍ତ କରାଯିବାର ୮ ଦିନ ପରେ ବୁଧବାର ବ୍ଲକ ପ୍ରଶାସନ ପକ୍ଷରୁ ଜିଲା ପ୍ରଶାସନକୁ ତଦନ୍ତ ରିପୋର୍ଟ ପ୍ରଦାନ କରାଯାଇଛି। ପୂର୍ବାହ୍ନ ୧୦ଟାରେ କୁରୁଣ୍ଟି ପଞ୍ଚାୟତର ଶତାଧିକ ଲୋକ ରାଜନଗର ଦଧିବାମନ ଜୀଉ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ଅନଶନରେ ବସିଛନ୍ତି। ଆମରଣ ଅନଶନକାରୀଙ୍କ ସହ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଆଲୋଚନା କରି ଆମେ ତଦନ୍ତ କରି ରିପୋର୍ଟ ଦେଇଛୁ, ଜିଲାପାଳ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ। ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ଯାଏଁ ଆମେ ଆମରଣ ଅନଶନରୁ ହଟିବୁ ନାହିଁ ବୋଲି ଅନଶନକାରୀ କହିଥିଲେ।

ସୂଚନାଯୋଗ୍ୟ, କୁରୁଣ୍ଟି ପଞ୍ଚାୟତର ପଶ୍ଚିମଭେଡା ଗାଁର ବିଜୟ ବଳଙ୍କ ଘର ପର୍ଯ୍ୟନ୍ତ ପାଇପ ଯୋଗେ ପାନୀୟଜଳ ପ୍ରକଳ୍ପ ନାଁରେ ୧ ଲକ୍ଷ ଟଙ୍କା, କୁରୁଣ୍ଟି ନରେନ୍ଦ୍ର ସାହି ଘର ପର୍ଯ୍ୟନ୍ତ, ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବା ନାଁରେ ୭୬ ହଜାର ଟଙ୍କା, ବଳରାମପୁର ୨ଟି କଲଭର୍ଟ ନାଁରେ ୧ ଲକ୍ଷ ୭୦ହଜାର ଟଙ୍କା, ନୋଧା ବସନ୍ତ ପ୍ରାଥମିକ ବିଦ୍ୟାଳୟରେ ପାନୀୟ ଜଳ ଯୋଗାଇ ଦେବା ପାଇଁ ପାଇପ ବିଛାଇବା ନାଁରେ ୧ ଲକ୍ଷ ଟଙ୍କା ଲୁଟି ନିଆଯାଇଛି। ଭୂଇଁରେ କୋଦାଳ ଦାଗ ବସି ନ ଥିବା ବେଳେ ପ୍ରକଳ୍ପ ସ୍ଥଳରେ କୌଣସି କାମ ହୋଇନାହିଁ। କିପରି ସରକାରୀ ଟଙ୍କା ଲୁଟ ହେଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ରାଜ୍ୟ ସରକାରଙ୍କ ଇ' ସ୍ୱରାଜ ପୋର୍ଟାଲରୁ ଏହି ଫଲ୍ସ ବିଲର ସତ ଧରା ପଡିବା ପରେ ପଞ୍ଚାୟତବାସୀ ଏ ନେଇ ବିଡିଓଙ୍କୁ ଗତ ୫ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ, ଜିପିଇଓ ଏବଂ ଆକାଉଣ୍ଟ ଅଫିସର ୭ ତାରିଖ ଦିନ ପ୍ରକଳ୍ପ ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତରେ ଲୁଟର ପ୍ରମାଣ ଓ ଫଲ୍ସ ବିଲ ହୋଇଥିବା ତଦନ୍ତକାରୀ ଅଧିକାରୀ ଦେଖିଥିଲେ। ମାତ୍ର ଏହି ଫଲ୍ସ ବିଲ ଘଟଣାରେ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସମେତ ୨ଜଣ କନିଷ୍ଠଯନ୍ତ୍ରୀ ଏବଂ ଜଣେ ସହକାରୀ ଯନ୍ତ୍ରୀଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଥିଲା। ଏ ସମ୍ପର୍କରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରୁ ଯାହା ଖବର ପ୍ରକାଶ ପାଇଛି, ତାହା ସତ୍ୟ। ତଦନ୍ତ ରିପୋର୍ଟରେ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜଣେ ସହକାରୀ ଯନ୍ତ୍ରୀଙ୍କ ସମ୍ପୃକ୍ତି ରହିଥିବା ନେଇ ରିପୋର୍ଟ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି।



କୁରୁଣ୍ଟି ପଞ୍ଚାୟତରେ ୬ଟି ପ୍ରକଳ୍ପ ଲୁଟ୍ ଘଟଣାକୁ ମହିଳାପୁରୁଷମାନେ ଶୋଭାଯାତ୍ରାରେ ବ୍ଲକକୁ ଆମରଣ ଅନଶନ ପାଇଁ ଯାଉଛନ୍ତି।

# କଣ୍ଟିଲୋ ମାଘମେଳା ପଡ଼ିଆ ବିକ୍ରି ପାଇଁ ମସୁଧା

## ପ୍ରତିବାଦରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି

**ନୟାଗଡ଼ ଅଫିସ,୧୪।୧୨**

ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ ତଥା ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଚିତ ନୟାଗଡ଼ ଜଲା ଖଣ୍ଡପଡ଼ା ବ୍ଲକ ଅଧନ ପ୍ରଭୁ ଶ୍ରୀନୀଳମାଧବ ଜୀଉଙ୍କ ବିଜେ କଣ୍ଟିଲୋଙ୍କ ପୀଠ। ଏଠାରେ ହଜାର ବର୍ଷ ତଳୁ ପୁରାତନ ଭୈମୀ ଏକାଦଶୀ ମାଘ ମେଳା ହୋଇ ଆସୁଛି। ତେବେ ମାଘ ମେଳାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ପଡିଆ ବିକ୍ରି କରାଯିବାକୁ ମସୁଧା ଚାଲିଛି। ଏହା ଜଣାପଡିବା ପରେ କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ବିରୋଧ ଦେଖା ଦେଇ ପ୍ରତିବାଦ ଉଠିଛି। ସ୍ଥାନୀୟ ବାସିନ୍ଦା ଜିଲାପାଳଙ୍କୁ ଭେଟି ଏପରି ନ କରିବାକୁ ଫେରାଦ ହେବାକୁ ନିଷ୍ପତ୍ତି ହୋଇଛି। ଲୋକଙ୍କ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବାକୁ ସ୍ଥିର ହୋଇଛି।



ପ୍ରଭୁ ଶ୍ରୀନୀଳ ମାଧବଙ୍କ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଶହେ କୋଟି ଅର୍ଥ ମଞ୍ଜୁର କରିଥିବାରୁ କଣ୍ଟିଲୋ ପଞ୍ଚାୟତ ସହିତ ବଡ଼ ବାଣପୁର, ସିଧାମୂଳା, ବେନ ଗାଡିଆ, ଧନ ଚାଙ୍ଗଡ଼ା,ପଥର ଚକଡା ଓ କେନ୍ଦୁପଳି ପଞ୍ଚାୟତର ପ୍ରାୟ ୭୦ ହଜାର ଅଧିବାସୀ ଭୂୟସୀ ପ୍ରଶଂସା କରିଥିଲେ। କିନ୍ତୁ ବିକାଶ ନାଁରେ ଶ୍ରୀ ଜୀଉଙ୍କ ହଜାର ହଜାର ବର୍ଷ ର ବହୁ ପ୍ରାଚୀନ ପୁରାତନ ଭୌମ ଏକାଦଶୀ ମାଘ ମେଳା ପଡିଆ କୁ ବିକ୍ରି ପାଇଁ ଉଦ୍ୟମକୁ ନିନ୍ଦା କରାଯାଇଛି। ଶ୍ରୀଜୀଉଙ୍କ କ୍ଷେତ୍ରର ବିକାଶ ପାଇଁ ବିସ୍ଥାପିତମାନଙ୍କୁ ମାଘ ମେଳା ପଡ଼ିଆରେ ଅବସ୍ଥାପିତ କରିବା ପାଇଁ ସ୍ଥିର ହୋଇଥିବା ଜଣାପଡିଛି। କଣ୍ଟିଲୋ ଗୋଟିଏ ଏକକ ଗ୍ରାମ ପଞ୍ଚାୟତ ହୋଇଥିବାରୁ ଏଠି ବାସ କରୁଥିବା ପ୍ରାୟ ୨୦ ହଜାର ଅଧିବାସୀମାନଙ୍କ ମଧ୍ୟରୁ ପ୍ରାୟ ଶତକଡ଼ା ୯୦ ଭାଗ ମାତ୍ର ଅଧା ଡିସିମିଲ କିମ୍ବା ଗୋଟିଏ ଡିସିମିଲ ଘର ବାଡ଼ିରେ ୨ କିମ୍ବା ୩ ପରିବାର ରହି ଆସୁଛନ୍ତି। କଣ୍ଟିଲୋରେ ଘର କରିବା ପାଇଁ ଜମିର ଘୋର ଅଭାବ ଓ ଅସୁବିଧା ରହିଛି। ପ୍ରଶାସନ ସବୁ କଥା ବିଚାରକୁ ନେଇ ପଦକ୍ଷେପ ନ ନେଲେ କଣ୍ଟିଲୋ ଅଶାନ୍ତ ହୋଇପଡିବ ବୋଲି ଆଲୋଚନା ଚାଲିଛି।

## ସଂକ୍ଷେପରେ

### ମା' ସୁଲୁକୁଟୀଙ୍କ ପୀଠରେ ମହାଯଜ୍ଞ



**ଦଶପଲ୍ଲା, ୧୪।୧୨( ଡି.ଏନ.ଏ.):** ଦୁର୍ଗା ବଜାର କଲୋନୀ ପରିସରରେ ଥିବା ଆରାଧ ଦେବୀ ମା' ସୁଲୁକୁଟୀଙ୍କ ପୀଠରେ ବାର୍ଷିକ ବିଶ୍ୱଶାନ୍ତି ଦେବୀ ମହାଯଜ୍ଞ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅଙ୍କୁରାରୋପଣ ଅଧିବାସ ହେବାପରେ ବୁଧବାର ଜଳଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳାପୁରୁଷ କୁଆଁରିଆ ନଦୀତଟରୁ କଳସରେ ଜଳ ଧରି ଏକ ଶୋଭାଯାତ୍ରାରେ ପୀଠ ପର୍ଯ୍ୟନ୍ତ ଆସିଥିଲେ। ପରେ ଯଜ୍ଞ ଆରମ୍ଭ ହୋଇଥିଲା। ଏହି ଯଜ୍ଞ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ରାତିରେ ପ୍ରବଚନ କାର୍ଯ୍ୟକ୍ରମ ଚାଲୁଥିବା ଜଣା ଯାଇଛି। ମା' ସୁଲୁକୁଟି ଦେବୀ ଉନ୍ନୟନ କମିଟି ପକ୍ଷରୁ ଏହି କାର୍ଯ୍ୟକ୍ରମ ଚାଲିଥିବା ଜଣାଯାଇଛି।

### ଗାଡ଼ିଆପଡ଼ା ଘାଟିରେ ଟ୍ରକ୍ ଦୁର୍ଘଟଣା ଜଣେ ମୃତ, ଜଣେ ଆହତ

**ବଲସକୁମ୍ପା,୧୪।୧୨:** ଖଜୁରୀପଡ଼ା ଥାନା ଅନ୍ତର୍ଗତ ଗାଡ଼ିଆପଡ଼ା ଘାଟିରେ ବୁଧବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ତାମିଲନାଡୁର ଏକ ଟ୍ରକ୍ ଲୁହାଛଡ଼ ନେଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ସୁରକ୍ଷା ପାଚେରି ଭାଙ୍ଗି ଘାଟି ତଳକୁ ଖସିପଡ଼ିଛି। ଘଟଣା ସ୍ଥଳରେ ଚାଳକ ସୁନ୍ଦରରାଜନ ଏମ୍‌ଙ୍କ ମୃତ୍ୟୁ ହୋଇଥିବା ବେଳେ ସହଯୋଗୀ ସୁନ୍ଦର ରାଜ ଆହତ ହୋଇ ଫୁଲବାଣୀ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଲୁହା ସାମଗ୍ରୀ ବୋଝେଇ କରି ଟ୍ରକଟି (ଟିଏନ୍୫୨ପି-୫୬୫୮) ସମ୍ବଲପୁର ଅଭିମୁଖେ ଯାତ୍ରା କରୁଥିବା ବେଳେ ଗାଡ଼ିଆପଡ଼ା ଘାଟିରେ ବ୍ରେକ ଫେଲ ହୋଇଯିବାରୁ ଦୁର୍ଘଟଣା ଘଟିଥିବା ଗାଡ଼ିର ସହଯୋଗୀ କହିଛନ୍ତି। ଖବର ପାଇ ଖଜୁରୀପଡା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତ ଚାଳକ ଓ ଆହତଙ୍କୁ ଉଦ୍ଧାର କରି ପ୍ରଥମେ ଖଜୁରୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଉଭୟଙ୍କୁ ଫୁଲବାଣୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖଜୁରୀପଡ଼ା ପୋଲିସ ମାମଲା ରୁଜୁକରି ସେମାନଙ୍କ ପରିବାରଙ୍କୁ ଖବର ଦେଇଛି।

# ଜଳ ଯୋଗାଣ ପାଇପ୍ ଫାଟି ରାସ୍ତାରେ ପାଣି

**ଖଣ୍ଡପଡ଼ା,୧୪।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପାଣୁସାହୁ ପାଟଣା ଓ ଶୁଳିଆ କଣ୍ଟିଲୋ ଚଣ୍ଡୀ ମନ୍ଦିର ବାଇପାସ ରାସ୍ତା ଛକରେ ଜଳ ଯୋଗାଣ ପାଇପ ଫାଟି ଦୀର୍ଘଦିନ ହେଲା ଲିକେଜ ପାଣି ରାସ୍ତାରେ ପ୍ରବାହିତ ହୋଇ ସମସ୍ୟା ସୃଷ୍ଟି କରୁଛି। ଏପରିକି ଯାନବାହନ ଚଳାଚଳରେ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏ ଦିଗରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, କଣ୍ଟିଲୋ ପାଟଣା ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ମାଟି ତଳେ ପାଇପ ଲାଇନ ବିଛା ଯାଇଥିଲା। ପ୍ରାୟ ଏକମାସ ତଳେ ଜିଆଇପାଇପ ସହ ପିଭିସ ପାଇପ ସଂଯୋଗ କରାଯାଇ ପାଟଣା ଅଞ୍ଚଳକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ମାତ୍ର ନିମ୍ନମାନର କାର୍ଯ୍ୟ ଯୋଗୁ ତଥା ଶତାଧିକ ଯାନବାହନ ବିଶେଷ କରି ପ୍ରତ୍ୟେହ ଏହି ରାସ୍ତା ଦେଇ ହାଇୱା ଦ୍ୱାରା ବାଲି ଚାଲାଣ ହେଉଥିବାରୁ ଭୂଇଁ ତଳେ ପୋତା ଯାଇଥିବା ପାଇପ ଲାଇନ ଫାଟି ଏପରି ସମସ୍ୟା ଦେଖା ଦେଇଥିବା ଅଭିଯୋଗ ହେଉଛି। ଉକ୍ତ ରାସ୍ତା ଦେଇ ପ୍ରତ୍ୟେହ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଉଥିବା ବେଳେ ହଜାରରୁ ଊର୍ଦ୍ଧ୍ୱ ଯାନବାହାନ ଚଳାଚଳ କରିଥାଏ। ଲିକେଜ ପାଣି ପ୍ରବାହିତ ହୋଇ ରାସ୍ତାରେ ଖାଲଖମା ସୃଷ୍ଟି ହେବା ସହ ରାସ୍ତା ନଷ୍ଟ ହୋଇଗଲାଣି। ସ୍ଥାନୀୟ ପଞ୍ଚାୟତ ସରପଞ୍ଚ ଶ୍ରୀୟାରାଣୀ ବେହେରା ବିଭିନ୍ନ ଠିକାଦାର ତଥା ପାଣି ପାଇପ କାମ କରୁଥିବା ମିସ୍ତ୍ରୀଙ୍କ ଯୋଗାଯୋଗ କରୁଥିଲେ ମଧ୍ୟ ଆବଶ୍ୟକ ପାଇପ ଯୋଡିବା ଯନ୍ତ୍ରାଂଶ ଅଭାବରୁ କାର୍ଯ୍ୟ ସମ୍ପାଦନ ହେଉ ନ ଥିବା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ପାନୀୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ହୋତାଙ୍କୁ ପଚାରିବାରେ ଏ ଦିଗରେ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



# ଖଣ୍ଡପଡ଼ାରେ କଳାକାର ଚୟନ ପ୍ରକ୍ରିୟା



ଚୟନ ପ୍ରକ୍ରିୟାରେ ଯୋଗଦେଇଥିବା କଳାକାରମାନେ।

**ଖଣ୍ଡପଡ଼ା,୧୪।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ କଳା ସଂସ୍କୃତି ସଂଘର ସଦସ୍ୟତା ନିମନ୍ତେ ବ୍ଲକ ଅଞ୍ଚଳର କଳାକାରମାନଙ୍କୁ ନେଇ ବ୍ଲକ ସମ୍ମିଳନୀ କକ୍ଷରେ ଚୟନ ପ୍ରକ୍ରିୟା ଗତ ୩୦ ତାରିଖଠାରୁ ଆରମ୍ଭ ହୋଇଥିଲା। ବୁଧବାର କଣ୍ଟିଲୋ ଅଞ୍ଚଳର ରାମଲୀଳା ଓ ସିଧାମୂଳା ଅଞ୍ଚଳର ରାମ ନାଟକ ଏବଂ ଦଣ୍ଡନୃତ୍ୟ କଳାକାରାମାନଙ୍କ ଅଡ଼ିଶନ ଅନୁଷ୍ଠିତ ହୋଇଥିବା ଜଣାଯାଇଛି। ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ କଳାକାରମାନେ ଉପସ୍ଥିତ ରହି ନିଜ ନିଜର ଅଡିଶନ ଦେଇଥିଲେ। ତେବେ ଜିଲା ସଂସ୍କୃତି ବିଭାଗ ଅଧିକାରୀ, ବିଭିନ୍ନ ମାତୃମଣ୍ଡଳୀ ଓ ଦଣ୍ଡନୃତ୍ୟ କଳାକାରମାନଙ୍କୁ କଳାକାର ଚୟନ ପ୍ରକ୍ରିୟାରେ ସାମିଲ କରିବାକୁ ବିଡିଓଙ୍କୁ ଅବଗତ କରାଯାଇଥିବା ବେଳେ ସମ୍ପୃକ୍ତ ମାତୃ ମଣ୍ଡଳୀ ଓ ଦଣ୍ଡନୃତ୍ୟ କଳାକାରମାନଙ୍କୁ ଏ ଅଡିଶନ ପାଇଁ ସୁଯୋଗ ମିଳି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିବା ଖଣ୍ଡପଡା ବ୍ଲକ କଳା ନାମ ଭାଗବତ ମଣ୍ଡଳୀର ସଭାପତି ସରୋଜ କୁମାର ସାହୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଅର୍ଣ୍ଣିମା ସାହୁଙ୍କ ପଚାରିବାରେ ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପୃକ୍ତ ମାତୃ ମଣ୍ଡଳୀ ଓ ଦଣ୍ଡନୃତ୍ୟ କଳାକାରମାନଙ୍କୁ ଅଡିଶନ ପାଇଁ ଡକାଯିବ ବୋଲି ସୂଚନା ଦେଇଛନ୍ତି। ଖଣ୍ଡପଡ଼ା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ କୁମାର ଆର୍ଯ୍ୟ, ପ୍ରଗତି ସହାୟକ ମୀନ କେତନ ବେହେରା, ବରିଷ୍ଠ କଳାକାର ଯୋଗୀନାଥ ପତି ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ କଳାକାରମାନେ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଯୋଗ୍ୟ ବିବେଚିତ କଳାକାରମାନେ ବ୍ଲକ କଳା ସଂସ୍କୃତି ସଂଘର ପ୍ରାଥମିକ ସଦସ୍ୟ ହୋଇପାରିବେ ବୋଲି ବିଡିଓ ସାହୁଙ୍କଠାରୁ ପ୍ରକାଶ। ପ୍ରକାଶ ଥାଉ କି କଳାକାର ନ ହୋଇ ମଧ୍ୟ ଅନେକ ବ୍ୟକ୍ତି ବ୍ଲକ କଳା ସଂସ୍କୃତି ସଂଘର ସଦସ୍ୟ ହୋଇ ପାରିଛନ୍ତି ବୋଲି ସାଧାରଣରେ ଅଭିଯୋଗ ଉଠିଥିଲା। ଅଭିଯୋଗ ଆଧାରରେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ନୂତନ କଳାକାରମାନଙ୍କର ବୁଧବାର ଅଡିଶନ ପରୀକ୍ଷା କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି।

## ଗୋରୁ ପାଳିବାକୁ ନେଉଥିବା ବ୍ୟକ୍ତିଙ୍କୁ ମାଡ଼ ଅଭିଯୋଗ

**ବ୍ରହ୍ମପୁର ଅଫିସ,୧୪।୧୨:** ୩ଟି ଗୋରୁଙ୍କୁ ପାଳିବା ପାଇଁ ଏକ ଭଡ଼ା ଗାଡ଼ିରେ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ମଦନମୋହନପୁର ଗ୍ରାମର ଜି.କେଶବ ରାଓ ମଙ୍ଗଳବାର ନିଜ ଘରକୁ ନେଉଥିବା ବେଳେ କେତେକ ଅସାମାଜିକ ଯୁବକ ପୁରୁଣା ବ୍ରହ୍ମପୁର ପଥରଘର ଛକରେ ତାଙ୍କ ଗାଡି ଅଟକାଇଥିଲେ। ଗୋରୁଗୁଡିକୁ ଚାଲାଣ କରି ଅନ୍ୟସ୍ଥାନକୁ ନେଉଥିବା ଅଭିଯୋଗ କରି ତାଙ୍କୁ ନିଛାଟିଆ ସ୍ଥାନକୁ ଅପହରଣ କରି ନେଇ ଧମକ ଦେବା ସହ ୫୦ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ତାଙ୍କୁ ମାଡ଼ ମରାଯାଇଥିବା ନେଇ ବୁଧବାର ବ୍ରହ୍ମପୁର ବଡ଼ବଜାର ଥାନାରେ ଜି.କେଶବ ରାଓ ଅଭିଯୋଗ କରିଛନ୍ତି। ପୋଲିସ ନଂ.୩୪୩/୨୨ରେ ଏକ ମାମଲା ରୁଜୁ କରିଛି।

## କାର୍ଯ୍ୟକ୍ଷମ ହେଉନି ଭେଣ୍ଡିଂ ଜୋନ୍: ଅନିଶ୍ଚିତତାରେ ଉଠାଦୋକାନୀ, ବଢୁଛି ଅସନ୍ତୋଷ

**ଗଞ୍ଜାମ,୧୪।୧୨(ଡି.ଏନ.ଏ.):** ବଜାର ବଣିକ ସଂଘର ଦୀର୍ଘ ବର୍ଷ ଦାବି ପରେ ଏନ୍‌ଏସି ପ୍ରଶାସନ ପକ୍ଷରୁ ସହରର ବଡ଼ ବଜାର ଓ ସାନ ବଜାରଠାରେ ପ୍ରାୟ ୧୮ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଛି। କିନ୍ତୁ ସରିବାର ସାତ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏଯାବତ କାର୍ଯ୍ୟକ୍ଷମ ହୋଇ ପାରିନି। ଯାହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛି ଉଠା ଦୋକାନୀ ଓ ସଂଘ। ଭେଣ୍ଡିଂ ଜୋନ ପ୍ରଦାନ ହେବାରେ ବିଳମ୍ବ ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଉଠା ପରିବା ଦୋକାନୀ କହିଛନ୍ତି। କେବେ ମିଳିବ ତାହା ଅନିଶ୍ଚିତ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ଏନ୍‌ଏସି ବିଜେଡି ଯୁବସଭାପତି ତଥା ସାନ ବଜାର ବଣିକ ସଂଘ ସଭାପତି ସୁଧୀର କୁମାର ପାଢ଼ୀ କହିଛନ୍ତି ଭେଣ୍ଡିଂ ଜୋନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ କେଉଁ କେଉଁ ଦୋକାନୀଙ୍କୁ ପ୍ରଦାନ କରାଯିବ ତାହା ମଧ୍ୟ ଚିଠା ପ୍ରସ୍ତୁତି ହୋଇସାରିଛି। ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି।

# ଧାନମଣ୍ଡି ଖୋଲିବା ଦାବିରେ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା



ରଣପୁର ତହସିଲ କାର୍ଯ୍ୟାଳୟ ଆଗରେ ମଣ୍ଡି ଖୋଲିବା ଦାବିରେ ଧାରଣା ଦିଆଯାଇଛି।

**ରଣପୁର,୧୪।୧୨(ସ୍ୱ.ପ୍ର.)**

ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କସବାଦୀ), ସିପିଆଇଏମ ରଣପୁର ଆଞ୍ଚଳିକ କମିଟି ପକ୍ଷରୁ ରଣପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ତୁରନ୍ତ ଧାନ ମଣ୍ଡି ଖୋଲିବା ଦାବିରେ ବୁଧବାର ଧାରଣା ଦିଆଯାଇଥିଲା। ରଣପୁର ଆଞ୍ଚଳିକ କମିଟିର ସମ୍ପାଦକ ନିତ୍ୟାନନ୍ଦ ପରିଡା, ସୁରେଶ ସ୍ୱାଇଁ, କ୍ଷେତମୂଲିଆ ନେତା ଦୁଃଶାସନ ଜେନା, ଗଦାଧର ପ୍ରଧାନ, ସଂଯୁକ୍ତା ସେଠୀ, ସୁଶୀଳ ମହାନ୍ତି, ରଜତ ଜେନା, ନିରଞ୍ଜନ ରାଉତ, କୁଳମଣି ପଲେଇ ଓ ସବ୍ୟସାଚୀ ସେନାପତି ଉପସ୍ଥିତ ଥିଲେ। ସେମାନେ କହିଥିଲେ, ସରକାର ଧାନ କିଣିବାରେ ଅହେତୁକ ବିଳମ୍ବ ସହ ମଣ୍ଡି ଖୋଲୁ ନ ଥିବା ବେଳେ ପ୍ରଶାସନର ନୀରବତାକୁ ତୀବ୍ର ସମାଲୋଚନା କରିଥିଲେ। ଚଳିତବର୍ଷ ଧାନ ଫସଲ ଅମଳ କରି ନିଜର ଆବଶ୍ୟକ ଖର୍ଚ୍ଚ ପାଇଁ ଚାଷୀ ଅଭାବୀ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ତେଣୁ ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ରଣପୁର ଅଞ୍ଚଳରେ ମଣ୍ଡି ଖୋଲି ଧାନ କୁଇଣ୍ଟାଲ ପିଛା ୩ ହଜାର ଟଙ୍କା ସହାୟକ ମୂଲ୍ୟ, ରାଜ୍ୟ ସରକାର କୁଇଣ୍ଟାଲ ପିଛା ୫ ଶହ ଟଙ୍କା ବୋନସ, ଧାନର ଅଭାବୀ ବିକ୍ରି ବନ୍ଦ, ଧାନ କ୍ରୟରେ ଦଲାଲଙ୍କୁ ଧରିବା ଓ ଚାଷୀଙ୍କ ବକେୟା ଗଜା ଧାନର କ୍ଷତି ପୂରଣ ତୁରନ୍ତ ପ୍ରଦାନ ପାଇଁ ଦାବି କରିଥିଲେ। ସ୍ଥାନୀୟ ଓ ଜିଲା ପ୍ରଶାସନ ଏଥିପାଇଁ ପାଇଁ ବିଳମ୍ବ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଶେଷରେ ଏକ ଦାବିପତ୍ର ଅତିରିକ୍ତ ତହସିଲଦାର କେଶବ ଚନ୍ଦ୍ର ବିଶ୍ୱାଳ ପ୍ରଶାସନ ପକ୍ଷରୁ ଗ୍ରହଣ କରିଥିଲେ।

# ଟାକରା ସ୍ୱାସ୍ଥ୍ୟକେନ୍ଦ୍ରରେ ଉପକେନ୍ଦ୍ର ସ୍ତରୀୟ ସ୍ୱାସ୍ଥ୍ୟମେଳା

**ଦଶପଲ୍ଲା,୧୪।୧୨( ଡି.ଏନ.ଏ.)**

ଜାତୀୟ ସ୍ୱାସ୍ଥ୍ୟ ମିଶନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଏକ ଉପକେନ୍ଦ୍ର ସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାକୁ ଟାକରା ସରପଞ୍ଚ ମଦନ କୁମାର ଜାନୀ ଉଦ୍‌ଘାଟନ କରିଥିବାବେଳେ, ସମିତିସଭ୍ୟ ପ୍ରଶାନ୍ତ କୁମାର ଦଳବେହେରା ଉପସ୍ଥିତ ରହିଥିଲେ। ମେଳାରେ ଡା. କାଳୀ ପ୍ରସାଦ ଷଡଙ୍ଗୀ, ଡା. ସୋନାଲି ସ୍ୱାଗତିକା ପ୍ରିୟଦର୍ଶୀନୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁନିଲ କୁମାର ମହାକୁଡ, ମହିଳା ସ୍ୱାସ୍ଥ୍ୟ କର୍ମୀ ରଶ୍ମିତା ସାହୁ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ସନ୍ତୋଷ କୁମାର କହଁର, ଫାର୍ମାସିଷ୍ଟ ଜିତେନ୍ଦ୍ର ପୃଷ୍ଟି, ଆଶା କର୍ମୀ ରଞ୍ଜୁବାଳା ଦାଶ, ସ୍ଥାନୀୟ ଆଶା କର୍ମୀମାନେ ରହି ସ୍ୱାସ୍ଥ୍ୟ ମେଳାକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ସହଯୋଗ କରିଥିଲେ। ଉକ୍ତ ମେଳାରେ ଆଦିବାସୀ ଅଧ୍ୟୁଷିତ ତାବଡା, ପାନାବାରୀ, ମୁଣ୍ଡୁଳୀ, ମଞ୍ଜାରୀ, ତିଳାବାଡି ପ୍ରଭୃତି ଦୁର୍ଗମ ଗ୍ରାମର ଶତାଧିକ ଜନସାଧାରଣେ ଯୋଗ ଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ମାଗଣାରେ ଔଷଧ ନେଇଥିଲେ।



ମେଳାରେ ଯୋଗଦେଇଥିବା ଜନ ସାଧାରଣ ଏଂ ସ୍ୱାସ୍ଥ୍ୟ କର୍ମୀ।

# ବେଦଜ୍ଞାନ ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ରଣପୁର, ୧୪।୧୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ ନିକଟରେ ଥିବା କୃଷ୍ଣ ଦ୍ୱିପାୟନ ବେଦ ପାଠଶାଳାରେ ବେଦଜ୍ଞାନ ସପ୍ତାହ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ତିରୁପତି ଜାତୀୟ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରଫେସର ଡା. ସତ୍ୟନାରାୟଣ ଆଚାର୍ଯ୍ୟ, ରଣପୁର ତହସିଲଦାର ପ୍ରଭାକର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ମହର୍ଷି ସନ୍ଦିପନୀ ରାଷ୍ଟ୍ରୀୟ ବେଦ ପ୍ରତିଷ୍ଠାନ ଉଜ୍ଜୟିନୀ ଶିକ୍ଷା ମନ୍ତ୍ରଣାଳୟର ପ୍ରଫେସର ଡା. ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଖିଳ ବେଦ ଶାସ୍ତ୍ର ଧର୍ମ ସମ୍ପର୍କରେ ବୁଝାଇଥିଲେ। ସୁଧାକର ପଣ୍ଡା, ଡା. କଳ୍ପନା ରଥ, ପ୍ରଫେସର ପ୍ରମୋଦ କୁମାର ନନ୍ଦ, ଡା. ନୀଳାଚଳ ମିଶ୍ର, ପ୍ରଫେସର ବିଜୟ କୁମାର ଜେନା ପ୍ରମୁଖ ବେଦ ପାଠଚକ୍ର ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୦ ତାରିଖରେ ଉଦ୍‌ଯାପିତ ହେବ। ଏହି ପାଠଶାଳାର ପ୍ରତିଷ୍ଠାତା ଅଶୋକ କୁମାର ମହାପାତ୍ର, ସନ୍ତୋଷ କୁମାର ଆଚାର୍ଯ୍ୟଙ୍କ ସହ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ବେଦଜ୍ଞାନ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବୁଦ୍ଧିଜୀବୀମାନେ।

# ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ଉତ୍ସାହ

**ନୟାଗଡ଼ ଅଫିସ,୧୪।୧୨**

ନୟାଗଡ଼ସ୍ଥିତ କ୍ରୀଡା ବିଭାଗ ଅଧୀନ କ୍ରୀଡାଙ୍ଗନରେ ଜିଲାର ତପସ୍ୟା ଶିଶୁଗୃହ ଏବଂ ନୟାଗଡ଼ କଳା ପରିଷଦ ପ୍ରମୁଖ ଶିଶୁଯତ୍ନ ଅନୁଷ୍ଠାନ ୬୦ ଜଣ ପ୍ରତିଯୋଗୀଙ୍କୁ ନେଇ ଜିଲାସ୍ତରୀୟ କ୍ରୀଡା ଉତ୍ସବ ଉତ୍ସାହ -୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଯୋଗଦେଇ ପତାକା ଦେଖାଇ ଖେଳକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗୀମାନେ ୧୦୦ ମିଟର ଦୌଡ , ୨୦୦ ମିଟର ଦୌଡ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, କ୍ୟାରମ, ଚେସ, ଫୁଟବଲ ଆଦି ଖେଳରେ ଅଂଶଗ୍ରହଣ କରିଥିଲେ। ୧୦୦ ମିଟର ଦୌଡ ପ୍ରତିଯୋଗିତାର ବାଳକ ବର୍ଗରେ ତିମାଥୀ ନାୟକ, ପ୍ରଭାତ କଅଁର, ସୁଶୀଲ କୁମାର ପାଲ ଓ ବାଳିକା ବର୍ଗରେ ମାମାଲି ପ୍ରଧାନ, ଭବାନୀ ନାୟକ, ଶିବାନୀ ନାୟକ କୃତିତ୍ୱ ହାସଲ କରିଥିଲେ। ସେହିପରି ୨୦୦ ମିଟର ଦୌଡ ବାଳକ ବର୍ଗରେ ତିମାଥୀ ନାୟକ, ପ୍ରଭାତ କଅଁର, ଲେଭେନ ସିଂହ ଓ ବାଳିକା ବର୍ଗରେ ମାମାଲି ପ୍ରଧାନ, ରୂପସୀ ପ୍ରଧାନ, ଶିବାନୀ ନାୟକ କୃତିତ୍ୱ ହାସଲ କରିଥିଲେ। ଲମ୍ବଡିଆଁ ବାଳକ ବିଭାଗରେ ବିକାଶ ନାୟକ, ଅମର ଦିଗଲ, ପ୍ରଭାତ କନହର ଓ ବାଳିକା ବର୍ଗରେ ମାମାଲି ପ୍ରଧାନ, ତୁଳସୀ ଜାନି, ରୂପଶି ପ୍ରଧାନ କୃତିତ୍ୱ ହାସଲ କରିଥିଲେ। ଉଚ୍ଚଡିଆଁରେ ବାଳକ ବର୍ଗରେ ପ୍ରଭାତ କଅଁର, ଅମର ଦିଗଲ, ବିକାଶ ନାୟକ ଓ ବାଳିକା ବର୍ଗରେ ମାମାଲି ପ୍ରଧାନ, ଲକ୍ଷ୍ମୀପ୍ରିୟା ନାୟକ, ମନାସି ପ୍ରଧାନ ଯଥାକ୍ରମେ କୃତିତ୍ୱ ହାସଲ କରିଥିଲେ। ଫୁଟବଲରେ ନୟାଗଡ଼ କଳା ପରିଷଦର ବାଳକ ବର୍ଗ କୃତିତ୍ୱ ହାସଲ କରିଥିଲେ। କ୍ୟାରମ ପ୍ରତିଯୋଗିତାରେ ପ୍ରଥମ ମାମାଲି ପ୍ରଧାନ, ଦ୍ୱିତୀୟ ସୁଶୀଲ କୁମାର ପାଲ ଏବଂ ବିକାଶ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଚେସ ପ୍ରତିଯୋଗିତାରେ ସୁଶୀଲ କୁମାର ପାଲ ପ୍ରଥମ, ୨ୟ ମାମାଲି ପ୍ରଧାନ ଏବଂ ସୁଶାନ୍ତ ଯାନୀ ୩ୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକର୍ମକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଏସ.କେ. ଇନାୟତ ତୁଲ୍ଲା ପରିଚାଳନା କରିଥିବା ବେଳେ ବିରଞ୍ଚି ନାରାୟଣ ବେହେରା ଏବଂ କର୍ମକର୍ତ୍ତା ସହାୟତା କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ। ଶେଷରେ ସତ୍ୟ ରଞ୍ଜନ ଦାଶ ଆନୁଷ୍ଠାନିକ ଯତ୍ନ ସୁରକ୍ଷା ଅଧିକାରୀ ଧନ୍ୟବାଦ ଦେଇ ଜିଲାସ୍ତରୀୟ କ୍ରୀଡା ଉତ୍ସବ 'ଉତ୍ସାହ' ର ସମାପ୍ତି ଘୋଷଣା କରିଥିଲେ।



କ୍ରୀଡ଼ା ଉତ୍ସବରେ ଉପସ୍ଥିତ ଅତିଥି ଓ ପିଲାମାନେ।

**ବାଣିଜ୍ୟ ସଂଘର ସାଧାରଣ ସମ୍ପାଦକ ହେଲେ ଡ.ସୁଧାଂଶୁ କୁମାର ଦାସ**

ଯାଜପୁର ଟାଉନ,(ଡି.ଏନ.ଏ.)-ଯାଜପୁର କନିକାପଡାସ୍ଥିତ ସାଧୁଗୌଡେଶ୍ୱର ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଡ଼କ୍ଟର ସୁଧାଂଶୁ କୁମାର ଦାସ ଓଡ଼ିଶା ରାଜ୍ୟ ବାଣିଜ୍ୟ ସଂଘର ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଗତ ୧୦ ତାରିଖରେ ସମ୍ବଲପୁରଠାରେ ଅନୁଷ୍ଠିତ ସଂଘର ବାର୍ଷିକ ବୈଠକରେ ଡ. ଦାସ ଙ୍କୁ ସର୍ବସମ୍ମତିରେ ମନୋନୀତ କରାଯାଇଛି। ସମସ୍ତ ସଦସ୍ୟାଙ୍କ ସହଯୋଗରେ ବାଣିଜ୍ୟ ଶିକ୍ଷା ଓ ସଂଘର ଉନ୍ନତି ନିମନ୍ତେ ସେ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# ପିପୁଲ୍ସ ପ୍ଲାନ୍ କ୍ୟାମ୍ପେନକୁ ଗୁରୁତ୍ୱ

## ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ

ରସୁଲପୁର,୧୪।୧୨(ଡି.ଏନ.ଏ.)



ସ୍ୱତନ୍ତ୍ର ବୈଠକରେ ମଞ୍ଚାସୀନ ଜନପ୍ରତିନିଧି।

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ବୈଠକ ଅଧ୍ୟକ୍ଷ ଅରୁଣ କୁମାର ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ପିପୁଲସ୍ ପ୍ଲାନ କ୍ୟାମ୍ପେନ(ପିପିସି) ଅର୍ଥାତ୍ ଜନସାଧାରଣଙ୍କ ଯୋଜନାକୁ ସଫଳ କରିବା ଅଭିଯାନକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ଉକ୍ତ ବୈଠକରେ ବରୀ ବିଧାୟିକା ସୁନନ୍ଦା ଦାସ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ କୁମାର ବଳ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଧର୍ମଶାଳା ବିଧାୟକ ବଳବନ୍ତରାୟ ଜନସାଧାରଣଙ୍କ ସମସ୍ୟା ସହ ପଞ୍ଚାୟତ ପ୍ରତିନିଧିମାନେ ଯୋଡିହୋଇ ରହିବାକୁ ଆହ୍ୱାନ ଦେଇଥିଲେ । ଏଥିସହ ଲୋକମାନଙ୍କୁ ଭୁଲ ତଥ୍ୟ ନ ଦେଇ ସେମାନଙ୍କ ସମସ୍ୟାକୁ ସମାଧାନ କରିବା ଦିଗରେ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । କୋରେଇ ବିଧାୟକ ବଳ ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନପ୍ରତିନିଧିମାନଙ୍କୁ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ । ବରୀ ବିଧାୟିକା ଦାସ ଗୋପାଳପୁର ବୁଣାକାରମାନଙ୍କ ହିତରେ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଏକ ମାର୍କେଟ କମ୍ପ୍ଲେକ୍ସ ଖୋଲିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ କରିଥିଲେ । ବିଡିଓ ଅବନୀକାନ୍ତ ସାହୁ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିବା ସହ ପିପିସିକୁ କାର୍ଯ୍ୟକାରୀ କରିବାରେ ସରପଞ୍ଚ, ସମିତିସଭ୍ୟାସଭ୍ୟମାନେ, ନିର୍ବାହୀ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ । ଏବିଡିଓ ଦିବ୍ୟକାନ୍ତି ମିଶ୍ର ପ୍ରାରମ୍ଭିକ ସୂଚନା ଦେଇ ପିପିସିକୁ ମୋଟ ୮ଟି ବିଷୟ ଓ ୧୭ଟି ଉପ ବିଷୟରେ ବିଭକ୍ତ କରାଯାଇଛି । ପଞ୍ଚାୟତ ଓ ସମିତିର ସ୍ଥାୟୀ ଉନ୍ନୟନ ପାଇଁ ପଦକ୍ଷେପ ନେବା ସହ ସମାଜରୁ ଦାରିଦ୍ର୍ୟ ଦୂରୀକରଣ, ଜନସାଧାରଣଙ୍କୁ ରୋଜଗାର ଯୋଗାଇ ଦେବା ପାଇଁ ସ୍ଥାୟୀ ସଂସ୍ଥାର ବିକାଶ, ସ୍ୱାସ୍ଥ୍ୟ ସଂପର୍କିତ ଯଥା ପଞ୍ଚାୟତରେ ଶତପ୍ରତିଶତ ଟିକାକରଣ, ସ୍ୱାସ୍ଥ୍ୟ ସଚେତନତା, ସୁରକ୍ଷିତ ମାତୃତ୍ୱ ଓ ଶିଶୁ ପ୍ରତି ଗୁରୁତ୍ୱ, ସୁବଜ ପରିବେଶ ଓ ପ୍ରଦୂଷଣମୁକ୍ତ ପରିବେଶ ଗଠନ, ଶିଶୁ ଓ ମହିଳାମାନଙ୍କ ସୁରକ୍ଷିତ ସାମାଜିକ ଜୀବନ ଓ ମୌଳିକ ଅଧିକାର ଆଦି ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ । ପୂର୍ବ ବୈଠକ ସମ୍ପର୍କରେ ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ଅଧିକାରୀ ପ୍ରଫୁଲ ଜେନା ସୂଚନା ଦେଇଥିବା ବେଳେ ଉପାଧ୍ୟକ୍ଷା ଜୟନ୍ତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସମିତିର ୭ ସ୍ଥାୟୀ କମିଟି ଗଠନ କରାଯାଇ ତାକୁ ଅନୁମୋଦନ କରାଯାଇଥିଲା ।

# ପୁଣି ଝୁଲିରହିଲା ସୌନ୍ଦର୍ଯ୍ୟକରଣ କାମ

## ବ୍ୟାସ ସରୋବର ଏନ୍‌ଜିଟି ମାମଲା

- ସତ୍ୟପାଠ ଦାଖଲ କରିପାରିଲେନି ଏମ୍ଇଏଫ୍ଓ, ସିଆ, ଠିକାସଂସ୍ଥା
- ସ୍ଥଗିତାଦେଶ ବଳବତ୍ତର, ଜାନୁୟାରୀ ୨୪ରେ ପରବର୍ତ୍ତୀ ଶୁଣାଣି

ଯାଜପୁର ଅଫିସ,୧୪।୧୨



ସୌନ୍ଦର୍ଯ୍ୟକରଣ କାମ ବନ୍ଦ ରହିଛି ।

ଯାଜପୁର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବ୍ୟାସସରୋବରର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ କାମ ପୁଣି ଝୁଲିରହିଛି। ଏନ୍‌ଜିଟି(ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ)ର ସ୍ଥଗିତାଦେଶ ବିରୋଧରେ ପରିବେଶ ଓ ଜଙ୍ଗଲ ବିଭାଗ ମନ୍ତ୍ରଣାଳୟ(ଏମ୍ଇଏଫ୍ଓ), ଷ୍ଟେଟ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି(ସିଆ) ଏବଂ ସଂପୃକ୍ତ ଠିକାସଂସ୍ଥା ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କାର୍ପୋରେଶନ(ଏନ୍‌ବିସିସି) ନିର୍ଦ୍ଧାରିତ ସମୟରେ ସତ୍ୟପାଠ ଦାଖଲ କରି ପାରି ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହିକ୍ରମରେ ବୁଧବାର ଏନ୍‌ଜିଟି ପକ୍ଷରୁ ସ୍ଥଗିତାଦେଶକୁ ବଳବତ୍ତର ରଖିବା ସହ ଆସନ୍ତା ଜାନୁୟାରୀ ୨୪କୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। ଇତିମଧ୍ୟରେ ଉପରୋକ୍ତ ସଂସ୍ଥାଙ୍କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନ୍‌ଜିଟିର ସ୍ଥଗିତାଦେଶ ରାୟକୁ ଚାଲେଞ୍ଜ କରି ସତ୍ୟପାଠ ଦାଖଲ କରିବାରେ ପ୍ରଶାସନିକ କଳର ଏଭଳି ଅବହେଳା କାରଣରୁ ପୌରାଣିକ ଓ ଐତିହାସିକ କିମ୍ବଦନ୍ତୀ ବହନ କରୁଥିବା ବ୍ୟାସ ସରୋବରର ବିକାଶ କାମ ଅଗ୍ରଗତି ଅନିଶ୍ଚିତତାରେ ଗତି କରୁଥିବା ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ଜଙ୍ଗଲ ଜମି ସଂକ୍ରାନ୍ତରେ ଆବଶ୍ୟକ ତଥ୍ୟ ପ୍ରମାଣ ନ ଥିବାରୁ ପ୍ରଶାସନ ଏଭଳି ପଛଘୁଞ୍ଚା ଦେଉଛି ବୋଲି ଚର୍ଚ୍ଚା ହେଉଛି। ତେବେ ଏନ୍‌ଜିଟିର ସ୍ଥଗିତାଦେଶ ସତ୍ତ୍ୱେ କେତେକ ସ୍ଥାନରେ କିଭଳି ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ଅଭିଯୋଗକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଏନ୍‌ଜିଟି ମାମଲା ସଂଖ୍ୟା ୧୦୩/୨୦୨୨/ଇଜେଡରେ ଆବେଦନକାରୀ ଦିଲୀପ କୁମାର ସାମନ୍ତରାୟ କରିଥିବା ଅଭିଯୋଗ ଅନୁଯାୟୀ, ବ୍ୟାସ ସରୋବର ପ୍ରକଳ୍ପରେ ଜଙ୍ଗଲ ଜମିର ଖାତା ଓ ପ୍ଲଟ ନମ୍ବର ୪୦, ଏରିଆ ୧୪ ଏକର, କିସମ ଝାଟି ଜଙ୍ଗଲ ଓ ପ୍ଲଟ ନମ୍ବର ୫୦ରେ ୧୬.୯୦ ଏକର ଝାଟି ଜଙ୍ଗଲ, ପ୍ଲଟ ନମ୍ବର ୬୨ରେ ୨.୨୪ ଏକର ସମୁଦାୟ ୩୩.୯୭ ଏକର ଜଙ୍ଗଲ ଜମି ରହିଛି। ସମୁଦାୟ ୧୦୫.୪୫ ଏକର ମଧ୍ୟରୁ ୩୭ ଏକର ସନ୍ତସନ୍ତିଆ ଜମି ବା ୱେଟଲ୍ୟାଣ୍ଡ ଜମି ରହିଛି। ଏହି ପ୍ରକଳ୍ପରେ ପାଚେରି, ପରିସ୍ରାଗାର, ମନ୍ଦିର ଉନ୍ନୟନ କାମ, ପାର୍କିଂ, ଗେଟ କମ୍ପ୍ଲେକ୍ସ, ଓଭରହେଡ ଟାଙ୍କି, ଶିଶୁ ଉଦ୍ୟାନ, ଜଳାଶୟ, ବ୍ରିଜ ଇତ୍ୟାଦି ନିର୍ମାଣ କରାଯାଉଛି। ନିର୍ମାଣ କାର୍ଯ୍ୟରେ ପ୍ରାୟ ୨୦ ହଜାର ବର୍ଗମିଟର ଅଞ୍ଚଳରେ ହେଉଛି। ଏଥିପାଇଁ ପରିବେଶ ମଞ୍ଜୁରୀର ଆବଶ୍ୟକ ରହିଥିବାବେଳେ ତାହା ପାଳନ କରାଯାଇ ନାହିଁ। ଏହି ଅଭିଯୋଗ ଉପରେ ଏନଜିଟି ଯାଜପୁର ଜିଲାପାଳ ଏବଂ କଟକ ଡିଏଫ୍ଓଙ୍କୁ ସତ୍ୟପାଠ ଦାଖଲ କରିବାକୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଯାଜପୁର ଜିଲାପାଳ ୧୭।୮।୨୦୨୨ରେ ଏନ୍‌ଜିଟିରେ ସତ୍ୟପାଠ ଦାଖଲ କରିଥିଲେ। ୧୦୦ ଏକରରୁ ଊର୍ଦ୍ଧ୍ୱ ଜମିରେ ଉକ୍ତ ପ୍ରକଳ୍ପ କାମ ହେଉଛି। ପାଥୱେ, କମ୍ୟୁନିଟି ସେଣ୍ଟର, ରାସ୍ତା ଆଦି କାମ ପାଇଁ ଡିଏଫ୍ଓଙ୍କ ଅନୁମତି ନିଆଯାଇଛି। ତେଣୁ ଜଙ୍ଗଲ ସୁରକ୍ଷା ଆଇନର କୌଣସି ଉଲ୍ଲଂଘନ ଏଥିରେ ହୋଇନାହିଁ। ଅଭିଯୋଗ ଅନୁସାରେ ଉକ୍ତ ପ୍ରକଳ୍ପ କାର୍ଯ୍ୟରେ ପ୍ରାକୃତିକ ଜମି ବ୍ୟବହାରରେ କୌଣସି କ୍ଷତି କରାଯାଉ ନାହିଁ। ତେଣୁ ଏଥିରେ ସରକାରୀ ଅର୍ଥ ଅପଚୟ ହେଉନାହିଁ। କେନ୍ଦ୍ର ସରକାରଙ୍କ ଗାଇଡ୍ ଲାଇନ ଅନୁସାରେ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ(ଡିଏମ୍ଏଫ୍) ପାଣ୍ଠିରେ ଏହି ପ୍ରକଳ୍ପ ଅନୁମତିପ୍ରାପ୍ତ । ଏହି ପ୍ରକଳ୍ପ କାର୍ଯ୍ୟରେ ଗୋଟିଏ ବି ଗଛ କଟା ଯାଇନାହିଁ ବୋଲି ଜିଲାପାଳ ଦର୍ଶାଇଥିଲେ। ତେବେ ଜୁଲାଇରୁ ଏହି ମାମଲା ଗଡି ଗଡି ଚାଲିଥିବାରୁ ବ୍ୟାସନଗର ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି।

# ଅଣ୍ଟିଆ, ବୃନ୍ଦାଦେଇପୁର ଟିମ୍ ବିଜୟୀ

## କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟ

ଧର୍ମଶାଳା/ଚଢେଇଧରା,୧୪।୧୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ୧୨ନଂ. ଜୋନ ମଧୁପୁରଗଡ଼ କ୍ରିକେଟ ପଡିଆରେ ଚାଲିଥିବା କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ କ୍ରିକେଟ ଟୁର୍ନାମେଣ୍ଟର ଜୋନ ପର୍ଯ୍ୟାୟ ଶେଷ ଲିଗ୍ ମ୍ୟାଚ୍‌ରେ ଅଣ୍ଟିଆ ଓ ବୃନ୍ଦାଦେଇପୁର ଟିମ୍ ଶ୍ରେଷ୍ଠ ବିବେଚିତ ହୋଇ କ୍ୱାଟର ଫାଇନାଲ ମ୍ୟାଚ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ବୁଧବାର ୪ ପଞ୍ଚାୟତକୁ ନେଇ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ କମାଗଡ଼ ଓ ବୃନ୍ଦାଦେଇପୁର ମଧ୍ୟରେ ଖେଳାଯାଇଥିଲା । ଦ୍ୱିତୀୟ ମ୍ୟାଚ ଅଣ୍ଟିଆ ଓ ସାହାଣିଡିହ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ଟସ୍ ଜିତି କମାଗଡ଼ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୬୦ରନ କରିବାକୁ ସକ୍ଷମ ହୋଇଥିଲା । ପ୍ରତିପକ୍ଷ ବୃନ୍ଦାଦେଇପୁର ବିଜୟ ଲକ୍ଷ୍ୟ ୧୬୧ରନର ପିଛା କରି ୧୪.୨ ଓଭର ଖେଳି ୭ ଉଇକେଟ ହରାଇ ବିଜୟୀ ହୋଇଥିଲା। ବୃନ୍ଦାଦେଇପୁର ଟିମ୍‌ର ପ୍ରଦୀପ ସ୍ୱାଇଁ ୩୨ ବଲ ୬୨ ରନ ଓ ସିତେନ୍ଦ୍ର ବାଉଳ ୧୬ବଲରେ ୩୫ ରନ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ସାହାଣିଡିହ ଓ ଅଣ୍ଟିଆ ଟିମ୍‌ର ମୁକାବିଲା ହୋଇଥିଲା । ଅଣ୍ଟିଆ ଦୁଇ ଉଇକେଟ୍‌ରେ ବିଜୟ ଲାଭ କରିଥିଲା। ଅଣ୍ଟିଆ ଏହି ମ୍ୟାଚରେ ଟସ୍ ଜିତି ବୋଲିଂ କରିବାର ନିଷ୍ପତ୍ତି ନେଇ ଥିବା ବେଳେ ସାହାଣିଡିହ ବ୍ୟାଟିଂ କରିଥିଲା। ଦଳ ପକ୍ଷରୁ ଆଶିଷ ଓଝା ୩୦ବଲ ୫୪ ରନ ସହାୟତାରେ ଦଳ ନିର୍ଦ୍ଧାରିତ ଓଭର ଖେଳି ୯ ଉଇକେଟ ହରାଇ ୧୪୯ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଅଣ୍ଟିଆ ଟିମ୍ ବ୍ୟାଟିଂ କରିବାକୁ ଆସି ବିଜୟ ଲକ୍ଷ୍ୟକୁ ଗୋଟିଏ ବଲ ବାକିଥାଇ ହାସଲ କରିଥିଲା।

ଆଜିର ଖେଳକୁ ନିକୁଞ୍ଜ ବେହେରା ଓ ଇନ୍ତେକାବ ଆଲାମ ପରିଚାଳନା କରିଥିଲେ। ବୁଧବାର ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଧର୍ମଶାଳାର ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରହ୍ଲାଦ ଲେଙ୍କା, ଜଗଦୀଶ ଜେନାମଣି, ଚକ୍ରଧର ବେହେରା, କାମାକ୍ଷାପ୍ରସାଦ ନାୟକ, ରବିନ୍ଦ୍ର ସେଠୀ, ସରପଞ୍ଚ ଅଶୋକ ପରିଡ଼ା, ବାବୁଲି ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଶାକର୍ମୀଙ୍କ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଯାଜପୁର ଟାଉନ,୧୪।୧୨(ଡି.ଏନ.ଏ.)

ଯାଜପୁର ଜିଲା ଆଶା କର୍ମୀ ସଂଘ ପକ୍ଷରୁ ୭ ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଶା କର୍ମୀମାନେ ମାସକୁ ୧୮ହଜାର ଟଙ୍କା ଦରମା, ଇପିଏଫ୍ ଲାଗୁ, ଅବସରଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ମାସିକ ୫ ହଜାର ଟଙ୍କା ପେନସନ, ଯୋଗ୍ୟ ଆଶା କର୍ମୀମାନଙ୍କୁ ଏଏନଏମ୍ ପଦବୀରେ ନିଯୁକ୍ତି ଆଦି ଦାବିକୁ ରାଜ୍ୟସରକାର ତୁରନ୍ତ ପୂରଣ କରିବାକୁ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା । ଆନ୍ଦୋଳନରେ ସଂଘର ସଭାପତି ପୁଷ୍ପଲତା ରାଉତ, ସମ୍ପାଦିକା ହେମଲତା ଦାସଙ୍କ ସହିତ ସଦସ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ସେମାନଙ୍କୁ ବାଧା ଦେବା ସହ ଗିରଫ କରି ଥାନାକୁ ନେଇଥିଲା।

# ଉତ୍କଳମଣି ଗୋପବନ୍ଧୁ ସେବା ସଂଘର ବାର୍ଷିକ ଉତ୍ସବ



ଧର୍ମଶାଳା,୧୪।୧୨ (ଡି.ଏନ.ଏ.): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ସିଭିକ ସେଣ୍ଟର ପରିସରରେ ବୁଧବାର ଉତ୍କଳମଣି ଗୋପବନ୍ଧୁ ସେବା ସଂଘର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସିଡିଏମ୍‌ଓ ତଥା ସେବାସଂଘର ସଭାପତି ଡାକ୍ତର ବିଜୟ କୁମାର ଶତପଥୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗ୍ରନ୍ଥକାର ତଥା ସୁସାହିତ୍ୟିକା ଛନ୍ଦା ମିଶ୍ର ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଜଣେ ମା' ଚାହିଁଲେ ତା'ର ପରିବାର ସହ ସମାଜକୁ ବଦଳାଇଦେଇ ପାରିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ଭଗବତ ଗୀତା ମଣିଷକୁ ମାର୍ଗ ଦର୍ଶନ କରାଇଥାଏ ବୋଲି ମତପ୍ରକାଶ କରିଥିଲେ। ପ୍ରତିଷ୍ଠାତା ସହ ସମ୍ପାଦକ ଅକ୍ଷୟ କୁମାର ଜେନା ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ରୋଟାରିଆନ ହରିହର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ରୋଟାରିଆନ ନିରଞ୍ଜନ ପାଣିଗ୍ରାହୀ ଓ ଇନରହୁଇଲ କ୍ଲବ୍‌ର ପ୍ରାକ୍ତନ ସଭାନେତ୍ରୀ ମାଧୁରୀ ଶତପଥୀ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଉପାସନା ଶତପଥୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଂଘ ସମ୍ପାଦକ ପ୍ରବୋଧ କୁମାର ପାତ୍ର ବିବରଣୀ ପାଠ କରିଥିବା ବେଳେ ଧର୍ମଶାଳା କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


**PANCHAYAT SAMITI OFFICE PHULBANI**
Tel:(06842) 253671, Email:ori-bphulbani@nic.in
Letter No.3129// Date:14.12.2022

**CORRIGENDUM**

With reference to Tender Call Notice No.3093, Date 28.11.2022 the following changes are made.
Last date of receiving sealed tender paper: Date 28.12.2022 before 5.00 P.M.
Opening of sealed tender paper: Date 29.12.2022 at 10 A.M.
The details corrigendum notice is available in http://Kandhamal.nic.in.
This is for your information and necessary action.

Sd./- Block Development Officer, Phulbani

**WORKS DEPARTMENT**
**OFFICE OF THE EXECUTIVE ENGINEER MAYURBHANJ (R & B) DIVISION, BARIPADA**
No.B-971: e-mail - bpd eerb@rediffmail.com
Government of Odisha "e" Procurement Notice
Bid Identification No.-E.E.-62 /2022-23

1. Number of works - 03 (Three) number of works.
2. Approximate estimated cost: - 63.51 Lakh to 69.03 Lakh
3. Period of Completion: - 4 (Four) Calendar months
4. Date & Time of availability of bid documents in the portal :- Dt. 19.12.2022 to 03.01.2023
5. Last Date / Time of receipt of bid in the portal :- Dt. 03.01.2023 upto 4.00 PM
6. Date of Opening of bid :- Dt. 04.01.2023 at 11.00 AM
7. Name & address of the Office inviting bid :- Executive Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd./- Executive Engineer
Mayurbhanj (R&B) Division
OIPR-34025/11/0018/2223

**GOVERNMENT OF ODISHA** No. O-1431
**"e" PROCUREMENT NOTICE**
Bid Identification No.: Online-12 of 2022-23
E-Mail ID: rwd.padampur@yahoo.co.in, Ph. No.: 9437255440

1. Name of the work : Road Works (As per Annexure - 'A')
2. Amount put to Bid Excluding GST : As per Annexure - 'A'
3. Class of Contractor : 'D' & 'C'
4. Cost of Tender Paper : As per Annexure - 'A'
5. Date & time of availability of bid document in the portal : From Dt.20.12.2022 at 10.00 A.M.
6. Last date & time for receipt of bids in the portal : Dt.27.12.2022 upto 05.00 P.M.
7. Last date of seeking clarification : Dt.26.12.2022 upto 05.00 P.M.
8. Date & Time of bid opening : Dt.28.12.2022 at 11.00 A.M.
9. Name and address of the Officer Inviting Bid : Executive Engineer, R.W. Division, Padampur, At/P.O.: Padampur, Dist.- Bargarh, PIN - 768036

(1) Other details can be seen from DTCN available in website www.tendersorissa.gov.in.
(2) Corrigendum if any shall only be published in the above website.

Sd./- Executive Engineer
Rural Works Division, Padampur
OIPR-25069/11/0030/2223

**ପୌର ପରିଷଦ କାର୍ଯ୍ୟାଳୟ, ଝାରସୁଗୁଡ଼ା**
**MUNICIPAL OFFICE, JHARSUGUDA**
e-Mail: jsgmunicipality@yahoo.com, jharsugudam.hud@nic.in
Fax: 06645-270274, Ph.: 06645-273019
No. 5468/JM Dt.09.12.2022

**SHORT QUOTATION CALL NOTICE**

No. C-1895: Sealed quotations are invited from reputed printers for executing the wall painting, flex printing, mounting of flex (Multicolor).
The sealed quotations should reach the undersigned on or before 3.00 P.M. on Dt.20.12.2022 and the same will be opened on same date at 3.30 P.M. in presence of the bidders or their authorized agents.
The authority is not responsible for any postal delay. The authority reserves the rights to reject any or all the quotation without assigning any reason thereof.

Sd./- Executive Officer
Jharsuguda Municipality
OIPR-13165/11/0031/2223

**ସୋନପୁର ପୌର ପରିଷଦ, ସୁବର୍ଣ୍ଣପୁର**
**୨୦୨୩-୨୪ବର୍ଷ ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)**
ସଂଖ୍ୟା: ୩୫୪୯ ତାରିଖ: ୦୫।୧୨।୨୦୨୨

No. C-1904: ସୋନପୁର ପୌର ପରିଷଦ, ସୁବର୍ଣ୍ଣପୁର ୨୦୨୩-୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପୌର ସଂସ୍ଥାମାନଙ୍କର ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରୁଛନ୍ତି। ଏହି ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ) ସମ୍ପୃକ୍ତ ପୌର ସଂସ୍ଥା ଠିକଣାରେ ରେଜିଷ୍ଟର୍ଡ/ସ୍ପିଡ୍ ପୋଷ୍ଟ ଜରିଆରେ ତା୨୦ ଡିସେମ୍ବର ୨୦୨୨ରିଖ ସମୟ ୫.୩୦ ସୁଦ୍ଧା ପହଞ୍ଚିବା ଆବଶ୍ୟକ।
ଟେକ୍ନିକାଲ୍ ବିଡ୍ ସମ୍ପୃକ୍ତ ପୌର ସଂସ୍ଥା ସଭା ଗୃହରେ ତା୨୨ ଡିସେମ୍ବର ୨୦୨୨ ସମୟ ପୂର୍ବାହ୍ନ ୧୧.୦୦ରେ ଖୋଲାଯିବ। ମୁଦା ଲଫାପା ଉପରେ "୨୦୨୩-୨୪ ବର୍ଷ ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ)" ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ। ଏହି ଅଭିବ୍ୟକ୍ତି ପ୍ରକାଶନର ବିସ୍ତୃତ ସୂଚନା ନିମ୍ନୋକ୍ତ ୱେବ୍ ସାଇଟ୍‌ରେ ମିଳିପାରିବ।
http://www.subarnapur.nic.in

ସ୍ୱା./- ନିର୍ବାହୀ ଅଧିକାରୀ
ସୋନପୁର ପୌର ପରିଷଦ, ସୁବର୍ଣ୍ଣପୁର
OIPR-13098/11/0042/2223

**OFFICE OF THE NOTIFIED AREA COUNCIL, DHARAMGARH (Dt)-KALAHANDI**
E-mail: nacdharmagarh@gmail.com
No.3548/DMH Dated. 11.12.2022

**QUOTATION CALL NOTICE**

No.C-1900: Sealed Quotations are invited from the intending firms/ agencies/ Suppliers having GST, PAN & having up to date deposit of GST with latest Deposit Challan for supply of Bicycles to Dharamgarh NAC as per the following Specification.

| Product Specification with Branding |
|---|
| Ladies Bicycle with standard specification along with Carrier, Chain Cover and Basket including stickering 8*8 inches durable and water proofing quality. |

The Quotation papers along with details specification of the Bicycle mentioning supply of Bicycles on top of the envelope will be received from date 11.12.2022 to date 18.12.2022 during official hours through Regd. Post/ Speed Post/ by hand up to 2.00 pm on 19.12.2022 in the office of the undersigned and will be opened on the same day at 4.00pm in presence of the bidders or their authorized representatives if any present.

The undersigned reserves the right to accept or reject any or all Quotation without assigning any reason thereof.

Sd./- Sub-Collector-cum-Executive Officer
NAC, Dharmagarh
OIPR-13163/11/0011/2223

**OFFICE OF THE CDM & PHO-CUM-DISTRICT MISSION DIRECTOR**
District Programme Management Unit, DPMU, NHM, Dist: Balangir - 767001
E-mail: nhmbalangir@gmail.com
Advt. No. 4451 Date: 13.12.2022

**CONTRACTUAL APPOINTMENT**

No. E-724: Applications are invited from eligible candidates for engagement of the Post of Work Consultant, Senior Treatment Supervisor (STS), Tuberculosis Healh Vistor (TBHV), Multi Rehabilitation Worker and Walk-in-Interview will be conducted for the Post of Dental Technician-DEIC, Physician/ Consultant Medicine, Doctor (NPCDCS) and Medical Officer for SNCU on the date mentioned against each under National Health Mission, Balangir on contractual basis for a term of 11 months with monthly remuneration as noted against each and subject to renewal as per the society norms basing on the performance and subject to continuance of the programme. Performance incentives and other benefits are also admissible for all posts as per norms and orders issued there under from time to time. The above posts are purely temporary and co-terminus with the scheme. Lower Age limit is 21 years as on Dt.01.12.2022.

| Sl. No. | Name of the Post | Base Remuneration (In Rs.) | Date of Interview |
|---|---|---|---|
| 01 | Work Consultant (Junior Engineer) | Rs.32,806/- pm + Other allowances as per PIP | Will be informed later on |
| 02 | Senior Treatment Supervisor (STS) - NTEP | Rs.20,569/- pm + Other allowances as per PIP | Will be informed later on |
| 03 | TBHV - NTEP | Rs.15,100/- pm + Other allowances as per PIP | Will be informed later on |
| 04 | Dental Technician - DEIC | Rs.13,002/- pm + Other allowances as per PIP | 04.01.2023 |
| 05 | Physician/Consultant Medicine, NPHCE | Rs.74,390/- pm + Other allowances as per PIP | 30.12.2022 |
| 06 | Doctor (NPCDCS) | Rs.59,511/- pm + Other allowances as per PIP | |
| 07 | MO SNCU | Rs.59,511/- pm + Other allowances as per PIP | |
| Venue: Office of the Chief District Medical & Public Health Officer, Balangir Registration Timing will be from 10.30 A.M. to 12.00 Noon only on Walk-in-Interview dates. | | | |

Application form can be downloaded from the district official website **www.balangir.nic.in**. Inteested candidates fulfilling the eligibility criteria are to apply for the post of Sl. 1 to 3 only by downloading the application format available in the district website and the filled in application duly signed by the candidate along with self attesed copies of all supportive documents shall be sent to the O/o. the CDM & PHO, Balangir so as to reach the office on or before 30.12.2022 (by 5.30 P.M.) through Regd. Post/ Speed Post/Courier only and the envelope containing the application should be superscribed clearly name of the post applied for. In case application received from any candidate without superscribed clearly name of the post applied for will not be considered for further selection and their application form will be rejected. This office will not be held responsible for any postal delay.
Candidates for the post of Sl. No. 4, 5, 6 & 7 need not apply through post and should present before the Interview on the date, times & venue mentioned against each along with application form and self attested copies of all supportive documents. Number of vacancies under this advertisement is provisional which may increase or decrease depending upon requirement or otherwise at the time of actual engagement. No personal correspondence/enquiry will be entertained in this matter. All communication may be made through e-mail/district website **www.balangir.nic.in**. The undersigned reserve the right to cancel any or all the proposals without assigning any reason thereof. All the interested candidates may attend the Walk-in-Interview mentioned above date, time and venue. The authority reserved the right to cancel any or all the aplication without assigning reason thereof.

Sd./- (Dr. Snehalata Sahu)
CDM & PHO-cum-District Mission Director, Balangir
OIPR-10019/11/0023/2223

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SAMBALPUR**
E-mail Id: serwcirclesbp@yahoo.com
Bid Identification No. Road Tender Online RWCSBP - 23 | No. 2642 Dated: 13.12.2022

No. O-1433: The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate bid from experienced & eligible bidders for Transferred Road Improvement programme (TRIP) for the year 2022-23.

1. Name of work : Transferred Road Improvement Programme (TRIP) for the year 2022-23.
2. No. of work : 02 Nos. details as per DTCN
3. Estimated Cost : Approximately Rs.177.09 to 186.97 lakhs
4. Class of Contractor : 'B' and 'A'
5. Cost of Tender paper and mode of deposit : Rs.10,000/- per set (to be deposited Online) in favour of concerned Executive Engineer
6. Mode of submission of tender : Tender should be submitted only Online in website: **www.tendersorissa.gov.in (https//tendersodisha.gov.in)**
7. EMD and mode of deposit : No EMD is required but Bid Security declaration should be furnished by the bidders as mentioned in DTCN.
8. Summary of key dates are provided below:

| Procurement Officer | Bid Identification No. | Availability of Tender Online for Bidding | | Last date & time for seeking clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP - 23/2022-23 | 19.12.2022 at 11.00 A.M. | 02.01.2023 upto 5.00 P.M. | 30.12.2022 upto 5.00 P.M. | 03.01.2023 at 11.00 A.M. | To be intimated later |

- Further details can be seen from the e-procurement portal **www.tendersorissa.gov.in. (https//tendersodisha.gov.in)**.
- Subsequent modification/corrigendum/addendum if required shall appear in website only.
- The amount put to bid is exclusive of GST.
- Bidder should inspect the road before bidding and quote his rate accordingly.

OIPR-25091/11/0032/2223 Sd./- Chief Construction Engineer, Rural Works Circle, Sambalpur

**ବିଲୁଆ କାମୁଡ଼ାରେ ୨ ଆହତ**

ଡେରାବିଶ, (ସ୍ୱ.ପ୍ର.): ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଡାଳିଜୀ ଗ୍ରାମରେ ବିଲୁଆ କାମୁଡ଼ାରେ ୨ଜଣ ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ ଡାଳିଜୀ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଭିକାରୀ ଚରଣ ସାହୁ (୭୫) ଓ ଆଶାକର୍ମୀ ସୁରତି ସାହୁ (୪୯)। ନିକଟସ୍ଥ ଡାଳିଜୀ, ସଲାରୋ ଓ କୋଶିଦା ଗ୍ରାମରେ କିଛିଦିନ ହେବ ବିଲୁଆମାନେ ଆତଙ୍କ ଖେଳାଇ ଚାଲିଛନ୍ତି। ଦୁଇଦିନ ତଳେ ୨ ଗୃହପାଳିତ ପଶୁଙ୍କୁ ବିଲୁଆମାନେ କାମୁଡ଼ି ଆହତ କରିଥିଲେ। ମଙ୍ଗଳବାର ରାତିରେ ଘରେ ପଶି ଭିକାରୀଙ୍କୁ ବିଲୁଆ କାମୁଡ଼ି ଦେଇଥିଲା। ଉଭୟ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଆଜି ଘରକୁ ଫେରିଛନ୍ତି। ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳରେ ସାଧାରଣରେ ଆତଙ୍କ ଖେଳିଯାଇଛି ।

## ସଂକ୍ଷେପରେ

### ନବ ବିବାହିତଙ୍କ ଆତ୍ମହତ୍ୟା
**ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ**

**ମାର୍ଶାଘାଇ,୧୪।୧୨(ଡି.ଏନ.ଏ.):** ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁର ଗାଁର ଜଣେ ନବବିବାହିତ ଯୁବକ ଘରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ହାପିନା ରାଉତ (୨୯)। ମଙ୍ଗଳବାର ରାତିରେ ପରିବାର ଲୋକ ତାଙ୍କୁ ମାର୍ଶାଘାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ହାପିନା ୫ ମାସ ତଳେ ଏହି ଥାନା ଅନ୍ତର୍ଗତ ହଳଦିଆ ଗ୍ରାମରେ ବିବାହ କରିଥିଲେ। ବର୍ତ୍ତମାନ ବାପ ଘରେ ଥିବା ତାଙ୍କ ସ୍ତ୍ରୀ ପ୍ରଜ୍ଞା ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଅଧିକ ଯୌତୁକ ଆଣିବାକୁ ସ୍ୱାମୀଙ୍କୁ ସବୁବେଳେ ବାଧ କରୁଥିଲେ। ବାପ ଘରେ ମୁଁ ଥିବାବେଳେ ଶ୍ୱଶୁର, ଶାଶୁ, ଦେଢ଼ଶୁର ଓ ଯାଆ ମିଶି ସ୍ୱାମୀଙ୍କୁ ମାରି ଦେଇଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ନଂ. ୫୦୪/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ଏସ. ଆଇ. ଦେବାଶିଷ ପଣ୍ଡା କହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର: ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**କେନ୍ଦ୍ରାପଡ଼ା ଅଫିସ, ୧୪।୧୨:** କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ମାମଲା (ନଂ.୧୧୬/୨୦)ର ଶୁଣାଣି ମଙ୍ଗଳବାର ଶେଷ ହୋଇଛି। ଏହି ମାମଲାକୁ ଆଡହକ ଆଡିଶନାଲ ସେସନସ ଜଜ୍ ତଥା ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟର ଜଜ୍ ତ୍ରିବିକ୍ରମ କେଶରୀ ଚିନରା ଶୁଣାଣି କରି ଅଭିଯୁକ୍ତ ଡେରାବିଶ ଥାନା ଅନ୍ତର୍ଗତ ନୂଆଗାଁର ସୁରେଶ ମଲ୍ଲିକଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଜରିମାନା ବାବଦ ୨୦ ହଜାର ଟଙ୍କା ଅନାଦେୟରେ ଅଧିକ ୫ ମାସ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି। ସ୍ପେଶାଲ ପିପି ମନୋଜ କୁମାର ସାହୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି, ୨୦୨୦ ଏପ୍ରିଲରେ ପୀଡିତା ନାବାଳିକାଙ୍କ ମା'ଙ୍କର ଦେହ ଖରାପ ଥିଲା। ଏହି ସମୟରେ ମା' ଓ ବାପା କଟକ ବଡ ମେଡିକାଲରେ ଥିଲେ। ଘରେ ପୀଡିତାଙ୍କ ସହ ୨ ସାନଭାଇ ଭଉଣୀ ରହୁଥିଲେ। ସୁରେଶ ଏହାର ସୁଯୋଗ ନେଇ ପୀଡିତାଙ୍କୁ ଏପ୍ରିଲରୁ ଜୁଲାଇ ମାସ ପର୍ଯ୍ୟନ୍ତ ବଳାତ୍କାର କରିଥିଲେ। କାହାକୁ ଏ ସମ୍ପର୍କରେ କହିଲେ, ଭାଇ, ଭଉଣୀଙ୍କ ସମେତ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଜୁଲାଇରେ କଟକରୁ ମା' ଓ ବାପା ଆସିବାରୁ ସୁରେଶ ଏହି ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ କରି ନେଇଥିଲେ। ତେବେ ତାଙ୍କ ଗାଡି ଖରାପ ହେବାରୁ ପୀଡିତା ଘରକୁ ଫେରି ସୁରେଶଙ୍କ ବଳାତ୍କାର ସମ୍ପର୍କରେ ଘରେ କହିଥିଲେ। ଏ ନେଇ ବାପା ଥାନାରେ ଅଭିଯୋଗ କରିଥିଲେ ବୋଲି ସ୍ପେଶାଲ ପିପି ସାହୁ ସୂଚନା ଦେଇଛନ୍ତି।

### ୮ ଦଫା ଦାବିରେ ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ବିକ୍ଷୋଭ

**ରଘୁନାଥପୁର, ୧୪।୧୨ (ଡି.ଏନ୍.ଏ.):** ୮ ଦଫା ଦାବି ନେଇ ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର ଆସୋସିଏଶନର ରଘୁନାଥପୁର ଶାଖା ପକ୍ଷରୁ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ବୁଧବାର ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଭୁବନେଶ୍ୱର ପିଏମ୍‌ଜି ଛକଠାରେ ଚାଲିଥିବା ଧାରଣାକୁ ସମର୍ଥନ କରି ବ୍ଲକସ୍ତରରେ ଏନେଇ ଦିନିକିଆ ବିକ୍ଷୋଭ କରାଯାଇଥିଲା। ସଭାନେତ୍ରୀ ବୈଜୟନ୍ତି ଖଟୁଆ ଓ ସମ୍ପାଦିକା ମହାମାୟା ତ୍ରିପାଠୀଙ୍କ ନେତୃତ୍ୱରେ କର୍ମୀ ଓ ସହାୟିକାମାନେ ଥାନାଛକରୁ ଏକ ପଟୁଆରରେ ବାହାରି ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏହି ଅବସରରେ କର୍ମୀ ଓ ସହାୟିକାମାନେ ସରକାରଙ୍କ ଉପରେ ବର୍ଷିବା ସହ ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ମାନ୍ୟତା, ପେନ୍‌ସନ ପ୍ରଦାନ ଓ ଅନ୍ୟାନ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ସିଡିପିଓ ଅନୁପସ୍ଥିତ ଥିବା ଯୋଗୁ ସୁପରଭାଇଜର ସୁବାସ ମୋହିନୀ ସାହୁ ଦାବିପତ୍ର ଦିଆଯାଇଥିଲା। ସଞ୍ଜୁବାଳା ନାୟକ, ରେଶ୍ମା ରାଣୀ ଖଟୁଆ, ମନୋରମା ମହାନ୍ତି, ମାନମୋହିନୀ ପଣ୍ଡା, ଜୟନ୍ତୀ ମହାଳି, ପ୍ରମିଳା ସ୍ୱାଇଁ, ବିଦ୍ୟୁଲତା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ମାଙ୍କଡ଼ଧରା ଅଭିଯାନ : ୮ ମାଙ୍କଡ଼ିଆ କେଳା ନିୟୋଜିତ

**ଜଗତ୍‌ସିଂହପୁର ଅଫିସ, ୧୪।୧୨**

- ଦେଢ଼ଶରଦେଉଳି ନିକଟରୁ ଗୋଟିଏ ଉଦ୍ଧାର
- ବନ ବଭାଗର ଏକାଧିକ କର୍ମଚାରୀ ଆହତ
- କ୍ଷତିଗ୍ରସ୍ତ ହେଉଛି ପନିପରିବା ଫସଲ

ଜଗତ୍‌ସିଂହପୁର ଜିଲାରେ ମାଙ୍କଡ଼ଙ୍କ ଉତ୍ପାତ ଚିନ୍ତାର କାରଣ ପାଲଟିଛି। ସେମାନେ ଚାଷୀଙ୍କ ପନିପରିବା ଫସଲ ନଷ୍ଟ କରିବା ସହ ଲୋକଙ୍କୁ ଆକ୍ରମଣ କରି ଭୟଭୀତ କରୁଥିଲେ। ଏନେଇ ଲୋକେ ବାଡ଼ି ବଗିଚାରେ ଚାଷ କରିବାକୁ ଡରୁଛନ୍ତି। ସେମାନଙ୍କୁ ସ୍ଥାନାନ୍ତର ପାଇଁ ଦୀର୍ଘ ବର୍ଷ ହେବ ଦାବି ହୋଇ ଆସୁଥିଲେ ସୁଦ୍ଧା କୌଣସି ପ୍ରତିକାର ହୋଇପାରି ନାହିଁ। ଏନେଇ ନବ ନର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ନିକଟରେ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନ କରାଯାଇଥିଲା। ଏଥିରେ ମାଙ୍କଡ଼ ଉତ୍ପାତ ଓ ଏହାର ପ୍ରତିକାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲା ପ୍ରଶାସନ ଓ ବନ ବିଭାଗ ତୁରନ୍ତ ମାଙ୍କଡ଼ଙ୍କୁ ଜନବସତିରୁ ଦୂରେଇ ନ ରଖିଲେ ଲୋକେ ପନିପରିବା, ଫସଲ ଆଦି କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ ବୋଲି ଦର୍ଶାଯାଇଥିଲା । ଜିଲା ପ୍ରଶାସନ ଏହା ଉପରେ ନିର୍ଭର ପ୍ରତିଶ୍ରୁତି ଦେଇଥିଲା। ଏହି ଅନୁଯାୟୀ, ମଙ୍ଗଳବାରଠାରୁ ମାଙ୍କଡ଼ ଧରା ଅଭିଯାନ ଆରମ୍ଭ ହୋଇଛି ।

ଯାଜପୁର ଜିଲା ସୁକିନ୍ଦା ଟାଟା ମାଇନ୍ସ ଅଞ୍ଚଳରୁ ୮ ଜଣ ମାଙ୍କଡିଆ କେଳା ଜଗତ୍‌ସିଂହପୁରରେ ପହଞ୍ଚି ଧଳତଙ୍ଗଗଡ଼ ନିକଟ ଗୋବିନ୍ଦା ପୋଖରୀ ଅଞ୍ଚଳରୁ ମାଙ୍କଡ଼ ଧରିବାକୁ ଜାଲ ବିଛାଇଥିଲେ। ଏହି ଜାଲରେ ଗୋଟିଏ ମାଙ୍କଡ଼ ପଡିଥିଲେ ସୁଦ୍ଧା କୌଣସିମତେ ଖସିଯିବାକୁ ସମର୍ଥ ହୋଇଥିଲା। ବୁଧବାର ଏହି ମାଙ୍କଡ଼ିଆ ଦଳ ଧଳତଙ୍ଗଗଡ଼ ବନ ବିଭାଗ କର୍ମଚାରୀମାନଙ୍କ ସହାୟତାରେ ଉକ୍ତ ଜଙ୍ଗଲ ପାଖ ଦେଢ଼ଶର ଦେଉଳୀ ଗାଁ ନିକଟରୁ ଏକ ଅଣ୍ଡିରା ମାଙ୍କଡ଼କୁ ଉଦ୍ଧାର କରିଛନ୍ତି । ଏ ସମ୍ପର୍କରେ ଧଳତଙ୍ଗଗଡ଼ ରେଞ୍ଜ ଅଫିସର ରବୀନ୍ଦ୍ର ମହାନ୍ତି କହିଛନ୍ତି, ମାଙ୍କଡ଼ମାନେ ଦେଢ଼ଶରଦେଉଳି ଗ୍ରାମରେ ଉତ୍ପାତ କରୁଥିବା ଖବରପାଇ ସେମାନେ ସେଠାରେ ପହଞ୍ଚିଥିଲେ। ମାଙ୍କଡିଆ କେଳାମାନେ ମାଙ୍କଡ଼ ଗୋଷ୍ଠୀର ସର୍ଦ୍ଦାରକୁ ଧରିବାକୁ ଚେଷ୍ଟା କରିଥିଲେ। କାରଣ ସର୍ଦ୍ଦାର ଧରାପଡିଗଲେ ଅନ୍ୟ ମାଙ୍କଡ଼ମାନେ ବିଚଳିତ ହେବା ସହ ଜନବସତିରୁ ଦୂରେଇ ସୁରକ୍ଷିତ ସ୍ଥାନକୁ ଅର୍ଥାତ୍ ଜଙ୍ଗଲ ଆଡକୁ ଯିବାକୁ ଚେଷ୍ଟା କରିବେ। ଉଦ୍ଧାର ମାଙ୍କଡ଼କୁ ଧରିଲା ବେଳେ ବହୁତ କଷ୍ଟ ହୋଇଥିଲା। ପ୍ରଥମେ ମାଙ୍କଡିଆ କେଳାମାନେ ମାଙ୍କଡ ଥିବା ଗଛ ନିକଟବର୍ତ୍ତୀ ସ୍ଥାନରେ କୌଶଳକ୍ରମେ ଜାଲ ବିଛାଇଥିଲେ। ତା'ପରେ ମାଙ୍କଡଟିକୁ ଏହି ଜାଲରେ ପଡିବା ପାଇଁ ଘଉଡ଼ାଇଥିଲେ । ସୌଭାଗ୍ୟବଶତଃ ମାଙ୍କଡ଼ଟି ଜାଲରେ ପଡ଼ିଯାଇଥିଲା। କିନ୍ତୁ ଏହି ଅଭିଯାନ ସମୟରେ ଏକାଧିକ ବନ ବିଭାଗ କର୍ମଚାରୀ ସାମାନ୍ୟ ଆହତ ହୋଇଛନ୍ତି। ଏବେ ଉକ୍ତ ମାଙ୍କଡ଼କୁ ରେଞ୍ଜ ଅଫିସର ପରିସରରେ ସୁରକ୍ଷିତ ଭାବେ ରଖାଯାଇଛି। ଆଉ କିଛି ଧରାପଡିଲେ ଏକାଥରେ ଢେଙ୍କାନାଳ ଜିଲା କପିଳାସ ନିକଟ ପ୍ରାକୃତିକ ଜଙ୍ଗଲରେ ଛଡାଯିବା ପାଇଁ ବ୍ୟବସ୍ଥା କରାଯିବ। ଏହି ଅଭିଯାନ କିଛି ଦିନ ପର୍ଯ୍ୟନ୍ତ ଚାଲିବ। ମାଙ୍କଡ଼ଙ୍କ ଗୋଷ୍ଠୀ ବିଭାଜନ ସମ୍ଭବ ହୋଇପାରିଲେ ସେମାନେ ବିଶେଷ କ୍ଷୟକ୍ଷତି କରିବେ ନାହିଁ। ତେଣୁ ବିଭିନ୍ନ ଗୋଷ୍ଠୀର ଗୋଟିଏ ହିସାବରେ (ସର୍ଦ୍ଦାରକୁ ପ୍ରାଥମିକତା) ଧରାଯିବା ପାଇଁ ଚେଷ୍ଟା କରାଯିବ। ଏଥିରେ ସଫଳତା ମିଳିଲେ କେତେକାଂଶରେ ସମସ୍ୟା ଦୂର ହୋଇପାରିବ ବୋଲି ରେଞ୍ଜ ଅଫିସର ମହାନ୍ତି କହିଛନ୍ତି।


ଉଦ୍ଧାର ହୋଇଥିବା ମାଙ୍କଡ଼।

# 'ଏରସମା ଜନ୍ମଭୂଇଁ, କୁଜଙ୍ଗ କର୍ମଭୂଇଁ'


କୁଜଙ୍ଗ ବ୍ଲକ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**କୁଜଙ୍ଗ/ଏରସମା/ପାରାଦୀପ, ୧୪।୧୨ (ଡି.ଏନ୍.ଏ./ସ୍ୱ.ପ୍ର.)**

ଏରସମା ମୋର ଜନ୍ମ ଭୂଇଁ ହୋଇଥିଲେ ବି କୁଜଙ୍ଗ ମୋର କର୍ମଭୂଇଁ। କୁଜଙ୍ଗ ମାଟିର ସ୍ୱାଭିମାନୀ ମଣିଷଙ୍କ ପାଇଁ ମୋର ରାଜନୈତିକ ପରିଚୟ। ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ତାଙ୍କ ୮୧ତମ ଜୟନ୍ତୀ ଉତ୍ସବରେ ଏହା କହିଛନ୍ତି। ଦାମୋଦର ଜୟନ୍ତୀ କମିଟି ପକ୍ଷରୁ କୁଜଙ୍ଗ ବ୍ଲକ ପଡ଼ିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ବିଚିତ୍ରାନନ୍ଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ରଘୁନାଥ ସାହୁ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥିଭାବେ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ ଓ ମୁଖ୍ୟବକ୍ତାଭାବେ ବରିଷ୍ଠ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦସଭ୍ୟା ପୁଷ୍ପଲତା ବେହେରା, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ଓ ସାମିଜିକ କର୍ମୀ ରଞ୍ଜନ ଦାସ ଯୋଗଦେଇଥିଲେ। ଏରସମା ବ୍ଲକସ୍ଥିତ କାଶୀ ବିଶ୍ୱନାଥ ମନ୍ଦିର ପ୍ରାଙ୍ଗଣରେ କମିଟ ପକ୍ଷରୁ ରାଉତଙ୍କ ଜନ୍ମ ଦିନ ପାଳିତ ହୋଇଯାଇଛି। ଏରସମା ସାହିତ୍ୟ ସଂସଦର ସଭାପତି ଅକ୍ଷୟ କୁମାର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଡା. ରାଉତ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଅଧାପକ ହିମାଂଶୁ ଶେଖର ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ସାମାଜିକର୍ମୀ ଧୀରେନ୍ଦ୍ର କୁମାର ଚୌଧୁରୀ, ନାରଦିଆ ସରପଞ୍ଚ ସିମାଇ ଭୋଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଣ୍ଡିତ ନାଗୁ ଚରଣ ଦେବତା,ଗଙ୍ଗୋତ୍ରୀର ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଡା. ରାଉତଙ୍କ ଆଦର୍ଶ ଜୀବନୀ ଉପରେ ଆଲୋକ ପାତ କରିଥିଲେ । ପାରାଦୀପ ନୂଆବଜାରସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପରିସରରେ ରାଉତଙ୍କ ଜନ୍ମଦିବସରେ ଅତିଥିଭାବେ ଖବରଦାତା ପ୍ରଦ୍ୟୁମ୍ନ ଓ ପ୍ରଦୋଷ ଯୋଗଦେଇଥିଲେ।

# କର୍ମୀ ସକ୍ରିୟ ହେଲେ କ୍ଷମତାକୁ ଆସିବ ଦଳ

**ତିର୍ତ୍ତୋଲ,୧୪।୧୨ (ଡି.ଏନ.ଏ.)**

**ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ**

ବୁଥ୍‌ସ୍ତରରେ କଂଗ୍ରେସ ସଙ୍ଗଠନକୁ ମଜଭୁତ କର। ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଦଳିୟ ପର୍ଯ୍ୟବେକ୍ଷକ ମିଳିନ୍ଦ ଗୌତମ ଯୁବ କର୍ମୀମାନଙ୍କୁ ଏହି ଆହ୍ୱାନ ଦେଇଛନ୍ତି। ପ୍ରତ୍ୟେକ ବୁଥ୍‌ରେ କର୍ମୀମାନେ ସକ୍ରିୟ ରହିଲେ ଦଳ ପୂର୍ବ ଭଳି କ୍ଷମତାକୁ ଆସିପାରିବ ବୋଲି ସେ କହିଛନ୍ତି। ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦା ମୁନି ଗୋସେଇଁ ମଠସ୍ଥିତ ଆଦିକବି ଭବନରେ ବୁଧବାର ଆୟୋଜିତ ଏହି ବୈଠକରେ ଜଗତ୍‌ସିଂହପୁର ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକ ସଭାପତିତ୍ୱ କରିଥିଲେ। ପ୍ରଥମେ ନବ ନିଯୁକ୍ତ ବ୍ଲକ ଯୁବ କଂଗ୍ରେସ ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀଦିନରେ ବ୍ଲକସ୍ତରରେ ଏବଂ ପଞ୍ଚାୟତସ୍ତରରେ ଯୁବ କଂଗ୍ରେସ କମିଟି ଗଠନ କରାଯାଇ ଦଳକୁ କ୍ରିୟାଶୀଳ କରାଇବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଏଥିରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା, ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ମିଳିନ୍ଦ ଗୌତମ, ଜିଲା କଂଗ୍ରେସ ସଭାପତି ନଟବର ବାରିକ, ଜିଲା ମୁଖପାତ୍ର ଇଂ.ହିମାଂଶୁ ଭୂଷଣ ମଲ୍ଲିକ, ଗୋବିନ୍ଦପୁର ସମିତିସଭ୍ୟ ଦେବ ପ୍ରସାଦ ନାୟକ, ପ୍ରଦେଶ କଂଗ୍ରେସ ସମ୍ପାଦକ ନଳିନିକାନ୍ତ ସ୍ୱାଇଁ, ଏମ୍‌ପି ପ୍ରାର୍ଥିନୀ ପ୍ରତିମା ମଲ୍ଲିକ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବିରେନ ଦଳାଇ, ପୂର୍ବତନ ପୌରାଧକ୍ଷା ବିପ୍ଳବ ଚୌଧୁରୀ, ବେଦଦ୍ୟୁତି ପୁଷ୍ଟି, ସ୍ୱସ୍ତି ପ୍ରସାଦ ମିଶ୍ର, ମନୋଜ ବିଶ୍ୱାଳ, ହାପିନା ଦାସ, ଯୁବ କଂଗ୍ରେସ ଉପ ସଭାପତି ଦେବଦତ୍ତ ମହାନ୍ତି, ଅବିନାଶ ମଲ୍ଲିକ, ନବ ନିଯୁକ୍ତ ଜଗତ୍‌ସିଂହପୁର ବ୍ଲକ ଯୁବ କଂଗ୍ରେସ ସଭାପତି ଆର୍ଶୀବାଦ ତ୍ରିପାଠୀ, ତିର୍ତ୍ତୋଲ ବ୍ଲକ ଯୁବ କଂଗ୍ରେସ ସଭାପତି ସଫି ଆଜମ ପ୍ରମୁଖ ଯୋଗଦେଇଥିଲେ।

# ଛାତ୍ରୀ ପାଳିଲେ ଶକ୍ତି ସଂରକ୍ଷଣ ଦିବସ

**ପାରାଦୀପ,୧୪।୧୨(ସ୍ୱ.ପ୍ର.)**

ପାରାଦୀପ ମଧୁବନସ୍ଥିତ ଏନଏସି ବାଳିକା ବିଦ୍ୟାଳୟ ପରିସରରେ ବୁଧବାର ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ସ୍କୁଲ ଛାତ୍ରୀଙ୍କ ପକ୍ଷରୁ ଆୟୋଜିତ ଏହି ଦିବସ ଉପଲକ୍ଷେ ଆଲୋଚନା କାର୍ଯ୍ୟକ୍ରମରେ ବନ୍ଦର ଯନ୍ତ୍ରୀ ତଥା ପରିବେଶବିତ୍ ଅମରେଶ ନରେଶ ସାମନ୍ତ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ପ୍ରଭାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଭାଗ ନେଇଥିଲେ। ଭବିଷ୍ୟତ ବଂଶଧରଙ୍କ ପାଇଁ ଶକ୍ତି ସଂରକ୍ଷଣ ଏବେଠାରୁ ଅପରିହାର୍ଯ୍ୟ। ସେଥିପାଇଁ ପ୍ରତି କ୍ଷେତ୍ରରେ ଶକ୍ତି ସଂରକ୍ଷଣ ପାଇଁ ଉଦ୍ୟମ କରିବାକୁ ଅତିଥି ସାମନ୍ତ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ କ୍ଷେତ୍ରମୋହନ ଜେନା, ବିଜ୍ଞାନ ଶିକ୍ଷକ ରୋହିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


## PANCHAYAT SAMITI OFFICE PHULBANI

Tel:(06842) 253671, Email:ori-bphulbani@nic.in
Letter No.3129// Date:14.12.2022

### CORRIGENDUM

With reference to Tender Call Notice No.3093, Date 28.11.2022 the following changes are made.
Last date of receiving sealed tender paper: Date 28.12.2022 before 5.00 P.M.
Opening of sealed tender paper: Date 29.12.2022 at 10 A.M.
The details corrigendum notice is available in http://Kandhamal.nic.in.
This is for your information and necessary action.

**Sd./- Block Development Officer, Phulbani**

## WORKS DEPARTMENT
## OFFICE OF THE EXECUTIVE ENGINEER MAYURBHANJ (R & B) DIVISION, BARIPADA

No.B-971: e-mail - bpd eerb@rediffmail.com

**Government of Odisha "e" Procurement Notice**
**Bid Identification No.-E.E.-62 /2022-23**

1. Number of works - 03 (Three) number of works.
2. Approximate estimated cost: - 63.51 Lakh to 69.03 Lakh
3. Period of Completion: - 4 (Four) Calendar months
4. Date & Time of availability of bid documents in the portal :- Dt. 19.12.2022 to 03.01.2023
5. Last Date / Time of receipt of bid in the portal :- Dt. 03.01.2023 upto 4.00 PM
6. Date of Opening of bid :- Dt. 04.01.2023 at 11.00 AM
7. Name & address of the Office inviting bid :- Executive Engineer, Mayurbhanj (R&B) Division, Baripada

Further details can be seen from the e-procurement portal **http://www.tendersodisha.gov.in**

**Sd./- Executive Engineer**
**Mayurbhanj (R&B) Division**
OIPR-34025/11/0018/2223

## GOVERNMENT OF ODISHA
No. O-1431
## "e" PROCUREMENT NOTICE

**Bid Identification No.: Online-12 of 2022-23**
**E-Mail ID: rwd.padampur@yahoo.co.in, Ph. No.: 9437255440**

1. Name of the work : Road Works (As per Annexure - 'A')
2. Amount put to Bid Excluding GST : As per Annexure - 'A'
3. Class of Contractor : 'D' & 'C'
4. Cost of Tender Paper : As per Annexure - 'A'
5. Date & time of availability of bid document in the portal : From Dt.20.12.2022 at 10.00 A.M.
6. Last date & time for receipt of bids in the portal : Dt.27.12.2022 upto 05.00 P.M.
7. Last date of seeking clarification : Dt.26.12.2022 upto 05.00 P.M.
8. Date & Time of bid opening : Dt.28.12.2022 at 11.00 A.M.
9. Name and address of the Officer Inviting Bid : Executive Engineer, R.W. Division, Padampur, At/P.O.: Padampur, Dist.- Bargarh, PIN - 768036

(1) Other details can be seen from DTCN available in website **www.tendersorissa.gov.in**.
(2) Corrigendum if any shall only be published in the above website.

**Sd./- Executive Engineer**
OIPR-25069/11/0030/2223 **Rural Works Division, Padampur**

## ପୌର ପରିଷଦ କାର୍ଯ୍ୟାଳୟ, ଝାରସୁଗୁଡ଼ା
## MUNICIPAL OFFICE, JHARSUGUDA

e-Mail: jsgmunicipality@yahoo.com, jharsugudam.hud@nic.in
Fax: 06645-270274, Ph.: 06645-273019
No. 5468/JM Dt.09.12.2022

### SHORT QUOTATION CALL NOTICE

No. C-1895: Sealed quotations are invited from reputed printers for executing the wall painting, flex printing, mounting of flex (Multicolor).
The sealed quotations should reach the undersigned on or before 3.00 P.M. on Dt.20.12.2022 and the same will be opened on same date at 3.30 P.M. in presence of the bidders or their authorized agents.
The authority is not responsible for any postal delay. The authority reserves the rights to reject any or all the quotation without assigning any reason thereof.

**Sd./- Executive Officer**
**Jharsuguda Municipality**
OIPR-13165/11/0031/2223

## ସୋନପୁର ପୌର ପରିଷଦ, ସୁବର୍ଣ୍ଣପୁର
### ୨୦୨୩-୨୪ବର୍ଷ ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)

ସଂଖ୍ୟା: ୩୫୪୯ ତାରିଖ: ୦୫।୧୨।୨୦୨୨

No. C-1904: ସୋନପୁର ପୌର ପରିଷଦ, ସୁବର୍ଣ୍ଣପୁର ୨୦୨୩-୨୪ ବର୍ଷ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପୌର ସଂସ୍ଥାମାନଙ୍କର ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରୁଛନ୍ତି। ଏହି ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ) ସମ୍ପୃକ୍ତ ପୌର ସଂସ୍ଥା ଠିକଣାରେ ରେଜିଷ୍ଟର୍ଡ/ସ୍ପିଡ୍ ପୋଷ୍ଟ ଜରିଆରେ ତା୨୦ ଡିସେମ୍ବର ୨୦୨୨ରିଖ ସମୟ ୫.୩୦ ସୁଦ୍ଧା ପହଞ୍ଚିବା ଆବଶ୍ୟକ।
ଟେକ୍ନିକାଲ୍ ବିଡ୍ ସମ୍ପୃକ୍ତ ପୌର ସଂସ୍ଥା ସଭା ଗୃହରେ ତା୨୨ ଡିସେମ୍ବର ୨୦୨୨ ସମୟ ପୂର୍ବାହ୍ନ ୧୧.୦୦ରେ ଖୋଲାଯିବ। ମୁଦା ଲଫାପା ଉପରେ "୨୦୨୩-୨୪ ବର୍ଷ ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୱାର୍ଡ଼ ଅଫିସ୍ ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟେରେଷ୍ଟ)" ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ। ଏହି ଅଭିବ୍ୟକ୍ତି ପ୍ରକାଶନର ବିସ୍ତୃତ ସୂଚନା ନିମ୍ନୋକ୍ତ ୱେବ୍ ସାଇଟ୍‌ରେ ମିଳିପାରିବ।

http://www.subarnapur.nic.in

ସ୍ୱା./- ନିର୍ବାହୀ ଅଧିକାରୀ
ସୋନପୁର ପୌର ପରିଷଦ, ସୁବର୍ଣ୍ଣପୁର
OIPR-13098/11/0042/2223

## OFFICE OF THE NOTIFIED AREA COUNCIL, DHARAMGARH (Dt)-KALAHANDI

E-mail: nacdharmagarh@gmail.com
No.3548/DMH Dated. 11.12.2022

### QUOTATION CALL NOTICE

**No.C-1900:** Sealed Quotations are invited from the intending firms/ agencies/ Suppliers having GST, PAN & having up to date deposit of GST with latest Deposit Challan for supply of Bicycles to Dharamgarh NAC as per the following Specification.

| Product Specification with Branding |
|---|
| Ladies Bicycle with standard specification along with Carrier, Chain Cover and Basket including stickering 8*8 inches durable and water proofing quality. |

The Quotation papers along with details specification of the Bicycle mentioning supply of Bicycles on top of the envelope will be received from date 11.12.2022 to date 18.12.2022 during official hours through Regd. Post/ Speed Post/ by hand up to 2.00 pm on 19.12.2022 in the office of the undersigned and will be opened on the same day at 4.00pm in presence of the bidders or their authorized representatives if any present.
The undersigned reserves the right to accept or reject any or all Quotation without assigning any reason thereof.

**Sd./- Sub-Collector-cum-Executive Officer**
**NAC, Dharamagarh**
OIPR-13163/11/0011/2223

## OFFICE OF THE CDM & PHO-CUM-DISTRICT MISSION DIRECTOR

District Programme Management Unit, DPMU, NHM, Dist: Balangir - 767001
E-mail: nhmbalangir@gmail.com
Advt. No. 4451 Date: 13.12.2022

### CONTRACTUAL APPOINTMENT

No. E-724: Applications are invited from eligible candidates for engagement of the Post of Work Consultant, Senior Treatment Supervisor (STS), Tuberculosis Healh Vistor (TBHV), Multi Rehabilitation Worker and Walk-in-Interview will be conducted for the Post of Dental Technician-DEIC, Physician/ Consultant Medicine, Doctor (NPCDCS) and Medical Officer for SNCU on the date mentioned against each under National Health Mission, Balangir on contractual basis for a term of 11 months with monthly remuneration as noted against each and subject to renewal as per the society norms basing on the performance and subject to continuance of the programme. Performance incentives and other benefits are also admissible for all posts as per norms and orders issued there under from time to time. The above posts are purely temporary and co-terminus with the scheme. Lower Age limit is 21 years as on Dt.01.12.2022.

| Sl. No. | Name of the Post | Base Remuneration (In Rs.) | Date of Interview |
|---|---|---|---|
| 01 | Work Consultant (Junior Engineer) | Rs.32,806/- pm + Other allowances as per PIP | Will be informed later on |
| 02 | Senior Treatment Supervisor (STS) - NTEP | Rs.20,569/- pm + Other allowances as per PIP | Will be informed later on |
| 03 | TBHV - NTEP | Rs.15,100/- pm + Other allowances as per PIP | Will be informed later on |
| 04 | Dental Technician - DEIC | Rs.13,002/- pm + Other allowances as per PIP | 04.01.2023 |
| 05 | Physician/Consultant Medicine, NPHCE | Rs.74,390/- pm + Other allowances as per PIP | 30.12.2022 |
| 06 | Doctor (NPCDCS) | Rs.59,511/- pm + Other allowances as per PIP | |
| 07 | MO SNCU | Rs.59,511/- pm + Other allowances as per PIP | |

**Venue: Office of the Chief District Medical & Public Health Officer, Balangir**
**Registration Timing will be from 10.30 A.M. to 12.00 Noon only on Walk-in-Interview dates.**

Application form can be downloaded from the district official website **www.balangir.nic.in**. Inteested candidates fulfilling the eligibility criteria are to apply for the post of Sl. 1 to 3 only by downloading the application format available in the district website and the filled in application duly signed by the candidate along with self attesed copies of all supportive documents shall be sent to the O/o. the CDM & PHO, Balangir so as to reach the office on or before 30.12.2022 (by 5.30 P.M.) through Regd. Post/ Speed Post/Courier only and the envelope containing the application should be superscribed clearly name of the post applied for. In case application received from any candidate without superscribed clearly name of the post applied for will not be considered for further selection and their application form will be rejected. This office will not be held responsible for any postal delay.
Candidates for the post of Sl. No. 4, 5, 6 & 7 need not apply through post and should present before the Interview on the date, times & venue mentioned against each along with application form and self attested copies of all supportive documents. Number of vacancies under this advertisement is provisional which may increase or decrease depending upon requirement or otherwise at the time of actual engagement. No personal correspondence/enquiry will be entertained in this matter. All communication may be made through e-mail/district website **www.balangir.nic.in**. The undersigned reserve the right to cancel any or all the proposals without assigning any reason thereof. All the interested candidates may attend the Walk-in-Interview mentioned above date, time and venue. The authority reserved the right to cancel any or all the aplication without assigning reason thereof.

**Sd./- (Dr. Snehalata Sahu)**
**CDM & PHO-cum-District Mission Director, Balangir**
OIPR-10019/11/0023/2223

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SAMBALPUR

E-mail Id: serwcirclesbp@yahoo.com
Bid Identification No. Road Tender Online RWCSBP - 23 | No. 2642 Dated: 13.12.2022

No. O-1433: The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate bid from experienced & eligible bidders for Transferred Road Improvement programme (TRIP) for the year 2022-23.

1. Name of work : Transferred Road Improvement Programme (TRIP) for the year 2022-23.
2. No. of work : 02 Nos. details as per DTCN
3. Estimated Cost : Approximately Rs.177.09 to 186.97 lakhs
4. Class of Contractor : 'B' and 'A'
5. Cost of Tender paper and mode of deposit : Rs.10,000/- per set (to be deposited Online) in favour of concerned Executive Engineer
6. Mode of submission of tender : Tender should be submitted only Online in website: **www.tendersorissa.gov.in (https//tendersodisha.gov.in)**
7. EMD and mode of deposit : No EMD is required but Bid Security declaration should be furnished by the bidders as mentioned in DTCN.
8. Summary of key dates are provided below:

| Procurement Officer | Bid Identification No. | Availability of Tender Online for Bidding | | Last date & time for seeking clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP - 23/2022-23 | 19.12.2022 at 11.00 A.M. | 02.01.2023 upto 5.00 P.M. | 30.12.2022 upto 5.00 P.M. | 03.01.2023 at 11.00 A.M. | To be intimated later |

- Further details can be seen from the e-procurement portal **www.tendersorissa.gov.in. (https//tendersodisha.gov.in)**.
- Subsequent modification/corrigendum/addendum if required shall appear in website only.
- The amount put to bid is exclusive of GST.
- Bidder should inspect the road before bidding and quote his rate accordingly.

OIPR-25091/11/0032/2223 **Sd./- Chief Construction Engineer, Rural Works Circle, Sambalpur**



ଐତିହାସିକ ରେସ୍ପେକ୍ଟ ଫର୍ ଦି ମ୍ୟାରେଜ୍ ଆକ୍ଟରେ ସ୍ୱାକ୍ଷର କରିବା ପରେ ଫାଷ୍ଟ ଲେଡି ଜିଲ୍ ବାଇଡେନ୍, ହାଉସ୍ ସ୍ପିକର ନାନ୍ସି ପେଲୋସି, ଉପରାଷ୍ଟ୍ରପତି କମଳା ହାରିସ ଓ ଅନ୍ୟମାନଙ୍କ ସହ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍।



ସମଲିଙ୍ଗୀ ବିବାହ ବିଲ୍ ଆଇନରେ ପରିଣତ ହେବା ପରେ ହ୍ୱାଇଟ୍ ହାଉସ୍‌ର ସାଉଥ୍ ଲନ୍‌ରେ ଆୟୋଜିତ ସିଙ୍ଗିଙ୍ଗ୍ ସେରେମନିରେ ଆମେରିକୀୟ ମ୍ୟୁଜିସିଆନ୍ ସିଣ୍ଡି ଲଉପେର ଦର୍ଶକମାନଙ୍କୁ ସାଲ୍ୟୁଟ୍ କରୁଛନ୍ତି।

# ସମଲିଙ୍ଗୀ ବିବାହ ଆଇନକୁ ମଞ୍ଜୁରୀ

ୱାଶିଂଟନ୍, ୧୪।୧୨

ଆମେରିକା କଂଗ୍ରେସରେ ପାରିତ ହୋଇଥିବା ସମଲିଙ୍ଗୀ ବିବାହ ବିଲ୍ (ରେସ୍ପେକ୍ଟ ଫର ମ୍ୟାରେଜ୍)ରେ ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ହସ୍ତାକ୍ଷର କରିଛନ୍ତି। ଏହି ଆଇନ ପ୍ରତ୍ୟେକ ଆମେରିକୀୟ ନାଗରିକଙ୍କ ପାଇଁ ଗୁରୁତ୍ୱ ବହନ କରିବ। ଘୃଣା ବିରୋଧରେ ସମଲିଙ୍ଗୀ ବିବାହ ଆଇନ କାର୍ଯ୍ୟ କରିବ ବୋଲି ବାଇଡେନ କହିଛନ୍ତି। ପୂର୍ବରୁ ଏ ନେଇ ବାଇଡେନ୍‌ଙ୍କର ସମ୍ପୂର୍ଣ୍ଣ ସମର୍ଥନ ଥିଲା।

ବାଇଡେନ୍‌ଙ୍କ ନିଷ୍ପତ୍ତିକୁ ଦେଶବାସୀ ସ୍ୱୀକାର କରିଛନ୍ତି। ଏହି ଅବସରରେ ବିଭିନ୍ନ ସ୍ଥାନରେ ବହୁ କାର୍ଯ୍ୟକ୍ରମ ଆୟୋଜନ କରି ଲୋକେ ଖୁସି ମନାଇଛନ୍ତି। ଆମେରିକୀୟ ସିଙ୍ଗର ସାମ୍ ସ୍ମିଥ୍ ଏବଂ ସିଣ୍ଡି ଲପର ପର୍ଫମ୍ କରିଥିବାବେଳେ ଉପରାଷ୍ଟ୍ରପତି କାମଲା ହାରିସ ସାନ୍ ଫ୍ରାନ୍ସିସ୍କୋରେ ଲେସ୍‌ବିଆନ ବିବାହରେ ସହଯୋଗ କରୁଥିବା କଥାକୁ ମନେପକାଇଥିଲେ। ଅନ୍ୟପକ୍ଷେ ସମଲିଙ୍ଗୀ ବିବାହ ସମର୍ଥନରେ ବାଇଡେନ୍ ୧୦ ବର୍ଷ ପୂର୍ବେ ଦେଇଥିବା ଇଣ୍ଟରଭ୍ୟୁର ଭିଡିଓକୁ ହ୍ୱାଇଟ୍ ହାଉସ୍‌ରେ ପ୍ରସାରଣ କରାଯାଇଥିଲା। ଆୟୋଜିତ ସେରେମନିରେ ସଂସଦର ପ୍ରତ୍ୟେକ ସଦସ୍ୟ ସାମିଲ ହୋଇଥିଲେ। ହାଉସ୍ ସ୍ପିକର ନାନ୍ସି ପେଲୋସି ଏ ନେଇ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷେ ରିପବ୍ଲିକାନ୍ ପାର୍ଟି ଲିଡର ଡୋନାଲ୍ଡ ଟ୍ରମ୍ପ ଆଇନକୁ ନିନ୍ଦା କରିଛନ୍ତି।

# ବିଷାକ୍ତ ମଦ ପିଇ ମଲେଣି ୧୭

ପାଟନା/ନୂଆଦିଲ୍ଲୀ, ୧୪।୧୨

## ମୃତ୍ୟୁର କାରଣ ଇଥାନଲ



ବିହାରର ସରନ ଜିଲା ଛାପ୍ରାରେ ବିଷାକ୍ତ ମଦମୃତ୍ୟୁ ସଂଖ୍ୟା ବୁଧବାର ୧୭ କୁ ଛୁଇଁଛି। ଆହୁରି ଅନେକେ ହସ୍ପିଟାଲରେ ଚିକିତ୍ସାଧୀନ ଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଏହି ପ୍ରସଙ୍ଗରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଭାଜପା ସଦସ୍ୟମାନେ ମୁହାଁମୁହିଁ ହେବା ପରେ ରାଜ୍ୟ ରାଜନୀତି ସରଗରମ ହୋଇଛି। ଭାଜପା ନେତାମାନେ ମଦୁଆ ହୋଇଗଲେଣି କହି ନୀତୀଶ କ୍ରୋଧିତ ହୋଇଯିବାର ଭିଡିଓ ଭାଇରାଲ ହୋଇଛି।

୨୦୧୫ରେ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରଚାର ପାଇଁ ଯାଇଥିବାବେଳେ ମହିଳାମାନେ ରାଜ୍ୟରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରିଥିଲେ। ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମହାମେଣ୍ଟ କ୍ଷମତାକୁ ଆସିଲେ ମଦ ବିକ୍ରି ଉପରେ ରୋକ ଲଗାଯିବ ବୋଲି ନୀତୀଶ ପ୍ରତିଶ୍ରୁତି ଦେଇଥିଲେ। ମହାମେଣ୍ଟ ସରକାର ଗଢ଼ିବା ପରେ ୨୦୧୬ ଏପ୍ରିଲରୁ ରାଜ୍ୟରେ ମଦ ବିକ୍ରିକୁ ନିଷିଦ୍ଧ କରାଯାଇଛି। ଏହା ଭିତରେ ଏକାଧିକ ଥର ମଦମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ଇଥାନଲ ମିଶାଇ ବେଆଇନ ଭାବେ ମଦ ପ୍ରସ୍ତୁତ କରାଯାଉଛି। ଦେଶୀ ଭାଟିଗୁଡ଼ିକରେ ପ୍ରସ୍ତୁତି ବେଳେ ଗୁଣବତ୍ତା ଓ ଅନ୍ୟ ସୁରକ୍ଷା ମାନକ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଏଭଳି ରାସାୟନିକ ପଦାର୍ଥ ମିଶ୍ରିତ ମଦ କଳା ବଜାରରେ ମିଳୁଛି। ଜଣାଶୁଣା ବ୍ରାଣ୍ଡରେ ଏହା ବିକ୍ରି ହେଉଥିବାରୁ ଲୋକେ ବିଶ୍ୱାସ କରି ପିଉଛନ୍ତି। ଏଥିଯୋଗୁ ସେମାନେ ମୃତ୍ୟୁମୁଖରେ ପଡ଼ୁଛନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଘରକୁ ଫେରୁଥିବାବେଳେ ବିଷାକ୍ତ ମଦ ପିଇଥିବା ୧୧ ଜଣଙ୍କ ଜୀବନ ଯାଇଥିଲା। ମଙ୍ଗଳବାର ରାତିରେ ସରନ ଜିଲା ଇଶୁଆପୁର ଥାନା ଅଞ୍ଚଳର ଦୋଇଲା ଓ ୟାଦୁ ମୋଟ୍ ଗ୍ରାମରେ ଆଉ ୬ ମଦ୍ୟପଙ୍କ ମୃତ୍ୟୁ ଘଟିଥିବା ସେମାନଙ୍କ ପରିବାର ପକ୍ଷରୁ ଅଭିଯୋଗ ଅଣାଯାଇଛି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ପୋଲିସ କହିଛି। ଇତିମଧ୍ୟରେ ବିହାର ବିଧାନସଭାର ଶୀତ ଅଧିବେଶନରେ ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଭାଜପା ଘେରିଛି। ବିରୋଧୀ ଦଳ ନେତା ବିଜୟ କୁମାର ସାକ୍ସେନା ବିଷାକ୍ତ ମଦ ପିଇ ଲୋକେ ପ୍ରାଣ ହରାଉଥିବା କହି ରାଜ୍ୟର ମଦ ନିବାରଣ ନୀତି ଉପରେ ପ୍ରଶ୍ନ ଉଠାଇଥିଲେ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହାର ଜବାବ ଦେବାକୁ ଯାଇ ନିଜ ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ। ସେ କହିଥିଲେ, ଡ୍ରାଏ ଷ୍ଟେଟ୍‌ରେ ବିରୋଧୀ ଦଳଗୁଡ଼ିକ ମଦ ବିକ୍ରି କରୁଛନ୍ତି। ତୁମେ ସମସ୍ତେ ମଦୁଆ ହୋଇଗଲଣି କହି ସେ ରାଗିଯାଇଥିଲେ। ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରି ବିଧାନସଭା ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତାରକିଶୋର ପ୍ରସାଦ କହିଥିଲେ, ମଦ ବ୍ୟାନ୍‌କୁ ଆମେ ସମର୍ଥନ କରିଥିଲୁ।



## ବିହାରରେ ମଦ ବିକୁଛନ୍ତି ବିରୋଧୀ: ଆତ୍ମନିୟନ୍ତ୍ରଣ ହରାଇଲେ ନୀତୀଶ

କିନ୍ତୁ ସରକାର ଏହାକୁ କାର୍ଯ୍ୟକାରୀ କରାଇବାରେ ବିଫଳ ହୋଇଛନ୍ତି। ଲୋକ ସଭାରେ ମଧ୍ୟ ଭାଜପା ଏହି ପ୍ରସଙ୍ଗ ଉଠାଇଛି। ଭାଜପା ଏମ୍‌ପି ଜନାର୍ଦ୍ଦନ ସିଂ ସିଗ୍ରିୱାଲ କହିଛନ୍ତି, ବିହାରରେ ବିଷାକ୍ତ ମଦ ପିଇ ପ୍ରତିଦିନ ଶତାଧିକ ଲୋକ ପ୍ରାଣ ହରାଉଛନ୍ତି। ସରନ ଜିଲାର ଇଶୁଆପୁର ଥାନା ଅଞ୍ଚଳରେ ପ୍ରାୟ ୧ ଡଜନ ଲୋକଙ୍କ ମୃତ୍ୟୁ ଘଟିଲାଣି। ଆହୁରି ଅନେକଙ୍କ ଜୀବନ ଯାଇପାରେ। ସେହିପରି ଭାଜପା ସଦସ୍ୟ ରବି କିଷାନ ଶୁକ୍ଲା ଜିମ୍‌ରେ ଯୁବ କଳାକାରମାନଙ୍କ ମୃତ୍ୟୁ ପ୍ରସଙ୍ଗ ଉଠାଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନରେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଲାଗି କମିଟି ଗଠନ କରିବାକୁ ଦାବି କରିଛନ୍ତି।

**ମଦ ମୃତ୍ୟୁ | ହାଜତ ମୃତ୍ୟୁ**

# ମୋ ସ୍ୱାମୀଙ୍କୁ ସିବିଆଇ ମାରିଦେଇଛି

କୋଲକାତା, ୧୪।୧୨



ବୀରଭୂମସ୍ଥିତ ସିବିଆଇ କ୍ୟାମ୍ପ ଅଫିସ ବାହାରେ ବିକ୍ଷୋଭ ବେଳେ ମୃତ ଲଲନ ଶେଖ୍‌ଙ୍କ ସ୍ତ୍ରୀ ରେଶମା ବିବି ଚେତାଶୂନ୍ୟ ହୋଇଯାଇଛନ୍ତି।

ଗତ ମାର୍ଚ୍ଚ ୨୧ରେ ପଶ୍ଚିମବଙ୍ଗସ୍ଥିତ ବୀରଭୂମ ଜିଲା ରାମପୁରହାଟରେ ଅଭାବନୀୟ ଘଟଣା ଘଟିଥିଲା। ବୋଗତୁଇ ଗ୍ରାମରେ ଭୋରରେ ଏକ ଭସ୍ମୀଭୂତ ଘରୁ ୨ ଶିଶୁ ଓ ଅନ୍ୟ ୭ ଜଣଙ୍କ ମୃତଦେହ ଜବତ ହୋଇଥିବାବେଳେ ଆଉ ଜଣେ ଆହତ ହସ୍ପିଟାଲରେ ଆଖି ବୁଜିଦେଇଥିଲେ। ପୂର୍ବ ରାତି ୮ଟା ୩୦ରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଜଣେ ନେତା ତଥା ବର୍ଶାଲ ଗ୍ରାମର ପଞ୍ଚାୟତ ଉପମୁଖ୍ୟ ଭାଦୁ ଶେଖ୍‌ଙ୍କୁ ହତ୍ୟା କରାଯିବା ପରେ ଏହି ଘଟଣା ଘଟିଥିବାରୁ ରାଜନୀତି ସରଗରମ ହୋଇଥିଲା। ପରେ ମାମଲା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ହାତକୁ ଯାଇଥିଲା। ସିବିଆଇ ତଦନ୍ତ କରି କେତେଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ଗଣହତ୍ୟାର ଅଭିଯୁକ୍ତ ଲଲନ ଶେଖ୍ ଅନ୍ୟତମ। ସୋମବାର ଲଲନଙ୍କ ମୃତଦେହ ସିବିଆଇ କ୍ୟାମ୍ପ ଅଫିସର ୱାଶରୁମ୍‌ରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ରାମପୁରହାଟ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲା। କିନ୍ତୁ ଲଲନଙ୍କ ସମ୍ପର୍କୀୟମାନେ ସିବିଆଇ ଅଧିକାରୀମାନଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଥିଲେ। ସେମାନେ ତାଙ୍କ ମୃତଦେହକୁ ତଦନ୍ତକାରୀ ସଂସ୍ଥାର କ୍ୟାମ୍ପ ଅଫିସକୁ ନେଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ବେଳେ ଅଫିସରେ ମୁତୟନ ସୁରକ୍ଷା କର୍ମୀଙ୍କ ସହ ବିବାଦ ହୋଇଥିଲା। ଲଲନଙ୍କ ସ୍ତ୍ରୀ ରେଶମା ବିବି କହିଥିଲେ, ମୋ ସ୍ୱାମୀଙ୍କ ମୃତ୍ୟୁ ପାଇଁ ସିବିଆଇ ଅଫିସରମାନେ ଦାୟୀ। ସେମାନଙ୍କୁ ଦଣ୍ଡ ଦିଆଯାଉ। ହତ୍ୟାକାରୀମାନଙ୍କୁ ତୁରନ୍ତ ଗିରଫ କରା ନ ଗଲେ ସ୍ୱାମୀଙ୍କ ଶେଷକୃତ୍ୟ ସମ୍ପନ୍ନ କରିବୁ ନାହିଁ। ଏପରି କି ଲଲନଙ୍କ ମୃତ୍ୟୁ ପରେ ତାଙ୍କୁ କାହିଁକି ଦେଖିବାକୁ ଦିଆଗଲା ନାହିଁ? ଏଥିରେ ନିଶ୍ଚିତ ଭାବେ କିଛି ରହସ୍ୟ ରହିଛି ବୋଲି ରେଶମା ଅଭିଯୋଗ ଆଣିଥିଲେ। କେବଳ ଏତିକି ନୁହେଁ, ସ୍ୱାମୀଙ୍କ ବିରାଧରେ ଥିବା ମାମଲା ଚପାଇଦେବା ପାଇଁ ସିବିଆଇ ଅଧିକାରୀମାନେ ତାଙ୍କୁ ୫୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିବା ରେଶମା କହିଛନ୍ତି। ଅନ୍ୟପକ୍ଷେ ୧୦ ଜଣଙ୍କୁ ହତ୍ୟା କରିଥିବା ଲଲନ ନିଜେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଇତିମଧ୍ୟରେ ସିବିଆଇ ହାଜତରେ ଲଲନଙ୍କ ମୃତ୍ୟୁ ମାମଲାର ତଦନ୍ତ ଭାର ରାଜ୍ୟର କ୍ରାଇମ୍ ଇନ୍‌ଭେଷ୍ଟିଗେଶନ ଡିପାର୍ଟମେଣ୍ଟ (ସିଆଇଡି) ନେଇଛି। ଅନ୍ୟପକ୍ଷେ ହାଜତ ମୃତ୍ୟୁ ଘଟଣାରେ ପଶ୍ଚିମବଙ୍ଗ ପୋଲିସ ୭ ସିବିଆଇ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ସେମାନଙ୍କ ମଧ୍ୟରେ ଜଣେ ଡିଆଇଜି ଏବଂ ଜଣେ ଏସ୍‌ପି ଅଛନ୍ତି। ଉକ୍ତ ଏଫ୍‌ଆଇଆର୍‌କୁ ଚ୍ୟାଲେଞ୍ଜ କରି ସିବିଆଇ କାଲ୍‌କାଟା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି।



ଲଲନ ଶେଖ୍

## ୭ ସିବିଆଇ ଅଧିକାରୀଙ୍କ ନାଁରେ ମାମଲା କଲା ପଶ୍ଚିମବଙ୍ଗ ପୋଲିସ

# ୩୭୦ ଉଚ୍ଛେଦର ଶୁଣାଣି କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୪।୧୨

## ୫ ଜଣିଆ ଖଣ୍ଡପୀଠ ପୁନର୍ଗଠନ ହେବ

୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ଉଚ୍ଛେଦ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଖଲ ହୋଇଛି। ଶିକ୍ଷାବିତ୍ ତଥା ଲେଖକ ରାଧା କୁମାର ଉକ୍ତ ପିଟିଶନଗୁଡ଼ିକର ତ୍ୱରିତ ଶୁଣାଣି ପାଇଁ ଅଦାଲତଙ୍କୁ ନିବେଦନ କରିଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ରର ଏହି ନିଷ୍ପତ୍ତି ଉପରେ ବିଚାର କରିବାକୁ ରାଜି ହୋଇଛନ୍ତି। ଏହା ପୂର୍ବରୁ ଏପ୍ରିଲ ୨୫ ଓ ସେପ୍ଟେମ୍ବର ୨୩ରେ ତତ୍କାଳୀନ ସିଜେଆଇ ଏନ୍.ଭି. ରମନାଙ୍କ ଖଣ୍ଡପୀଠ ୩୭୦ ଉଚ୍ଛେଦ ଉପରେ ଦାଖଲ ଆବେଦନଗୁଡ଼ିକର ଶୁଣାଣି ପାଇଁ ସହମତି ପ୍ରକାଶ କରିଥିଲେ। ସେହି ୫ ଜଣିଆ ଖଣ୍ଡପୀଠର ଜଷ୍ଟିସ୍ ରମନା ଏବଂ ଜଷ୍ଟିସ୍ ଆର୍. ସୁଭାଷ ରେଡ୍ଡୀ ଅବସର ନେଇସାରିଥିବାରୁ ସୁପ୍ରିମକୋର୍ଟ ଏହାର ପୁନର୍ଗଠନ କରିବେ।

# ଆସାମ ଗାମୋଚାକୁ ଜିଆଇ ଟ୍ୟାଗ୍

ଗୁଆହାଟି, ୧୪।୧୨



ଆସାମର ଗାମୋଚାକୁ ଭୌଗୋଳିକ ସାଙ୍କେତିକ (ଜିଆଇ) ମାନ୍ୟତା ମିଳିଛି। ଆସାମର ସଂସ୍କୃତିକୁ ଦର୍ଶାଉଥିବା ଗାମୋଚାକୁ କେନ୍ଦ୍ର ସରକାରଙ୍କ ତରଫରୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ମଙ୍ଗଳବାର କେନ୍ଦ୍ରୀୟ ଅର୍ଥନୀତି ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ ଟୁଇଟରରେ ପୋଷ୍ଟ ଶେୟାର କରି ଏହି ସୂଚନା ଦେଇଛନ୍ତି । ଉତ୍ତର-ପୂର୍ବାଞ୍ଚଳ ଲୋକଙ୍କ ପାଇଁ ଏହା ଖୁସି ମନାଇବାର ମୁହୂର୍ତ୍ତ ବୋଲି ସେ କହିଛନ୍ତି। ଏ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା ରାଜ୍ୟବାସୀଙ୍କ ପାଇଁ ଏହା ଗର୍ବର କଥା ବୋଲି ସେ ପ୍ରକାଶ କରିଛନ୍ତି। ଏଥିସହ ଗାମୋଚା ତିଆରି କରୁଥିବା ଲକ୍ଷାଧିକ କରିଗରଙ୍କୁ ଉତ୍ସାହିତ କରିବ ।

# ଟିଏମ୍‌ସିରେ ଯୋଗଦେଲେ ମଜିଦ ମେମନ

ନୂଆଦିଲ୍ଲୀ, ୧୪।୧୨



ସୁପ୍ରିମକୋର୍ଟର ପୂର୍ବତନ ଓକିଲ ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ମଜିଦ ମେମନ ବୁଧବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ରେ ସାମିଲ ହୋଇଛନ୍ତି। ୩ ସପ୍ତାହ ପୂର୍ବରୁ ବ୍ୟକ୍ତିଗତ କାରଣ ଦର୍ଶାଇ ମଜିଦ ଏନ୍‌ସିପି ଛାଡ଼ିଥିଲେ। ରାଜ୍ୟ ସଭା ସଦସ୍ୟ ଭାବେ ତାଙ୍କୁ ବଛା ନ ଯିବାରୁ କିଛିଦିନ ହେବ ସେ ଦଳ ଉପରେ ଅସନ୍ତୁଷ୍ଟ ଥିବା ଆଲୋଚନା ହେଉଛି। ବରିଷ୍ଠ ଟିଏମ୍‌ସି ନେତା ସୌଗତ ରାୟ ଏବଂ ଡେରେକ ଓ'ବ୍ରାଏନ୍‌ଙ୍କ ଉପସ୍ଥିତିରେ ମଜିଦ ଟିଏମ୍‌ସିରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି । ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କୁ ବାଘୁଣୀ ବୋଲି ମେମୋନ ଦଳରେ ସାମିଲ ହେବା ଅବସରରେ କହିଛନ୍ତି। ଗଣତନ୍ତ୍ରଣ ଓ ସମାଜର ସୁରକ୍ଷା ପାଇଁ ସେ ଏହି ନିଷ୍ପତ୍ତି ନେଇଥିବା ମତ ପ୍ରକାଶ କରିଛନ୍ତି।

# ସ୍ତ୍ରୀଙ୍କୁ ହତ୍ୟାକରି ଡାକ୍ତର ଗିରଫ

ଲଖିମପୁର ଖେରି: ୧୪।୧୨



## ଘରଠାରୁ ୪୦୦ କି.ମି ଦୂରରେ କରିଥିଲେ ଦାହ ସଂସ୍କାର

ଉତ୍ତର ପ୍ରଦେଶର ଲଖିମପୁର ଖେରିରେ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଅଭିଷେକ ଅବସ୍ତି ନାମକ ଡାକ୍ତରଙ୍କୁ ପୋଲିସ ଗିରଫ କରିଛି। ଅଭିଷେକଙ୍କ ସ୍ତ୍ରୀ ବନ୍ଦନା (୨୮) ପେସାରେ ଡାକ୍ତର। ନଭେମ୍ବର ୨୬ରେ ଅଭିଷେକ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ନିଜ ଘରଠାରୁ ୪୦୦ କି.ମି. ଦୂର ଗଡ଼ମୁକ୍ତେଶ୍ୱରରେ ନେଇ ତାଙ୍କ ଅନ୍ତିମ ସଂସ୍କାର କରିଥିଲେ। କୌଣସି କଥାକୁ ନେଇ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅଭିଷେକ ରାଗିଯାଇ ବନ୍ଦନାଙ୍କ ମୁଣ୍ଡକୁ ଏକ ଭାରି ଜିନିଷରେ ପ୍ରହାର କରିଥିଲେ, ଯାହାଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ଅଭିଷେକଙ୍କୁ ଏଥିରେ ତାଙ୍କ ବାପା ଗୌରୀ ଶଙ୍କର ଅବସ୍ତି ସହଯୋଗ କରିଥିବା ପୋଲିସ କହିଛି। ସ୍ତ୍ରୀଙ୍କୁ ହତ୍ୟା ପରେ ଅଭିଷେକ ଥାନାରେ ଏକ ନିଖୋଜ ଅଭିଯୋଗ କରିଥିଲେ।

ବନ୍ଦନାଙ୍କ ମୃତଦେହକୁ ଅଭିଷେକ ଏକ ସୁଟ୍‌କେସ୍‌ରେ ଭର୍ତ୍ତି କରି ଆମ୍ବୁଲାନ୍ସ ଯୋଗେ ଗଡ଼ମୁକ୍ତେଶ୍ୱର ନେଇ ସେଠାରେ ପୋଡ଼ି ଦେଇଥିଲେ। ବନ୍ଦନାଙ୍କ ନିଖୋଜ ମାମଲାର ଯାଞ୍ଚ କରୁଥିବା ପୋଲିସର ସନ୍ଦେହ ଅଭିଷେକଙ୍କ ଉପରେ ହୋଇଥିଲା। ଏ ସଂକ୍ରାନ୍ତରେ ପୋଲିସ ପଚରାଉଚରା ଜାରି ରଖିଥିବାବେଳେ ଅଭିଷେକ ସତ ମାନିଯାଇଥିବା ପୋଲିସ କହିଛି। ତେବେ ଘଟଣାରେ ସମ୍ପୃକ୍ତ ଗୌରୀ ଶଙ୍କରଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ପୋଲିସ ଘଟଣା ସମ୍ପର୍କରେ ଅଧିକ ଯାଞ୍ଚ ଚଳାଇଛି।

# ଛାତ୍ରୀଙ୍କୁ ଏସିଡ୍ ମାଡ଼

- ୩ ଅଭିଯୁକ୍ତ ଗିରଫ
- ଦିଲ୍ଲୀର ପ୍ରତ୍ୟେକ ମହିଳାଙ୍କ ସୁରକ୍ଷା ଆମ ଦାୟିତ୍ୱ : କେଜ୍‌ରିୱାଲ
- ଖୁଚୁରା ଏସିଡ୍ ବିକ୍ରିକୁ ନେଇ ପ୍ରଶ୍ନବାଚୀ

ନୂଆଦିଲ୍ଲୀ, ୧୪।୧୨



ରାଜଧାନୀ ଦିଲ୍ଲୀରେ ଛାତ୍ରୀଙ୍କୁ ଏସିଡ୍ ମାଡ଼ ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ବୁଧବାର ଦକ୍ଷିଣ-ପୂର୍ବ ଦିଲ୍ଲୀର ଦ୍ୱାରକା ଅଞ୍ଚଳରେ ୧୭ ବର୍ଷୀୟା ଛାତ୍ରୀଙ୍କ ଉପରେ ଦୁଇଜଣ ଦୁର୍ବୃତ୍ତ ଏସିଡ୍ ମାଡ଼ କରିଛନ୍ତି। ଏ ଘଟଣାରେ ପୀଡ଼ିତାଙ୍କ ମୁହଁର ୮ ପ୍ରତିଶତ ପୋଡ଼ିଯାଇଥିବାବେଳେ ସେ ଏବେ ସଫଦରଜଙ୍ଗ ହସ୍ପିଟାଲର ଆଇସିୟୁ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ଘଟଣାରେ ସମ୍ପୃକ୍ତି ନେଇ ଦିଲ୍ଲୀ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଘଟଣାକୁ ନେଇ ରାଜନୈତିକ ମହଲରେ ଜୋର୍ ଚର୍ଚ୍ଚା ଆରମ୍ଭ ହୋଇଛି। ସହରରେ ଖୁଚୁରା ଏସିଡ୍ ବିକ୍ରି ନିଷିଦ୍ଧ ହୋଇଥିବାବେଳେ ବଜାରରେ ଏହାର ଉପଲବ୍ଧତାକୁ ନେଇ ଉପରାଜ୍ୟପାଳ ଭି.କେ. ସକ୍ସେନା ଏବଂ ବହୁ ମହିଳା ଗୋଷ୍ଠୀ ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଘଟଣାର ନିନ୍ଦା କରି କହିଛନ୍ତି, ଦିଲ୍ଲୀର ପ୍ରତ୍ୟେକ ମହିଳାଙ୍କ ସୁରକ୍ଷା ଦାୟିତ୍ୱ ଆମର। ସମ୍ପୃକ୍ତ ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯିବା ଆବଶ୍ୟକ।

ବୁଧବାର ସକାଳ ପ୍ରାୟ ସାଢେ ୭ଟାବେଳେ ଛାତ୍ରୀ ଜଣକ ତାଙ୍କ ସାନ ଭଉଣୀ ସହ ଘରୁ ବାହାରି ଦ୍ୱାରକା ମେଟ୍ରୋ ଷ୍ଟେଶନ ଆଡ଼କୁ ଯାଇଥିଲେ। ଆଉ ଜଣେ ସାଙ୍ଗ ଆସିବାକୁ ଥିବାବେଳେ ସେମାନେ ଷ୍ଟେଶନ ବାହାରେ ତାଙ୍କୁ ଅପେକ୍ଷା କରିଥିଲେ। ଠିକ୍ ସେତିକି ବେଳେ ମାସ୍କ ପିନ୍ଧିଥିବା ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ପୀଡ଼ିତାଙ୍କ ଉପରକୁ ଏସିଡ୍ ଫୋପାଡ଼ି ସେଠାରୁ ଚାଲିଯାଇଥିଲେ। ସାହାଯ୍ୟ ପାଇଁ ପୀଡ଼ିତା ନିକଟସ୍ଥ ଦୋକାନକୁ ଦୌଡ଼ି ଚାଲିଯାଇଥିଲେ। ତାଙ୍କ ସାଥିରେ ଥିବା ସାନ ଭଉଣୀ ଘର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସ୍ଥାନୀୟ ଲୋକେ ପୀଡ଼ିତାଙ୍କୁ ଦୀନଦୟାଲ ଉପାଧ୍ୟାୟ ହସ୍ପିଟାଲ ନେଇଯାଇଥିଲାବେଳେ ପୋଲିସକୁ ଏହାର ସୂଚନା ଦିଆଯାଇଥିଲା। ପୋଲିସ ସିସିଟିଭି ଫୁଟେଜ୍ ଓ ପୀଡ଼ିତାଙ୍କ ବୟାନ ଆଧାରରେ ସମ୍ପୃକ୍ତ ଯୁବକଙ୍କୁ ଧରିବାରେ ସଫଳ ହୋଇଥିବା ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଅରୋରା କହିଛନ୍ତି।

ପୀଡ଼ିତାଙ୍କୁ ଆବଶ୍ୟକ ସହଯୋଗ ଯୋଗାଇବା ନେଇ ଏସିଡ୍ ଆଟାକ୍ ସର୍ଭାଇଭର ତଥା ସାମାଜିକକର୍ମୀ ଲକ୍ଷ୍ମୀ ଅଗ୍ରୱାଲ କହିଛନ୍ତି। ଅନ୍ୟପକ୍ଷେ ପୀଡ଼ିତାଙ୍କୁ ଭେଟିବା ପାଇଁ ଲକ୍ଷ୍ମୀ ସଫଦରଗଞ୍ଜ ହସ୍ପିଟାଲରେ ପହଞ୍ଚିଥିବାବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ଅଟକାଇ ଥିଲେ। ପୂର୍ବରୁ ଦେଶରେ ଏସିଡ୍ ମାଡ଼ ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଇବା କାରଣରୁ ୨୦୧୩ରେ ସୁପ୍ରିମକୋର୍ଟ ଦେଶବ୍ୟାପୀ ଏସିଡ୍ ବିକ୍ରି ବ୍ୟାନ୍ କରିଥିବାବେଳେ ନିର୍ଦ୍ଦେଶକୁ ଅମାନ୍ୟ କଲେ ୩ ଲକ୍ଷ ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ ବୋଲି କୋର୍ଟଙ୍କ ପକ୍ଷରୁ କୁହାଯାଇଥିଲା।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: କ୍ରମାଗତ ୨ୟ ଦିନ ଲାଗି ଷ୍ଟକ୍ ବଜାରର ଫଳାଫଳ ଭଲ ରହିଛି। ଏପରିକି ଚଳିତ ସପ୍ତାହର ୩ୟ ଦିନର ଶେୟାର ବଜାରର ଫଳାଫଳ ନିବେଶକଙ୍କ ମନରେ ଉତ୍ସାହ ଭରି ଦେଇଛି। ବୁଧବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୧୪୫(୧୪୪.୬୧) ପଏଣ୍ଟ ବଢ଼ି ୬୨,୬୭୮ (୬୨,୬୭୭.୯୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୫୨ (୫୨.୩୦) ପଏଣ୍ଟ ବୃଦ୍ଧି ଘଟି ୧୮,୬୬୦ (୧୮,୬୬୦.୩୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗାୟତ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପ୍ରାଥମିକ କ୍ଷେତ୍ରରେ ୧୯% ବୃଦ୍ଧି ପାଇଛି ଋଣ ଆକଳନ

**ଭୁବନେଶ୍ୱର,୧୪।୧୨**

ନାବାର୍ଡ ପକ୍ଷରୁ ଆୟୋଜିତ ଷ୍ଟେଟ୍ କ୍ରେଡିଟ୍ ସେମିନାର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସେମିନାରରେ ନାବାର୍ଡ ଦ୍ୱାରା ପ୍ରସ୍ତୁତ 'ଷ୍ଟେଟ ଫୋକସ୍ ପେପର୍ ୨୦୨୩-୨୪' ପୁସ୍ତିକାର ଉନ୍ମୋଚନ କରାଯିବା ସହ ଓଡ଼ିଶାର ପ୍ରାଥମିକ କ୍ଷେତ୍ରରେ ୨୦୨୩-୨୪ ବର୍ଷ ପାଇଁ ସର୍ବମୋଟ ୧,୬୦,୨୮୦ କୋଟି ଟଙ୍କାର ଋଣ ଆକଳନ କରାଯାଇଛି। ଏହି ଅବସରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହାର ଉଦ୍‌ଘାଟନ କରିବା ସହ ରାଜ୍ୟ ସରକାରଙ୍କର ବିଭିନ୍ନ ବିକାଶ ମୂଳକ ଯୋଜନା ଉପରେ ଆଲୋକପାତ କରିଥିଲେ। ସେହିପରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ପ୍ରଦୀପ ଜେନା କହିଛନ୍ତି,




ଓଡ଼ିଶାର ଦ୍ରୁତ ଏବଂ ଉନ୍ନତ ଅଭିବୃଦ୍ଧି ବିଷୟରେ ମତ ରଖିବା ସହିତ ରାଜ୍ୟର ବିକାଶ ପାଇଁ ଓ ଚଳିତ ବର୍ଷର ଲକ୍ଷ୍ୟ ହାସଲ କରିବା ପାଇଁ ବ୍ୟାଙ୍କ ଗୁଡ଼ିକ ତାଙ୍କର ଋଣ ପ୍ରଦାନ ନୀତିରେ ଉନ୍ନିତ ଆଣିବାକୁ ପରାମର୍ଶ ଦେଇଥିଲେ ଏବଂ ଷ୍ଟାଟଅର୍ପ ଗୁଡ଼ିକୁ ମଧ୍ୟ ଋଣର ଆବଶ୍ୟକତା ଅଛି। ତେଣୁ ବ୍ୟାଙ୍କ ମାନେ ଆଗକୁ ଆସିବା ଆବଶ୍ୟକ ବୋଲି କହିଥିଲେ। ସେହିଭଳି ଅର୍ଥସଚିବ ବିଶାଲ ଦେବ କହିଥିଲେ, ଓଡ଼ିଶାରେ ବ୍ୟାଙ୍କ ମାନଙ୍କଦ୍ୱାରା ପ୍ରାଥମିକ କ୍ଷେତ୍ର ପାଇଁ ଦିଆଯାଉଥିବା ଋଣର ଉନ୍ନିତ ଏବଂ ତାହାର ଅଧ୍ୟୟନ ଜରୁରୀ ଅଟେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନାବାର୍ଡ ଓଡ଼ିଶା କ୍ଷେତ୍ରୀୟ କାର୍ଯ୍ୟାଳୟରେ ମୁଖ୍ୟ ମହାପ୍ରବନ୍ଧକ ସି.ଉଦୟ ଭାସ୍କର ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ଚଳିତ ବର୍ଷର ପ୍ରାଥମିକ କ୍ଷେତ୍ର କୃଷି ତଥା ସହଯୋଗୀ କାର୍ଯ୍ୟକଳାପ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବା ପାଇଁ ମିଳିତ ପ୍ରୟାସ କରାଯିବାର ଆବଶ୍ୟକତା ବିଷୟରେ ନିଜର ମତବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ, ଚଳିତବର୍ଷର ପ୍ରାଥମିକ କ୍ଷେତ୍ରର ଲକ୍ଷ୍ୟ ୨୦୨୨-୨୩ ବର୍ଷର ଲକ୍ଷ୍ୟ ତୁଳନାରେ ୧୯% ଅଧିକ। ଫସଲର ବିବିଧତା ଏବଂ ରବି ଫସଲର ବିସ୍ତାରତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଗ୍ରାମ୍ୟ ଭିତ୍ତିଭୂମିର ବିକାଶ, ଆଦିବାସୀ ବିକାଶ, ଜଳସେଚନ ବିକାଶ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମାନଙ୍କ ଜରିଆରେ ଲଘୁ ଉଦ୍ୟୋଗୀ ବିକାଶ ଆଦି ବିକାଶମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ ଜୀବିକା ବୃଦ୍ଧିରେ ନାବାର୍ଡ ତରଫରୁ ଓଡ଼ିଶାରେ ଦିଆଯାଉଥିବା ସହାୟତା ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରରେ ନାବାର୍ଡର ସଫଳ ହସ୍ତକ୍ଷେପ ସମ୍ପର୍କକୁ ଭିତ୍ତିକରି ଏକ ପୁସ୍ତିକା 'ପ୍ରତିଧ୍ୱନି' ଉନ୍ମୋଚନ କରାଯାଇଥିଲା।

# ଶ୍ୟାମ୍ ଷ୍ଟିଲ୍ ପ୍ରଚଳନ କରୁଛି ଜି ହଜୁର

**ଭୁବନେଶ୍ୱର,୧୪।୧୨**




ପ୍ରାଇମେରି ଟିଏମ୍‌ଟି ବାର୍‌ର ଅଗ୍ରଣୀ ଉତ୍ପାଦନକାରୀ ତଥା ବିନିର୍ମାଣକାରୀ ଶ୍ୟାମ୍ ଷ୍ଟିଲ୍ ସମସ୍ତ ନିର୍ମାଣ ସାମଗ୍ରୀ ନିମନ୍ତେ ଏକ ନୂଆ ଯୁଗର ବି୨ବି ବଜାରସ୍ଥଳ ଜି ହଜୁରର ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏ ସମ୍ପର୍କରେ ଶ୍ୟାମ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ଡାଇରେକ୍ଟର ମନୀଷ ବେରିୱାଲା କହିଛନ୍ତି, ଜି ହଜୁର ନିର୍ମାଣ ସାମଗ୍ରୀ ବର୍ଗରେ ଏକ ପରିବର୍ତ୍ତନକାରୀ ହେବ। ନିର୍ମାଣ ସାମଗ୍ରୀ କିଣା ପ୍ରକ୍ରିୟା ନିର୍ବିଘ୍ନରେ ହେବ ଏବଂ ଆମେ ଗ୍ରାହକଙ୍କ ସହ ଠିକ୍ ସମୟରେ ନିୟୋଜିତ ରହିବାରେ ସମର୍ଥ ହୋଇପାରିବୁ। ବ୍ୟବସାୟ ପରିଚାଳିତ ପ୍ରଯୁକ୍ତିରେ ନବସୃଜନ ଆଣିବାରେ ଆମେ ସର୍ବଦା ଅଗ୍ରଭାଗରେ ରହି ଆସିଛୁ ଏବଂ ଜି ହଜୁର କ୍ରେତା ଓ ଯୋଗାଣକାରୀଙ୍କର ସମସ୍ତ ଚିନ୍ତା ଦୂରକରିବାକୁ ଲକ୍ଷ୍ୟ ରଖିବ ଏବଂ ତାହା ସହ ଡିଲରମାନଙ୍କୁ ଏକ ବିଶାଳ ବଜାର ଯୋଗାଇଦେଇ ସେମାନଙ୍କ ବ୍ୟବସାୟରେ ଉନ୍ନତି ସାଧନ କରିବ। ଜି ହଜୁରରେ ଉପଲବ୍ଧ ଉତ୍ପାଦଗୁଡ଼ିକ ମଧ୍ୟରେ ଟିଏମ୍‌ଟି ବାର୍, ଷ୍ଟ୍ରକ୍‌ଚରାଲ ଷ୍ଟିଲ୍, ପାଇପ ଓ ଟ୍ୟୁବ୍, ମେଟାଲ ବିମକ୍ରାଶ ବ୍ୟାରିୟର, ସ୍କାଫୋଲ୍‌ଡିଂ ଏବଂ ସଟରିଂ ଉପକରଣ, ପୋଲ ଓ ଟାୱାର, ଫାବ୍ରିକେଶନ, ନିର୍ମାଣ ସମ୍ପର୍କିତ ରାସାୟନିକ ପଦାର୍ଥ, ବିଟୁମେନ ଓ ଫ୍ଲାଇଆଶ୍, ନିର୍ମାଣ ଉପକରଣ, ନିର୍ମାଣ ସମ୍ପର୍କିତ ହାର୍ଡୱେର ଓ ସଫ୍ଟୱେର, ତଦାରଖ ଓ ପରୀକ୍ଷଣ ସେବା ଆଦି ଅନ୍ତର୍ଭୁକ୍ତ। ନିର୍ମାଣ ସାମଗ୍ରୀ ସହିତ ଜି ହଜୁର ସେତୁ, ଷ୍ଟ୍ରକଚର, ସଡ଼କ ଏବଂ ଅନ୍ୟ ସମସ୍ତ ଭିତ୍ତିଭୂମି ପ୍ରକଳ୍ପ ନିମନ୍ତେ ଭରସାଯୋଗ୍ୟ ତଦାରଖ ଓ ପରୀକ୍ଷଣ ସେବା ଯୋଗାଇ ଦେଉଛି। ଆମର ତଥ୍ୟଭିତ୍ତିରେ ବୃଦ୍ଧି ଘଟାଇବା ଏବଂ ସାମଗ୍ରୀ ସଂଗ୍ରହକୁ ଚିନ୍ତାମୁକ୍ତ କରିବା ସକାଶେ ନୂତନ ପଦ୍ଧତି ପ୍ରଚଳନ କରିବାକୁ ଆମେ ଅଧିକ ଭିତ୍ତିଭୂମି ସଂସ୍ଥାଗୁଡ଼ିକ ସହିତ ସହବନ୍ଧନ କରିବୁ ବୋଲି ବେରିୱାଲା ମତପ୍ରକାଶ କରିଛନ୍ତି।

# ଭୋଲ୍‌ଟାସର ଏକ୍ସକ୍ଲୁସିଭ ବ୍ରାଣ୍ଡ ଶପ୍ ଉଦ୍‌ଘାଟିତ



**ଭୁବନେଶ୍ୱର,୧୪।୧୨**

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ଅନ୍ୟତମ ସଂସ୍ଥା ଭୋଲ୍‌ଟାସର ଆଉ ଏକ ବ୍ରାଣ୍ଡ ଶପ୍‌ର ଶୁଭାରମ୍ଭ ହୋଇଯାଇଛି। ଏପରିକି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର 'କ୍ୱାଲିଟି ଷ୍ଟୋର' ଆନୁକୂଲ୍ୟରେ କମ୍ପାନୀର ଏକ୍ସକ୍ଲୁସିଭ ବ୍ରାଣ୍ଡ ଶପ୍ ମାଲକାନଗିରି ଜିଲା ମେନ୍ ରୋଡ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭୋଲ୍‌ଟାସ ଲିମିଟେଡ୍‌ର ଇଷ୍ଟ-୨ ଆଞ୍ଚଳିକ ମୁଖ୍ୟ ମାନସ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରାଞ୍ଚ ସର୍ଭିସ ହେଡ୍ କୌଶିକ ସରକାର, ଏରିଆ ସେଲ୍‌ସ ମ୍ୟାନେଜର ଦିଲୀପ କୁମାର ସ୍ୱାଇଁ, ଏରିଆ ସର୍ଭିସ୍ ମ୍ୟାନେଜର ମନୋଜ କୁମାର ରଥ ଏବଂ କ୍ୱାଲିଟି ଷ୍ଟୋରର ମୁଖ୍ୟ ସୁରେନ୍ଦ୍ର ନାଥ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ବଜାରରେ କମ୍ପାନୀର ଏହା ୧୧ତମ ବ୍ରାଣ୍ଡ ଶପ୍ ହୋଇଥିବା ବେଳେ ମାଲକାନଗିରି ଜିଲାରେ ଏହା ପ୍ରଥମ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# 'ବିଶ୍ୱସନୀୟ ଡିଜିଟାଲ ଯୋଗାଯୋଗ ପାଲଟିଛି'

**ନୂଆଦିଲ୍ଲୀ,୧୪।୧୨**

ଦେଶର ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁକଲର ଆପ୍ ମାଧ୍ୟମରେ ଡିଜିଟାଲ ଗଭର୍ନମେଣ୍ଟ ଡାଇରେକ୍ଟୋରିର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତର ନାଗରିକ ଓ ସରକାରଙ୍କ ମଧ୍ୟରେ ଏହା ସହଜରେ ଏକ ସରଳ ଯୋଗାଯୋଗ ସ୍ଥାପନ କରିପାରିବ ବୋଲି କୁହାଯାଉଛି। ବିଶେଷକରି ଏହା ସହାୟତାରେ ସରକାରୀ ଅଧିକାରୀଙ୍କର ହଜାର ହଜାର ଯାଞ୍ଚ ହୋଇଥିବା କଣ୍ଟାକ୍ଟର ସୁବିଧା ମିଳିପାରିବ।

ଏ ସମ୍ପର୍କରେ ଟ୍ରୁ କଲରର ଡାଇରେକ୍ଟର ଅଫ୍ ପବ୍ଲିକ୍ ଆଫେୟାର୍ସ ପ୍ରଜ୍ଞା ମିଶ୍ର କହିଛନ୍ତି, ଟ୍ରୁକଲର ବର୍ତ୍ତମାନ କେବଳ ଏକ କଲର ଚିହ୍ନଟ ଆପ୍ ଭାବେ ରହିନାହିଁ ଓ ଏହା ବର୍ତ୍ତମାନ ସହରୀ ଓ ଭାରତରେ ବୃଦ୍ଧି ହେଉଥିବା ଅର୍ଦ୍ଧସହରାଞ୍ଚଳ-ଗ୍ରାମୀଣ ମାର୍କେଟରେ ମଧ୍ୟ ବିଶ୍ୱସନୀୟ ଡିଜିଟାଲ ଯୋଗାଯୋଗ ମାଧ୍ୟମରେ ବିଶ୍ୱାସ ସୃଷ୍ଟି କରୁଛି। ଆମର ପ୍ରଚେଷ୍ଟା ହେଉଛି ଲୋକମାନଙ୍କୁ ଜାଲିଆତିମୂଳକ ସରକାରୀ କଲ୍ ତଥା ବିଭିନ୍ନ ପ୍ରକାର ଠକାମିରୁ ସୁରକ୍ଷା ପ୍ରଦାନ କରିବା। ଆମେ ବିଶ୍ୱାସକରୁ ଯେ ଏହି ବୈଶିଷ୍ଟ୍ୟ ସହିତ ନାଗରିକମାନେ ଆବଶ୍ୟକତା ସମୟରେ ସହଜରେ ଠିକ୍ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିପାରିବେ। ସରକାରୀ ନମ୍ବରର ଏହା ହେଉଛି ପ୍ରଥମ ଡିଜିଟାଲ ଡାଇରେକ୍ଟୋରି ଓ ଆମେ ୟୁଜରଙ୍କ ମତାମତ ଆଧାରରେ ଏହାର ବିକାଶ ଜାରି ରଖିବୁ। ଯୋଗାଯୋଗକୁ ନିରାପଦ କରିବା ସହ ବିଶ୍ୱାସ ସୃଷ୍ଟି କରିବା ଦିଗରେ ଆମେ ଆମର ପ୍ରଚେଷ୍ଟାକୁ ଜାରି ରଖିବୁ। ଟ୍ରୁ କଲର ଏହାର ଡାଇରେକ୍ଟୋରିକୁ ସମ୍ପ୍ରସାରିତ କରିବା ପାଇଁ ବିଭିନ୍ନ ସରକାରୀ ବିଭାଗ ସହ କାର୍ଯ୍ୟ କରୁଛି।

# 'ନେଟ୍ ଜିରୋ ତ୍ୱରାନ୍ୱିତକୁ ଗୁରୁତ୍ୱାରୋପ'

**ଭୁବନେଶ୍ୱର,୧୪।୧୨**




ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ନେଟ୍ ଜିରୋକୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱାରୋପ କରିଛି। ଏପରିକି କମ୍ପାନୀର ସ୍ଥାୟୀ ବିକାଶ ରିପୋର୍ଟକୁ ମଧ୍ୟ ଉନ୍ମୋଚନ କରାଯାଇଛି। ବିଶେଷକରି ଅର୍ଥନୈତିକ କାର୍ଯ୍ୟଦକ୍ଷତା, ଯୋଗାଣ ଶୃଙ୍ଖଳା ପରିଚାଳନା, ଜଳବାୟୁ ପରିବର୍ତ୍ତନ ଓ ଶକ୍ତି ପରିଚାଳନା, ବାୟୁ ଗୁଣବତ୍ତା ଓ ନିର୍ଗମନ ନିୟନ୍ତ୍ରଣ, ଜଳ ପରିଚାଳନା ଜୈବ ବିବିଧତା ପରିଚାଳନା, ନିରାପତ୍ତା, ସ୍ୱାସ୍ଥ୍ୟ ଓ କଲ୍ୟାଣ ଇତ୍ୟାଦି ବିଷୟକୁ ଉକ୍ତ ରିପୋଟରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିଭଳି ଜଳବାୟୁ ପରିବର୍ତ୍ତନ ଉପରେ ବେଦାନ୍ତ ଆଲୁମିନିୟମ ତା'ର ପ୍ରଥମ ରିପୋର୍ଟ ମଧ୍ୟ ଆରମ୍ଭ କରିଛି, ଯାହାର ନାମ ରୋଡ୍ ଟୁ ନେଟ୍ ଜିରୋ କାର୍ବନ ରହିଛି। ଯାହା ଜଳବାୟୁ ସମ୍ବନ୍ଧୀୟ ଆର୍ଥିକ ପ୍ରକାଶନ କିମ୍ବା ଟିସିଏଫ୍‌ଡି ଫ୍ରେମ୍‌ୱର୍କ ଢାଞ୍ଚା ପାଇଁ ଟାସ୍କଫୋର୍ସ ସହ ସଂଯୁକ୍ତ ହେବ। ଉକ୍ତ ରିପୋଟ ଜରିଆରେ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ କମ୍ପାନୀ ତା'ର ହିତାଧିକାରୀମାନଙ୍କୁ ବ୍ୟବସାୟ ସମ୍ବନ୍ଧୀୟ ସୁଯୋଗ, ଜଳବାୟୁ ପରିଚାଳନା ରଣନୀତି, ପ୍ରତିବଦ୍ଧତା ଓ କାର୍ଯ୍ୟଦକ୍ଷତା ବିଷୟରେ ଅବଗତ କରାଇବାକୁ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ବେଦାନ୍ତ ଲି.ର ସିଇଓ (ଆଲୁମିନିୟମ ବ୍ୟବସାୟ) ରାହୁଲ ଶର୍ମା କହିଛନ୍ତି, ଗତ ଆର୍ଥିକ ବର୍ଷ ପାଇଁ ବେଦାନ୍ତ ଆଲୁମିନିୟମର ସ୍ଥାୟୀ ବିକାଶ ରିପୋର୍ଟ ଓ ଟିସିଏଫ୍‌ଡି ରିପୋର୍ଟ ଉନ୍ମୋଚନ କରି ଆମେ ବେଶ୍ ଆନନ୍ଦିତ। ବିଶେଷକରି ଏକ ନେଟ୍ ଜିରୋ ଜଳବାୟୁ ସ୍ଥିର ଆଲୁମିନିୟମ ବ୍ୟବସାୟ ପାଇଁ ଆମର ସଂକଳ୍ପ ଓ ଆମେ ଲୋକମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ କାର୍ଯ୍ୟ କରୁଛୁ, ଯାହା ପରିବେଶ ପରିବର୍ତ୍ତନ ଉପରେ ବେଶ୍ ନିର୍ଭରଶୀଳ ହୋଇପଡ଼ିଛି। ତେଣୁ ଅକ୍ଷୟ ଶକ୍ତି ବ୍ୟବହାର, ଅଙ୍ଗାରକାମ୍ଳ ହ୍ରାସ, ଜଳ ସଂରକ୍ଷଣ ଓ ବର୍ଜ୍ୟବସ୍ତୁ ବ୍ୟବହାର ଉପରେ ବିଶେଷ ଧ୍ୟାନ ଦେଇ ଆମେ ମିଶନ ୨୦୩୦ ଓ ୨୦୫୦ ସୁଦ୍ଧା ଏକ ବିରଳ ମାଇଲଖୁଣ୍ଟ ସ୍ଥାପନ କରିବାକୁ ଆଶାୟୀ ରହିଛୁ ବୋଲି ସେ ମତପ୍ରକାଶ କରିଛନ୍ତି।

**CLASSIFIED DISPLAY** — ALL EDITION - B/W (Everyday)

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact: 0674-2580385, 8637280816, 7894447167, 9338226625

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**



**ଗାୟତ୍ରୀ ମହାରଣା (ସୁଜି)**
ଜଗନ୍ନାଥପୁର, ବାଲିପାହାଡ଼, କଟକ
ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଏବଂ ଖୁସିରେ ରଖନ୍ତୁ। ତୋର ଚଲାପଥ କୁସୁମିତ ହେଉ, ଏତିକି ପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।
ଶୁଭେଚ୍ଛା ସହ-ବାପା, ବୋଉ, ଦୁଇନାନା, ଜିଜୁ, ଦାଦା ପ୍ରକାଶ, ପ୍ରିୟବ୍ରତ, ଫନ, ମିକି, ସୂର୍ଯ୍ୟକାନ୍ତ, ମୁନୁ, ଦୀପୁ, ସିଲା।
ଧ-୨୨୨୨

**HAPPY BIRTHDAY**



**LISU**
Cheers to another year ! Hope your day is filled with love...happy birthday Lisu.
Best Wishes:
Bapuni, Jyoti, Lucky, Arpita

**Classified Everyday** 0674-2580101, 2549949




**SALE**

Immediate sale BMW X5-2014-15 limited edition, AUDI-A6-2012, AUDI-A4-2012, BMW-52OD-2011 Volkswagan Passat-2012 for details contact: 9827516256. D-74161




**REAL ESTATE**

**SALE**

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799. D-2207

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ SC plot ମିଳୁଛି। 9439832956, 9438056978. D-74164

Luxurious 4BHK Duplex near Balianta Bazar. Land-1400, Construction- 2200-79 Lakh. 9938219397, 9861022055. D-2223

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

ଭୁବନେଶ୍ୱର ବାଲିଅନ୍ତା ବେଷ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8926073614. D-74166

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits SPA special offer @ 999/-, Nayapalli. 7846814019. D-73667

**Relax, Refresh your Body, Mind at Saikrupa Spa with best therapies. 8984068077.** D-2230

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74608

**AFFIDAVIT**

By virtue of an affidavit Dtd. 09.12.2022 before Executive Magistrate, Bhubaneswar, I have changed my surname Sethi to Das. Bishnu Charan Das instead of Bishnu Charan Sethi for all purposes. D-2239

**ନିରୁଦ୍ଦିଷ୍ଟ**



**ପ୍ରିୟା ନାୟକ**

ବୟସ- ୨୭ ବର୍ଷ, ସେ ପୁରୁଣା ଭୁବନେଶ୍ୱର, ବଡ଼େଇବାଙ୍କରୁ ତା୧୨।୧୦।୨୦୨୨ରିଖରୁ କେଉଁଆଡ଼େ ପଳାଇଯାଇଛନ୍ତି। ସାଙ୍ଗରେ ୫ ବର୍ଷର ପୁଅକୁ ନେଇଯାଇଛନ୍ତି। ଯଦି କୌଣସି ବ୍ୟକ୍ତି ତାଙ୍କ ସନ୍ଧାନ ପାଆନ୍ତି ତେବେ ପ୍ରଭାତ ନାୟକ (ସ୍ୱାମୀ), ଫୋନ ନଂ.: 7702295663, 8984388780ରେ ଜଣାଇବାକୁ ଅନୁରୋଧ।
ଧ-୨୨୪୩

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ଅଜୟ କୁମାର ବେହେରା**
ମଞ୍ଚେଶ୍ୱର ଗ୍ରାମ, ଭୁବନେଶ୍ୱର
ଆବିର୍ଭାବ: ୧୩।୦୯।୧୯୩୯
ତିରୋଧାନ: ୦୫।୧୨।୨୦୨୨
ଚାହୁଁ ଚାହୁଁ ୧୧ ଦିନ ହେଲା ତୁମେ ଆମକୁ ଛାଡି ଆରପାରିକୁ ଚାଲିଗଲ। ତୁମର ସ୍ନେହ, ମମତା ଓ ତ୍ୟାଗ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ - ଜିତୁ, ବାପି, ହାପି, ଟୁଟୁ, ବର୍ଣ୍ଣି, ମଣ୍ଟି, ସୋନୁ, ଚିନ୍ତା, ଗୁଡ଼ି ଓ ପରିବାରବର୍ଗ।
ଧ-2229

**୧୪ତମ ଶ୍ରାଦ୍ଧବାର୍ଷିକୀ**



**୰ରତ୍ନପ୍ରଭା ଧଳ**
ଜଗନ୍ନାଥରୋଡ, ଢେଙ୍କାନାଳ
ସ୍ୱାମୀ- ସୁଧାକର ଧଳ
ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଆପଣଙ୍କର ଭାଇ, ଭାଉଜ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୭୪୦୨୫

**ଦ୍ୱାଦଶାହ ଉପଲକ୍ଷେ**



**୰ପଣ୍ଡିତ ନାରାୟଣ ମିଶ୍ର**
ମୁକ୍ତାଦେଇପୁର ଶାସନ, ଢେଙ୍କାନାଳ
ଆବିର୍ଭାବ- ୨୭।୧୦।୧୯୩୫
ତିରୋଧାନ- ୦୪।୧୨।୨୦୨୨
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ଭାଇ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ପୁତୁରା, ଝିଆରୀ, ଝିଆରୀଜ୍ୱାଇଁ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୦୨୬



ଆର୍ଜେଣ୍ଟିନା ଫିଫା ବିଶ୍ୱକପର ଫାଇନାଲରେ ପ୍ରବେଶ କରିଥିବାରୁ ବୁଏନ୍ସ ଏୟାର୍ସ ଉତ୍ସବ ମୁଖରିତ।

# ଆର୍ଜେଣ୍ଟିନା ଉତ୍ସବ ମୁଖରିତ

ବୁଏନ୍ସ ଏୟାର୍ସ ୧୪।୧୨ (ଏପି)

କ୍ରୋଏସିଆକୁ ୩-୦ ଗୋଲରେ ପରାସ୍ତ କରି ଆର୍ଜେଣ୍ଟିନା କାତାର ଫୁଟ୍‌ବଲ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିବା ପରେ ବିଜୟୀ ଦେଶରେ ଖୁସିର ଲହରି ଖେଳିଯାଇଥିଲା। ମ୍ୟାଚ ଶେଷ ହେବା ପରେ ରାଜଧାନୀ ବୁଏନ୍ସ ଏୟାର୍ସର ପ୍ରଶଂସକମାନେ ରାସ୍ତାକୁ ଚାଲିଆସିଥିଲେ। ଲୋକେ ସେମାନଙ୍କ କାର୍‌ରେ ଜାତୀୟ ପତାକା ହଲାଇ ବିଜୟକୁ ସ୍ୱାଗତ କରିଥିଲେ। ଅନ୍ୟ କେତେକ ଜାତୀୟ ଦଳର ଜର୍ସି ପିନ୍ଧି ହର୍ଷ ଉଲ୍ଲାସରେ ନୃତ୍ୟଗୀତରେ ମାତିଯାଇଥିଲେ। ମ୍ୟାଚ୍ ବେଳେ କିନ୍ତୁ ବୁଏନ୍ସ ଏୟାର୍ସ ସହର ଏକପ୍ରକାର ନିସ୍ତବ୍ଧ ହୋଇପଡ଼ିଥିଲା। ପ୍ରଶଂସକମାନେ କାଫେ, ରେସ୍ତୋରାଁ ଏବଂ ସର୍ବସାଧାରଣ ସ୍ଥାନମାନଙ୍କରେ ଭିଡ଼ ଜମାଇ ବଡ଼ ବଡ଼ ସ୍କ୍ରିନ୍‌ରେ ଲିଓନେଲ ମେସିଙ୍କ ନେତୃତ୍ୱାଧୀନ ଦଳର ଖେଳକୁ ଉପଭୋଗ କରୁଥିଲେ। ଏକ ବିଜ୍ଞାପନ ସଂସ୍ଥାରେ କାର୍ଯ୍ୟ କରୁଥିବା ୩୧ ବର୍ଷୀୟ ଏମିଲିଆନୋ ଆଦାମ ଦେଶର ପତାକାର ଏକ ଟୋପି ପିନ୍ଧି ବିଜୟ ଉତ୍ସବରେ ସାମିଲ ହୋଇଥିଲ। ତାଙ୍କ ଆନନ୍ଦର ଆଉ ସୀମା ନାହିଁ। ସେ ପ୍ରଥମ ଥର ଏକ ମ୍ୟାଚକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପଭୋଗ କରିପାରିଥିବା କହିଛନ୍ତି। ଆର୍ଜେଣ୍ଟିନା ଫାଇନାଲ ମ୍ୟାଚ ରବିବାର ଖେଳିବ। ଚଳିତ ବିଶ୍ୱକପ୍‌ରେ ଆର୍ଜେଣ୍ଟିନାର ଆରମ୍ଭ ଯନ୍ତ୍ରଣାଦାୟକ ଥିଲା। ଏହାପରେ ଦଳ ବିଜୟ ପଥକୁ ଫେରିଥିଲା। ଦେଶରେ ମୁଦ୍ରାସ୍ଫୀତି ହାର ସର୍ବାଧିକ ୧୦୦ ପ୍ରତିଶତ ପାଖାପାଖି ରହିଛି, ପ୍ରତି ୧୦ଜଣରେ ୪ଜଣ ଦାରିଦ୍ର୍ୟ କଷାଘାତରେ ଜୀବନ ନିର୍ବାହ କରୁଛନ୍ତି। ମଙ୍ଗଳବାରର ବିଜୟରେ ଆମେ ଏତେ ଉତ୍ସାହିତ ହୋଇପଡ଼ିଛୁ ଯେ, ସତେଯେମିତି ଆମେ ବହୁ ବର୍ଷ ଧରି ଆନନ୍ଦର ସହ ଜୀବନ ଅତିବାହିତ କରିଆସୁଛୁ। ଏହି ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା, ଯାହା ଭାଷାରେ ବର୍ଣ୍ଣନା କରିହେବ ନାହିଁ ବୋଲି ୨୭ ବର୍ଷୀୟା ଅଭିନେତ୍ରୀ ଲୈଲା ଡେସ୍‌ମେରୀ କହିଛନ୍ତି। ପ୍ରଥମେ ସାଉଦି ଆରବଠାରୁ ପରାଜୟ ଅତ୍ୟନ୍ତ ଦୁଃଖଦାୟକ ଥିଲା। ମାତ୍ର ନେଦରଲାଣ୍ଡ ବିପକ୍ଷ କ୍ୱାର୍ଟରଫାଇନାଲ ପେନାଲ୍ଟି ଶୁଟ୍‌ଆଉଟରେ ଜିତିବା ପରେ ଆଶା ସଞ୍ଚାର ହୋଇଥିଲା। ସେମିଫାଇନାଲ ମ୍ୟାଚ ସହଜରେ ଜିତିପାରିଛୁ। ତେଣୁ ଆମ ଆନନ୍ଦର ସୀମା ନାହିଁ ବୋଲି ଜଣେ ସୋସିଆଲ ମିଡିଆ ମ୍ୟାନେଜର ୩୧ ବର୍ଷୀୟ ଭାଲେଣ୍ଟିନା ଗୋଞ୍ଜାଲେଜ୍ ପ୍ରକାଶ କରିଛନ୍ତି। ବୁଏନ୍ସଆୟର୍ସ ପଡ଼ୋଶୀ ପାଲରମୋଠାରେ ଥିବା ଏକ ପାରମ୍ପରିକ କାଫେରେ ଏକ ଟେଲିଭିଜନ ସ୍କ୍ରିନ୍‌ରେ ଲୋକେ ଖେଳ ଦେଖୁଥିଲେ। ୩୩ ମିନିଟ୍ ଖେଳ ଗୋଲ୍‌ଶୂନ୍ୟ ରହିବା ପରେ ସେମାନେ ନର୍ଭସ ହୋଇପଡ଼ିଥିଲେ। ମାତ୍ର ମେସି ପେନାଲ୍ଟିକିକ୍ ଜରିଆରେ ଗୋଲ୍ ସ୍କୋର କରିବା ମାତ୍ରେ ସ୍ଥାନଟି ଉତ୍ସବ ମୁଖରିତ ହୋଇପଡ଼ିଥିଲା।

# ଓଡ଼ିଶା ଭଲିବଲ ଦଳ ଘୋଷିତ

## ଜାତୀୟ ୟୁଥ୍ ଭଲିବଲ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୪।୧୨ (କ୍ରୀଡ଼ା ପ୍ରତିନିଧି)

ମଧ୍ୟପ୍ରଦେଶର ପାନ୍ନାଠାରେ ୨୫ତମ ଜାତୀୟ ୟୁଥ୍ ଭଲିବଲ ଚାମ୍ପିୟନଶିପ୍ (ମହିଳା/ପୁରୁଷ) ଚଳିମାସ ୧୬ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଦଳ ଚୟନ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଗତ ୬ ତାରିଖରେ ଏକ ଟ୍ରାଏଲ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ସମସ୍ତ ଜିଲା ଓ ୟୁନିଟରୁ ୮୦ ଖେଳାଳି ଯୋଗ ଦେଇଥିଲେ। ଏଥିରୁ ୨୯ (୧୭ ପୁରୁଷ, ୧୨ ମହିଳା) ଖେଳାଳିଙ୍କୁ ଚୟନ କରାଯାଇ ଟ୍ରେନିଂ କ୍ୟାମ୍ପ ଚାଲିଥିଲା। ସେଥିରୁ ୨୪ ଖେଳାଳି ଓ ୩ ଅଫିସିଆଲ ଆଗାମୀ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। **ଓଡ଼ିଶା ମହିଳା ଦଳ:** ମାମାଲି ନାଗ୍ (ଅଧିନାୟିକା), ରୋଜାଲିନ ଆନ୍ଦିଆ, ଲାସ୍ୟମୟୀ ମହନ୍ତ, ପାର୍ବତୀ ଗଡବା, ସୁଚିସ୍ମିତା ଦିଣ୍ଡା, ବି. ଅନିଶା, ସରୋଜିନୀ ସାମଲ, ଆଶା ମୁଣ୍ଡାରୀ, ପାୟଲ କାଣ୍ଡି, ସସ୍ମିତା ଦେହୁରୀ, ସ୍ନେହମୟୀ କିଷାନ, ବାସନ୍ତି ମାଝି (ଏଲ୍)। କୋଚ୍: ରଶ୍ମିରଞ୍ଜନ ନନ୍ଦ। **ଓଡ଼ିଶା ପୁରୁଷ ଦଳ:** ରାଜ କିଣ୍ଡୋ (ଅଧିନାୟକ), ଆଦର୍ଶ ଗରତିଆ, ମହମ୍ମଦ ରାଜା, ଅର୍ଶାଦ ଅଲୀ, ତୁଷାର ଦେହେରି, ସିଦ୍ଧାନ୍ତ ପ୍ରଧାନ, ସୁବ୍ରତ ବେହେରା, ପବିତ୍ର ବେହେରା, ମୋହନ ବିଶ୍ୱାଳ, ବିକାଶ ପାତ୍ର, ଭାନୁପ୍ରତାପ ପରିଡ଼ା, ସମ୍ବିତ ବେହେରା (ଏଲ୍)। କୋଚ୍ ରମେଶ ଚନ୍ଦ୍ର ଓଝା। ମ୍ୟାନେଜର: ଆଶିଷ କୁମାର ବିହାରୀ।



କର୍ମକର୍ତ୍ତାଙ୍କ ସହ ଓଡ଼ିଶା ମହିଳା ଓ ପୁରୁଷ ଭଲିବଲ ଦଳ।

GOVERNMENT OF ODISHA
No.O-1426:
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KENDRAPARA-JAJPUR
AT/PO-NAYABAZAR, CUTTACK-753004, Tel.No.-0671-2444488, Email:serw_kpd@yahoo.com
Letter No.3203 **1st Corrigendum Notice** Date:12.12.22
1st Corrigendum to Bid Identification No. Tender Online RCK-34/22 invited this office Letter No. 3000, Dt.28.11.2022
The Changes as detailed below are hereby made in the above N.I.T.:-
1.Clause No.06 of NIT modified below:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarificaton | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle,Kendrapara-Jajpur | Tender Online RCK-34/22 | 20.12.2022 at 11.30 A.M. | 03.01.2023 to 5.00 P.M. | 03.01.2023 upto 2.00 P.M. | 04.01.2023 at 11.30 A.M. | Will be intimated later |

OIPR-25129/11/0040/2223 Sd./- Chief Construction Engineer, Rural Works Circle, Kendrapara-Jajpur

GOVERNMENT OF ODISHA
No. O-1425
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA
email: serwsbd2003@yahoo.com
**e-Procurement Notice for Road Works**
1. Name of the Work : Construction of Road as per Annexure (7 Nos.)
2. Class of Contractor : "B", "A" & Special Class of (Odisha PWD) or relevant class of other licensing authority.
3. Estimated Cost : Varies from Rs.84.48 lakhs to Rs.791.25 lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 36/2022-23 | 16.12.2022 at 11.00 A.M. | 30.12.2022 upto 5.30 P.M. | 29.12.2022 upto 2.00 P.M. | 31.12.2022 at 11.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in**.
6. Any Corrigendum/Addendum will be displayed in the above e-tender website.
OIPR-25182/11/0045/2223 Sd./- Chief Construction Engineer, Rural Works Circle, Sunabeda

## ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୪।୧୨ (କ୍ରୀଡ଼ା ପ୍ରତିନିଧି):** ଅନୁଗୋଳସ୍ଥିତ ଇନ୍‌ଡୋର ହଲ୍‌ରେ ୨୮ତମ ଆନ୍ତଃଜିଲା ଏବଂ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ବୁଧବାର ଆରମ୍ଭ ହୋଇଛି। ଏଥିରେ ୧୬ଟି ଜିଲା ଏବଂ ୬ଟି ଅନୁଷ୍ଠାନରୁ ୧୮୫ ପୁରୁଷ ଓ ୭୯ ମହିଳା ପ୍ରତିଯୋଗୀ ଭାଗ ନେଇଛନ୍ତି। ଉପବାଚସ୍ପତି ରଜନିକାନ୍ତ ସିଂ, ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅନୁଗୋଳ ଏସ୍‌ପି ଜଗମୋହନ ମୀନାଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି।

# ଜଗା ୟୁନାଇଟେଡ ଭୁବନେଶ୍ୱର ସେମିଫାଇନାଲରେ

ଓଡ଼ଗାଁ, ୧୪।୧୨ (ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁ ମିନି ଷ୍ଟାଡିୟମରେ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ କମିଟି ଆନୁକୂଲ୍ୟରେ ଚାଲିଥିବା ୪ର୍ଥ ରାଜ୍ୟସ୍ତରୀୟ ୪ର୍ଥ ଓଡ଼ଗାଁ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବୁଧବାର ଗ୍ରୁପ୍ 'ବି'ର ପ୍ରଥମ ମ୍ୟାଚ ଜଗା ୟୁନାଇଟେଡ ଭୁବନେଶ୍ୱର ଓ ରୟାଲ କ୍ଲବ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜଗା ୟୁନାଇଟେଡ ୬-୧ ଗୋଲରେ ବିଜୟୀ ହୋଇଛି । ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ସଂଘର୍ଷପୂର୍ଣ୍ଣ ରହିଥିଲା। ୩୮ତମ ମିନିଟରେ ଭୁବନେଶ୍ୱର ଦଳର ରାହୁଲ ରାଜ ପ୍ରଥମ ଗୋଲ ସ୍କୋର କରିଥିଲେ। ପରେ ୪୩ ମିନିଟରେ ସୁବ୍ରତ ନାୟକ ଦଳ ପକ୍ଷରୁ ଦ୍ୱିତୀୟ ଏବଂ ୪୫ତମ ମିନିଟରେ ରାହୁଲ ରାଜ (ବ୍ୟକ୍ତିଗତ ୨ୟ) ୩ୟ ଗୋଲ ଦେଇ ଦଳକୁ ମଜବୁତ ସ୍ଥିତିରେ ପହଞ୍ଚାଇଥିଲେ। ପ୍ରତିପକ୍ଷ ରାଉରକେଲା ଦଳ ଉଦ୍ୟମ ଜାରି ରଖିଥିଲା। ୬୬ତମ ମିନିଟରେ ଦଳର ଶୁଭମ ଦଳ ପାଇଁ ଏକମାତ୍ର ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ । ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଦଳର ରମାକାନ୍ତ ହେମ୍ବ୍ରମ (୭୦ତମ ମିନିଟ), ଗୋପାଳ ସିଂ (୭୯ତମ ମିନିଟ) ଏବଂ ଚନ୍ଦନ ପୃଷ୍ଟି (୮୧ତମ ମିନିଟ)ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ । ଫଳରେ ଜଗା ୟୁନାଇଟେଡ ୬-୧ ଗୋଲ ରେ ବିଜୟୀ ହେବା ସହିତ ଶନିବାର ୨ୟ ସେମି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ବିଜୟୀ ଦଳର ସୁବ୍ରତ ନାୟକଙ୍କୁ ସ୍ଥାନୀୟ ବ୍ୟବସାୟୀ ସନ୍ତୋଷ କୁମାର ପାତ୍ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ରେଫେରି ଓ ଲାଇନ୍ସରେ ସୁଦିପ୍ତ ଦାଶ, ବ୍ରହ୍ମାନନ୍ଦ ଭୋଇ, ଏସ୍‌କେ ମୁକିମ ମ୍ୟାଚ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ପାତ୍ର ଓ ସାର୍ଥକ ଷଡଙ୍ଗୀ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରାକ୍ତନ ବନସଂରକ୍ଷକ ତଥା ରଘୁନାଥ ସମବାୟ ମହାବିଦ୍ୟାଳୟ ସଭାପତି ସୁରେଶ କୁମାର ହୋତା ଓ ଉଦ୍ୟୋଗୀ ସନ୍ତୋଷ କୁମାର ପାତ୍ର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

OFFICE OF THE GENERAL MANAGER
WATCO DIVISION, CUTTACK
ପ୍ରେସ୍ ବିଜ୍ଞପ୍ତି
No. C-1887: ଏତଦ୍ଦ୍ୱାରା ୱାଟ୍‌କୋ ଡିଭିଜନ, କଟକ ମହାନଗର ନିଗମ ଅନ୍ତର୍ଗତ ସମସ୍ତ ଜନସାଧାରଣମାନଙ୍କୁ ଜଣାଇ ଦିଆଯାଉଛି କି, ୱାଟ୍‌କୋ ଡିଭିଜନ, କଟକ ତରଫରୁ ସମସ୍ତ ଉପଭୋକ୍ତାମାନଙ୍କର ପାଣି ପାଇପ୍‌ରେ ମିଟର ସଂଯୋଗ କରାଯାଉଛି। ଏହି ମିଟର ସଂଯୋଗ କାର୍ଯ୍ୟ ଏଞ୍ଜେନ ଗ୍ଲୋବାଲ ସଲ୍ୟୁସନ୍‌ସ ନାମକ ସଂସ୍ଥାକୁ Agreement No. P1 15 WATCO of 2021-22, ଚିଠି ନଂ. 53 ତା: 28.03.2022 ଓ Agreement No. P1 14 WATCO of 2021-22, ଚିଠି ନଂ. 54, ତା: 28.03.2022 ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଅଛି।
ଏଣୁ ସମସ୍ତ ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଉଛି କି, ସେମାନେ ନିଜର ପାଣି ସଂଯୋଗରେ ମିଟର ଲଗାଇବାକୁ ସହଯୋଗ କରନ୍ତୁ।
ଆପଣମାନଙ୍କ ସହଯୋଗ ଏକାନ୍ତ ଆବଶ୍ୟକ।
ସ୍ୱା./- ମହାପ୍ରବନ୍ଧକ
ୱାଟ୍‌କୋ ଡିଭିଜନ, କଟକ
OIPR-13170/11/0029/2223

# ପୂଜାରା, ଆୟାରଙ୍କ ଲଢୁଆ ଅର୍ଦ୍ଧଶତକ

## ଭାରତ-ବାଂଲାଦେଶ ପ୍ରଥମ ଟେଷ୍ଟ



ଶତକୀୟ ଭାଗୀଦାରି ଅବସରରେ ଶ୍ରେୟସ ଆୟାର ଓ ଚେତେଶ୍ୱର ପୂଜାରା।

**ଚଟ୍ଟୋଗ୍ରାମ୍, ୧୪।୧୨ (ପି.ଟି.):** ବାଂଲାଦେଶ ବିପକ୍ଷରେ ବୁଧବାର ଆରମ୍ଭ ହୋଇଥିବା ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚରେ ଚେତେଶ୍ୱର ପୂଜାରା ଓ ଶ୍ରେୟସ ଆୟାରଙ୍କ ଲଢୁଆ ଅର୍ଦ୍ଧଶତକ ସହାୟତାରେ ଭାରତ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୬ଉଇକେଟ ବିନିମୟରେ ୨୭୮ ରନ କରିଛି। ପୂଜାରା ୯୦ରନରେ ଆଉଟ ହୋଇ ଅଳ୍ପକେ ଶତକରୁ ବଞ୍ଚିତ ହୋଇଛନ୍ତି। ଆୟାର କିନ୍ତୁ ୮୨ ରନ କରି ଅପରାଜିତ ରହିଛନ୍ତି। ଦୁଇ ବ୍ୟାଟରଙ୍କ ମଧ୍ୟରେ ୫ମ ଉଇକେଟରେ ୧୪୯ରନ ସଂଗୃହୀତ ହୋଇଥିଲା। ଟସ୍ ଜିତି ଭାରତ ବ୍ୟାଟିଂ ନିଷ୍ପତ୍ତି ନେବା ପରେ ଶୀଘ୍ର ଉଇକେଟମାନ ହରାଇବାରେ ଲାଗିଥିଲା। ସକାଳ ସେସନରେ କାମଚଳା ଅଧିନାୟକ କେ.ଏଲ୍. ରାହୁଲ (୨୨), ଶୁବମନ ଗିଲ୍ (୨୦) ଓ ବିରାଟ କୋହଲି (୧) ଆଉଟ ହୋଇଯାଇଥିଲେ। ଭାରତର ପ୍ରାରମ୍ଭିକ ବିପର୍ଯ୍ୟୟ ପରେ ରିଷଭ ପନ୍ତଙ୍କ ପ୍ରତିଆକ୍ରମଣାତ୍ମକ ବ୍ୟାଟିଂ(୪୫ ବଲ୍‌ରୁ ୪୬ ରନ) ଦଳର ଇନିଂସରେ ସ୍ଥିରତା ଆଣିଥିଲା। ଦିନର ଅନ୍ତିମ ବଲ୍‌ରେ ଅକ୍ଷର ପଟେଲ (୧୪) ଆଉଟ ହୋଇଥିଲେ। ବାଂଲାଦେଶ ତରଫରୁ ସଫଳ ବୋଲର ତାଇଜୁଲ ଇସ୍‌ଲାମ ୮୪ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିବା ବେଳେ ମେହିଦି ହସନ ମିରାଜ ୨ ଏବଂ ଖାଲେଦ ଅହମଦ ଗୋଟିଏ ଉଇକେଟ ହାସଲ କରିଥିଲେ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଦୌଡ଼ରେ ସମ୍ଭାବନା ଉଜ୍ଜୀବିତ ରଖିବାକୁ ହେଲେ ଭାରତକୁ ସିରିଜର ଉଭୟ ମ୍ୟାଚ ଜିତିବାକୁ ପଡ଼ିବ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୯୦ ଓଭରରେ ୨୭୮/୬ (ଚେତେଶ୍ୱର ପୂଜାରା-୯୦, ଶ୍ରେୟସ ଆୟାର-୮୨*; ତାଇଜୁଲ ଇସ୍‌ଲାମ-୩/୮୪)।

OFFICE OF THE EXECUTIVE ENGINEER (AGRIL.), PURI DIVISION, PURI, ODISHA
E-mail ID:eeag-puri@gov.in
**Govt. of Odisha "e" Procurement Notice**
**Bid Identification No.: E.E. (A), Puri Division-01/2022-23**
**No.L-103:-** The Executive Engineer (Agril.), Puri Division, Puri, Odisha on behalf of Governor of Odisha, invites percentage rate bids in single cover system in ONLINE MODE only, for **"(i) Extension of FIAC at Gop, Dist.- Puri, (ii) Extension of FIAC at Satyabadi, Dist.- Puri, (iii) Extension of FIAC at Pipili, Dist.- Puri, (iv) Extension of FIAC at Delanga, Dist.- Puri, (v) Extension of FIAC at Kakatpur, Dist.- Puri, (vi) Extension of FIAC at Puri, Dist.- Puri, (vii) Extension of FIAC at Krushnaprasad, Dist.- Puri, (viii) Extension of FIAC at Brahmagiri, Dist.- Puri"** as detailed below:-
1. Name of the works:-
   A. "Extension of FIAC at Gop, Dist.- Puri"
   B. "Extension of FIAC at Satyabadi, Dist.- Puri".
   C. "Extension of FIAC at Pipili, Dist.- Puri".
   D. "Extension of FIAC at Delanga, Dist.- Puri".
   E. "Extension of FIAC at Kakatpur, Dist.- Puri".
   F. "Extension of FIAC at Puri, Dist.- Puri".
   G. "Extension of FIAC at Krushnaprasad, Dist.- Puri".
   H. "Extension of FIAC at Brahmagiri, Dist.- Puri".
2. Estimated Cost ranging from Rs.18,25,251/- to Rs.18,34,195/-
3. Bid Cost: **Rs.6,000/- (Work Sl No.-1 to 8) mentioned against each in column-04.**
4. Period of Completion:- **Mentioned in Column - 06**
5. No. of works (Tender): **08 nos.**
6. Class of Contractor: **'B' & 'C' class for work sl. no.-1 to 8 mentioned in Coumn-05)**
7. Date & Time of availability of bid document in the portal: **19.12.2022 at 10.00 A.M. to 13.01.2023 at 5.00 P.M.**
8. Last date/Time for receipt of bids in the portal: **13.01.2023 at 5.00 P.M.**
9. Date of submission of documents: **20.12.2022 at 11.00 A.M. to 17.01.2023 up to 4.00 P.M. (Except Holidays).**
10. Date & time of opening of online bids: **18.01.2023 at 11.00 A.M. & onwards.**
11. Name and address of the officer inviting Bid: **Executive Engineer (Agril.), Puri Division, Puri, Odisha.**

Further details can be seen from the e-procurement portal **http://tendersodisha.gov.in**
A. All the volumes/documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender).
B. The Tender documents published by the Tender inviting Officer (Procurement Officer Publisher) in the website "**http://tendersodisha.gov.in**" will appear in the Latest.
C. The Bidders have to participate in ONLINE bidding only. Further details can be seen from the website "**http://tendersodisha.gov.in**". Any addendum/corrigendum/cancellation of tender can also be seen in the said website.
Sd./- Executive Engineer (Agril.)
Puri Division, Puri
OIPR-01479/11/0001/2223

GOVERNMENT OF ODISHA
No.A-853:
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, EASTERN CIRCLE-II, CHANDIKHOLE
Email ID:seec2chandikhole@gmail.com
**"e" Procurement Notice No.ACE, EC-II 07 of 2022-23 (Online)**

| | | | | |
|---|---|---|---|---|
| 1 | Name of the Works | | 1 | Restoration and Protection to scoured bank on Genguti Right (Kandia) near Arjunpur |
| | | | 2 | Protection to scoured portion of Gobari right embankment at Nagapura (Kholimunha) from RD 6300 mtr to 6600 mtr, near village Forada from RD 8860 Mtr to 9100 mtr. |
| | | | 3 | Protection work to scoured bank of river Kani Kharasuan left near Manapur Sethi Sahi, Jena Sahi, Kulasahi, Palimi (Kothabruti), Natra (Matha Sahi) & Eradanga (Behera Sahi) under NABARD Assistance. |
| | | | 4 | Protection to scoured bank of Brahmani right near village Srirampur from Gopal Sahi to Spur No.1 |
| 2 | Total No. of Packages | : | | 04 Nos. Individual Packages |
| 3 | Tender Cost | | 1 | Rs.277.99 Lakh (Approximately) |
| | | | 2 | Rs.279.00 Lakh (Approximately) |
| | | | 3 | Rs.528.07 Lakh (Approximately) |
| | | | 4 | Rs.657.24 Lakh (Approximately) |
| 4 | Cost of Bid document (Non Refundable) | : | | Rs.10,000.00 (Online payment) for each Package |
| 5 | Bid Security | : | | "Bid Security Declaration" is to be furnished as per Finance Department Office Memorandum No.8484/F dated 05.04.2022. The bids without "Bid Security Declaration" will be summarily rejected. |
| 6 | Class of Contractor | : | | "B" & "A" for Sl.No. 1 & 2, "A" for Sl.No.3, "Special" Class & "A" for Sl.No.4 |
| 7 | Period of Completion | | 1 | 06 (Six) Calendar Months for Sl.No.1&2, 12 (Twelve) Calendar Months for Sl.No. 3 & 4 |

8. Other details are as follows:

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Additional Chief Engineer, Eastern Circle-II, Chandikhole | ACE,EC-II JPD 06 of 2022-23<br>ACE,EC-II KID 10 of 2022-23<br>ACE,EC-II AUL 04 of 2022-23<br>ACE,EC-II KID 11 of 2022-23 | 16.12.2022 at 10 AM | 02.01.2023 upto 5.00 PM | 03.01.2023 at 11.30 AM |

9. Email ID: seec2chandikhole@gmail.com
Further detailed conditions can be seen from the Govt. website www.tendersorissa.gov.in.
OIPR-32322/11/0010/2223
Sd./- Additional Chief Engineer
Eastern Circle-II, Chandikhole

ରିଲିଜ୍ ଅପେକ୍ଷାରେ

# ତୋର ମୋର କଟି



'ତୋର ମୋର କଟି' ଫିଲ୍ମର ଏକ ଦୃଶ୍ୟ

ଝିଲିକ ମୋଶନ୍ ପିକ୍ଚର୍ସ ବ୍ୟାନରରେ ନିର୍ମିତ ତୃତୀୟ ଚଳଚ୍ଚିତ୍ର 'ତୋର ମୋର କଟି' ଆସନ୍ତା ଜାନୁୟାରୀରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ନିକଟରେ ଏହି ଚଳଚ୍ଚିତ୍ରର ଅଡିଓ ରିଲିଜ୍ ହୋଇ ଆମର ମ୍ୟୁଜିକ୍ ୟୁଟ୍ୟୁବ୍ ଚ୍ୟାନେଲ୍ ମାଧ୍ୟମରେ ଲୋକଙ୍କ ଦ୍ୱାରା ବହୁଳ ଭାବେ ଆଦୃତ ହୋଇସାରିଛି । ଅଭିନେତ୍ରୀରୁ ପ୍ରଯୋଜିକା ସାଜିଥିବା ଝିଲିକ ଭଟ୍ଟାଚାର୍ଯ୍ୟ ଏହାର ପ୍ରଯୋଜନା କରିଛନ୍ତି। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରମେଶ ରାଉତ। ନବାଗତ ଶୈଳେନ୍ଦ୍ର ଓ ଶୀତଲଙ୍କ ଯୋଡ଼ିକୁ ଏଥିରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଏହାର ବିଭିନ୍ନ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ପ୍ରଦ୍ୟୁମ୍ନ ଲେଙ୍କା, ବବି ମିଶ୍ର, ସୁଦୀପ୍ତ, ଟୁକୁନା ଷ୍ଟାଇଲିଷ୍ଟ, କାଳିଆ ଷଣ୍ଢ, ଐଶ୍ୱରିୟା, ରୁପ୍ସା, କଟପ୍ପା, ଦେବିକା, ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ, ପ୍ରଯୋଜକ ସଞ୍ଜୟ ନାୟକ (ଟୁଟୁ ) ପ୍ରମୁଖ ଅଭିନୟ କରିଛନ୍ତି । ଉକ୍ତ ସିନେମାର ସଂଳାପ ରଚନା କରିଛନ୍ତି ଦୀପକ ଜେନା। ଡା. ନିର୍ମଳ ନାୟକ ଏବଂ ଅରୁଣ ମନ୍ତ୍ରୀଙ୍କ ରଚିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ପ୍ରେମ୍ ଆନନ୍ଦ। କଣ୍ଠଦାନ କରିଛନ୍ତି ହ୍ୟୁମାନ୍ ସାଗର, ଦୀପ୍ତିରେଖା ପାଢ଼ୀ, ସବିଶେଷ, ଆଶୁତୋଷ, ଅନନ୍ୟା ଶ୍ରୀତମ ନନ୍ଦ ଓ ଦେବକୃପା। ଚିତ୍ର ଉତ୍ତୋଳନ ଦାୟିତ୍ୱ ଈଶ୍ୱର ବାରିକ ତୁଲାଇଥିବା ବେଳେ କୋରିଓଗ୍ରାଫି କରିଛନ୍ତି ପଙ୍କଜ ସିଲ। ଫାଇଟ୍ ନିର୍ଦ୍ଦେଶନା ଦେଇଛନ୍ତି ଶୈଳେନ୍ଦ୍ର ପରିଡ଼ା। ଏହାପୂର୍ବରୁ ଏହି ବ୍ୟାନରରେ ପ୍ରସ୍ତୁତ 'କିସ୍‌ମିସ୍' ଓ 'ରୁଦ୍ରାଣୀ' ଚଳଚ୍ଚିତ୍ର ରିଲିଜ୍ ହୋଇସାରିଛି। ଏହାର ମିଡିଆ ପ୍ଲାନର ଏବଂ କ୍ରିଏଟିଭ୍ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।

ଅପେରା ହାଲ୍‌ଚାଲ୍

# ଦର୍ଶକଙ୍କ ମାନସିକତାକୁ ପ୍ରାଥମିକତା ଦିଏ



ଅରୁଣ ବାରିକ

ଓଡ଼ିଆ ଅପେରା ଜଗତରେ ସେ ଜଣେ ଆଗଧାଡ଼ିର ନାଟ୍ୟକାର। ସାହାଣୀ ଗଣନାଟ୍ୟର 'ଜାଇ ଯିବ ଶାଶୁଘର'ରୁ ଆରମ୍ଭ ହୋଇଥିଲା ତାଙ୍କର ଜଲିଉଡ୍ ଯାତ୍ରା। ପ୍ରଥମ ନାଟକର ସଫଳତା ପରେ ତାଙ୍କ ରଚିତ ନାଟକଗୁଡିକ ଦର୍ଶକଙ୍କୁ କରିଛି ମତୁଆଲା। ହଁ, ସେହି ନାଟ୍ୟକାର ହେଉଛନ୍ତି ଅରୁଣ ବାରିକ। ଚଳିତ ଯାତ୍ରା ସିଜନରେ ତାଙ୍କ ନାଟକ 'ଚାଲିବା ଆଗରୁ ବାଟ ସରିଲା' (ରଙ୍ଗମହଲ), ଅଧା ବାଟରେ ଅନ୍ଧାର ହେଲା' (ସ୍ୱର୍ଣ୍ଣମହଲ) ଏବଂ ଅପେରା ସାଇ ସମ୍ରାଟ୍ ପରିବେଷିତ 'ଆଖିକୁ ଅଜଣା ଲୁହ ଠିକଣା' ଦର୍ଶକାଦୃତ ହୋଇଛି। ଏ ସମ୍ପର୍କରେ ଭଦ୍ରକ ଜିଲା କରଞ୍ଜି ଗ୍ରାମରେ ଜନ୍ମିତ ଅରୁଣ କହନ୍ତି, '୧୯୯୬ରୁ ଏପର୍ଯ୍ୟନ୍ତ ଦୀର୍ଘ ୨୬ ବର୍ଷର ନାଟ୍ୟକାର ଜୀବନ ଭିତରେ ମୁଁ ସବୁବେଳେ ଦର୍ଶକଙ୍କ ମାନସିକତାକୁ ପ୍ରାଥମିକତା ଦେଇଛି। ଯାତ୍ରା ଏପରି ଏକ ମନୋରଞ୍ଜନର ମାଧ୍ୟମ, ଯାହା ନିଦ ଭାଙ୍ଗି ଉଠାଇ ଆଣିବା କଥାଟିଏ। ସ୍କୁଲରେ ପଢୁଥିବା ବେଳେ ନାଟକଟିଏ ଲେଖି ଉପହାସର ପାତ୍ର ହୋଇଥିଲି। ହେଲେ ମନୋବଳକୁ ଦୃଢ଼ ରଖି ଆଗେଇଥିଲି। ନିର୍ଦ୍ଦେଶକ ନକୁଳ ପାତ୍ର ସେତେବେଳେ ମୋ ଚିଠି ପଢ଼ି କହିଥିଲେ, 'ତୁମେ ଭଲ ଚିଠି ଲେଖିପାରୁଛ, ନାଟକ ଲେଖିବା ଆରମ୍ଭ କର। ଆଉ ତା'ପରେ କେବେ ପଛକୁ ଫେରି ଚାହିଁନି। ଇତିମଧ୍ୟରେ ବିନୋଦ ରାଉତ, ତାପସ ସ୍ୱାଇଁଙ୍କ ପରି ଆଗଧାଡିର ନିର୍ଦ୍ଦେଶକଙ୍କ ସହ କାମ କରିସାରିଛି।' ଅରୁଣଙ୍କ ରଚିତ ପ୍ରମୁଖ ହିଟ୍ ନାଟକଗୁଡ଼ିକ ମଧ୍ୟରେ ରହିଛି 'କୁଳାଙ୍ଗାର', 'ଯାଜ୍ଞସେନୀ' (ତ୍ରିନାଥ), 'କହଲୋ ବଉଳ କିଏ ତୋ ବର' (କୋଣାର୍କ), ଲକ୍ଷେ ଘୋଡ଼ାକୁ ଲକ୍ଷେ ହାତୀ ଏକା ଲଢ଼ିବ ମହାରଥୀ' (କଳିଙ୍ଗ), 'ମିଛୁଆ ରାଧୁଆ ଗପ ସରିଲା', 'ଅଧେ ତୋର ଅଧେ ମୋର', ମୁଁ ସେଇ ଭଦ୍ରକିଆ ଟୋକା' (ରଙ୍ଗମହଲ), 'ଆମ ଗାଁ ଜଗନ୍ନାଥ ତମ ଗାଁ ଆଲ୍ଲା' ଏବଂ 'ଅସତୀ ତୁଳସୀ ସତୀ ଚଉରା' (ସ୍ୱର୍ଣ୍ଣମହଲ)।

# ସଂଳାପ ମାୟାରେ ସୁନୀଲ



ସଂଳାପ ରଚନା ଏପରି ଏକ ମାୟା, ଯେଉଁଥିରୁ ନିଜକୁ ମୁକୁଳାଇବା ଏତେ ସହଜ ନୁହେଁ। ମୋ ଅଜା ମନ୍ଦର ବେହେରା ଜଣେ ନାଟୁଆ ଥିଲେ। ଥରେ ସେ ମୋତେ କହିଥିଲେ ତୁ ମୋ ନାଁ ରଖିବୁ। ତୁ ଏମିତି କିଛି କରିକି ଦେଖେଇବୁ ଯେମିତି ତତେ ସାରା ଓଡ଼ିଶା ଲୋକ ଜାଣିବେ। ଦର୍ଶକଙ୍କ ମନକୁ ଛୁଇଁଲା ଭଳି ନାଟକ ରଚନା ଜାରି ରଖିବି ବୋଲି କହନ୍ତି ଯୁବ ସଂଳାପକାର ସୁନୀଲ ଓରଫ ବାପି। ପେସାରେ ସେ ଇଞ୍ଜିନିୟର ହେଲେ ନିଶା ସଂଳାପ ରଚନା। ଗୁରୁ ନିଜାମ୍‌ଙ୍କ ସହକାରୀ ସଂଳାପକାର ଭାବେ ପାଦ ଥାପନ୍ତି 'ମୋ ଜେଜେମା' ମେଗା ଧାରାବାହିକରେ। ତା'ପରେ ଶରଣାରବିନ୍ଦ ଓଝାଙ୍କ ସହ ମିଶି କାମ କରନ୍ତି ଧାରାବାହିକ ରାଜକନ୍ୟା, ଟୁପୁରୁ ଟାପୁରୁ, ଗଡ଼ବଡ଼, ସିଷ୍ଟର ଶ୍ରୀଦେବୀରେ। ମେଗା ଧାରାବାହିକ ଦୁର୍ଗା, ଆମ ଘର ଲକ୍ଷ୍ମୀ ଲାଗି କାମ କରିବା ପରେ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ବର୍ତ୍ତମାନ ପ୍ରସାରିତ ହେଉଥିବା ଧାରାବାହିକ 'ତାରିଣୀ ଆଖିର ତାରା' ଏବଂ 'ମାୟାବିନୀ'ର ସଂଳାପ ରଚନା ତାଙ୍କୁ ବେଶ୍ ମାଇଲେଜ୍ ଦେଇଛି ବୋଲି କହନ୍ତି ସୁନୀଲ।

# କଷ୍ଟ୍ୟୁମ୍ ପାଇଁ...

ନୁସରତ ଭରୁଚା ଏବେ ଲଣ୍ଡନରେ ଡେରା ପକାଇଛନ୍ତି। କାରଣ ସେଠାକୁ ସେ ଏକ ଭିଡିଓ ଆଲବମ୍‌ର ଶୁଟିଂ ପାଇଁ ଯାଇଛନ୍ତି। ହେଲେ ଏହାର ଶୁଟିଂ ସମୟରେ ଏପରି ଘଟଣା ଘଟିଲା, ଯାହା ପାଇଁ ଦିନର ଶୁଟିଂକୁ ବାଧ ହୋଇ କ୍ୟାନ୍‌ସେଲ କରିବାକୁ ପଡ଼ିଥିଲା। କଥା କ'ଣ କି, ଆଲବମ୍‌ର କିଛି ଅଂଶ ଶୁଟିଂ ପରେ ତାଙ୍କୁ କଷ୍ଟ୍ୟୁମ ବଦଳାଇବାକୁ ପଡ଼ିଲା। ଯେତେବେଳେ ସେ ଭ୍ୟାନିଟି ଭ୍ୟାନ୍ ଭିତରକୁ ଗଲେ ସେତେବେଳେ ସେ ପିନ୍ଧିବାକୁ ଥିବା କଷ୍ଟ୍ୟୁମ ନ ଥିଲା। କେବଳ ସେତିକି ନୁହେଁ, ତା'ପରେ ସେ ଆଉ ତିନି ପେୟାର କଷ୍ଟ୍ୟୁମ ପିନ୍ଧିଥାଆନ୍ତେ। ହେଲେ ଭୁଲ୍‌ରେ କଷ୍ଟ୍ୟୁମ୍ ବ୍ୟାଗ୍ ଆଣିବାକୁ ସଂପୃକ୍ତ ବ୍ୟକ୍ତି ଭୁଲି ଯାଇଥିଲେ। ଯେଉଁ ହୋଟେଲରେ ସେମାନେ ରହୁଥିଲେ ତାହା ମଧ୍ୟ ଶୁଟିଂ ଲୋକେଶନରୁ ପ୍ରାୟ ୧୫ କିମି ଦୂର ଥିଲା। ତା'ପରେ ନିର୍ଦ୍ଦେଶକ କଷ୍ଟ୍ୟୁମ ଆଣିବା ପରେ ଶୁଟିଂ ଆରମ୍ଭ ହେବ ବୋଲି ଯେତେବେଳେ କହିଲେ ସେହି କଥାରେ ନୁସରତ ରାଜି ହୋଇ ନ ଥିଲେ। ଶେଷରେ ତାଙ୍କୁ ପାଖାପାଖି ଦୁଇ ଘଣ୍ଟା ବୁଝାଇବା ପରେ ସେ ଏ ନେଇ ନିଜର ସମ୍ମତି ଜଣାଇଥିଲେ। ଆଉ ତା' ଭିତରେ କଷ୍ଟ୍ୟୁମ୍ ଆସି ତାଙ୍କ ପାଖରେ ପହଞ୍ଚି ଯାଇଥିଲା। ଆଉ ଏଥିଲାଗି ଶୁଟିଂ ପାଖାପାଖି ତିନି ଘଣ୍ଟା ବନ୍ଦ ରହିଥିଲା।

# ମନେପଡ଼େ ଅଡିଶନ କଥା

ସାନ୍ୟା ମାଲ୍‌ହୋତ୍ରାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦଙ୍ଗଲ'। ଏଥିରେ ବବିତା କୁମାରୀ ଭୂମିକାରେ ଅଭିନୟ କରିଥିଲେ ସେ। ପ୍ରଥମ ସିନେମାରୁ ହିଁ ନିଜ ଅଭିନୟ ଦକ୍ଷତାର ପରିଚୟ ଦେଇଥିଲେ ସାନ୍ୟା। ଯେତେବେଳେ ଏହି ଭୂମିକା ପାଇଁ ନିର୍ଦ୍ଦେଶକ ନିତେଶ ତିୱାରୀ ଅଡିଶନ କଲେ ସେତେବେଳେ ଏଥିରେ କେତେଜଣ ନବାଗତ ଯୋଗ ଦେଇଥିଲେ ଜାଣନ୍ତି ? ଗୋଟିଏ ଭୂମିକା ପାଇଁ ୧୦ ହଜାର ଅଭିନେତ୍ରୀଙ୍କର ଅଡିଶନ ନିଆଯାଇଥିଲା। କିନ୍ତୁ ଶେଷରେ ନିର୍ଦ୍ଦେଶକ ସାନ୍ୟାଙ୍କ ନାମରେ ମୋହର ମାରିଥିଲେ। ବାଲାଟ୍ ଡ୍ୟାନ୍ସରେ ସାନ୍ୟା ମଧ୍ୟ ନିପୁଣା। ୨୦୧୩ରେ ରିୟଲିଟି ଶୋ' 'ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ'ରେ ଅଂଶ ଗ୍ରହଣ କରିଥିଲେ।



ନୁସରତ

# ଭାଗ୍ୟବତୀ ମୃଣାଲ

ସତରେ ହଠାତ୍ ଯେ ଏପରି ସୁଯୋଗ ତାଙ୍କୁ ମିଳିବ ତାହାକୁ ଏବେ ବିଶ୍ୱାସ କରିପାରୁନାହାନ୍ତି ମୃଣାଳ ଠାକୁର। କଥା କ'ଣ କି, ଜଣେ ନବାଗତ ପ୍ରଯୋଜକ ତାଙ୍କୁ ଏକାଥରେ ଦୁଇଟି ସିନେମା ପାଇଁ ସାଇନ୍ କରାଇଛନ୍ତି। ପୁଣି ସେହି ବ୍ୟାନରରେ ଭବିଷ୍ୟତରେ ନିର୍ମାଣ ହେବାକୁଥିବା ଫିଲ୍ମଗୁଡ଼ିକରେ ସେ ନାୟିକା ସାଜିବାରେ ଯୋଜନା ରହିଛି। ଏସବୁ କଥା ଜାଣିବା ପରେ ମୃଣାଳଙ୍କ ଖୁସି କହିଲେ ନ ସରେ। ଏନେଇ ସେ କୁହନ୍ତି, 'ବର୍ତ୍ତମାନ ମୁଁ ବ୍ୟାକ୍-ଟୁ-ବ୍ୟାକ୍ ଦୁଇଟି ସିନେମା ସାଇନ୍ କରିଛି। ଜଣେ ନବାଗତ ଏହାର ପ୍ରଯୋଜନା କରୁଛନ୍ତି। ମୋ ଅଭିନୀତ ପୂର୍ବ ସିନେମାଗୁଡିକ ଦେଖିବା ପରେ ସେ ମୋର ଆକ୍ଟିଂରେ ପ୍ରଭାବିତ ହୋଇଛନ୍ତି। କେବଳ ସେତିକି ନୁହେଁ, ଭବିଷ୍ୟତରେ ସେ ଆଉ କେତୋଟି ସିନେମା ପ୍ରଯୋଜନା କରିବାର ଯୋଜନା ରହିଛି ଏବଂ ସେଗୁଡ଼ିକରେ ମୁଁ ନାୟିକା ଭୂମିକାରେ ଅଭିନୟ କରିବାର ମଧ୍ୟ ଯୋଜନା ରହିଛି। ଯାହା କୁହନ୍ତୁନା କାହିଁକି ଭାଗ୍ୟଦେବୀ ମୋ ପ୍ରତି ଏବେ ପ୍ରସନ୍ନ ହୋଇଛନ୍ତି। ନ ହେଲେ ଏଭଳି ସୁଯୋଗ କ'ଣ ମିଳିଥାଆନ୍ତା ?' ମରାଠୀ ଫିଲ୍ମରେ ଅଭିନୟ କରିବା ପରେ ମୃଣାଳ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଲଭ୍ ସୋନିଆ'। ତା'ପରେ ସେ 'ସୁପର ୩୦', 'ଭାଟିଆ ହାଉସ୍', 'ଘୋଷ୍ଟ ଷ୍ଟୋରିଜ୍', 'ତୁଫାନ୍', 'ଧମାକା' ଏବଂ 'ଜର୍ସି' ଫିଲ୍ମରେ ଅଭିନୟ କରିସାରିଛନ୍ତି। ସେ ଅଭିନୟ କରିଥିବା 'ପିପ୍ପା' ଏବଂ 'ପୂଜା ମେରି ଜାନ୍' ରିଲିଜ୍ ଅପେକ୍ଷାରେ ରହିଛି।



ମୃଣାଳ

# ଟିପ୍ସ ବାଣ୍ଟୁଛନ୍ତି ତାରା

ତାରା ସୁଟାରିଆଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଏବେ ସେ ଯୁଆଡ଼େ ଗଲେ ଆଉ ସେଠାରେ ଯଦି ତାଙ୍କର କେହି ପରିଚିତ ଭେଟ ହୋଇଗଲେ ତେବେ ଟିପ୍ସ ବାଣ୍ଟିବାକୁ ଭୁଲୁନାହାନ୍ତି। ହେଲେ ସେ ଏମିତି କି ଟିପ୍ସ ବାଣ୍ଟୁଛନ୍ତି କି ? ନିଜ ଫିଟ୍‌ନେସ୍ ରହସ୍ୟ ବିଷୟରେ ସେ କୁହନ୍ତି, 'ବର୍ତ୍ତମାନ ସମୟରେ ନିଜକୁ ଫିଟ୍ ରଖିବା ସବୁଠାରୁ ବଡ଼ କଥା। କାରଣ ନିଜର ବ୍ୟସ୍ତମୟ ଜୀବନରେ ଅନେକେ ଏହାକୁ ଗୁରୁତ୍ୱ ଦେଇ ନ ଥାନ୍ତି। ହେଲେ ମୁଁ ସବୁବେଳେ ଏଥିପାଇଁ ସଚେତନ ରହିଥାଏ। ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ରହିଛି। ଜଣେ ନିୟମିତ ଏକ୍ସରସାଇଜ କରିବା ସହ କିଛି ସମୟ ଯୋଗ କରିବା ନିହାତି ଦରକାର। ଏହାକୁ ମୁଁ ମୋ ଡେଲି ରୁଟିନ୍‌ରେ ସାମିଲ କରିଛି। କାରଣ ଆଜିକାଲି ଫିଟ୍ ରହିବା ହେଉଛି ସବୁଠାରୁ ବଡ଼ କଥା। ତେଣୁ ମୁଁ ଏହାକୁ ସବୁବେଳେ ଗୁରୁତ୍ୱ ଦେଇଥାଏ। ତା'ସହ ଡାଏଟିଂ ପ୍ରତି ମଧ୍ୟ ବେଶ୍ ସଚେତନ ରହେ।'



ତାରା

# ଫେରୁଛି ସୁନେଲି ଦିନ

"କେବଳ 'ଷ୍ଟାର' ମାର୍କ କଳାକାରଙ୍କୁ ନେଲେ ଯେ ଫିଲ୍ମ ହିଟ୍ ହେବ ତାହା ଭାବିବା ଭୁଲ୍। ସିନେମାରେ ଯଦି ଭଲ କାହାଣୀ ଥିବ ତେବେ କଳାକାର ଚୟନ ପୂର୍ବରୁ ପ୍ରଯୋଜନା ସଂସ୍ଥା ପ୍ରଥମେ ଭଲଭାବରେ ଅନୁଶୀଳନ କରନ୍ତୁ..."

ଗତ କିଛି ମାସ ଧରି ଓଡ଼ିଆ ସିନେମାକୁ ନେଇ ଆଲୋଚନା ଜୋର୍ ଧରିଛି। କାରଣ ନିକଟରେ ପଛକୁ ପଛ ଦୁଇଟି ଓଡ଼ିଆ ସିନେମା-'ଦମନ' ଏବଂ 'ପ୍ରତୀକ୍ଷା' ଦର୍ଶକାଦୃତ ହୋଇପାରିଛି। ଏବେ ପୁଣିଥରେ ଦର୍ଶକ ପ୍ରେକ୍ଷାଳୟମୁହାଁ ହୋଇଛନ୍ତି। କପି ସିନେମା ପ୍ରତି ବିମୁଖ ହେବାର ଅନେକ ବର୍ଷ ପରେ ବାସ୍ତବଧର୍ମୀ ସିନେମା ନିର୍ମାଣକୁ ସାଧାରଣରେ ପସନ୍ଦ ହୋଇଛି। ଫଳରେ ଦର୍ଶକମାନଙ୍କୁ ବାନ୍ଧି ରଖିବାକୁ ହେଲେ ସେ ବ୍ୟବସାୟିକ ହେଉ କି କଳାତ୍ମକ ସିନେମା-ତାହା ସଫଳ ହେବ ବୋଲି ବିଶ୍ୱାସ ଆହୁରି ଦୃଢ଼ ହୋଇଛି। ଭଲ କାହାଣୀ, ଉପସ୍ଥାପନା ଏବଂ ନିଖୁଣ ଅଭିନୟ ସିନେମାଟିକୁ ସଫଳ କରିବାରେ ସହାୟକ ହୋଇଥାଏ। ଏଣୁ ଏବେ କୁହାଯାଇପାରେ, ଓଡ଼ିଆ ସିନେମାର ସୁନେଲି ଦିନ ପୁଣିଥରେ ଫେରୁଛି।

ଓଡ଼ିଆ ସିନେମା 'ଦମନ' ୮୭ ବର୍ଷର ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପରେ ସର୍ବାଧିକ ଆୟ କରିବା ଏହା ନିଶ୍ଚିତ ଭାବେ ଏକ ଐତିହାସିକ ଆହ୍ୱାନ। ସିନେମା ଏକ ବୃହତ୍ ଗଣମାଧ୍ୟମ। ନୂତନ ବୈଷୟିକ ଜ୍ଞାନକୌଶଳ ଜାଣିଥିବା ବ୍ୟକ୍ତିବିଶେଷ ଯଦି ଓଡ଼ିଆ ସିନେମା ପ୍ରତି ଆଗ୍ରହ ପ୍ରକାଶ କରନ୍ତି, ତେବେ ତାହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହେବ। ଓଡ଼ିଆ ସିନେମା ଶିଳ୍ପରେ ଭଲ ଅଭିନେତା ଅଭିନେତ୍ରୀ ଅଛନ୍ତି। ହେଲେ ଆମେ ସେମାନଙ୍କ ପ୍ରତିଭାକୁ ସଦୁପଯୋଗ କରୁନାହୁଁ। କେବଳ 'ଷ୍ଟାର' ମାର୍କ କଳାକାରଙ୍କୁ ନେଲେ ଯେ ଫିଲ୍ମ ହିଟ୍ ହେବ ତାହା ଭାବିବା ଭୁଲ୍। ସିନେମାରେ ଯଦି ଭଲ କାହାଣୀ ଥିବ ତେବେ କଳାକାର ଚୟନ ପୂର୍ବରୁ ପ୍ରଯୋଜନା ସଂସ୍ଥା ପ୍ରଥମେ ଭଲ ଭାବରେ ଅନୁଶୀଳନ କରନ୍ତୁ। ଟିମ୍ ଭଲ ହେଲେ ସିନେମା ଠିକ ମାର୍ଗରେ ହେବ। ପ୍ରତି କଳାକାର ତାଙ୍କ ଚରିତ୍ର ପ୍ରତି ଅଧିକ ଧ୍ୟାନ ଦେବା ସହ ବିବେକ ଖଟାଇବା ଉଚିତ। ଉପରଠାଉରିଆ ଅଭିନୟ କଦାପି ଦର୍ଶକଙ୍କୁ ପ୍ରଭାବିତ କରିପାରିବ ନାହିଁ।

ସଙ୍ଗୀତ ସିନେମାର ଅନ୍ୟତମ ପ୍ରମୁଖ ଅଙ୍ଗ। ବିଭିନ୍ନ ସ୍ୱରକୁ ଅବିକଳ ନକଲ କରି ନିଜକୁ ନିଜେ ଜ୍ଞାନୀ ଓ ସଙ୍ଗୀତ ବୈଜ୍ଞାନିକ କହିବା ଅତ୍ୟନ୍ତ ହାସ୍ୟାସ୍ପଦ କଥା। ଗୀତଗୁଡ଼ିକୁ ସ୍ୱର ଦେବା ସମୟରେ ନିଜର ଚିନ୍ତାରେ କିଛି ନୂତନତାର ସ୍ୱାଦ ଶ୍ରୋତାମାନଙ୍କୁ ଦିଅନ୍ତୁ। ଆଜି ସିନେମା ଜଗତର ସେଇ ସଙ୍ଗୀତଜ୍ଞ ବାଳକୃଷ୍ଣ ଦାସ, ଅକ୍ଷୟ ମହାନ୍ତି, ପ୍ରଫୁଲ୍ଲ କର, ଶାନ୍ତନୁ ମହାପାତ୍ର, ରାଧାକୃଷ୍ଣ ଭଞ୍ଜ, ବାସୁଦେବ ରଥ, ମୁସିର ସ୍ମରଣୀୟ ହୋଇ କାହିଁକି ରହିଛନ୍ତି ? ଭଲ ଗୀତ, ଭଲ ସ୍ୱର ଦୀର୍ଘସ୍ଥାୟୀ। ଆମେ ନିଜକୁ ନିଜେ ପାଳ ଉପରେ ଠିଆହୋଇ ଉଚ୍ଚତା ମାପିଲେ ତାହା କ୍ଷଣସ୍ଥାୟୀ ପରି ହେବ। ଭଲ କାହାଣୀ ଚୟନ କରି ଉପଯୁକ୍ତ ଟିମ୍ କରି ତା'ପରେ ଶୁଟିଂ କରାନ୍ତୁ। ଆମକୁ ଆହୁରି କିଛି ବିଚାରବିମର୍ଶ କରିବାକୁ ହେବ। ସିନେମା ପରି ବୃହତ୍ ଗଣମାଧ୍ୟମକୁ ଖାମଖିଆଲ ଭାବେ ନେଇ ସାଧାରଣ ଦର୍ଶକଙ୍କୁ ବିମୁଖ କରାନ୍ତୁ ନାହିଁ। ଭଲ ସିନେମାର ଦ୍ୱାହି ଦେଇ ନିଜକୁ ନିଜେ ଆତ୍ମସମୀକ୍ଷା କରି କାର୍ଯ୍ୟ ଦିଗରେ ଅଗ୍ରସର ହେବା ଉଚିତ୍। ଓଡ଼ିଆ ସିନେମାର ବ୍ୟବସାୟ ବଢ଼ାଇବା ଦିଗରେ ଶିଳ୍ପ ବିଭାଗ ବିଭିନ୍ନ ଜିଲାରେ ପ୍ରେକ୍ଷାଳୟ ନିର୍ମାଣ କରିବା ଦିଗରେ ପ୍ରୋତ୍ସାହନ ଦେବା ଦରକାର। ସିନେମାକୁ ଶିଳ୍ପର ମାନ୍ୟତା ଅପେକ୍ଷା ମାନ ରକ୍ଷା ଦିଗରେ ସେତିକି ଗୁରୁତ୍ୱ ଦେବା ଉଚିତ। ଓଡ଼ିଆ ସିନେମା ବେଳକୁ ବେଳ ରୁଗ୍‌ଣ ହେବା କାରଣ ହେଲା ପ୍ରେକ୍ଷାଳୟର ଅଭାବ। ପ୍ରଯୋଜକମାନଙ୍କୁ ଋଣ ପ୍ରଦାନ କଲେ ସେମାନେ ମଧ୍ୟ ପ୍ରେକ୍ଷାଳୟଗୁଡ଼ିକୁ ବିଭିନ୍ନ ଜିଲାରେ କରିବା ଦିଗରେ ପ୍ରୋତ୍ସାହିତ ହୁଅନ୍ତେ। ଆଗାମୀ ଦିନକୁ ପ୍ରତୀକ୍ଷା ରହିଲା ଆମ ସିନେମା ଶିଳ୍ପ ଦମନ ଆଳରେ ଅଳିଆ କାର୍ଯ୍ୟ ନ କରି ସୁସ୍ଥ ସିନେମା ସମାଜ ଗଠନ କରନ୍ତୁ।



**-ଦିଲୀପ ହାଲି**, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨

# ବିବାଦରେ ଦୀପିକା



**ମୁମ୍ବାଇ:** ବଲିଉଡ ସୁପରଷ୍ଟାର ଶାହାରୁଖ ଖାନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ପଠାନ' ଆସନ୍ତା ଜାନୁୟାରିରେ ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମକୁ ଦେଖିବା ପାଇଁ ପ୍ରଶଂସକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। କିଛିଦିନ ତଳେ ଫିଲ୍ମର ପ୍ରଥମ ଗୀତ 'ବେସରମ ରଙ୍ଗ' ରିଲିଜ ହୋଇଯାଇଛି। ଦର୍ଶକ ଶାହରୁଖ ଖାନ ଏବଂ ଦୀପିକା ପାଦୁକୋନଙ୍କ କେମେଷ୍ଟ୍ରିକୁ ବହୁତ ପସନ୍ଦ କରିଛନ୍ତି। ଏହାରି ଭିତରେ ସିନେମାକୁ ନେଇ ଏକ ବିବାଦ ମୁଣ୍ଡ ଟେକିଛି। ଲୋକେ ସିନେମାକୁ ବଏକଟ କରିବାକୁ ଦାବି କରିଛନ୍ତି। କିଛିଲୋକେ ତ ସିନେମାକୁ ବ୍ୟାନ କରିବାକୁ କହିଛନ୍ତି। ଶାହାରୁଖ ଖାନଙ୍କ ସିନେମା 'ପଠାନ'କୁ ଯେବେଠାରୁ ଘୋଷଣା କରାଯାଇଛି, ତାଙ୍କ ପ୍ରଶଂସକଙ୍କ ଚେହେରାରେ ଏକ ପ୍ରକାର ଖୁସିର ଲହରି ଖେଳି ଯାଇଛି। ପୋଷ୍ଟର ଓ ଟିଜର ରିଲିଜ ହେବା ପରେ ଫ୍ୟାନ୍ସ 'ପଠାନ'ର ଗୀତ ରିଲିଜ କରିବାକୁ ଦାବି କରିଥିଲେ। ଏହି ଦାବି ଅନୁଯାୟୀ ସିନେମାର ପ୍ରଥମ ଗୀତକୁ ରିଲିଜ ବି କରାଗଲା। ଏଥିରେ ଦୀପିକା ଓ ଶାହାରୁଖଙ୍କ କେମେଷ୍ଟ୍ରିକୁ କିଛି ଲୋକ ପସନ୍ଦ କରୁଥିବା ବେଳେ ଆଉ କିଛିଲୋକ ଏହାକୁ ନେଇ ପ୍ରତିବାଦ କରିଛନ୍ତି। ମଧ୍ୟପ୍ରଦେଶ ମନ୍ତ୍ରୀ ଚେତାବନୀ ଦେଇଛନ୍ତି କି, ସିନେମାରେ ଦୀପିକାଙ୍କ ପୋଷାକ ଓ କିଛି ଦୃଶ୍ୟକୁ ଯଦି ପରିବର୍ତ୍ତନ କରା ନଗଲା ତେବେ ରାଜ୍ୟରେ ସିନେମା ରିଲିଜ ହୋଇପାରିବ ନାହିଁ। ସେହିପରି ହିନ୍ଦୁ ମହାସଭାର ରାଷ୍ଟ୍ରୀୟ ଅଧ୍ୟକ୍ଷ ସ୍ୱାମୀ ଚକ୍ରପାଣି ମହାରାଜ ବି ଏନେଇ ଆପତ୍ତି କରିଛନ୍ତି। 'ପଠାନ' ସିନେମାରେ ଦୀପିକା ଯେଉଁଭଳି ଭାବେ ଗୋରୁଆ ରଙ୍ଗର ବିକିନି ପିନ୍ଧିଛନ୍ତି ତାହା ହିନ୍ଦୁସ୍ତାନ ସହ୍ୟ କରିବ ନାହିଁ।

# ଶିକ୍ଷା ଅନ୍ତହୀନ

## ପଢ଼ା ଛାଡ଼ିବାର ୭ ଦଶନ୍ଧି ପରେ ଗ୍ରାଜୁଏଟ୍

ୱାଶିଂଟନ୍

ନାମ ଜୟସେ ଡିଫଉ, ବୟସ ୯୦ ବର୍ଷ। ୯ ସନ୍ତାନ ସନ୍ତତିଙ୍କ ଜନନୀ, ୧୯ ଜଣଙ୍କ ଆଈ ଓ ୨୪ ଜଣଙ୍କ ଅଣଆଈ। ଆମେରିକାର ଏହି ବୃଦ୍ଧା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି ତାଙ୍କ ପାଠପଢ଼ାକୁ ନେଇ। ୧୯୫୧ ମସିହାରେ ଆମେରିକାର ନର୍ଦନ ଇଲିୟନ୍ସ ୟୁନିଭର୍ସିଟିରେ ପାଠପଢ଼ା ଆରମ୍ଭ କରିଥିଲେ। ସାଢ଼େ ୩ ବର୍ଷର ଅଧ୍ୟୟନ ବେଳେ ସେ ନିକଟସ୍ଥ ଏକ ଚର୍ଚ୍ଚରେ ଡନ୍ ଫ୍ରିମ୍ୟାନ୍‌ଙ୍କୁ ଭେଟିଥିଲେ। ଦୁହିଁଙ୍କ ମଧ୍ୟରେ ବନ୍ଧୁତା ଶେଷରେ ପ୍ରେମର ରୂପ ନେଇଥିଲା। ୧୯୫୫ରେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ପରବର୍ତ୍ତୀ ସମୟରେ ଫ୍ରିମ୍ୟାନ୍‌ଙ୍କ ମୃତ୍ୟୁ ଘଟିଥିଲା। ଜୟସେ ପରେ ରୟ ଡିଫଉଙ୍କ୍‌ଙ୍କୁ ବିବାହ କରିଥିଲେ। ଦ୍ୱିତୀୟ ସ୍ୱାମୀଙ୍କ ସହ ସମ୍ପର୍କରୁ ତାଙ୍କର ୬ ପିଲା ଜନ୍ମ ହୋଇଥିଲେ। ପିଲାଙ୍କ ଲାଳନପାଳନ ଓ ଘର କଥା ବୁଝାବୁଝି ଭିତରେ ସେ ଆଉ ପାଠ ପଢ଼ିବାକୁ ସମୟ ପାଇ ନ ଥିଲେ। ଅଧୁରା ପାଠ ସମ୍ପୂର୍ଣ୍ଣ କରିବା ପାଇଁ ପରିବାର ଲୋକେ ବୁଝାଇବା ପରେ ୨୦୧୯ରେ ସେ ପୁଣି ପଢ଼ିବାକୁ ଆଗ୍ରହ ପ୍ରକାଶ କଲେ। ସାଇତି ରଖିଥିବା ପୁରୁଣା ଷ୍ଟୁଡେଣ୍ଟ ଆଇଡି କାର୍ଡ ଧରି ସେ ପୁନର୍ବାର ନର୍ଦନ ଇଲିୟନ୍ସ ୟୁନିଭର୍ସିଟିକୁ ଗଲେ। ଅନ୍‌ଲାଇନ୍‌ରେ ପାଠପଢ଼ା ଶେଷ କରି ଏବେ ସେ ଜେନେରାଲ୍ ଷ୍ଟଡିଜ୍‌ରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଜୟସେ କହିଛନ୍ତି, ତୁମେ ନିଜ ଭିତରେ ଯେଉଁଟା ଦେଖିପାର ନାହିଁ ଲୋକେ ତାକୁ ଦେଖିଥାନ୍ତି। ଏହି ଲୋକମାନେ ମୋତେ ଭରସା କରିଥିଲେ। ଏମାନଙ୍କୁ ମୁଁ କେବଳ ଧନ୍ୟବାଦ ଦେଇପାରିବି। ସେହି ବିଶ୍ୱ ବିଦ୍ୟାଳୟରେ ପାଠ ପଢ଼ିଥିବା ଜୟସେଙ୍କ ଜଣେ ନାତୁଣୀ କହିଛନ୍ତି, ଆଈ ଯେତେବେଳେ ଶିକ୍ଷା ସମ୍ପୂର୍ଣ୍ଣ କରିବା କଥା ପ୍ରକାଶ କରିଥିଲେ, ସେତେବେଳେ ପରିବାରର ସମସ୍ତେ 'କାହିଁକି' ବୋଲି ପ୍ରଶ୍ନ କରିବା ପରିବର୍ତ୍ତେ 'କାହିଁକି ନୁହେଁ' କହିଥିଲେ। ଶିକ୍ଷାର କେବେ ଶେଷ ନ ଥାଏ।



# ୩୦୦ କୋଟିର ବ୍ୟବସାୟ କଲା 'ଦୃଶ୍ୟମ୍ ୨'

'ମୁମ୍ବାଇ

ଅଜୟ ଦେବଗନ ଓ ତବୁଙ୍କ ଦ୍ୱାରା ଅଭିନୀତ 'ଦୃଶ୍ୟମ ୨' ବିଶ୍ୱବ୍ୟାପୀ ୩୦୦ କୋଟି ଟଙ୍କାର ବ୍ୟବସାୟ କରିଛି। ତେବେ ବଲିଉଡ୍‌ର ଚଳିତ ବର୍ଷର ହିଟ୍ ଫିଲ୍ମ ତାଲିକାରେ ଏହି ଚଳଚ୍ଚିତ୍ର ସାମିଲ ହୋଇଛି। ୨୦୧୫ରେ ରିଲିଜ ହୋଇଥିବା ଦୃଶ୍ୟମ୍ ସିକ୍ୱେଲ୍ ହେଉଛି ଦୃଶ୍ୟମ୍୨। ତେବେ ସୁପରହିଟ୍ ଫିଲ୍ମ ସୂଚୀରେ ଏହା ତୃତୀୟ ସ୍ଥାନ ଅଧିକାର କରିଛି। ପ୍ରଥମରେ ବ୍ରହ୍ମାସ୍ତ୍ର ଥିବାବେଳେ ଦ୍ୱିତୀୟରେ ରହିଛି ଦ କଶ୍ମୀର ଫାଇଲ୍ସ। ଫିଲ୍ମରେ ସାଉଥ୍ ଫିଲ୍ମ ଅଭିନେତ୍ରୀ ଶୀୟା ଶରନ, ଅକ୍ଷୟ ଖନ୍ନା, ଇଶିତା ଦତ୍ତା ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ଅଭିଶେଷ ପାଠକ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଥିବାବେଳେ ନଭେମ୍ବର ୧୮ରେ ଏହା ମୁକ୍ତିଲାଭ କରିଥିଲା।




# ମଙ୍ଗଳରେ ଧୂଳିଝଡ଼ ଶବ୍ଦ



## ରେକର୍ଡ କଲା ନାସାର ପର୍ସିଭରାନ୍ସ ରୋଭର୍

ପ୍ୟାରିସ

ମଙ୍ଗଳ ଗ୍ରହରେ ପ୍ରଥମ ଥର ପାଇଁ ଏକ ଧୂଳିଝଡ଼ର ଶବ୍ଦ ରେକର୍ଡ କରାଯାଇଛି। ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ପଠାଯାଇଥିବା ପର୍ସେଭେରେନ୍ସ ରୋଭର୍‌ର ଉପର ଭାଗ ଦେଇ ଧୂଳିଝଡ଼ ଅତିକ୍ରମ କରୁଥିବାବେଳେ ତହିଁରୁ ସୃଷ୍ଟ ଶବ୍ଦକୁ ମାଇକ୍ରୋ ଫୋନ୍ କଏଦ କରିଥିଲା। ଲାଲ୍ ଗ୍ରହରେ ପାଣିପାଗ ଓ ଜଳବାୟୁ ସମ୍ପର୍କରେ ଅଧିକ ତଥ୍ୟ ହାସଲ ଦିଗରେ ଏହି ରେକର୍ଡିଂ ବିଶେଷ ସହାୟକ ହେବ। ମଙ୍ଗଳ ପୃଷ୍ଠରେ ଏକଦା ଜୀବସତ୍ତା ଥିବାନେଇ ଧାରଣାକୁ ଏହା ବଳ ଦେବ ବୋଲି ଗବେଷଣାର ନେତୃତ୍ୱ ନେଇଥିବ ନାଓମି ମୁରଡୋଚ୍ କହିଛନ୍ତି। ପୃଷ୍ଠ ଓ ବାୟୁ ତାପମାତ୍ରା ମଧ୍ୟରେ ବଡ଼ ବ୍ୟବଧାନ ସୃଷ୍ଟି ହେଲେ ଏଭଳି ଧୂଳିପୂର୍ଣ୍ଣ ଝଡ଼ ଦେଖାଦିଏ। ୨୦୨୧ ଫେବୃୟାରୀରୁ ପର୍ସେଭେରେନ୍ସ ରୋଭର୍ କାର୍ଯ୍ୟକ୍ଷମ ଥିବା ସତ୍ତ୍ୱେ କେବେ କୌଣସି ଶବ୍ଦ ରେକର୍ଡ କରିପାରି ନ ଥିଲା। ୨୦୨୧ ସେପ୍ଟେମ୍ବର ୨୭ରେ ଆକସ୍ମିକ ଭାବେ ୧୧୮ ମିଟର ଉଚ୍ଚତା ବିଶିଷ୍ଟ ଏକ ଧୂଳିଝଡ଼ ଏହା ଉପର ଦେଇ ଗତି କରିଥିଲା। ଏଥର ରୋଭର୍‌ର ସୁପରକ୍ୟାମ୍ ଧୂଳି ଝଡ଼ର 'ଟକ୍ ଟକ୍ ଟକ୍' ଶବ୍ଦକୁ ସାଉଁଟି ସାଇତି ରଖିଛି। ଧୂଳି ଝଡ଼ର ଢାଞ୍ଚା ଓ ବ୍ୟବହାର ସମ୍ପର୍କରେ ଅଧ୍ୟୟନ ପାଇଁ ଆବଶ୍ୟକ କଣିକାର ସଂଖ୍ୟା ଗଣନାରେ ଗବେଷକମାନଙ୍କ କାମରେ ଏହା ଆସିବ।



ଫ୍ରାନ୍ସର ଜାତୀୟ ପତାକା ଚିତ୍ରିତ ଏକ ହାତୀ ଥାଇଲାଣ୍ଡର ଅୟୁଥୟ ପ୍ରଦେଶରେ ପିଲାଙ୍କ ସହ ଫୁଟ୍‌ବଲ ଖେଳୁଛି।

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ପାହଲ ସେବା ସମବାୟ ସମିତିର ସମସ୍ତ ଚାଷୀଭାଇ, ସମସ୍ତ ପରିଚାଳନା ନିର୍ଦ୍ଦେଶକ ଓ ଜମାକାରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରଶାନ୍ତ କୁମାର ଦାସ (ଡଲିଆ)
ସଭାପତି, ପାହଲ ସେବା ସମବାୟ ସମିତି

ଅଭିନନ୍ଦନ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଧରିତ୍ରୀ ପରିବାର ଓ ପାଠିକା ପାଠକଙ୍କୁ ଶୁଭେଚ୍ଛା । ବାଲିଅନ୍ତା ଓ ଏହାର ଆଖପାଖ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନପ୍ରେମୀ, ଅଭିଭାବକ, ଶିକ୍ଷାବିତ୍ ଓ ଛାତ୍ରୀଛାତ୍ରମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛି ।
ବିଜୟ କୁମାର ବିଶ୍ୱାଳ
ଅଧ୍ୟକ୍ଷ, ଜବାହର ନେହରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା

ଅଭିନନ୍ଦନ

ଓଡ଼ିଶାର ଦୈନିକ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ ବାଲିଅନ୍ତା ବ୍ଲକ ଅଧୀନ ଜଗନ୍ନାଥପୁର, ବାଲିଅନ୍ତା, ବେଣୁପୁର ଓ ବଇଚୁଆଁ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି ।
ସଞ୍ଜୀୟ କୁମାର ପରିଡା
ବାଲିଅନ୍ତା ମଣ୍ଡଳ ସଭାପତି,ଭାରତୀୟ ଜନତା ପାର୍ଟି (ବିଜେପି)

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ବାଲିଅନ୍ତା ବ୍ଲକ ଅଧୀନ ବେଣୁପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସୁସ୍ଥ, ନୀରୋଗ ଓ ନିରାମୟ ଜୀବନ କାମନା କରୁଛି । ଆପଣମାନଙ୍କ ସେବା କରିବାରେ ମୋତେ ସୁଯୋଗ ଦେଇଥିବାରୁ ମୁଁ ପଞ୍ଚାୟତବାସୀଙ୍କ ନିକଟରେ କୃତଜ୍ଞ ।

ହୃଷୀକେଶ ପାତ୍ର (ଅନି) — ସରପଞ୍ଚ, ବେଣୁପୁର
ରଶ୍ମିତା ପାତ୍ର — ପ୍ରାକ୍ତନ ସରପଞ୍ଚ, ବେଣୁପୁର

ଅଭିନନ୍ଦନ
ଦୈନିକ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭ ଅଭିନନ୍ଦନ।
ଟ୍ରକ ମାଲିକ ସଂଘ, ସୋର
ସ୍ମୃତିରଞ୍ଜନ ମହାନ୍ତି — ସଭାପତି
ଶ୍ରୀଧର ଦେ — ସମ୍ପାଦକ
ରମାନାଥ ବେହେରା — ମୁଖ୍ୟ ଉପଦେଷ୍ଟା
ଦୟାନିଧି ଜେନା — ଉପସଭାପତି
ଲୋକନାଥ ରାଉତ — ସହସମ୍ପାଦକ
ରାଜେଶ ମହାପାତ୍ର — ଯୁଗ୍ମ ସମ୍ପାଦକ
ଅମର କୁମାର ଜେନା — କୋଷାଧ୍ୟକ୍ଷ
ବସନ୍ତ କୁମାର ନାୟକ — ସହକୋଷାଧ୍ୟକ୍ଷ

With Best Compliments From:
ମୋ-9090095697
ସୁବ୍ରତ ଜୁଏଲାରୀ
ବାଲିଅନ୍ତା ବଜାର,ଭୁବନେଶ୍ୱର
ଅତ୍ୟାଧୁନିକ ଡିଜାଇନର 916 BIS-ହଲ୍ ମାର୍କ ସୁନା ଓ ରୁପାର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ ।



RAY FUEL POINT
ବେଣୁପୁର, ବାଲିଅନ୍ତା, ଖୋର୍ଦ୍ଧା
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ରାୟ ଫୁଏଲ୍ ପଏଣ୍ଟ ପକ୍ଷରୁ ଅଶେଷ ଅଶେଷ ଶୁଭକାମନା ଓ ଶୁଭେଚ୍ଛା । ନୂତନ ବର୍ଷ ୨୦୨୩ର ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ଏଠାରେ Online Pollution Testing କରାଯାଏ ।


ଦୈନିକ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ।

MODERN HOTEL
NH-16, Dahisada, Soro, Balasore, Odisha
Phone-06788-222005, 9124073379

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୫/୨୦୨୨ Bhubaneswar, Thursday, December 15/ 2022

# ଫାଇନାଲରେ ଆର୍ଜେଣ୍ଟିନା

**ଫିଫା ବିଶ୍ୱକପ୍**

ଦୋହା, ୧୪।୧୨

ଦୁଇଥର ଚାମ୍ପିୟନ ଆର୍ଜେଣ୍ଟିନା ଚଳିତ ଫିଫା ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଲୁସେଲ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଲିଓନେଲ ମେସିଙ୍କ ଦଳ ୩-୦ ଗୋଲରେ କ୍ରୋଏସିଆକୁ ପରାସ୍ତ କରିଛି। ଫଳରେ ଗତ ସଂସ୍କରଣର ରନରଅପ୍ କ୍ରୋଏସିଆର ଟାଇଟଲ ଜିତିବା ଆଶା ଏଥର ମଧ୍ୟ ଅଧୁରା ରହି ଯାଇଛି। ଆର୍ଜେଣ୍ଟିନା ପକ୍ଷରୁ ମେସି ପେନାଲ୍ଟିରୁ ଏକ ଗୋଲ ଦେଇଥିବାବେଳେ ଅନ୍ୟ ୨ଟି ଗୋଲ ଦେଇଥିଲେ ଯୁବ ଷ୍ଟ୍ରାଇକର ଜୁଲିଆନ ଆଲ୍‌ଭାରେଜ। ୨୦୧୪ ପରେ ଆର୍ଜେଣ୍ଟିନା ପ୍ରଥମଥରପାଇଁ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି। ୧୯୭୮ ଓ ୧୯୮୬ରେ ଚାମ୍ପିୟନ ଆର୍ଜେଣ୍ଟିନା ୧୯୩୦, ୧୯୯୦ ଓ ୨୦୧୪ରେ ରନରଅପ୍ ହୋଇଥିଲା। ୨୦୧୮ରେ ଦଳ ରାଉଣ୍ଡ ଅଫ୍ ୧୬ରୁ ବିଦାୟ ନେଇଥିଲା। ଏଥର ଫାଇନାଲରେ ପ୍ରବେଶ କରି ଦଳ ତୃତୀୟ ଥରପାଇଁ ବିଶ୍ୱକପ ଜିତିବା ଆଶା ଉଜ୍ଜୀବିତ ରଖିଛି। ମେସି ମଧ୍ୟ କ୍ୟାରିୟର ସାୟାହ୍ନରେ ବିଶ୍ୱକପ ଟାଇଟଲ ଜିତିବାର ନିକଟତର ହୋଇଛନ୍ତି। ଅନ୍ୟପକ୍ଷରେ ଗତ ସଂସ୍କରଣ (୨୦୧୮)ରେ କ୍ରୋଏସିଆ ରନରଅପ୍ ହୋଇ ବିଶ୍ୱକପରେ ଶ୍ରେଷ୍ଠ ସଫଳତା ପାଇଥିଲା। ୧୯୯୮ରେ ଦଳ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ୨୦୦୨, ୨୦୦୬ ଓ ୨୦୧୪ରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା।

ମ୍ୟାଚର ୩୨ତମ ମିନିଟରେ ବକ୍ସ ଅଞ୍ଚଳ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ସମୟରେ ଆର୍ଜେଣ୍ଟିନାର ଆଲ୍‌ଭାରେଜଙ୍କୁ ଟାଣି ତଳେ ପକାଇ ଦେଇଥିଲେ କ୍ରୋଏସିଆ ଗୋଲକିପର ଡୋମିନିକ୍ ଲିଭାକୋଭିକ୍। ଫଳରେ ରେଫରି ଲିଭାକୋଭିକ୍‌ଙ୍କୁ ୟେଲୋ କାର୍ଡ ଦେଖାଇଥିଲେ ଏବଂ ଆର୍ଜେଣ୍ଟିନାକୁ ବହୁ ଗୁରୁତ୍ୱପୂର୍ଣ୍ଣ ପେନାଲ୍ଟି ସୁଯୋଗ ଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ କ୍ରୋଏସିଆ ଖେଳାଳି ମାଟେଓ କୋଭାକିକ୍ ଅଣ ଖେଳୁଆଡ଼ ମନୋଭାବ ଦେଖାଇଥିଲେ। ଫଳରେ ରେଫରି ତାଙ୍କୁ ମଧ୍ୟ ୟେଲୋକାର୍ଡ ଦେଖାଇଥିଲେ। ୩୪ତମ ମିନିଟରେ ପେନାଲ୍ଟି ଶଟ୍ ମାରିଥିଲେ ଅଧିନାୟକ ଲିଓନେଲ ମେସି। ସେ ପ୍ରତିପକ୍ଷ ଗୋଲକିପରଙ୍କୁ ଚକ୍‌ମା ଦେଇ ରାଇଟ୍ କର୍ନରରେ ଗୋଲ ସ୍କୋର କରିବା ସହ ଆର୍ଜେଣ୍ଟିନାକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଶୁଟ୍‌ଆଉଟକୁ ଛାଡ଼ିଦେଲେ ଏଥିସହ ସେ ୧୯୬୬ରେ ପର୍ତ୍ତୁଗାଲର ୟୁସେବିଓ ଏବଂ ୧୯୭୮ରେ ନେଦରଲାଣ୍ଡର ରବ୍ ରେନସେନବ୍ରିଙ୍କ ସମକକ୍ଷ ମେସି ୨୦୨୨ ବିଶ୍ୱକପରେ ପେନାଲ୍ଟିରୁ ୪ଟି ଗୋଲ ଦେବାର ରେକର୍ଡ କଲେ। ଏହାଥିଲା ବିଶ୍ୱକପରେ ମେସିଙ୍କର ୧୧ତମ ଗୋଲ। ଯାହାକି କୌଣସି ଆର୍ଜେଣ୍ଟିନା ଖେଳାଳିଙ୍କ ପକ୍ଷରେ ସର୍ବାଧିକ। ମେସି ଗୋଲ ଦେବାର ୫ ମିନିଟ ପରେ ଅର୍ଥାତ୍ ୩୯ତମ ମିନିଟରେ ଜୁଲିଆନ ଆଲ୍‌ଭାରେଜ ଏକ ଗୋଲ ଦେଇ ଆର୍ଜେଣ୍ଟିନା ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ମିଡ୍‌ଫିଲ୍ଡରୁ ମେସିଙ୍କଠାରୁ ବଲ୍ ପାଇ ଏହି ଯୁବ ଷ୍ଟ୍ରାଇକର କ୍ରୋଏସିଆର ରକ୍ଷଣଭାଗକୁ ଭେଦକରିବା ସହ ଗୋଲକିପରଙ୍କୁ ଚତୁରତାର ସହ ଅତିକ୍ରମ କରି ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ପ୍ରଥମାର୍ଦ୍ଧରେ କ୍ରୋଏସିଆ ୬୨ ପ୍ରତିଶତ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲେ ହେଁ ଗୋଟିଏ ହେଲେ ଶଟ୍ ଟାର୍ଗେଟ କରିପାରି ନ ଥିଲା। ଅନ୍ୟପକ୍ଷରେ ଆଲଭାରେଜଙ୍କର ଚଳିତ ବିଶ୍ୱକପରେ ଏହା ତୃତୀୟ ଗୋଲ ଥିଲା। ୨୨ କିମ୍ବା ତା'ଠାରୁ କମ୍ ବୟସର ଖେଳାଳିଭାବେ କେବଳ ଗୋଞ୍ଜାଲୋ ହିଗୁଏନ ୨୦୧୦ ବିଶ୍ୱକପରେ ୪ଟି ଗୋଲ ଦେବାରେ ସକ୍ଷମ ହୋଇଥିଲେ। ମ୍ୟାଚର ୬୯ତମ ମିନିଟରେ ଆର୍ଜେଣ୍ଟିନା ୩ୟ ଗୋଲଟି ସ୍କୋର କରିଥିଲା। ମେସି ଏକାକୀ କ୍ରୋଏସିଆ ଖେଳାଳିଙ୍କୁ ଅତିକ୍ରମ କରି ବଲ୍‌କୁ ଗୋଲପୋଷ୍ଟର ନିକଟରେ ପହଞ୍ଚାଇବାପରେ ଜୁଲିଆନ ଆଲଭାରେଜଙ୍କ ନିକଟକୁ ପାସ୍ ଦେଇଥିଲେ। ଆଲଭାରେଜ କୌଣସି ଭୁଲ ନ କରି ତତ୍‌କ୍ଷଣାତ ବଲ୍‌କୁ କ୍ରୋଏସିଆ ଗୋଲପୋଷ୍ଟକୁ ବଲ୍ ପଠାଇ ଦେଇଥିଲେ। ଏହାକୁ ମିଶାଇ ମେସି ୧୯୬୬ପରେ ପ୍ରଥମ ଖେଳାଳିଭାବେ ଗୋଟିଏ ବିଶ୍ୱକପର ୩ଟି ଭିନ୍ନ ମ୍ୟାଚରେ ଗୋଲ ଦେବାସହ ଗୋଲ ଦେବାରେ ସହାୟକ ମଧ୍ୟ ହେଲେ।

ଲିଓନେଲ ମେସି ଏଠାରେ କ୍ୟାରିୟରର ୨୫ତମ ବିଶ୍ୱକପ ମ୍ୟାଚ ଖେଳିଥିଲେ। ଏ କ୍ଷେତ୍ରରେ ସେ ବିଶ୍ୱକପରେ ସର୍ବାଧିକ ମ୍ୟାଚ ଖେଳିବାରେ ଜର୍ମାନୀର ଲୋଥାର ମାଥ୍ୟୁସଙ୍କ ରେକର୍ଡର ସମକକ୍ଷ ହୋଇଥିଲେ। ଆର୍ଜେଣ୍ଟିନା ପକ୍ଷରୁ ୫୦ତମ ମ୍ୟାଚ ଖେଳିଥିଲେ ରୋଡ୍ରିଗୋ ଡି ପଲ୍ ଓ ଲିଆଣ୍ଡ୍ରୋ ପରେଡେସ। କୋଚ୍ ଜ୍ଲାଟ୍‌କୋ କ୍ରୋଏସିଆକୁ ୪-୩-୩ ଓ ଲିଓନେଲ ସ୍କାଲୋନି ଆର୍ଜେଣ୍ଟିନାକୁ ୪-୪-୨ ଲାଇନ୍‌ଅପ୍‌ରେ ଖେଳାଇଥିଲେ।



ଓଡ଼ିଶା ଓମେନ୍ସ ଲିଗ୍‌ରେ ବୁଧବାର କ୍ୟାପିଟାଲ ଗ୍ରାଉଣ୍ଡରେ ମ୍ୟାଚ ପୂର୍ବରୁ ଇଷ୍ଟକୋଷ୍ଟ ରେଲୱେ ଓ ଓଡ଼ିଶା ପୋଲିସ ଦଳର ଖେଳାଳିମାନେ ରେଫରିଙ୍କ ସହ।

## ଭାରତ, ଦକ୍ଷିଣ ଆଫ୍ରିକା ଗୋଟିଏ ଗ୍ରୁପ୍‌ରେ

**ବେନୋନି, ୧୪।୧୨ (ପି.ଟି.):** ଆସନ୍ତା ଜାନୁୟାରୀ ୧୪ରୁ ୨୯ ପର୍ଯ୍ୟନ୍ତ ୧୯ ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଖେଳାଯିବ। ଏଥିରେ ଦକ୍ଷିଣ ଆଫ୍ରିକା, ସ୍କଟଲାଣ୍ଡ ଓ ୟୁଏଇ ସହ ଭାରତ ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ଟୁର୍ନାମେଣ୍ଟରେ ୧୧ ପୂର୍ଣ୍ଣ ସଦସ୍ୟ ଦେଶ ଖେଳିବା ନିଶ୍ଚିତ। ଏଥିସହିତ ସ୍କଟଲାଣ୍ଡ, ୟୁଏଇ, ୟୁଏସଏ ଏବଂ ବିଶ୍ୱକପ୍ ପଦାର୍ପଣକାରୀ ଇଣ୍ଡୋନେସିଆ ଓ ର୍ୱାଣ୍ଡା ଅଂଶଗ୍ରହଣ କରିବେ। ବିନୋନି ଓ ପେଚେଫ୍‌ଷ୍ଟ୍ରୁମ୍‌ସ୍ଥିତ ୪ଟି ଭେନ୍ୟୁରେ ୪୧ଟି ମ୍ୟାଚ ଖେଳାଯିବ। ଶକ୍ତିଶାଳୀ ଅଷ୍ଟ୍ରେଲିଆ, ବାଂଲାଦେଶ, ଶ୍ରୀଲଙ୍କା ଓ ୟୁଏସ୍‌ଏ ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ ବି'ରେ ଇଂଲଣ୍ଡ, ପାକିସ୍ତାନ, ର୍ୱାଣ୍ଡା ଓ ଜିମ୍ବାୱେ ରହିଛନ୍ତି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ, ଇଣ୍ଡୋନେସିଆ ଓ ୱେଷ୍ଟଇଣ୍ଡିଜଙ୍କୁ ଗ୍ରୁପ୍ ସି'ରେ ସ୍ଥାନ ମିଳିଛି।

# ସମ୍ବିତଙ୍କୁ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ

ଭୁବନେଶ୍ୱର, ୧୪।୧୨ (କ୍ରୀଡ଼ା ପ୍ରତିନିଧି)





ବର୍ଷ ଶେଷରେ ଓଡ଼ିଶା ଚେସ୍ ପାଇଁ ଆସିଛି ଏକ ଖୁସି ଖବର। ରାଜ୍ୟର ପ୍ରତିଭାସମ୍ପନ୍ନ ଚେସ୍ ଖେଳାଳି ସମ୍ବିତ ପଣ୍ଡା ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଟାଇଟଲ ହାସଲ କରିଛନ୍ତି। ଅନ୍ତର୍ଜାତୀୟ ଚେସ୍ ମହାସଙ୍ଘ (ଫିଡେ) ପକ୍ଷରୁ ସମ୍ବିତଙ୍କୁ ଆଇଏମ୍ ଟାଇଟଲ ପ୍ରଦାନ କରାଯାଇଛି। ୧୮ ବର୍ଷୀୟ ସମ୍ବିତ ନିକଟରେ ଦିଲ୍ଲୀରେ ଆୟୋଜିତ ଏସିଆନ୍ କଣ୍ଟିନେଣ୍ଟାଲ ଚେସ୍ ଚାମ୍ପିୟନଶିପ୍‌ରେ ତୃତୀୟ ତଥା ଅନ୍ତିମ ଆଇଏମ୍ ନର୍ମ ପାଇଛନ୍ତି। ସେହିପରି ଟୁରିନଠାରେ ଅନୁଷ୍ଠିତ ଟୋରିନୋ ଅନ୍ତର୍ଜାତୀୟ ଓପନ୍ ଚେସ୍ ଚାମ୍ପିୟନଶିପ୍‌ରେ ସେ ଟାଇଟଲ ହାସଲ ପାଇଁ ଆବଶ୍ୟକ ଅନ୍ତର୍ଜାତୀୟ ରେଟିଂ ଅତିକ୍ରମ କରିଛନ୍ତି। ଚଳିତ ବର୍ଷ କାନପୁରଠାରେ ଆୟୋଜିତ ଜାତୀୟ ସିନିୟର ଚେସ୍ ପ୍ରତିଯୋଗିତାରେ ସେ ପ୍ରଥମ ଏବଂ ଗତ ସେପ୍ଟେମ୍ବରରେ ଦୁବାଇଠାରେ ଆୟୋଜିତ ଦୁବାଇ ଓପନ୍ ଚେସ୍‌ରେ ଦ୍ୱିତୀୟ ଆଇଏମ୍ ନର୍ମ ହାସଲ କରିଥିଲେ। ସମ୍ବିତଙ୍କୁ ମିଶାଇ ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲଧାରୀଙ୍କ ସଂଖ୍ୟା ୭ରେ ପହଞ୍ଚିଛି। ପୂର୍ବରୁ ଶେଖର ସାହୁ, ସ୍ୱୟଂଶୁ ସତ୍ୟପ୍ରଜ୍ଞ, ଅନ୍ୱେଷ ଉପାଧ୍ୟାୟ, ସିଦ୍ଧାନ୍ତ ମହାପାତ୍ର, ରାକେଶ ଜେନା, ପଦ୍ମିନୀ ରାଉତ ଏହି କ୍ଲବର ସଦସ୍ୟ ଅଛନ୍ତି। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ମାଷ୍ଟର ଦେବାଶିଷ ଦାସ ଓ ସ୍ୱୟମ୍ଭ ମିଶ୍ର ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଥିବାବେଳେ କିରଣ ମନୀଷା ମହାନ୍ତି ମହିଳା ଗ୍ରାଣ୍ଡମାଷ୍ଟର ଓ ସାଇନା ସାଲୋନିକା ମହିଳା ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲଧାରୀ ଅଛନ୍ତି। ସମ୍ବିତ ସ୍ଥାନୀୟ ୟୁନିଟ୍-୮ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ର। ୧୨ ବର୍ଷ ପୂର୍ବେ ସେ ତାଙ୍କର ପ୍ରଥମ ପ୍ରଶିକ୍ଷକ ରାଜ ସନ୍ତୋଷ ପଣ୍ଡାଙ୍କଠାରୁ କୋଚିଂ ନେଇ ଚେସ୍ କ୍ୟାରିୟର ଆରମ୍ଭ କରିଥିଲେ। ଆଇଏମ୍ ଟାଇଟଲ ହାସଲ କରିଥିବାରୁ ସେ ତାଙ୍କ ମା', ବାପା, ବର୍ତ୍ତମାନର ପ୍ରଶିକ୍ଷକ ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରଜ୍ଞ ଏବଂ ଏସ୍. କିଡାମ୍ବିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ମାଷ୍ଟର ତଥା ବର୍ତ୍ତମାନର କୋଚ୍ ସ୍ୱୟଂଶୁ ଏହି ଟାଇଟଲ ପାଇଁ ସମ୍ବିତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ସହଯୋଗ ଯୋଗୁ ସେ କମ୍ ବୟସରେ ଏହି ଟାଇଟଲ ହାସଲ କରିବାରେ ସକ୍ଷମ ହୋଇ ପାରିଛନ୍ତି। ଭବିଷ୍ୟତରେ ଗ୍ରାଣ୍ଡ୍ ମାଷ୍ଟର ଟାଇଟଲ ହାସଲ ଲକ୍ଷ୍ୟ ରହିଛି ବୋଲି ସମ୍ବିତ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଜି. ସି. ମହାପାତ୍ର, ସମ୍ପାଦକ ଦେବବ୍ରତ ଭଟ୍ଟ, ସର୍ବଭାରତୀୟ ଚେସ୍ ମହାସଙ୍ଘର ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ଏସ୍.ଆର. ଚେସ୍ ସେଣ୍ଟରର ସମ୍ପାଦକ ତଥା ପ୍ରତିଷ୍ଠିତ ପ୍ରଶିକ୍ଷକ ସତ୍ୟରଞ୍ଜନ ପଟ୍ଟନାୟକ ମଧ୍ୟ ସମ୍ବିତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଆଣ୍ଡ୍ର୍ୟୁ ଫ୍ଲିଣ୍ଟପ୍ ଗୁରୁତର

**ବିବିସି ଟିଭି ଶୋ' ପାଇଁ ଶୁଟିଂ ବେଳେ କାର୍ ଦୁର୍ଘଟଣା**

**ଲଣ୍ଡନ, ୧୪।୧୨ (ପି.ଟି.):** ବିବିସି (ବ୍ରିଟିଶ ବ୍ରଡ୍‌କାଷ୍ଟିଂ କର୍ପୋରେଶନ)ର ଟିଭି ଶୋ' ପାଇଁ ଏକ ଏପିସୋଡ୍‌ର ଶୁଟିଂ ବେଳେ ଇଂଲଣ୍ଡର ପୂର୍ବତନ କ୍ରିକେଟ ଅଧିନାୟକ ଆଣ୍ଡ୍ର୍ୟୁ ଫ୍ଲିଣ୍ଟପ୍ ଏକ ଭୟଙ୍କର କାର୍ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ବିମାନ ଯୋଗେ ଏକ ହସ୍ପିଟାଲକୁ ନିଆଯାଇଛି। ମଙ୍ଗଳବାର ସରେସ୍ଥିତ ଡନ୍ସଫୋଲ୍ଡ ପାର୍କ ଏରୋଡ୍ରମ୍ ବରଫ ଅଞ୍ଚଳରେ 'ଟପ୍ ଗିୟର' ପାଇଁ ଏହି ୪୫ ବର୍ଷୀୟ ପୂର୍ବତନ କ୍ରିକେଟରଙ୍କ ଏକ ଶୁଟିଂ ଚାଲିଥିବା ବେଳେ ଦୁର୍ଘଟଣା ଘଟିଥିଲା। ଏକ ଡାକ୍ତରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଧିକ ଚିକିତ୍ସା ପାଇଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଗୁରୁତର ଆହତ ସତ୍ତ୍ୱେ ଫ୍ଲିଣ୍ଟଫଙ୍କ ଜୀବନପ୍ରତି ବିପଦ ନାହିଁ। ଟ୍ରାକ୍‌ରେ ତାଙ୍କ ଡ୍ରାଇଭିଂ ସ୍ୱାଭାବିକ ଥିଲା। ସେ ଦ୍ରୁତ ବେଗରେ ଗାଡ଼ି ଚାଳନା କରୁ ନ ଥିଲେ। ଶୁଟିଂ ବେଳେ ସମସ୍ତ ସାଧାରଣ ସ୍ୱାସ୍ଥ୍ୟ ଓ ନିରାପତ୍ତା ବ୍ୟବସ୍ଥା ରହିଥିଲା। ଫ୍ଲିଣ୍ଟପ୍‌ଙ୍କୁ ପ୍ରାଥମିକ ଚିକିତ୍ସା ପରେ ଏୟାର ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇଥିଲା। ଦୁର୍ଘଟଣା ପରେ 'ଟପ୍ ଗିୟର'ର ଶୁଟିଂ କାର୍ଯ୍ୟକୁ ବର୍ତ୍ତମାନ ପାଇଁ ବନ୍ଦ ରଖାଯାଇଛି। 'ଟପ୍ ଗିୟର' ଟେଷ୍ଟ ଟ୍ରାକ୍‌ରେ ଫ୍ଲିଣ୍ଟପଙ୍କ ସାଥୀ ଭିନେତା କ୍ରିସ୍ ହାରିସ ମଧ୍ୟ ଉପସ୍ଥିତ ଥିଲେ। ୩ ବର୍ଷ ପୂର୍ବେ 'ଟପ୍ ଗିୟର'ର ଅନ୍ୟ ଏକ ଏପିସୋଡ୍‌ର ଶୁଟିଂ ଚାଲିଥିବା ବେଳେ ଘଣ୍ଟା ପ୍ରତି ୧୨୫ ମାଇଲ ବେଗରେ ଗାଡି ଚଳାଉଥିବା ବେଳେ ଫ୍ଲିଣ୍ଟପ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଇଂଲଣ୍ଡର ଏହି ପୂର୍ବତନ ଖେଳାଳି ୨୦୦୯ରେ କ୍ରିକେଟରୁ ତାଙ୍କର ଅବସର ନେଇଥିଲେ।

# ରାଇଜିଂ ଷ୍ଟୁଡେଣ୍ଟ, ରେଲୱେ, ଓଡ଼ିଶା ଏଫ୍‌ସି ବିଜୟୀ

**ଓଡ଼ିଶା ଓମେନ୍ସ ଲିଗ୍**

ଭୁବନେଶ୍ୱର, ୧୪।୧୨ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)ରେ ବୁଧବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ରାଇଜିଂ ଷ୍ଟୁଡେଣ୍ଟ, ଇଷ୍ଟକୋଷ୍ଟ ରେଲୱେ ଏବଂ ଓଡ଼ିଶା ଏଫ୍‌ସି ବିଜୟୀ ହୋଇଛି। କ୍ୟାପିଟାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ ୫-୩ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅମୃତା ନାୟକ ୪୯, ୬୦ ଓ ୮୫ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ କରିଥିବାବେଳେ ଗୋଟିଏ ଗୋଲ ଦେଇଥିଲେ ପ୍ରେମଶୀଳା ଲୁଗୁନ। ସ୍ପୋର୍ଟ୍ସ ଓଡ଼ିଶା ପକ୍ଷରୁ ପ୍ରତୀମା ନାୟକ ୨ୟ ଓ ୬୭ତମ ମିନିଟରେ ୨ଟି ଏବଂ ସୁବାସିନୀ ସାହା ଗୋଟିଏ ଗୋଲ ସ୍କୋର କରିଥିଲେ। ମନୀଷା ନାୟକ ୭୭ତମ ମିନିଟରେ ଗୋଟିଏ ଆତ୍ମଘାତୀ ଗୋଲ ଦେଇଥିଲେ। ଏହି ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ୩-୦ ଗୋଲରେ ଓଡ଼ିଶା ପୋଲିସକୁ ହରାଇ ଦେଇଛି। ତାରା ଖାତୁନ ୪୭, ୟୁମନାମ କମଳା ଦେବୀ ୭୮ ଓ ଲହରି ମଙ୍ଗରାଜ ୯୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୭ମ ବାଟାଲିଅନ ପଡ଼ିଆରେ ଓଡ଼ିଶା ଏଫ୍‌ସି ୭-୦ ଗୋଲରେ ଓଜିପି କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅଧିନାୟିକା ପ୍ୟାରୀ ଖାଖା ୪, ୯ ଓ ୨୫ତମ ମିନିଟରେ ୩ଟି ଏବଂ ମୁନିକା ମିଞ୍ଜ ୪୨, ବନ୍ୟା କବିରାଜ ୭୪, ସାଲୋନି ୭୭ ଓ ମାଳତୀ ମୁଣ୍ଡା ୯୦+୨ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

# ଦେବବ୍ରତ, ଶୁଭମ୍, ଅଭିଷେକଙ୍କ ଅର୍ଦ୍ଧଶତକ

**ରଣଜୀ ଟ୍ରଫି**

ଭୁବନେଶ୍ୱର, ୧୪।୧୨ (କ୍ରୀଡ଼ା ପ୍ରତିନିଧି)

ବିକାଶ ଗ୍ରାଉଣ୍ଡରେ ଚାଲିଥିବା ବରୋଦା ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ବଡ଼ ସ୍କୋର ସହ ଅଭିଯାନ ଆରମ୍ଭ କରିଛି। ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ଶାନ୍ତନୁ ମିଶ୍ରଙ୍କ ପରେ ଅଭିଷେକ ରାଉତ, ଦେବବ୍ରତ ପ୍ରଧାନ ଓ ଶୁଭମ୍ ନାୟକଙ୍କ ଅର୍ଦ୍ଧଶତକ ସହାୟତାରେ ଓଡ଼ିଶା ଦଳ ପ୍ରଥମ ଇନିଂସରେ ୪୫୭ ରନ ସଂଗ୍ରହ କରିଛି। ଜବାବରେ ବୁଧବାର ଦ୍ୱିତୀୟ ଦିବସରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ବରୋଦା ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ କୌଣସି ଉଇକେଟ ନ ହରାଇ ୭୭ ରନ କରିଛି। ଦୁଇ ଓପନର ଜ୍ୟୋସ୍ନିଲ ସିଂ ୪୩ ଓ ପ୍ରତ୍ୟୁଷ କୁମାର ୩୧ ରନରେ ଅପରାଜିତ ରହିଛନ୍ତି।

## ଦ୍ୱିତୀୟ ଦିବସରେ ୨ ଶତକୀୟ ଭାଗୀଦାରି

ମଙ୍ଗଳବାର ପ୍ରଥମ ଦିବସରେ ଶାନ୍ତନୁ ଓ ଶୁଭ୍ରାଂଶୁ ଯେପରି ବ୍ୟାଟିଂ କରି ଓଡ଼ିଶାର ସମ୍ମାନ ରଖିଥିଲେ ବୁଧବାର ଦ୍ୱିତୀୟ ଦିବସରେ ଅଭିଷେକ, ରାଜେଶ ଧୂପର, ଦେବବ୍ରତ ଓ ଶୁଭମ୍ ତାହାର ପୁନରାବୃତ୍ତି କରି ଦଳକୁ ଏକ ଦୃଢ଼ ସ୍ଥିତିରେ ପହଞ୍ଚାଇଛନ୍ତି।



ଦେବବ୍ରତ ପ୍ରଧାନ



ଶୁଭମ୍ ନାୟକ

ଶାନ୍ତନୁ ଓ ଶୁଭ୍ରାଂଶୁ ଦ୍ୱିତୀୟ ଉଇକେଟରେ ୧୦୬ ରନ ଯୋଡ଼ି ଓଡ଼ିଶାକୁ ସଙ୍କଟ ସ୍ଥିତିରୁ ଉଦ୍ଧାର କରିଥିବାବେଳେ ଅଭିଷେକ ଓ ରାଜେଶ ୬ଷ୍ଠ ଉଇକେଟରେ ୧୦୧ ଏବଂ ଦେବବ୍ରତ ଓ ଶୁଭମ୍ ୯ମ ଉଇକେଟରେ ୧୬୧ ରନର ଭାଗୀଦାରି ଗଢ଼ି ଦଳ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିଛନ୍ତି। ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୧୪/୫ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଆଉ ୭୭ ରନ ଯୋଗ ହେବା ପରେ ଧୂପରଙ୍କ ଉଇକେଟ ହରାଇଥିଲା। ଧୂପର ୪ ଚୌକା ଓ ୧ ଛକା ସହାୟତାରେ ୩୯ ରନ ସଂଗ୍ରହ କରିଥିଲେ। ଅଭିଷେକ ରାଉତ ୭୦ (୮୦ ବଲ, ୧୦ ଚୌକା, ୨ ଛକା) ରନକରି ଆଉଟ ହୋଇଥିବାବେଳେ ଦେବବ୍ରତ ଶତକର ନିକଟତର ହୋଇଥିଲେ ହେଁ ଅଳ୍ପକେ ହାତଛଡ଼ା କରିଥିଲେ। ସେ ୧୪୭ ବଲ୍‌ରୁ ୬ ଚୌକା ଓ ୪ ଛକା ସହାୟତାରେ ୮୯ ରନ କରିଥିବାବେଳେ ଭାର୍ଗବ ଭଟ୍ଟଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ। ଶୁଭମ୍‌ଙ୍କ ଅର୍ଦ୍ଧଶତକ ଦର୍ଶନୀୟ ଥିଲା। ଏହା ଓଡ଼ିଶା ଇନିଂସରେ ଉଷ୍ମତା ଭରିଥିଲା। ୧୦ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଶୁଭମ୍ ୧୩୮ଟି ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ସହାୟତାରେ ୮୨ ରନକରି ପ୍ରତିପକ୍ଷ ବୋଲରଙ୍କୁ ନିରାଶ କରିଥିଲେ।

## ରଥଭାଙ୍କୁ ୫ ଉଇକେଟ

ଆତ୍ମବିଶ୍ୱାସର ସହ ଖେଳିଥିବା ଶୁଭମ୍‌ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରି ବରୋଦା ବାମହାତୀ ସ୍ପିନର ନିନାଦ ରଥଭା ଏହି ଇନିଂସରେ ୫ ଉଇକେଟ ପୂରଣ କରିଥିଲେ। ଏହାଥିଲା ପ୍ରଥମଶ୍ରେଣୀ କ୍ରିକେଟରେ ତାଙ୍କର ଶ୍ରେଷ୍ଠ ସଫଳତା। ପୂର୍ବରୁ ୨୦୧୭ରେ ସେ ଓଡ଼ିଶା ବିପକ୍ଷରେ କ୍ୟାରିୟରର ଏକମାତ୍ର ରଣଜୀ ମ୍ୟାଚ ଖେଳି ୪୯ ରନ ବିନିମୟରେ ଗୋଟିଏ ଉଇକେଟ ପାଇଥିଲେ। ଭଦୋଦରାରେ ଅନୁଷ୍ଠିତ ଏହି ମ୍ୟାଚରେ ସେ ଶତକ (୧୧୫ ରନ) ମଧ୍ୟ ହାସଲ କରିଥିଲେ। ତେଣୁ ଓଡ଼ିଶା ବିପକ୍ଷରେ ତାଙ୍କର ଭଲ ପ୍ରଦର୍ଶନ ଜାରି ରହିଛି। ଅନ୍ୟମାନଙ୍କ ମଧ୍ୟରେ ଭାର୍ଗବ ଭଟ୍ଟ ୩ଟି ଓ ଲୁକମାନ ମେରିୱାଲା ୨ଟି ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ (୧୫୪.୨ ଓଭର) ୪୫୭/ଅଲ୍‌ଆଉଟ (ଦେବବ୍ରତ ପ୍ରଧାନ-୮୯, ଶୁଭମ୍ ନାୟକ-୮୨, ଅଭିଷେକ ରାଉତ-୭୦, ଶାନ୍ତନୁ ମିଶ୍ର-୬୧, ଶୁଭ୍ରାଂଶୁ ସେନାପତି-୫୨, ନିନାଦ ରଥଭା-୫/୧୦୬, ଭାର୍ଗବ ଭଟ୍ଟ-୩/୧୧୬, ଲୁକମାନ ମେରୀୱାଲା-୨/୮୪)। ବରୋଦା ପ୍ରଥମ ଇନିଂସ (୨୫ ଓଭର): ୭୭/୦ (ଜ୍ୟୋସ୍ନିଲ ସିଂ-୪୩*, ପ୍ରତ୍ୟୁଷ କୁମାର-୩୧*)।





1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ